
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୩/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, August 23/2019 | ★★★★

୪୫ଶ ଭାଗ ୨୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



**ବିକ୍ରମ ରାଠୋର ବ୍ୟାଟିଂ କୋଚ୍**

ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ ବିକ୍ରମ ରାଠୋର ଭାରତୀୟ କ୍ରିକେଟ ଦଳର ନୂଆ ବ୍ୟାଟିଂ କୋଚ୍ ନିଯୁକ୍ତ ହୋଇଛନ୍ତି।

୧୮ | ୦୨

**ସୋନମ୍ ଶେୟାର କଲେ ମୋଶନ ପୋଷ୍ଟର**

ବଲିଉଡ୍ ନାୟିକା ସୋନମ୍ କପୁର ତାଙ୍କ ଅପ୍ କମିଂ ଫିଲ୍ମ 'ଦ ଜୋୟା ଫ୍ୟାକ୍ଟର'ର ଏକ ମୋଶନ ପୋଷ୍ଟର ଶେୟାର୍ କରିଛନ୍ତି।



**ଆଜିର ସମ୍ପାଦକୀୟ**

ଅଭିବୃଦ୍ଧି ବଢ଼ାଅ

**ଆଜିର ମନ୍ତବ୍ୟ**

“ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇ ଆଉ ରହିନାହିଁ।

– ଗୁଲାମନବୀ ଆଜାଦ୍, ବରିଷ୍ଠ କଂଗ୍ରେସ ନେତା

# ସିବିଆଇ ରିମାଣ୍ଡରେ ଚିଦାମ୍ବରମ

ନୂଆଦିଲ୍ଲୀ, ୨୨।୮ (ପି.ଟି./ଆଇଏଏନ୍ଏସ୍)

- ଆଇଏନ୍ଏକ୍ସ ମିଡିଆ ମାମଲାରେ ବୁଧବାର ରାତିରେ ଗିରଫ ହୋଇଥିଲେ
- ୫ ଦିନିଆ ରିମାଣ୍ଡରେ ନେବା ପାଇଁ ସିବିଆଇ ଆବେଦନ କରିଥିଲା
- ୪ ଦିନ ପାଇଁ ହାଜତରେ ରଖିବାକୁ ସ୍ୱତନ୍ତ୍ର ଅଦାଲତ ଅନୁମତି ଦେଲେ
- ଓକିଲ ଓ ପରିବାର ଲୋକେ ଦିନକୁ ଅଧଘଣ୍ଟା ସାକ୍ଷାତ କରିପାରିବେ
- ପ୍ରତି ୪୮ ଘଣ୍ଟାରେ ହେବ ଚିଦାମ୍ବରମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ପି. ଚିଦାମ୍ବରମ

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ବହୁଚର୍ଚ୍ଚିତ ଆଇଏନ୍ଏକ୍ସ ମିଡିଆ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ସନ୍ଧ୍ୟା ୫ଟା ୪୫ ମିନିଟରେ ୪ ଦିନିଆ ରିମାଣ୍ଡରେ ନେଇଛି। ବୁଧବାର ରାତିରେ ଗିରଫ ହୋଇଥିବା ଚିଦାମ୍ବରମଙ୍କୁ ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହାର ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ହାଜତରେ ରଖି ଜେରା କରିବା ପାଇଁ ସିବିଆଇକୁ ଅନୁମତି ଦେଇଛନ୍ତି। ଏହାସହ ଚିଦାମ୍ବରମଙ୍କ ଓକିଲ ଓ ପରିବାର ଲୋକେ ହାଜତରେ ତାଙ୍କୁ ଦିନକୁ ଅଧଘଣ୍ଟା ଲେଖାଏ ଭେଟି ପାରିବେ। ପ୍ରତି ୪୮ ଘଣ୍ଟାରେ ଚିଦାମ୍ବରମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ଅଦାଲତଙ୍କ ନିର୍ଦ୍ଦେଶ ରହିଛି। ଫଳରେ ଜାତୀୟ ☞ପୃଷ୍ଠା–୪



ଦୁର୍ଘଟଣାସ୍ଥଳରେ ପଡିଥିବା ୨ ମୃତହାତୀ।

# ଟ୍ରକ୍-ବସ୍ ଧକ୍କାରେ ୩ ହାତୀ ମୃତ

କେନ୍ଦୁଝର/ଢେଙ୍କିକୋଟ/ଘଟଗାଁ/ବଡବିଲ, ୨୨।୮ (ଡି.ଏନ.ଏ./ସ୍ୱ.ପ୍ର.)

ଐରାବତ ନାମକ ଏକ ଯାତ୍ରୀବାହୀ ବସ୍ ଓ ଲୁହାପଥର ବୋଝେଇ ଟ୍ରକ ଧକ୍କାରେ ୩ ହାତୀଙ୍କ ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଉପରହିହା ପଞ୍ଚାୟତ ବାଲିଯୋଡି ଗ୍ରାମ ନିକଟ ୨୦ ନଂ. ଜାତୀୟ ରାଜପଥରେ ଏହି ଦୁଃଖଦ ଘଟଣା ଘଟିଛି। ବୁଧବାର ବିଳମ୍ବିତ ରାତିରେ ହାତୀପଲ ରାସ୍ତା ପାରି ହେଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ ଓ ଗୋଟିଏ ବସ୍ ୩ ହାତୀକୁ ଧକ୍କା ମାରିଥିବା ସ୍ପଷ୍ଟ ହୋଇଛି। ବନ ବିଭାଗ ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ବସ୍‌କୁ ଜବତ କରିଛି। ଟ୍ରକ ଚାଳକ ଓ ହେଲପର ଫେରାର ଥିବା ବେଳେ ବସ୍ ଡ୍ରାଇଭରଙ୍କୁ ଗିରଫ କରାଯାଇଛି।

ମିଳିଥିବା ସୂଚନାନୁଯାୟୀ, ବୁଧବାର ରାତି ପ୍ରାୟ ୧ଟା ସମୟରେ ଅଟେଇ ସଂରକ୍ଷିତ ଜଙ୍ଗଲ ବାଲିଯୋଡ଼ି ଗ୍ରାମ ନିକଟରେ ୨ ମାଈ ହାତୀ ଏବଂ ଗୋଟିଏ ଛୁଆ ହାତୀ ରାସ୍ତା ପାର ହେଉଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ଲୁହାପଥର ବୋଝେଇ ଟ୍ରକ (ନଂ.ଓଡି ୦୫ ଏକ୍ସ ୨୯୯୯) ହାତୀପଲକୁ ଧକ୍କା ମାରି ରାସ୍ତା ତଳକୁ ଖସିଯାଇଥିଲା। ଫଳରେ ୩ ହାତୀ ରାସ୍ତା ଉପରେ ଛିଟିକି ପଡିଥିଲେ। ଦୁର୍ଘଟଣାର କିଛି ସମୟ ମଧ୍ୟରେ ମା' ହାତୀ ଏବଂ ଛୁଆ ହାତୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ହାତୀଟି ରାସ୍ତା ଉପରେ ଛଟପଟ ହେଉଥିଲା। ଏହି ସମୟରେ କଟକରୁ ବଡବିଲ ଆସୁଥିବା ☞ପୃଷ୍ଠା–୪


BACHPAN
www.bachpanglobal.com
ଆଜି ହିଁ ବଚପନ ପ୍ଲେ-ସ୍କୁଲ୍ ଆରମ୍ଭ କରନ୍ତୁ।
8860619105


NATIONAL EGG CO-ORDINATION COMMITTEE | 22.08.2019 | Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 63 | 110 | 120 |
| CTC | 63 | 110 | 120 |
| DKL | 63 | 110 | 120 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 63 | 110 | 120 |
| BHM | 642 | 109 | 119 |

*Conditions Apply

Eggs Retail Price- 43/-Dozen

Issued in the Interest of Consumers

# ଛାତ୍ର ସଂସଦ ନିର୍ବାଚନ ବାତିଲ

**କଲେଜ, ବିଶ୍ୱବିଦ୍ୟାଳୟକୁ ଜଣାଇଲା ଉଚ୍ଚଶିକ୍ଷା ବିଭାଗ**

ଭୁବନେଶ୍ୱର, ୨୨।୮ (ବ୍ୟୁରୋ)

ଚଳିତ ବର୍ଷ ରାଜ୍ୟରେ ଥିବା କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହେବ ନାହିଁ। ଏ ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏ ନେଇ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି, ସମସ୍ତ ସରକାରୀ ଡିଗ୍ରୀ କଲେଜ ଅଧକ୍ଷ ଏବଂ ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକର ଅଧକ୍ଷମାନଙ୍କୁ ଏ ନେଇ ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ଛାତ୍ରୀଛାତ୍ରଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ନିର୍ବାଚନକୁ ବାତିଲ କରାଯିବା ସହ ଯେଉଁ ବିଶ୍ୱ ବିଦ୍ୟାଳୟ ଏବଂ କଲେଜରେ ଛାତ୍ର ପ୍ରତିନିଧିଙ୍କ ଆବଶ୍ୟକ ଥିବ ସେଠାରେ ପ୍ରତିନିଧିଙ୍କୁ ମନୋନୀତ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଛାତ୍ର ସଂସଦ ନିର୍ବାଚନ ଯୋଗୁ ଅନେକ ସମୟରେ ଶୈକ୍ଷିକ ବାତାବରଣ ବିଗିଡି ଯାଉଛି। ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେଉଛି। ଅନେକ ସମୟରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ରାଜନୈତିକ ଦଳର ନେତାମାନେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ବିଭ୍ରାନ୍ତ କରିବାକୁ ପଛାଉ ନାହାନ୍ତି। ଏସବୁକୁ ଦୃଷ୍ଟିରେ ରଖି ନିର୍ବାଚନକୁ ବାତିଲ କରାଯାଇଥିବା କୁହାଯାଉଛି।




Model/accessories shown may not be a part of the standard fitment. Due to printing limitation, the colour that appears in this advertisement may slightly differ from the actual print. Visit www.renault.co.in or contact the nearest dealership for more details.

SHOWROOMS: ODISHA: BHUBANESWAR: RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 9643800532. BALANGIR: RENAULT Balangir Mob: +91 9643800378. JHARSUGUDA: RENAULT Jharsuguda Mob: +91 7290055349. ROURKELA: RENAULT Rourkela Mob: + 91 8860875802. SAMBALPUR: RENAULT Sambalpur Mob: +91 8860048351.

L&K | SAATCHI & SAATCHI



“ କଂଗ୍ରେସ ନେତା ପି. ଚିଦାମ୍ବରମଙ୍କ ବିରୋଧରେ ଗ୍ରହଣ କରାଯାଇଥିବା ପଦକ୍ଷେପ କୌଣସି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ।

-ଶିବରାଜ ସିଂ ଚୌହାନ, ଭାଜପା ଉପାଧକ୍ଷ



■ ଉପତ୍ୟକାରେ ବଡ଼ଧରଣର ଆକ୍ରମଣ ଷଡ଼ଯନ୍ତ୍ର

# ପାକ୍ ଆଣୁଛି ୧୦୦ ଆଫଗାନ ଆତଙ୍କବାଦୀ

ନୂଆଦିଲ୍ଲୀ,୨୨।୮(ପି.ଟି.)



ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ଭାରତର ନିଷ୍ପତ୍ତିରେ ଛାନିଆ ହୋଇଯାଇଥିବା ପାକିସ୍ତାନ ଉପତ୍ୟକାରେ ବଡ଼ଧରଣର ଆକ୍ରମଣ ଷଡ଼ଯନ୍ତ୍ର ରଚିଛି। ଏଥିପାଇଁ ଆଫଗାନିସ୍ତାନରୁ ୧୦୦ ଆତଙ୍କବାଦୀଙ୍କୁ କଶ୍ମୀରକୁ ଆଣୁଛି। ସେମାନେ ଉପତ୍ୟକା ସମେତ ଦେଶର ବିଭିନ୍ନ ସ୍ଥାନରେ ଆକ୍ରମଣ କରି ଅସ୍ଥିରତା ସୃଷ୍ଟି କରିପାରନ୍ତି ବୋଲି ଗୁରୁବାର ଗୋଇନ୍ଦା ରିପୋର୍ଟ ପ୍ରକାଶ ପାଇବା ପରେ ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି।

ମିଳିଥିବା ସୂଚନାନୁସାରେ ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଜମ୍ମୁ-କଶ୍ମୀରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆକ୍ରମଣ କରିପାରନ୍ତି। ସେମାନଙ୍କ ଟାର୍ଗେଟରେ କଶ୍ମୀରର ସେନା ଶିବିର ଓ ଭାରତର ଅନେକ ସହର ରହିଛି। ଆସନ୍ତା କିଛି ସପ୍ତାହ ମଧ୍ୟରେ ଆକ୍ରମଣ କରିବା ପାଇଁ ୧୫ ଜେଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ନିୟନ୍ତ୍ରଣରେଖା (ଏଲ୍ଓସି) ସେପଟେ ଅନୁପ୍ରବେଶ ଅପେକ୍ଷାରେ ରହିଛନ୍ତି। ପାକ୍-ଅଧିକୃତ କଶ୍ମୀର (ପିଓକେ)ର ଲିପା ଉପତ୍ୟକାରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିଛି। ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କ ଭାଇ ମୁଫ୍ତି ରୌଫ୍ ଅସ୍ଘର ବାହଓ୍ୱାଲପୁରସ୍ଥିତ ସଙ୍ଗଠନର ମୁଖ୍ୟାଳୟରେ ଶୀର୍ଷ କମାଣ୍ଡରମାନଙ୍କୁ ନେଇ ଗତ ୧୯ ଓ ୨୦ ତାରିଖରେ ବୈଠକ କରିଛନ୍ତି। କଶ୍ମୀରରେ ଦୁର୍ଦ୍ଦାନ୍ତ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ଉକ୍ତ ବୈଠକର ମୁଖ୍ୟ ଏଜେଣ୍ଡା ଥିଲା। ଭାରତୀୟ ସୁରକ୍ଷା ବଳ ପକ୍ଷରୁ ଚାଲିଥିବା ଅପରେଶନ୍‌ର ସାମ୍ନା କରିବା ପାଇଁ ସେଠାର ଆତଙ୍କବାଦୀମାନେ ସକ୍ଷମ ନୁହନ୍ତି। କଶ୍ମୀରରେ ସ୍ଥାନୀୟ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ମଧ୍ୟରେ ନେତୃତ୍ୱ ସଙ୍କଟ ଲାଗିରହିଛି। ତେଣୁ କିଛି ସପ୍ତାହ ମଧ୍ୟରେ ଆଫଗାନିସ୍ତାନରୁ ଶତାଧିକ ଆତଙ୍କବାଦୀଙ୍କୁ ଆଣି କଶ୍ମୀରରେ ଆକ୍ରମଣ କରାଇବାକୁ ପାକିସ୍ତାନ ଯୋଜନା କରୁଥିବା ସେନା ସୂତ୍ରରୁ ପ୍ରକାଶ। କଶ୍ମୀର ସମ୍ପର୍କିତ କେନ୍ଦ୍ରର ନିଷ୍ପତ୍ତି ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ଭାରତକୁ ଯୁଦ୍ଧଭୟ ଦେଖାଇ ପୁଣିଥରେ ପୁଲଓ୍ୱାମା ଭଳି ଆକ୍ରମଣ ହୋଇପାରେ ବୋଲି ଧମକ ଦେଇଥିଲେ। ପ୍ରକାଶ ଯେ, କେନ୍ଦ୍ର ସରକାର ଗତ ୫ ତାରିଖରେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଛନ୍ତି। ପାକିସ୍ତାନ ଏହି ପ୍ରସଙ୍ଗକୁ ନେଇ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା ସହ ଜାତିସଂଘ ଯାଏ ଟାଣିଥିଲା। ହେଲେ ପାକିସ୍ତାନକୁ ସବୁଠି ନିରାଶ ହେବାକୁ ପଡ଼ିଛି।

**ଗୋଇନ୍ଦା ରିପୋର୍ଟ**

- ■ ଦୁର୍ଦ୍ଦାନ୍ତ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ପାଇଁ ବୈଠକ କଲେ ଆଝାରଙ୍କ ଭାଇ
- ■ ଜମ୍ମୁ-କଶ୍ମୀର ସମେତ ଦେଶର ବିଭିନ୍ନ ସ୍ଥାନରେ ଆକ୍ରମଣ ଆଶଙ୍କା
- ■ ସୀମାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି




## ଚନ୍ଦ୍ରଯାନରୁ ଚନ୍ଦ୍ରର ପ୍ରଥମ ଫଟୋ



ଚନ୍ଦ୍ରୟାନ-୨ ଚନ୍ଦ୍ରର କକ୍ଷପଥରେ ଅବସ୍ଥାପିତ ହେବାର ଦିନକ ପରେ ଅର୍ଥାତ ବୁଧବାର ଏହି ଚିତ୍ର ଉତ୍ତୋଳନ କରି ପ୍ରେରଣ କରିଛି ଲ୍ୟାଣ୍ଡର ବିକ୍ରମ। ଏହି ଫଟୋକୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ଗୁରୁବାର ଟୁଇଟରରେ ଶେୟାର କରାଯାଇଛି। ଭାରତର ଦ୍ୱିତୀୟ ମିଶନ ଚନ୍ଦ୍ରୟାନ-୨ ଜୁଲାଇ ୨୨ରେ ଶ୍ରୀହରିକୋଟାସ୍ଥିତ ସତୀଶ ଧଓ୍ୱନ ମହାକାଶ କେନ୍ଦ୍ରରୁ ଚନ୍ଦ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା।

## ‘ଭାରତ ସହ ଆଉ ଆଲୋଚନା ଚାହୁଁନୁ’

ନୂଆଦିଲ୍ଲୀ, ୨୨।୮(ପି.ଟି.)


ଇମ୍ରାନ ଖାନ୍

୩୭୦ ଧାରା ଉଚ୍ଛେଦ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିବାବେଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ହତୋତ୍ସାହିତ ହୋଇପଡ଼ିଛନ୍ତି। ଆମେ ଭାରତ ସହ ଆଉ ଦ୍ୱିପାକ୍ଷିକ ଆଲୋଚନା ଚାହୁଁନାହୁଁ ବୋଲି ସେ ବିଦେଶୀ ମିଡିଆକୁ ବିବୃତି ଦେଇ କହିଛନ୍ତି। ନ୍ୟୁୟର୍କ ଟାଇମ୍ସକୁ ସାକ୍ଷାତ୍‌କାରରେ ଇମ୍ରାନ କହିଛନ୍ତି ଯେ, ଆଲୋଚନା ଲାଗି ପ୍ରୟାସ କରାଯାଇଥିଲେ ହେଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଅଗ୍ରାହ୍ୟ କରିଆସିଛନ୍ତି। ଦ୍ୱିପାକ୍ଷିକ ଶାନ୍ତି ଆଲୋଚନା ପ୍ରୟାସ ବାରମ୍ବାର ଫସର ଫାଟିଛି। ଆଉ ଭାରତ ସହ ଦ୍ୱିପାକ୍ଷିକ ଆଲୋଚନା କରାଯିବ ନାହିଁ। ବହୁ ଦେଶ ଦ୍ୱିପାକ୍ଷିକ ଆଲୋଚନା ଉପରେ ଗୁରୁତ୍ୱ ଦେଇଥିଲେ ହେଁ ଭାରତ ଏହାକୁ ପ୍ରତ୍ୟାଖ୍ୟାନ କରିଆସୁଛି। ଦୁଇ ଅଣୁଶକ୍ତି ସମ୍ପନ୍ନ ପଡ଼ୋଶୀ ଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବାର ଆଶଙ୍କା ରହିଥିବା ସେ କହିଛନ୍ତି। ଭାରତ ଜମ୍ମୁ-କଶ୍ମୀରରେ ଏକ ତରଫା ୩୭୦ ଧାରା ଉଚ୍ଛେଦ କରିବା ବିରୋଧରେ ଜାତିସଂଘ ସୁରକ୍ଷା ପରିଷଦର ଦ୍ୱାରସ୍ଥ ହୋଇଥିଲୁ ଓ ଏବେ ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ)କୁ ଯିବୁ ବୋଲି ଇମ୍ରାନ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଜାତିସଂଘ ସୁରକ୍ଷା ପରିଷଦରେ କେବଳ ଚାଇନାକୁ ଛାଡ଼ିଦେଲେ ୧୪ ଦେଶ ଭାରତ-ପାକ୍ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ପ୍ରସ୍ତାବ ଦେଇଥିଲେ। ହେଲେ ପାକିସ୍ତାନର ଆଭିମୁଖ୍ୟ ଓ ସୀମାପାର୍ ଆତଙ୍କବାଦକୁ ନେଇ ଭାରତ ଏବେ ଆଲୋଚନା କରିବାକୁ ମନାକରିଛି। ପ୍ରଥମେ ଆତଙ୍କବାଦ ଦମନ କରାଯିବା ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରାଯିବା ଉପରେ ଭାରତ ଗୁରୁତ୍ୱ ଦେଇଛି।

## ‘ଆଇଏସ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ଭାରତ’

**ୱାଶିଂଟନ, ୨୨।୮(ପି.ଟି.):** ଆତଙ୍କବାଦ ବିରୋଧରେ ଲଢେଇ ଜାରି ରଖିଥିବା ଭାରତ ଆଫଗାନିସ୍ତାନରେ ଆଇଏସ୍ ଆତଙ୍କବାଦୀଙ୍କ ବିରୋଧରେ ଦୃଢ ପଦକ୍ଷେପ ଗ୍ରହଣ କରୁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଭାରତ ସହ ଇରାନ, ରୁଷିଆ, ତୁର୍କୀ ଭଳି ଦେଶ ଏଥିରେ ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଆଫଗାନିସ୍ତାନରେ ଆତଙ୍କବାଦୀଙ୍କ ବିରୋଧରେ ମିଳିତ ଲଢେଇର ଆବଶ୍ୟକତା ରହିଥିବା ସେ ହ୍ୱାଇଟ ହାଉସଠାରେ ଖବରଦାତାଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ପ୍ରକାଶ କରିଛନ୍ତି। ଆମେ ଏକା ସେଠାରେ ଲଢେଇ ଜାରି ରଖିଛୁ। ଆତଙ୍କବାଦ ଦମନ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି ଟ୍ରମ୍ପ କହିଛନ୍ତି। ଆଫଗାନିସ୍ତାନରୁ ଆମେରିକା ସେନା ସମ୍ପୂର୍ଣ୍ଣ ଫେରିବେ ନାହିଁ ବୋଲି କହିବାର ଦିନକ ପରେ ଟ୍ରମ୍ପ ଏଭଳି ମତ ଦେଇଛନ୍ତି। ତାଲିବାନ ହିଂସା ଜାରି ରହିବା ମାନବ ଜଗତ ପ୍ରତି ବିପଦ। ସେଠାରେ ଶାନ୍ତି ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି ଓ ଏଥିଲାଗି ଆମେରିକା ପ୍ରୟାସ ଜାରି ରଖିଥିବା ସେ ପ୍ରକାଶ କରିଛନ୍ତି।


ଡୋନାଲ୍ଡ ଟ୍ରମ୍ପ

■ ଜନ୍ତରମନ୍ତରରେ ବିରୋଧୀଙ୍କ ବିକ୍ଷୋଭ

## ଜମ୍ମୁ-କଶ୍ମୀରରେ ଅଟକ ନେତାଙ୍କ ମୁକ୍ତି ଦାବି

**ନୂଆଦିଲ୍ଲୀ, ୨୨।୮(ପି.ଟି.):** ଦିଲ୍ଲୀର ଜନ୍ତର ମନ୍ତରଠାରେ ବିଭିନ୍ନ ବିରୋଧୀ ଦଳର ନେତାମାନେ ବିକ୍ଷୋଭ କରିବା ସହ ଜମ୍ମୁ-କଶ୍ମୀରରେ ଅଟକ ଥିବା ନେତାମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଛନ୍ତି। ଜମ୍ମୁ-କଶ୍ମୀରରେ ଶାନ୍ତି ଫେରାଇଆଣିବା ଓ ଆଇନଶୃଙ୍ଖଳା ରକ୍ଷା କରିବା ଉପରେ ସେମାନେ ଜୋର୍ ଦେଇଛନ୍ତି। କଂଗ୍ରେସ, ତୃଣମୂଳ କଂଗ୍ରେସ, ଡିଏମ୍‌କେ, ଏସ୍‌ପି, ସିପିଆଇ, ସିପିଏମ୍ ଆଦି ବିରୋଧୀ ଦଳର ନେତାମାନେ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ପରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ସିବିଆଇ ଦ୍ୱାରା ଗିରଫ ହୋଇଥିବା ପି. ଚିଦାମ୍ବରମ୍‌ଙ୍କ ପୁଅ କାର୍ତ୍ତି ସମାନଙ୍କ ସହ ସାମିଲ ହୋଇଥିଲେ। ଜମ୍ମୁ-କଶ୍ମୀରବାସୀଙ୍କ ସହ ବିନା ଆଲୋଚନାରେ ଧାରା ୩୭୦ ଉଠାଯିବାକୁ ଏହି ନେତାମାନେ ବିରୋଧ କରିଥିଲେ।






ଇତିହାସର ଆଇନାରେ

**ଅଗଷ୍ଟ ୨୩ର ପ୍ରମୁଖ ଘଟଣା**

୧୯୯୦ ମସିହା ଅଗଷ୍ଟ ୨୩ରେ ପୂର୍ବ ଜର୍ମାନୀ ଓ ପଶ୍ଚିମ ଜର୍ମାନୀ ଏକ ହେବା ଲାଗି ଘୋଷଣା କରିଥିଲେ। ୪ ଦଶନ୍ଧି ଅଲଗା ହୋଇ ରହିବା ପରେ ଏହି ଦିନରେ ଉଭୟ ଏକାଠି ହେବା ଲାଗି ନିଷ୍ପତ୍ତି ନେଇଥିଲେ। ଉଭୟ ଦେଶର ପାର୍ଲାମେଣ୍ଟ ଏନେଇ ସଂଶୋଧିତ ଚିଠା ପ୍ରସ୍ତୁତ କରିଥିଲେ। ଅଗଷ୍ଟ ୩୧ରେ ଏନେଇ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଅକ୍ଟୋବର ୩ରେ ପ୍ରସ୍ତାବ କାର୍ଯ୍ୟକାରୀ ହୋଇଥିଲା।

୨୦୧୩ ଅଗଷ୍ଟ ୨୩ରେ ବଲିଭିଆର ସର୍ବବୃହତ ସହର ସାନ୍ତା କ୍ରୁଜ୍‌ସ୍ଥିତ ପାଲ୍‌ମାସୋଲା ଜେଲ୍‌ରେ ଗୋଷ୍ଠୀ ସଂଘର୍ଷ ଘଟି ୩୧ ଜଣଙ୍କ ପ୍ରାଣହାନି ଘଟିଥିଲା। ଏଥିରେ ୩୭ ଜଣ ଗୁରୁତର ମଧ ହୋଇଥିଲେ। ଜେଲ୍‌ରେ ଅଧିକ ସଂଖ୍ୟକ କଏଦୀ ରହିବା ଓ ଜେଲ୍ ସଂସ୍କାରକୁ ଗୁରୁତ୍ୱ ଦିଆ ନ ଯିବା ବିରୋଧରେ କଏଦୀମାନେ ହିଂସ୍ର ହୋଇ ଉଠିଥିଲେ। ଗୋଷ୍ଠୀ ସଂଘର୍ଷ ପରେ ଦଙ୍ଗାରେ ପରିଣତ ହୋଇଥିଲା।


## ସୋନମ୍ ଶେୟାର କଲେ ମୋଶନ ପୋଷ୍ଟର

**ମୁମ୍ବାଇ:** ବଲିଉଡ୍ ନାୟିକା ସୋନମ୍ କପୁର ତାଙ୍କ ଅପ୍ କମିଂ ଫିଲ୍ମ ‘ଦ ଜୋୟା ଫ୍ୟାକ୍ଟର’କୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ନିକଟରେ ଏହାର ଫାଷ୍ଟ ଲୁକ୍ ରିଲିଜ୍ ହୋଇଥିବା ବେଳେ ଦର୍ଶକମାନେ ଏହାକୁ ବେଶ୍ ପସନ୍ଦ କରିଥିଲେ। ଗତ ବୁଧବାର ଏହାର ଏକ ମୋଶନ ପୋଷ୍ଟର ଶେୟାର୍ କରିଛନ୍ତି ସୋନମ୍। ଆଉ ଏହି ପୋଷ୍ଟର୍‌କୁ ଦେଖିବା ପରେ ଦର୍ଶକଙ୍କ ମଧ୍ୟରେ ଫିଲ୍ମକୁ ନେଇ ଆଗ୍ରହ ବଢିଥିବା ଦେଖାଯାଇଛି। ଏହି ଫିଲ୍ମରେ ସେ ଦଲକିର ସଲମାନଙ୍କ ସହ ନଜର ଆସିବେ। ଦଲକିରଙ୍କର ଏହା ଡେବ୍ୟୁ ଫିଲ୍ମ ହୋଇଥିବା ବେଳେ ଏହା ଅନୁଜା ଚୌହାନଙ୍କ ସବୁଠାରୁ ଅଧିକ ବିକ୍ରି ହୋଇଥିବା ଉପନ୍ୟାସ ‘ଦ ଜୋୟା ଫ୍ୟାକ୍ଟର’ ଉପରେ ଆଧାରିତ। ଅଭିଶେକ ଶର୍ମା ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଥିବା ବେଳେ ଏହା ଆସନ୍ତା ସେପ୍ଟେମ୍ବର ୨୦ରେ ରିଲିଜ ହେବାର ଯୋଜନା ରହିଛି।



## ଅଜୟ ଭାଲ୍ଲା ନୂଆ ସ୍ୱରାଷ୍ଟ୍ର ସଚିବ

**ନୂଆଦିଲ୍ଲୀ, ୨୨।୮(ପି.ଟି.):** ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଅଫିସର-ଇନ୍-ସ୍ପେଶାଲ ଡ୍ୟୁଟିରେ ଥିବା ଅଧିକାରୀ ଅଜୟ କୁମାର ଭାଲ୍ଲାଙ୍କୁ ନୂଆ ସ୍ୱରାଷ୍ଟ୍ର ସଚିବ ଭାବେ ନିଯୁକ୍ତି ମିଳିଛି। ଏନେଇ ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ଗଠିତ କ୍ୟାବିନେଟର ନିଯୁକ୍ତି କମିଟି ସ୍ୱୀକୃତି ପ୍ରଦାନ କରିଛି। ଏହି ପଦରେ ଥିବା ବରିଷ୍ଠ ଆଇଏଏସ୍ ଅଧିକାରୀ ରାଜୀବ ଗୌବା ବୁଧବାର କ୍ୟାବିନେଟ ସଚିବ ଭାବେ ନିଯୁକ୍ତି ପାଇଥିଲେ। ୧୯୮୪ ବ୍ୟାଚ୍ ଆସାମ-ମେଘାଳୟ କ୍ୟାଡର ଆଇଏଏସ୍ ଅଫିସର ଭାଲ୍ଲା ପୂର୍ବରୁ କେନ୍ଦ୍ର ଶକ୍ତି ସଚିବ ଭାବେ କାର୍ଯ୍ୟ କରିଥିଲେ। ଗତ ଜୁଲାଇ ୨୪ରେ ସେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଅଫିସର-ଇନ୍-ସ୍ପେଶାଲ ଡ୍ୟୁଟି ଭାବେ ନିଯୁକ୍ତି ପାଇଥିଲେ।



■ ମନ୍ଦିର ଭଙ୍ଗାକୁ ବିରୋଧକରି ଦଳିତଙ୍କ ବିକ୍ଷୋଭ

## ଭୀମ ଆର୍ମି ମୁଖ୍ୟଙ୍କ ସମେତ ୯୬ ଗିରଫ

ନୂଆଦିଲ୍ଲୀ, ୨୨।୮(ପି.ଟି.)



ଦିଲ୍ଲୀ ପୋଲିସ ତୋଗଲକବାଦ୍‌ଠାରେ ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କ ସମେତ ୯୬ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ଏମାନେ ବେଆଇନ ଭାବେ ଏକାଠି ହୋଇ ଦଙ୍ଗାସମ ପରିସ୍ଥିତି ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ରବି ଦାସ ମନ୍ଦିର ଭଙ୍ଗାଯିବାକୁ ଦଳିତମାନେ ବିରୋଧ କରିବା ସହ ହିଂସାକାଣ୍ଡ ରଚିଥିଲେ। ପରିସ୍ଥିତି ଉପରେ କାବୁ ପାଇବା ଲାଗି ପୋଲିସକୁ ମୃଦୁ ଲାଠିଚାଳନା ସହ ଲୁହବୁହା ଗ୍ୟାସ ଛାଡ଼ିବାକୁ ପଡ଼ିଥିଲା। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ଦକ୍ଷିଣାଞ୍ଚଳ ରେଞ୍ଜର ଯୁଗ୍ମ ପୋଲିସ କମିଶନର ଦେବେଶ ଶ୍ରୀବାସ୍ତବ ପ୍ରକାଶ କରିଛନ୍ତି। ଦିଲ୍ଲୀ ଡେଭେଲପ୍‌ମେଣ୍ଟ ଅଥରିଟି(ଡିଡିଏ) ପକ୍ଷରୁ ଗତ ୧୦ରେ ଏଠାରେ ଥିବା ରବି ଦାସ ମନ୍ଦିର ଭଙ୍ଗାଯାଇଥିବାବେଳେ ଦଳିତମାନେ ଏହାକୁ ବିରୋଧ କରି ବିକ୍ଷୋଭ ଆରମ୍ଭ କରିଥିଲେ। ବିକ୍ଷୋଭକାରୀମାନେ ୨ ମୋଟରସାଇକେଲ ପୋଡ଼ିଦେବା ସହ କାର୍ ଓ ପୋଲିସ ଗାଡ଼ିକୁ ଆକ୍ରମଣ କରି ଭାଙ୍ଗି ପକାଇଥିଲେ। ଏହି ଘଟଣାରେ ଜଣେ ପୋଲିସ ମଧ ଆହତ ହୋଇଥିଲେ। ମନ୍ଦିର ଭଙ୍ଗା ପରେ ବି ଏବେ ସେଠାରେ ବିକ୍ଷୋଭ ଜାରି ରହିଛି। ବିକ୍ଷୋଭକାରୀମାନେ ତୋଗଲକବାଦରେ ମନ୍ଦିର ନିର୍ମାଣ ଲାଗି ଜମି ଯୋଗାଇ ଦେବାକୁ ପ୍ରଶାସନ ପାଖରେ ଦାବି କରିଛନ୍ତି। ଏହାକୁ ନେଇ ହିଂସା ବଢିବାରୁ ବହୁ ବିକ୍ଷୋଭକାରୀଙ୍କୁ ପୋଲିସ ଗିରଫ କରିଛି।

## ନିଜେ ଉଦ୍‌ଘାଟନ କରିଥିବା କୋଠାରେ ରାତ୍ରିଯାପନ କଲେ

**ନୂଆଦିଲ୍ଲୀ,୨୨।୮(ପି.ଟି./ଆଇଏଏନ୍ଏସ୍):** ଆଇଏନ୍ଏକ୍ସ ମିଡିଆ ମାମଲାରେ ଗିରଫ ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍ ବୁଧବାର ରାତିରେ ସିବିଆଇ ମୁଖ୍ୟାଳୟ ଗେଷ୍ଟହାଉସ୍‌ର ଲକ୍-ଅପ୍ ସୁଟ୍ ୩ରେ ରାତି ବିତାଇଥିଲେ, ଯାହାକୁ ସେ ୮ ବର୍ଷ ତଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସହ ମିଶି ଉଦ୍‌ଘାଟନ କରିଥିଲେ। ୨୦୧୧ ଏପ୍ରିଲ ୩୦ରେ ନୂଆଦିଲ୍ଲୀସ୍ଥିତ ଜିସିଓ କମ୍ପ୍ଲେକ୍ସର ଏହି ବିଲ୍ଡିଂ ଉଦ୍‌ଘାଟନ ବେଳେ ତତ୍କାଳନୀ ଆଇନମନ୍ତ୍ରୀ ଏମ୍. ବୀରାପ୍ପା ମୋଇଲି ଓ ମାନବସମ୍ବଳ ବିକାଶ ମନ୍ତ୍ରୀ କପିଲ ସିବଲ ମଧ ଉପସ୍ଥିତ ଥିଲେ। ଉକ୍ତ କୋଠା ଯେଉଁ ସ୍ଥାନରେ ଅଛି ସେଠାରେ ପୂର୍ବରୁ ଏକ ସମାଧି ପୀଠ ଥିଲା ଏବଂ ଏହାର ବାସ୍ତୁ ଠିକ୍ ନାହିଁ ବୋଲି ସିବିଆଇର କେତେଜଣ ଅଧିକାରୀ ମତ ଦେଇଛନ୍ତି। କାରଣ ଏଠାରେ ସିବିଆଇ ମୁଖ୍ୟାଳୟ ଖୋଲାଯିବା ପରଠୁ ତଦନ୍ତକାରୀ ସଂସ୍ଥାର ସମସ୍ତ ନିର୍ଦ୍ଦେଶକ ବିବାଦୀୟ ହୋଇ ରହିଛନ୍ତି।



### ଜଷ୍ଟିସ୍ ବାନୁମଥିଙ୍କ ଖଣ୍ଡପୀଠରେ ଶୁଣାଣି ଆଜି

ନୂଆଦିଲ୍ଲୀ,୨୨।୮(ପି.ଟି.)

ଆଇଏନ୍ଏକ୍ସ ମିଡିଆ ମାମଲାରେ ସିବିଆଇ ହାଜତରେ ଥିବା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମଙ୍କ ଆବେଦନର ଶୁଣାଣି ଶୁକ୍ରବାର ସୁପ୍ରିମକୋର୍ଟରେ ହେବ। ଜଷ୍ଟିସ୍ ଆର୍. ବାନୁମଥିଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିବେ। ଚିଦାମ୍ବରମ ମଙ୍ଗଳବାର ଆଗୁଆ ଜାମିନ ପାଇଁ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ। ଏହାକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ହାଇକୋର୍ଟଙ୍କ ରାୟ ବିରୋଧରେ ଚିଦାମ୍ବରମ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ତାଙ୍କ ଆବେଦନର ଜରୁରୀ ଶୁଣାଣି କରିବାକୁ ସିଜେଆଇ ରଞ୍ଜନ ଗୋଗୋଇ ମନାକରିଦେଇଥିଲେ। ଜଷ୍ଟିସ୍ ବାନୁମଥି ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ତାଙ୍କ ପିଟିଶନର ଶୁଣାଣି କରିବେ ବୋଲି ଜଣାପଡ଼ିଛି।

■ ଚିଦାମ୍ବରମଙ୍କ ଗିରଫଦାରିକୁ କଂଗ୍ରେସର ବିରୋଧ

## ସ୍ପଷ୍ଟ ଦିବାଲୋକରେ ଗଣତନ୍ତ୍ରର ହତ୍ୟା

ନୂଆଦିଲ୍ଲୀ,୨୨।୮ (ପି.ଟି./ଆଇଏଏନ୍ଏସ୍)




ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ଗିରଫଦାରି ବେଆଇନ। କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଗିରଫ କରାଇଛନ୍ତି। ଏହା ସ୍ପଷ୍ଟ ଦିବାଲୋକରେ ଗଣତନ୍ତ୍ରର ହତ୍ୟା ବୋଲି ଅଭିଯୋଗ ଆଣିଛି କଂଗ୍ରେସ।

ଏଆଇସିସି କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେଓ୍ୱାଲା କହିଛନ୍ତି, ହତାଶ କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଚିଦାମ୍ବରମଙ୍କୁ ଗିରଫ କରାଇଛନ୍ତି। ଦେଶରେ ଅର୍ଥନୈତିକ ସଙ୍କଟ ସୃଷ୍ଟି ହୋଇଥିବାବେଳେ ଏଥିରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ସରକାର ଉଦ୍ୟମ କରୁଛନ୍ତି। ସିବିଆଇ ଏବଂ ଇଡି ସେମାନଙ୍କ ରାଜନୈତିକ ମାଷ୍ଟର୍ସଙ୍କୁ ଖୁସି କରିବା ପାଇଁ ଚିଦାମ୍ବରମଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଆଇଏନ୍ଏକ୍ସ ମିଡିଆ ମାମଲାରେ ଚିଦାମ୍ବରମଙ୍କୁ ୨୦ ଥର ସମନ କରାଯାଇଥିବାବେଳେ ତାଙ୍କ ଘରେ ୪ ଥର ଚଢ଼ାଉ କରାଯାଇସାରିଛି। ତାଙ୍କ ବିରୋଧରେ ମିଥ୍ୟା ଓ ମନଗଢ଼ା ଅଭିଯୋଗ ଆଣି ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯିବା ସ୍ପଷ୍ଟ ଦିବାଲୋକରେ ଗଣତନ୍ତ୍ରର ହତ୍ୟା ସହ ସମାନ ବୋଲି ସୁର୍ଜେଓ୍ୱାଲା ସମାଲୋଚନା କରିଛନ୍ତି।


ରଣଦୀପ ସୁର୍ଜେଓ୍ୱାଲା

## ୨୬ରୁ ଯୁକ୍ତ ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆବେଦନ

ଯୁକ୍ତ ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଲାଗି ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯୁକ୍ତ ୩ ଡିଗ୍ରୀ କଲେଜ ସହ ସ୍ୱୟଂଶାସିତ ମହାବିଦ୍ୟାଳୟ, ସେଲ୍ଫ ଫାଇନାନ୍ସିଂ ଓ ସଂସ୍କୃତ କଲେଜରେ ଖାଲି ପଡ଼ିଥିବା ସିଟ୍ ପୂରଣ କରିବାକୁ ଆସନ୍ତା ୨୬ ତାରିଖରୁ ନାମଲେଖା ଆରମ୍ଭ ହେବ। ଉକ୍ତଦିନଠାରୁ ଉଚ୍ଚଶିକ୍ଷା ବିଭାଗ ୱେବ୍‌ସାଇଟରେ କମନ୍ ଆପ୍ଲିକେଶନ ଫର୍ମ ଉପଲବ୍ଧ ହେବ।


**ସଂକ୍ଷେପରେ**

### ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ
#### ବଦଳିଲେ ବରଗଡ଼, ଝାରସୁଗୁଡ଼ା ଜିଲାପାଳ

**ଭୁବନେଶ୍ୱର,୨୨।୮(ବ୍ୟୁରୋ):** ରାଜ୍ୟ ସରକାର ଗୁରୁବାର ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବରିଷ୍ଠ ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନଙ୍କୁ ବରଗଡ଼ ଜିଲାପାଳ ଭାବେ ନିଯୁକ୍ତି ମିଳିଛି। ସେହିପରି ସରୋଜ କୁମାର ସାମଲଙ୍କୁ ଝାରସୁଗୁଡା ଜିଲାପାଳ କରାଯାଇଛି। ସରୋଜ ଓଡ଼ିଶା ରାଜ୍ୟ ସାଧାରଣ ବଣ୍ଟନ ନିଗମ ଲିଃ(ଓଏସ୍‌ସିଏସ୍‌ସି)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଏମ୍‌ଡି)ଭାବେ କାର୍ଯ୍ୟ କରୁଥିଲେ। ଚକବନ୍ଦୀ କମିଶନର ଥିବା ଶରତ ଚନ୍ଦ୍ର ମିଶ୍ରଙ୍କୁ ଶ୍ରମ ଓ ଇଏସ୍ଆଇ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଓଏସ୍‌ସିଏସ୍‌ସିର ଏମ୍‌ଡି ଭାବେ ନିଯୁକ୍ତି ଦିଆଯାଇଛି। ରାଜସ୍ୱ ପର୍ଷଦ ଅଧୀନରେ ଅବସ୍ଥାପିତ ଭୁବନେଶ୍ୱରସ୍ଥିତ ଅତିରିକ୍ତ ରିଭିଜନ୍ କୋର୍ଟର ଅତିରିକ୍ତ କମିଶନର ଡକ୍ଟର ବନାନୀ ମହାନ୍ତିଙ୍କୁ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ନୟାଗଡ଼ ଡିଆରଡିଏର ଏପିଡି(ଆଡ୍‌ମିନ) ସନ୍ତୋଷୀ ସାହୁଙ୍କୁ ରାଜସ୍ୱ ପର୍ଷଦର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ରାଉରକେଲା ତହସିଲଦାର ବିଶ୍ୱରଞ୍ଜନ ରଥଙ୍କୁ ସୁନ୍ଦରଗଡ଼ସ୍ଥିତ ଡିଆରଡିଏର ଏପିଡି(ଆଡ୍‌ମିନ) ଭାବେ ନିଯୁକ୍ତି ମିଳିଛି।

### ୩ ଖଣିଜ ପଦାର୍ଥ ପରିବହନ ସଂସ୍ଥାକୁ ବାରଣ

**ଯୋଡ଼ା,୨୨।୮(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଥିବା ୩ଟି ମାଲ ପରିବହନ କମ୍ପାନୀର ଯାନ ଗୁଡ଼ିକୁ ଖଣିଜ ପଦାର୍ଥ ପରିବହନ କାର୍ଯ୍ୟରେ ନ ଲଗାଇବା ପାଇଁ ଖଣି ଲିଜ୍‌ଧାରୀ ମାଲ ପରିବହନ ଲାଇସେନ୍ସ ପାଇଥିବା ସଂସ୍ଥାଗୁଡ଼ିକୁ ଗୁରୁବାର କେନ୍ଦୁଝର ଜିଲା ଯୋଡ଼ା ସର୍କଲର ଖଣି ଉପନିର୍ଦ୍ଦେଶାଳୟ ପକ୍ଷରୁ ବାରଣ କରାଯାଇଛି। ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟର ଚିଠି ସଂଖ୍ୟା ନଂ.୨୨୫୫/୨୨।୮।୨୦୧୯ ଅନୁସାରେ ଏସ୍‌ଏସ୍ ଆର୍ଥ ମୁଭର୍ସ, ସାଇ ଲୋକେସ ଏବଂ କ୍ରୀଷ୍ଟା ପରିବହନ ସଂସ୍ଥାର କୌଣସି ପରିବହନ ନ କରିବାକୁ ଏଥିରେ କୁହାଯାଇଛି।




## ବିମଳ ପ୍ରସାଦ ଦାସ ରାଜ୍ୟ ମାନବାଧିକାର କମିଶନ ଅଧ୍ୟକ୍ଷ

ଭୁବନେଶ୍ୱର,୨୨।୮(ବ୍ୟୁରୋ)


ବିମଳ ପ୍ରସାଦ ଦାସ

ରାଜ୍ୟ ସରକାର ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଅଧ୍ୟକ୍ଷ ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ବିମଳ ପ୍ରସାଦ ଦାସଙ୍କୁ ନିଯୁକ୍ତି ଦେଇଛନ୍ତି। ସେହିପରି ଆଡଭୋକେଟ ଅସୀମ ଅମିତାଭ ଦାଶଙ୍କୁ କମିଶନ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟପାଳଙ୍କ ଅନୁମୋଦନ ପରେ ଏ ନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସୂଚନା ଯୋଗ୍ୟ ଯେ କମିଶନରେ ଖାଲି ପଡିଥିବା ଉକ୍ତ ଦୁଇଟି ପଦବୀ ପୂରଣ ପାଇଁ ଗତ ୧୯ ତାରିଖରେ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚୟନ କମିଟି ବୈଠକରେ ଅଧ୍ୟକ୍ଷଙ୍କୁ ମିଶାଇ ଦୁଇ ଜଣଙ୍କ ନାମ ସୁପାରିସ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ଜଷ୍ଟିସ ରଘୁବୀର ଦାଶଙ୍କୁ ଓଏଚ୍‌ଆରସି ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିବା ବେଳେ ଜଣେ ଜିଲାକୋର୍ଟ ବିଚାରପତି ଓ ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଥିବା ଜଣାପଡିଛି। ତେବେ କାହା ନାମ ସୁପାରିସ କରାଯାଇଛି ତାହା ସମ୍ପୂର୍ଣ୍ଣ ଗୋପନ ରଖାଯାଇଛି।

ସୂଚନା ଯୋଗ୍ୟ ଯେ ଜଷ୍ଟିସ ଆର.କେ. ପାତ୍ର ମାନବାଧିକାର କମିଶନ ଅଧ୍ୟକ୍ଷ ପଦବୀରୁ ଅବସର ଗ୍ରହଣ କରିବା ପରେ ୨୦୧୨ରୁ ଏହା ଖାଲି ରହିଛି। ତେବେ ଜଷ୍ଟିସ ବୀର କିଶୋର ମିଶ୍ରଙ୍କୁ ଓଏଚ୍‌ଆର୍‌ସିର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ଗତ ଅଗଷ୍ଟ ୧୫ ତାରିଖରେ ତାଙ୍କର କାର୍ଯ୍ୟକାଳ ଶେଷ ହେବା ପରେ ଅଧ୍ୟକ୍ଷ ପଦବୀ ଖାଲି ରହିଛି। ରାଜ୍ୟ ମାନବାଧିକାର କମିଶନରେ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି କିମ୍ବା ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଅଧ୍ୟକ୍ଷ ରହିବା ବ୍ୟବସ୍ଥା ଥିଲା। ତେବେ ଗତ ପାର୍ଲାମେଣ୍ଟ ଅଧିବେଶନ କାଳରେ ଏଥିରେ ସଂଶୋଧନ କରାଯାଇ ହାଇକୋର୍ଟର ବିଚାରପତିଙ୍କୁ କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି କରିବା ପାଇଁ ବ୍ୟବସ୍ଥା ହୋଇଛି। ସେହି ଆଧାରରେ ରାଜ୍ୟ ସରକାର ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେବାକୁ ଚୂଡାନ୍ତ କରିଛନ୍ତି। ଏହି ବୈଠକରେ ବିଧାନସଭା ବାଚସ୍ପତି, ବିରୋଧୀ ଦଳ ନେତା ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତି ଯୋଗ ଦେଇଥିଲେ।

**ଶିଳ୍ପାୟନ ଧୂଆଁବାଣ**

## ଧ୍ୱଂସ ହୋଇଯାଉଛି କ୍ଷୁଦ୍ରଶିଳ୍ପ
### ୫ ବର୍ଷରେ ୧୫ ହଜାର କ୍ଷୁଦ୍ର, ମଧ୍ୟମ ଶିଳ୍ପରେ ତାଲା

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

ଶିଳ୍ପାୟନର ସ୍ୱପ୍ନ ଦେଖାଉଛନ୍ତି ରାଜ୍ୟ ସରକାର। ରାଜ୍ୟରେ ଆଲୁମିନିୟମ, ଇସ୍ପାତ, ଆଲୁମିନା, ସାର, ପେଟ୍ରୋ କେମିକାଲ, ପ୍ଲାଷ୍ଟିକ ଭଳି ବଡ଼ ବଡ଼ ଶିଳ୍ପ ସାଙ୍ଗକୁ କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ପ୍ରତିରକ୍ଷା, ଶକ୍ତି, ସୂଚନା ପ୍ରଯୁକ୍ତି କ୍ଷେତ୍ର ପାଇଁ ବୃହତ ପୁଞ୍ଜି ନିବେଶ ହେବ। ରାଜ୍ୟର ଭାଗ୍ୟ ବଦଳିଯିବ। ବେକାର ଯୁବତୀ ଯୁବକଙ୍କୁ କାମଧନ୍ଦା ମିଳିଯିବ। ଗତ ୫ ବର୍ଷ ହେବ ରାଜ୍ୟ ସରକାର ରାଜ୍ୟବାସୀଙ୍କୁ ଏମିତି ସ୍ୱପ୍ନ ଦେଖାଇ ଆସୁଛନ୍ତି। ମେକ୍ ଇନ୍ ଓଡ଼ିଶା କନକ୍ଲେଭ କରି ଓଡ଼ିଶାକୁ ପୁଞ୍ଜିନିବେଶ ହବ୍‌ରେ ପରିଣତ କରିବାକୁ ଚେଷ୍ଟା ଚାଲିଛି। ହେଲେ ସରକାର ରାଜ୍ୟରେ ଥିବା ପୁରୁଣା ଶିଳ୍ପଗୁଡିକୁ ଗୋଟିଏ ପରେ ଗୋଟିଏ ବନ୍ଦ କରି ଚାଲିଛନ୍ତି। କେବଳ ବଡ଼ ଶିଳ୍ପ ନୁହେଁ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକ ମଧ୍ୟ ସରକାରୀ ପ୍ରୋତ୍ସାହନ ଏବଂ ବଜାର ସୁବିଧା ନ ପାଇ ମୁହଁମାଡି ପଡ଼ିଲେଣି।

କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ୨୦୧୫ରେ ଶିଳ୍ପ ନୀତି କାର୍ଯ୍ୟକାରୀ କରିଥିବାବେଳେ ଏମ୍‌ଏସ୍‌ଏମ୍‌ଇ ବିକାଶ ନୀତି-୨୦୧୫ ପ୍ରଣୟନ କରିଥିଲେ। ୨୦୧୭-୧୮ରେ ୫୦,୧୫୮ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ସ୍ଥାପନ କରାଯାଇଥିଲା, ଯେଉଁଥିରେ କି ୨,୩୨୪.୪୬ କୋଟି ଟଙ୍କାର ପୁଞ୍ଜି ନିବେଶ ହେବା ସହ ୧.୪୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ ଗତ ୫ ବର୍ଷରେ ରାଜ୍ୟରେ ୧,୯୮,୭୩୬ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ସ୍ଥାପନ ହୋଇଥିବା ସରକାର ୨୦୧୮-୧୯ ଅର୍ଥନୈତିକ ସର୍ଭେ ରିପୋର୍ଟରେ କହିଛନ୍ତି। ଏଥିରେ ୧୦୯.୭୫ କୋଟି ଟଙ୍କା ନିବେଶ ହେବା ସହ ୬.୨୮ ଲକ୍ଷ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିଛି। କ୍ଷୁଦ୍ରଶିଳ୍ପକୁ ପ୍ରୋତ୍ସାହନ ଦେଇ ଅନୁକୂଳ ପରିବେଶ ସୃଷ୍ଟି କରୁଥିବାରୁ ୨୦୧୮ ଷ୍ଟାର୍ଟଅପ୍ ର୍‍ୟାଙ୍କରେ ଓଡ଼ିଶା ଏକ ଉତ୍ତମ ପ୍ରଦର୍ଶନକାରୀ ରାଜ୍ୟ ଭାବେ ପରିଚୟ ପାଇପାରିଛି। ଜିଲାସ୍ତରରେ ସିଙ୍ଗଲୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଡିଏଲ୍‌ଏସ୍‌ଡବ୍ଲ୍ୟୁସିଏ) ଗଠନ କରି ଷ୍ଟାର୍ଟଅପ୍ ଓଡ଼ିଶା ଆରମ୍ଭ କରି ଏମ୍‌ଏସ୍‌ଏମ୍‌ଇଗୁଡିକୁ ପ୍ରୋତ୍ସାହିତ କରୁଛନ୍ତି।

ଏସବୁ ସତ୍ତ୍ୱେ ରାଜ୍ୟରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କୁ ରାଜ୍ୟ ସରକାର ଆକୃଷ୍ଟ କରିବାରେ ବିଫଳ ହୋଇଛନ୍ତି। ଏମ୍‌ଏସ୍‌ଏମ୍‌ଇ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩୦ଟି ଜିଲାରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକର ସ୍ଥିତି ଅତ୍ୟନ୍ତ ଦୟନୀୟ। ରାଜ୍ୟରେ ଗତ ୫ ବର୍ଷରେ ପଞ୍ଜୀକୃତ ହୋଇଥିବା ୧୫,୩୧୫ ସୂକ୍ଷ୍ମ ଓ ମଧ୍ୟମ ଶିଳ୍ପରେ ତାଲା ପଡିଛି। ଏଥିରେ ନିୟୋଜିତ ଥିବା ୧,୨୯,୯୫୦ ଜଣ ଲୋକ ବେକାର ହୋଇଯାଇଛନ୍ତି। ବନ୍ଦ ହୋଇଥିବା ଏହି ଶିଳ୍ପ ମଧ୍ୟରୁ ସୁନ୍ଦରଗଡରେ ସର୍ବାଧିକ ୨୦୨୦, କଟକ ୨୪୦୨, ଭୁବନେଶ୍ୱର ୧୫୦୪, ଗଞ୍ଜାମ ୧୦୬୧, ସମ୍ବଲପୁର ୫୩୩, ବରଗଡ ୩୩୪, କେନ୍ଦୁଝର ୬୮୩, ବାଲେଶ୍ୱର ୫୫୮, ଭଦ୍ରକ ୩୪୬, ଢେଙ୍କାନାଳ ୩୯୬, କଳାହାଣ୍ଡି ୪୧୮, ରାୟଗଡା ୨୫୬, ନବରଙ୍ଗପୁର ୧୫୭ ଏବଂ ମାଲକାନଗିରିରେ ୧୧୬ଟି ଶିଳ୍ପ ବନ୍ଦ ହୋଇଛି। ରାଜ୍ୟ ସରକାର ମେକ୍ ଇନ୍ ଓଡ଼ିଶା କନକ୍ଲେଭ ଏବଂ ବିଦେଶରେ ରୋଡ ଶୋ କରି ବଡ଼ ବଡ଼ ଶିଳ୍ପକୁ ଓଡ଼ିଶା ଆଣିବାକୁ ପାଣି ଭଳି ଟଙ୍କା ବୁହାଇ ଚାଲିଛନ୍ତି। ମାତ୍ର ରାଜ୍ୟର ଶିକ୍ଷିତ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ, ବଜାର ଓ ବ୍ୟାଙ୍କ ସୁବିଧା ଦେଇପାରୁ ନ ଥିବାରୁ ଆରମ୍ଭ ହେବାର ଅଳ୍ପ କେଇମାସ ପରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ତାଲା ପଡୁଛି । ସରକାରୀ ଉଦାସୀନତାକୁ ଯୁବ ଉଦ୍ୟୋଗୀ ମହଲ ନାପସନ୍ଦ କରିଛନ୍ତି।

■ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମ ନୀତି ଆଜି

## ମହାପ୍ରଭୁଙ୍କୁ ଲାଗି ହେଲା ଯେଉଡ଼ ଭୋଗ

ପୁରୀ ଅଫିସ,୨୨।୮

ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥି। ଶୁକ୍ରବାର ଏହି ପବିତ୍ର ତିଥିରେ ଜନ୍ମ ନେବେ ପ୍ରଭୁ ଶ୍ରୀକୃଷ୍ଣ। ଏଥିଲାଗି ଶ୍ରୀମନ୍ଦିରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୁରୁବାର ସନ୍ଧ୍ୟା ଆଳତି ବେଶରେ ଠାକୁରଙ୍କୁ ୬ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ସନ୍ଧ୍ୟାଧୂପ ପୂଜା ପରେ ଭିତରେ ପାଣି ପଡ଼ି ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଟେରା ବନ୍ଧା ହେବା ପରେ ଯେଉଡ଼ ଭୋଗ (ଶାଗ, ତରକାରି, ପିଠା, ଝିଲି, ଓରିଆ, ଖିରି ଆଦି) ରୋଷରୁ ଆସି ଅଣସର ପିଣ୍ଡିରେ ରଖାଯାଇଥିଲା। ମୁଦିରସ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିଥିଲେ। ୩ ଜଣ ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା କରିଥିଲେ। ପଣ୍ଡା, ପତି ଓ ମୁଦିରସ୍ତ ୩ ବାଡ଼ରେ ବନ୍ଦାପନା କରିଥିଲେ।

**୫ ଘଣ୍ଟା ଦର୍ଶନ ବନ୍ଦ ରହିବ**

ଶୁକ୍ରବାର ଜନ୍ମାଷ୍ଟମୀ ଅବସରରେ ଶ୍ରୀମନ୍ଦିରରେ ନୀତି ପାଳନ ପାଇଁ ମହାପ୍ରଭୁଙ୍କ ଦର୍ଶନ ୫ଘଣ୍ଟା ବନ୍ଦ ରହିବ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ତାହାକୁ ଯେପରି କେହି ସାଧାରଣ ଭକ୍ତ ଦେଖି ନ ପାରିବେ ସେଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦର୍ଶନରେ କଟକଣା ଲଗାଯାଇଛି। ସନ୍ଧ୍ୟା ଧୂପ ପୂଜା ପରଠାରୁ ଅର୍ଥାତ୍ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ କରାଯିବ। ଜନ୍ମ ଚକଡ଼ାରେ ଶ୍ରୀକୃଷ୍ଣଙ୍କ ଜନ୍ମ ନୀତି ସମ୍ପନ୍ନ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ରୋଗୀଙ୍କ ଅସୁବିଧା ସିଧାସଳଖ ବୁଝିବେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷଣା କରାଯାଇଥିବା ମୋ ସରକାର ଯୋଜନା ଆସନ୍ତା ଅକ୍ଟୋବର ଗାନ୍ଧୀ ଜୟନ୍ତୀରୁ ରାଜ୍ୟରେ କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀମାନେ ଲୋକମାନଙ୍କ ସହ ସିଧାସଳଖ କଥାବାର୍ତ୍ତା କରିବେ। ସେମାନଙ୍କର ଦୁଃଖ ବୁଝିବେ। ମନ୍ତ୍ରୀମାନେ ଏ ନେଇ ରିହର୍ସାଲ ଆରମ୍ଭ କରି ଦେଲେଣି। ନିଜ ନିଜ ବିଭାଗରେ ବିଭିନ୍ନ ଟିମ୍ ଗଠନ ମଧ୍ୟ ଆରମ୍ଭ ହୋଇଛି। ସରକାରୀ ହସ୍ପିଟାଲରେ ରୋଗୀମାନେ କିପରି ଅଛନ୍ତି। ସେମାନଙ୍କୁ ଚିକିତ୍ସା ସୁବିଧା ଠିକରେ ମିଳୁଛି କି ନାହିଁ ସେ କଥା ନିଜେ ବୁଝିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ଗୁରୁବାର ରାଜ୍ୟ ମେଡିକାଲ ନିଗମଠାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମଓ)ମାନଙ୍କ ସମ୍ମିଳନୀକୁ ଉଦଘାଟନ କରି ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ଲୋକମାନେ କିଭଳି ସରକାରୀ ସେବା ପାଉଛନ୍ତି ସେ ବିଷୟରେ ସରକାରୀ ଅଧିକାରୀମାନେ ଟେଲିଫୋନ କରି ଲୋକଙ୍କଠାରୁ ତାହା ପଚାରି ବୁଝିବେ। ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ରୋଗୀଙ୍କଠାରୁ ମତାମତ ସଂଗ୍ରହ କରାଯିବ। ଏ ନେଇ ଏକ ଟିମ୍ ଗଠନ କରାଯାଇଛି। ରୋଗୀଙ୍କ ମତାମତ ଆଧାରରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାର ଗୁରୁଦାୟିତ୍ୱ ସିଡିଏମ୍‌ଓମାନଙ୍କ ହାତରେ ରହିବ। ସେମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରୋଗୀମାନଙ୍କ କଥା କେହି ଶୁଣୁ ନ ଥିବା ଅଭିଯୋଗ ହେଉଥିଲା। ଏଣିକି ମନ୍ତ୍ରୀ, ସିଡିଏମଓ ଓ ବିଭାଗ ଦ୍ୱାରା ଗଠନ କରାଯାଇଥିବା ଟିମ୍ ସିଧାସଳଖ ରୋଗୀଙ୍କ ସହ କଥା ହୋଇ ଅଭିଯୋଗ ଗ୍ରହଣ କରିବେ। ଏଥିସହିତ ହସ୍ପିଟାଲକୁ ଅଧିକ ସଫାସୁତୁରା ରଖିବା ଉପରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯାଇଛି। ଏହି ଦିନିକିଆ ସମ୍ମିଳନୀରେ ମାଗଣା ଔଷଧ ଯୋଗାଣ ନିରାମୟ କାର୍ଯ୍ୟକ୍ରମ, ସ୍ୱନେତ୍ର, ଡିଜିଟାଲ ଡିସପେନସାରୀ ଆଦି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ସମ୍ମିଳନୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ମେଡିକାଲ ନିଗମ ନିର୍ଦ୍ଦେଶିକା ଯାମିନୀ ଷଡଙ୍ଗୀ, ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାରଙ୍କ ସମେତ ବରିଷ୍ଠ ସ୍ୱାସ୍ଥ୍ୟ ବିଭାଗ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।




## କାଳିଆ ଅଯୋଗ୍ୟ ସଂଖ୍ୟା ବର୍ତ୍ତମାନ ଅଢ଼େଇ ଲକ୍ଷ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

କାଳିଆ ଯୋଜନାରେ ସାମିଲ ହୋଇଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ଖୋଜିବାରେ ସରକାର ଜୋରଦାର ପ୍ରୟାସ ଆରମ୍ଭ କରିଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ସରକାର ୨ଲକ୍ଷ ୬୬ ହଜାର ଅଯୋଗ୍ୟ କାଳିଆ ହିତାଧିକାରୀଙ୍କୁ ଚିହ୍ନଟ କରିଛନ୍ତି। ଏହି ପ୍ରକ୍ରିୟା ଆଗକୁ ଆହୁରି ଜୋର୍‌ଦାର ଭାବେ ଚାଲିବାକୁ ଥିବାବେଳେ ଏଥିରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବାଦ୍ ନ ପଡିବେ ତା'ଉପରେ ଆଲୋଚନା ଚାଲିଛି। ଆସନ୍ତା ୨୭ ତାରିଖ ସୁଦ୍ଧା ପଞ୍ଚାୟତ ସ୍ତରରେ ଏବଂ ୩୧ ସୁଦ୍ଧା ବ୍ଲକ ଓ ଜିଲା ସ୍ତରରେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କାମ ଶେଷ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର କାଳିଆ ଯୋଜନାରେ ୫୧ଲକ୍ଷ ଚାଷୀଙ୍କୁ ସାମିଲ କରି ଅର୍ଥ ପ୍ରଦାନ କରିଥିବା କହିଥିଲେ। ସେଥିରୁ ବର୍ତ୍ତମାନ ସୁଦ୍ଧା ୩୬ଲକ୍ଷ ୮୮ ହଜାର ଚାଷୀଙ୍କ ଯାଞ୍ଚ ପ୍ରକ୍ରିୟା ସରିଛି। ଏଥିରୁ ୨ଲକ୍ଷ ୬୬ ହଜାର ଅଯୋଗ୍ୟ ଚିହ୍ନଟ ହୋଇଛନ୍ତି। ଆଗକୁ ଆହୁରି କେତେ ଅଯୋଗ୍ୟ ବାହାରୁଛନ୍ତି ତାହା ପ୍ରକ୍ରିୟା ଶେଷ ହେବାପରେ ଜଣାପଡିବ। ତେବେ ଚୂଡାନ୍ତ ରିପୋର୍ଟ ଆସିବାପରେ ପରବର୍ତ୍ତୀ ପଦକ୍ଷେପ ନେଇ ନିଷ୍ପତ୍ତି ନିଆଯିବ ବୋଲି କାଳିଆ ବୈଠକ ସମୀକ୍ଷା ପରେ କୃଷିମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଯୋଗ୍ୟ ହିତାଧିକାରୀ ଯେପରି କାଳିଆରୁ ବାଦ୍ ନ ପଡିବେ ସେଥିପ୍ରତି ଧ୍ୟାନ ଦିଆଯାଉଛି। ଯଦି କୌଣସି କାରଣ ବଶତଃ ଯୋଗ୍ୟ ହିତାଧିକାରୀ ବାଦ୍ ପଡିବେ ପରବର୍ତ୍ତୀ ସମୟରେ ସେମାନଙ୍କୁ ସାମିଲ କରାଯିବ। ଏଥିପାଇଁ ନୋଡାଲ୍ ଅଫିସର୍‌ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ତଥ୍ୟ ଆସିବାପରେ ଯାଇ ପରବର୍ତ୍ତୀ ନିଷ୍ପତ୍ତି ହେବ ବୋଲି ସରକାର କହିଛନ୍ତି।


କାଳିଆ ଯୋଜନା ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ସମ୍ପର୍କିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟ ଅଧିକାରୀମାନେ।

■ ତାଳିକା ପ୍ରସ୍ତୁତରେ ଭୁଲ୍ କଲେ କଡ଼ା କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

■ ୩୧ରେ ସରିବ ଚୂଡାନ୍ତ ଚିହ୍ନଟ ପ୍ରକ୍ରିୟା

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ ଚାଷୀମାନଙ୍କ ଲାଗି କାଳିଆ ଯୋଜନା ଆଣିଥିଲେ। ଏହାପରେ ଯେଉଁମାନେ ଏହି ଯୋଜନାରେ ସାମିଲ ହେବାକୁ ଆବେଦନ କଲେ ସେମାନଙ୍କୁ ଅର୍ଥ ମିଳିଥିଲା। କିନ୍ତୁ କିଛିଦିନ ତଳେ ରାଜ୍ୟ ସରକାର ବିଜ୍ଞାପନ ଜରିଆରେ ଅଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ଫେରାଇବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ୭ ଦିନ ମଧ୍ୟରେ ଅଯୋଗ୍ୟ ହିତାଧିକାରୀ ନିଜ ଆଡୁ ଟଙ୍କା ଫେରାଇପାରିବେ ବୋଲି ସରକାର ଏକ ଆକାଉଣ୍ଟ ନମ୍ବର ଦେଇଥିଲେ। ଏହାସହ ଯଦି କୌଣସି ବ୍ୟକ୍ତି ଚାହିଁବ ନିଜ ନାମ ଗୋପନ ରଖି ଅଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ସୂଚନା ଦେଇପାରିବା ସହ ଯେଉଁମାନେ ଏହି ଯୋଜନାରୁ ବାଦ୍ ପଡିଛନ୍ତି ସେମାନେ ଆବେଦନ କରିପାରିବେ ବୋଲି କହିଥିଲେ।

ଆଗକୁ ଚୂଡାନ୍ତ ତାଲିକା ଆସିବାପରେ ସରକାର ଏକ ଚୂଡାନ୍ତ ନିଷ୍ପତ୍ତି ନେବେ କିପରି ଅଯୋଗ୍ୟ ହିତାଧିକାରୀଙ୍କଠାରୁ ଟଙ୍କା ଫେରାଯାଇପାରିବ। ଏହାସହ ଯଦି ଅଯୋଗ୍ୟ ତାଲିକା ଠିକ୍ ଭାବେ ନିଯୁକ୍ତ ଅଧିକାରୀମାନେ ପ୍ରସ୍ତୁତ କରି ନ ଥିବେ ତେବେ ଏନେଇ ଅଭିଯୋଗ ଆସିଲେ ସରକାରଙ୍କ ପକ୍ଷରୁ କଡ଼ା ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ୩୧ତାରିଖ ପରେ ଚୂଡାନ୍ତ ତାଲିକା ଆସିଯିବାପରେ ଲୋକମାନେ ଯଦି ଗ୍ରାମପଞ୍ଚାୟତସ୍ତରର ନୋଡାଲ ଅଫିସରଙ୍କ ନାମରେ ଅଭିଯୋଗ କରନ୍ତି ଏବଂ ତାହା ସତ୍ୟ ପ୍ରମାଣିତ ହୁଏ, ତେବେ ସେ ସ୍ଥାନରେ କାର୍ଯ୍ୟାନୁଷ୍ଠାନ ବୋଲି ମନ୍ତ୍ରୀ କହିଛନ୍ତି। ଏହାସହ ବର୍ତ୍ତମାନ ସୁଦ୍ଧା ଖୁବ୍ କମ ଲୋକ କାଳିଆ ଟଙ୍କା ଫେରାଇଛନ୍ତି। ଶେଷରେ ଏକ ବଡଧରଣର ସମୀକ୍ଷା ବୈଠକ ବସିବ ବୋଲି ସେ କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଅଭିଷେକ୍
ପରିବାରବର୍ଗ


ଦିବ୍ୟାଶା
ପରିବାରବର୍ଗ


ମେହେର୍ ଫାତିମା
ପରିବାରବର୍ଗ


ଓମ୍
ପରିବାରବର୍ଗ


ସୋନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କିଛି ତଥ୍ୟ

ଚଳିତ ବର୍ଷ ଜୁଲାଇରେ ଦେଶ ମଧ୍ୟରେ ଯାତ୍ରା କରୁଥିବା ବିମାନ ଯାତ୍ରୀଙ୍କ ଟ୍ରାଫିକରେ ୩.୧୫% ବୃଦ୍ଧି ଘଟିଛି।

**– ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ**

# ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ଆଜି

**ଫୁଲବାଣୀ ଅଫିସ/ଶଙ୍କରାଖୋଲ/ତୁମୁଡ଼ିବନ୍ଧ,୨୨।୮(ଡି.ଏନ୍.ଏ.)**

କନ୍ଧମାଳ ଜିଲାର ଚକାପାଦ ଏବଂ ତୁମୁଡିବନ୍ଧସ୍ଥିତ ଜଲେଶପଟା ଆଶ୍ରମରେ ଶୁକ୍ରବାର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧ ଦିବସ ଏବଂ ଜନ୍ମାଷ୍ଟମୀ ପାଳନ ହେବ। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ୱାମିଜୀଙ୍କ ଶ୍ରାଦ୍ଧବାର୍ଷିକୀ ଏବଂ ଜନ୍ମାଷ୍ଟମୀ ପାଳନ ପାଇଁ ଉଭୟ ଆଶ୍ରମ ପରିସର ଚଳଚଞ୍ଚଳ ହୋଇଉଠିଛି। ଜଲେଶପଟା ସଂସ୍କୃତ କନ୍ୟାଶ୍ରମରେ ବିଶେଷ କାର୍ଯ୍ୟକ୍ରମ ରହିଛି। ସକାଳ ୮ଟାରେ ଶାନ୍ତି ଶୋଭାଯାତ୍ରା, ପୂର୍ବାହ୍ନ ୧୦ଟାରେ ହୋମଯଜ୍ଞ, ୧୧ଟାରେ ଶ୍ରଦ୍ଧାଞ୍ଜଳି, ଅପରାହ୍ନ ୧ ଟାରେ ପ୍ରସାଦସେବନ ଏବଂ ସନ୍ଧ୍ୟା ୭ଟାରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯିବ। ସେହିପରି ଚକାପାଦସ୍ଥିତ ଆଶ୍ରମରେ ସ୍ୱାମିଜୀଙ୍କ ଉତ୍ତରାଧିକାରୀ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ସମସ୍ତ କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି। ଆୟୋଜନ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଆଶ୍ରମ ଦାୟିତ୍ୱରେ ଥିବା ସ୍ୱାମୀ କୃଷ୍ଣାନନ୍ଦ ସରସ୍ୱତୀ ସୂଚନା ଦେଇଛନ୍ତି। ଜନସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଛି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଟିକାବାଲି, ଷ୍ଟେଗେଡାପଥର ଛକ, ଚକାପାଦକୁ ବିଭିନ୍ନ ପଟୁ ପ୍ରବେଶ କରୁଥିବା ଯାନବାହନଗୁଡ଼ିକୁ ଚକାପାଦ ଏବଂ ଟିକାବାଲି ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି। ଅତିରିକ୍ତ ଏସ୍‌ପି ବିଷ୍ଣୁପଦ ମହନ୍ତ, ଜି. ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା, ଚକାପାଦ ଥାନାଧିକାରୀ ତରୁଣ ତପନ ବେହେରା, ୩ ସବଇନ୍ସପେକ୍ଟର, ୨ ପ୍ଲାଟୁନ ପୋଲିସ ଫୋର୍ସ ଚକାପାଦ ଆଶ୍ରମରେ ମୁତୟନ ହୋଇଛନ୍ତି। ସେହିପରି ଜଲେଶପଟା କନ୍ୟାଶ୍ରମରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏଠାରେ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଆଇନଶୃଙ୍ଖଳାକୁ ତଦାରଖ କରିବା ପାଇଁ ୨ ଜଣ ଡିଏସ୍‌ପି ରହିଛନ୍ତି ବୋଲି ତୁମୁଡ଼ିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ବାବା ଶଙ୍କର ସରାଫ କହିଛନ୍ତି। ସୂଚନାଯୋଗ୍ୟ, ୨୦୦୮ ଅଗଷ୍ଟ ୨୩ ତାରିଖରେ ଜନ୍ମାଷ୍ଟମୀ ଦିନ ଜଲେଶପଟା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଓ ତାଙ୍କ ୪ ଜଣ ସହଯୋଗୀଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ। ସେବେଠାରୁ କଡା ସୁରକ୍ଷା ମଧ୍ୟରେ ଜନ୍ମାଷ୍ଟମୀ ଓ ସ୍ୱାମିଜୀଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଉଛି।

**ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**

# କୋମ୍ବିଂରେ ଯାଇଥିବା ଯବାନଙ୍କ ମୃତ୍ୟୁ

**କୋଟଗଡ,୨୨।୮(ଡି.ଏନ.ଏ.)**

କନ୍ଧମାଳ ଜିଲା କୋଟଗଡ ବ୍ଲକ ଶ୍ରୀରାମପୁର ସିଆରପିଏଫ ୮ ବାଟାଲିୟନ କ୍ୟାମ୍ପରେ କାର୍ଯ୍ୟରତ ଜଣେ ଯବାନଙ୍କ ଗୁରୁବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ସେ ହେଲେ ସୁନ୍ଦରଗଡ ଜିଲା ଭସ୍ମା ଗ୍ରାମର ଦିଲେସର ବୁଡୁ। ଗୁରୁବାର ଦିଲେଶ୍ୱର ମାଟିଗାଡା ଜଙ୍ଗଲକୁ ସାଥୀ ଯବାନଙ୍କ ସହ କୋମ୍ବିଂରେ ଯାଇଥିଲେ। ସେଠାରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସହଯୋଗୀମାନେ ପ୍ରଥମେ ଶ୍ରୀରାମପୁର ସିଆରପିଏଫ କ୍ୟାମ୍ପକୁ ଆଣିଥିଲେ। ସେଠାରେ ଭୀଷଣ ଯନ୍ତ୍ରଣା ହେବାରୁ କୋଟଗଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିବିଆଇ ରିମାଣ୍ଡରେ...

ରାଜନୀତିର ଏହି ପ୍ରଭାବଶାଳୀ ରାଜନେତା ଓ ବରିଷ୍ଠ ଆଇନଜୀବୀଙ୍କୁ ଶକ୍ତ ଝଟକା ଲାଗିଛି। କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଚିଦାମ୍ବରମଙ୍କୁ ଗିରଫ କରିଥିବା କଂଗ୍ରେସ ଅଭିଯୋଗ ଆଣିଥିବାବେଳେ ଗିରଫଦାରି ପ୍ରତିବାଦରେ ଦେଶର ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଦୁଇଦିନ ଧରି ଲୁଚକାଳି ଖେଳ ଖେଳିବା ପରେ ଚିଦାମ୍ବରମ ବୁଧବାର ରାତିରେ ନାଟକୀୟ ଢଙ୍ଗରେ ଏଆଇସିସି ମୁଖ୍ୟାଳୟରେ ଆବିର୍ଭାବ ହୋଇଥିଲେ। ସେ ଏକ ଖବରଦାତା ସମ୍ମିଳନୀରେ ନିଜକୁ ନିର୍ଦ୍ଦୋଷ ଦର୍ଶାଇବା ସହ ଆଇନକୁ ସମ୍ମାନ ଦେବେ ବୋଲି କହିଥିଲେ। ସିବିଆଇର ଏକ ଟିମ୍ କଂଗ୍ରେସ ଅଫିସକୁ ଯାଇଥିବାବେଳେ ଦଳୀୟ କର୍ମୀଙ୍କ ବିରୋଧ ଯୋଗୁ ତାଙ୍କୁ ଧରିପାରି ନ ଥିଲା। ଚିଦାମ୍ବରମ ସେଠାରୁ ଜୋରବାଗସ୍ଥିତ ନିଜ ବାସଭବନକୁ ଯାଇଥିବାବେଳେ ସିବିଆଇ ଅଧିକାରୀମାନେ ପାଚେରି ଡେଇଁ ଘରେ ପଶି ତାଙ୍କୁ ଧରିଥିଲେ। ପରେ ତାଙ୍କୁ ସିବିଆଇ ମୁଖ୍ୟାଳୟ ଗେଷ୍ଟହାଉସ୍‌ର ଲକ୍-ଅପ୍ ସୁଟ୍ ୩କୁ ନିଆଯାଇଥିଲା, ଯାହାକି ସେ ୨୦୧୧ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସହ ମିଶି ଉଦ୍‌ଘାଟନ କରିଥିଲେ। ସେଠାରେ ତାଙ୍କୁ ଜେରା କରାଯାଇ ଗୁରୁବାର ଅପରାହ୍ନ ୩ଟା ୨୦ରେ ତଦନ୍ତକାରୀ ଅଧିକାରୀମାନେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରାଉଜ୍ ଆଭେନ୍ୟୁସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟକୁ ନେଇ ହାଜର କରିଥିଲେ। ଚିଦାମ୍ବରମ କୋର୍ଟ କାଠଗଡ଼ାରେ ଛିଡ଼ା ହୋଇଥିବାବେଳେ ସିବିଆଇ ପକ୍ଷରୁ ମାମଲା ପରିଚାଳନା କରୁଥିବା ସୋଲିସିଟର ଜେନେରାଲ ତୁଷାର ମେହେଟା ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେବା ପାଇଁ ଅଦାଲତଙ୍କୁ ଅନୁମତି ମାଗିଥିଲେ। ସେ କହିଥିଲେ, ଆଇଏନ୍‌ଏକ୍ସ ମିଡିଆ ମାମଲାର ସହଅଭିଯୁକ୍ତ ଇନ୍ଦ୍ରାଣୀ ମୁଖାର୍ଜିଆ ୫ ନିୟୁତ ଡଲାର ଦେଇଥିବା ତଦନ୍ତରୁ ପ୍ରଘଟ ହୋଇଛି। କିନ୍ତୁ ସିବିଆଇ ପକ୍ଷରୁ ଏନେଇ କରାଯାଇଥିବା ପ୍ରଶ୍ନକୁ ଚିଦାମ୍ବରମ ଏଡାଇଦେଇଛନ୍ତି। ଏସମ୍ପର୍କିତ ଦସ୍ତାବିଜ ଚିଦାମ୍ବରମଙ୍କୁ ଦେଖାଯିବାବେଳେ ସେ ନୀରବ ରହିଥିଲେ। ସେ ତଦନ୍ତରେ ସିବିଆଇକୁ ସହଯୋଗ କରୁନାହାନ୍ତି। ତାଙ୍କ ଉତ୍ତରରେ ତଦନ୍ତକାରୀ ସଂସ୍ଥା ସନ୍ତୁଷ୍ଟ ନୁହେଁ। ତେଣୁ ଅଧିକ ଦସ୍ତାବିଜ ନେଇ ତାଙ୍କୁ ଜେରା କରିବା ଲାଗି ସିବିଆଇ ହାଜତକୁ ନିଆଯିବା ଆବଶ୍ୟକ ବୋଲି ତୁଷାର ଯୁକ୍ତି ବାଢ଼ିଥିଲେ। ସେହିପରି ଦିଲ୍ଲୀ ହାଇକୋର୍ଟ ଚିଦାମ୍ବରମଙ୍କୁ ଉକ୍ତ ମାମଲାର 'କିଙ୍ଗପିନ୍' ଦର୍ଶାଇ ଆଗୁଆ ଜାମିନ ଦେବାକୁ ମନାକରିଦେଇଥିବା ବିଷୟ ମଧ୍ୟ ସେ ଅବତାରଣା କରିଥିଲେ। ଏହି ଅବସରରେ ତୁଷାର ସୁପ୍ରିମକୋର୍ଟଙ୍କ ଅନେକ ରାୟ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଥିଲେ। ଅନ୍ୟପକ୍ଷରେ ଚିଦାମ୍ବରମଙ୍କ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ କପିଲ ସିବଲ ଓ ଅଭିଷେକମନୁ ସିଂଘ୍‌ଭି କୋର୍ଟରେ ପ୍ରତିନିଧିତ୍ୱ କରିଥିଲେ। ସିବଲ କହିଥିଲେ, ଏହି ମାମଲାର ଅଭିଯୁକ୍ତ ହେଉଛନ୍ତି ଚିଦାମ୍ବରମଙ୍କ ପୁଅ କାର୍ତ୍ତି ଚିଦାମ୍ବରମ, ଯାହାଙ୍କୁ ଦିଲ୍ଲୀ ହାଇକୋର୍ଟ ଜାମିନ ଦେଇସାରିଛନ୍ତି। ଏକ ଚିଠା ଚାର୍ଜଶିଟ୍ ପ୍ରସ୍ତୁତ ହୋଇସାରିଥିବାରୁ ଉକ୍ତ ମାମଲାର ତଦନ୍ତ ଶେଷ ହୋଇଛି। ଚିଦାମ୍ବରମଙ୍କୁ ଗୁରୁବର ପୂର୍ବାହ୍ନ ୧୧ଟାରେ ସିବିଆଇ ପ୍ରଶ୍ନ କରିବା ଆରମ୍ଭ କରିଥିଲା। ତାଙ୍କୁ କେବଳ ୧୨ଟି ପ୍ରଶ୍ନ ପଚରାଯାଇଛି। ବିଦେଶୀ ପୁଞ୍ଜିନିବେଶ ପ୍ରୋତ୍ସାହନ ବୋର୍ଡ (ଏଫ୍‌ଆଇପିବି)ରେ କେନ୍ଦ୍ର ସରକାରଙ୍କ ୬ ଜଣ ସଚିବ ରହିଥାନ୍ତି। ସେମାନେ ତତ୍କାଳୀନ ଅର୍ଥମନ୍ତ୍ରୀ ଚିଦାମ୍ବରମଙ୍କ ନିକଟକୁ ଫାଇଲ ପଠାଇଥିଲେ ବୋଲି ସିବଲ କହିଥିଲେ। ଜଣେ ଅଭିଯୁକ୍ତଙ୍କ ବୟାନ ଉପରେ ପର୍ଯ୍ୟବସିତ ଦସ୍ତାବିଜ ସିବିଆଇ ପକ୍ଷରୁ ଉପସ୍ଥାପିତ କରାଯାଇଥିବା ଦର୍ଶାଇ ସେଗୁଡ଼ିକର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଏହାସହ ସିବିଆଇର ରିମାଣ୍ଡ ଆବେଦନକୁ ବିରୋଧ କରି ଜାମିନ ସକାଶେ ସନ୍ତୋଷ ରାୟର ଅବତାରଣା କରିଥିଲେ। ସେହିପରି ଆଇନଜୀବୀ ସିଂଘ୍‌ଭି କହିଥିଲେ, ଆଇଏନ୍‌ଏକ୍ସ ମିଡିଆକୁ ବିଦେଶୀ ପୁଞ୍ଜି ଗ୍ରହଣ କରିବା ନିଷ୍ପତ୍ତି ଏଫ୍‌ଆଇପିବିର ୬ ସଦସ୍ୟ ନେଇଥିଲେ। ଚିଦାମ୍ବରମ ଏହାକୁ କେବଳ ଅନୁମୋଦନ କରିଥିଲେ। ସେହିପରି ଇନ୍ଦ୍ରାଣୀ ମୁଖାର୍ଜିଆଙ୍କ ବୟାନ ପରେ ଚିଦାମ୍ବରମଙ୍କୁ ସମନ କରାଯିବାରେ ବିଳମ୍ବିତ ହୋଇଥିବାରୁ ଏହାକୁ ନେଇ ସିଂଘ୍‌ଭି ପ୍ରଶ୍ନ ଉଠାଇଥିଲେ। ଚିଦାମ୍ବରମ କୋର୍ଟଙ୍କୁ କହିଥିଲେ, ୨୦୧୮ ଜୁନ୍ ୬ରେ ସିବିଆଇ ତାଙ୍କୁ ସମନ କରିବା ପରଠୁ ସେ କୌଣସି ପ୍ରଶ୍ନ ଏଡ଼ାଇନାହାନ୍ତି। ତଦନ୍ତକାରୀ ଅଧିକାରୀମାନେ ଯାହା ପ୍ରଶ୍ନ କରିଛନ୍ତି ସେସବୁର ଉତ୍ତର ସେ ଦେଇଛନ୍ତି। ଏହାର ପ୍ରମାଣ ସ୍ୱରୂପ ସେ କେସ୍ ଡାଏରିର ଏକ ଅଂଶରେ ଉଲ୍ଲେଖ ରହିଥିବା ପ୍ରଶ୍ନ-ଉତ୍ତରର ଲେଖକୁ ବିଚାରପତିଙ୍କୁ ଦେଖାଇଥିଲେ।

ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହାର ଉଭୟ ପକ୍ଷଙ୍କ ଯୁକ୍ତିକୁ ଶୁଣିବା ପରେ କିଛି ସମୟ ପାଇଁ ରାୟ ସଂରକ୍ଷିତ ରଖିଥିଲେ। ସେ ସନ୍ଧ୍ୟା ୬ଟା ୪୫ରେ ସିବିଆଇର ଅବେଦନକୁ ଗ୍ରହଣ କରି ରାୟ ଶୁଣାଇ କହିଥିଲେ, ତଥ୍ୟ ଓ ପାରିପାର୍ଶ୍ୱିକ ସ୍ଥିତିକୁ ବିଚାର କରି ଚିଦାମ୍ବରମଙ୍କୁ ପୋଲିସ ହାଜତରେ ରଖିବା ପାଇଁ ଅଗଷ୍ଟ ୨୬ ପର୍ଯ୍ୟନ୍ତ ଅନୁମତି ଦିଆଯାଉଛି। ଅଦାଲତ ରାୟ ଶୁଣାଇବାବେଳେ କୋର୍ଟରୁମ୍‌ରେ ଚିଦାମ୍ବରମଙ୍କ ସ୍ତ୍ରୀ ନଳିନୀ ଓ ପୁଅ କାର୍ତ୍ତି ଉପସ୍ଥିତ ଥିଲେ। ସିବିଆଇ ୫ ଦିନିଆ ରିମାଣ୍ଡ ପାଇଁ ଅନୁରୋଧ କରିଥିବାବେଳେ ଚିଦାମ୍ବରମଙ୍କୁ ୪ ଦିନ ହାଜତରେ ରଖିବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ଅଦାଲତ ରାୟ ଶୁଣାଇବାର କିଛି ସମୟ ପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ତାଙ୍କୁ ପୁଣି ସିବିଆଇ ମୁଖ୍ୟାଳୟକୁ ନିଆଯାଇଛି।

### ଟ୍ରକ୍-ବସ୍ ଧକ୍କାରେ...

ଏକ ଯାତ୍ରୀବାହୀ ବସ୍ (ନଂ.ଓଡି୦୫ଏଏଫ୍୫୫୩୦) 'ଐରାବତ' ଦ୍ରୁତଗତିରେ ଆସି ସେହି ହାତୀକୁ ଧକ୍କା ମାରିଥିଲା। ଫଳରେ ଆହତ ହାତୀଟି ଗୁରୁତର ହୋଇପଡିଥିଲା। ପରେ ଡ୍ରାଇଭର ବସ୍ ନେଇ ବଡ଼ବିଲ ଚାଲି ଯାଇଥିଲେ। ଏହି ସୁଯୋଗରେ ରାସ୍ତା ତଳକୁ ଖସି ଯାଇଥିବା ଟ୍ରକର ଡ୍ରାଇଭର ଓ ହେଲପର ବି ଫେରାର ହୋଇଯାଇଥିଲେ। ଖବର ପାଇ ବୁଧବାର ରାତିରୁ ଘଟଗାଁ ରେଞ୍ଜ ବନକର୍ମଚାରୀ ଓ ଫରେଷ୍ଟର ମୃତ ଓ ଆହତ ହାତୀକୁ ଜଗି ରହିଥିଲେ। ଘଟଗାଁ ପୋଲିସ ମଧ୍ୟ ଉପସ୍ଥିତ ଥିଲା। ସକାଳୁ ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଲୋକେ ସେଠାରେ ଭିଡ ଜମାଇଥିଲେ। କେନ୍ଦୁଝର ଡିଏଫ୍‌ଓ ସନ୍ତୋଷ ଯୋଶୀ ଉଦ୍ଧାର କାର୍ଯ୍ୟର ତଦାରଖ କରିବା ସହିତ ଆହତ ହାତୀର ଚିକିତ୍ସା ବ୍ୟବସ୍ଥା କରିଥିଲେ। ହେଲେ ଗୁରୁବାର ମଧ୍ୟାହ୍ନରେ ଆହତ ହାତୀର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଐରାବତ ବସ୍‌କୁ ବନ ବିଭାଗ ବଡବିଲ ନିକଟ ମାଟକାମବେଡାସ୍ଥିତ କଳିଙ୍ଗ କଲୋନୀ ଅଞ୍ଚଳରୁ ଜବତ କରିଛି। ବସ୍‌ର ଡ୍ରାଇଭର ଝୁମ୍ପୁରା ଥାନା ଅନ୍ତର୍ଗତ ଅର୍ଶଳା ଗ୍ରାମର ରାଜ କିଶୋର ମହାନ୍ତଙ୍କୁ କେନ୍ଦୁଝର ଡିଏଫ୍‌ଓଙ୍କ ନିର୍ଦ୍ଦେଶ ଅନୁଯାୟୀ ଗିରଫ କରାଯାଇଥିବା ବଡବିଲ ବନାଞ୍ଚଳ ଅଧିକାରୀଙ୍କ ଦାୟିତ୍ୱରେ ଥିବା ଚମ୍ପୁଆ ଡେପୁଟି ରେଞ୍ଜର ଘାସିନାଥ ପାତ୍ର କହିଛନ୍ତି। ଗିରଫ ବସ୍ ଚାଳକ ମହାନ୍ତଙ୍କ କହିବା ଅନୁଯାୟୀ, ବସ୍ ଆଗରେ ଦ୍ରୁତଗତିରେ ଯାଉଥିବା ଟ୍ରକ ପ୍ରଥମେ ହାତୀ ପଲକୁ ଧକ୍କା ମାରି ରାସ୍ତା ତଳକୁ ଖସିଯାଇଥିଲା। ଟ୍ରକ ଧକ୍କାରେ ୨ ହାତୀ ଛିଟିକି ପଡିଥିଲେ। ଏହାପରେ ମୁଁ ବସ୍ ଉପରୁ ନିୟନ୍ତ୍ରଣ ହରାଇ ବସିଥିଲି। ଫଳରେ ବସ୍‌ଟି ଅନ୍ୟ ଏକ ହାତୀକୁ ଧକ୍କା ମାରିଥିଲା। ଟ୍ରକ ଧକ୍କାରେ ୨ ହାତୀଙ୍କ ମୃତ୍ୟୁ ଘଟିଥିଲା ବେଳେ ବସ୍ ଧକ୍କାରେ ଆହତ ହାତୀର ମୃତ୍ୟୁ ଘଟିଥିଲା ବୋଲି ସେ କହିଛନ୍ତି।

ଦୁର୍ଘଟଣା ପରେ ସେହି ରାସ୍ତାରେ ଯାତାୟାତ ବ୍ୟାହତ ହୋଇଥିଲା। ସଡ଼କ ଦୁର୍ଘଟଣାରେ ଏକସଙ୍ଗେ ୩ ହାତୀଙ୍କ ମୃତ୍ୟୁ ଘଟିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ହାତୀମାନଙ୍କ ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ହାତୀ କରିଡରରେ କିପରି ଯାନବାହନ ଚଳାଚଳ କରିବ ସେଥିପ୍ରତି ବନ ବିଭାଗ ସଚେତନତା ସୃଷ୍ଟି କରୁ ନ ଥିବାରୁ ଏପରି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଘଟଗାଁ ଫରେଷ୍ଟ ରେଞ୍ଜର କର୍ମଚାରୀମାନେ ରାତିରେ ପାଟ୍ରୋଲିଂ କରୁ ନ ଥିବାରୁ ଏପରି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ହେଲେ ଏପରି ଅଭିଯୋଗକୁ ଡିଏଫଓ ଖଣ୍ଡନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ନୂତନ କର୍ମାରମ୍ଭ ପ୍ରୀତିପଦ ହେବାରୁ ମାନସିକ ସ୍ତରରେ ବହୁତ ଖୁସି ରହିବେ। ରାଜନୀତିରେ କିମ୍ବା ସାମାଜିକ ସ୍ତରରେ ବହୁତ ଲୋକଙ୍କଠାରୁ ଆଦର ସମ୍ମାନ ପାଇବେ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପିଲାମାନଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଆର୍ଥିକସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବ।

**ବୃଷ** – କର୍ମକ୍ଷେତ୍ରରେ ସହଯୋଗ ଲାଭକରି କାର୍ଯ୍ୟ ହାସଲ କରିବେ। ଅପେକ୍ଷା କରିଥିବା କାମରେ ବନ୍ଧୁଙ୍କ ନିକଟରୁ ନାସ୍ତିସୂଚକ ସୂଚନା ପାଇ ବିଚଳିତ ହୁଅନ୍ତୁ ନାହିଁ। ପ୍ରିୟବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସରୁ ଦୂରେଇ ରହିବାକୁ ବାଧ ହେବେ। ସହଜାତପ୍ରବୃତ୍ତି ଜନିତ ନିଜର କୃତି ଓ କୃତିତ୍ୱ ହେତୁ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ସମ୍ମାନିତ ହୋଇପାରନ୍ତି।

**ମିଥୁନ** – ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବାରୁ ମାନସିକ ଶାନ୍ତି ଫେରି ଆସିବ। ଅଟକି ରହିଥିବା କାମଟି ବନ୍ଧୁଙ୍କ ମାଧ୍ୟମରେ କାର୍ଯ୍ୟ ହାସଲ କରାଇବାରେ ସମର୍ଥ ହେବେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ପୁରସ୍କୃତ ହେବାର ସୌଭାଗ୍ୟ ଜୁଟିବାର ସମ୍ଭାବନା ରହିଛି। ପଡ଼ୋଶୀଙ୍କ ମାଧ୍ୟମରେ ଆନନ୍ଦଦାୟକ ଖବର ପାଇ ବିସ୍ମିତ ହୋଇପାରନ୍ତି।

**କର୍କଟ** – ଦୀର୍ଘ ଦିନର ଅଭିଳଷିତ କାର୍ଯ୍ୟ ସାଧନ ନିମିତ୍ତ ଅନୁକୂଳ ବାତାବରଣ ସୃଷ୍ଟି ହେବାରୁ ଖୁସି ହେବେ। ସମସ୍ୟା ସମାଧାନ କ୍ଷେତ୍ରରେ ଅଧୀର ନ ହୋଇ ମନ୍ଥର ଗତିରେ ଆଗକୁ ବଢ଼ିବା ଭଲ। ମାନସିକ ଅଶାନ୍ତିକୁ ଦୂରେଇବାରେ ପ୍ରିୟବନ୍ଧୁଙ୍କ ଅବଦାନକୁ ଭୁଲିହେବନି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ଆଲୋଚନା କ୍ଷେତ୍ରରେ ଅନୁକୂଳ ଫଳ ମିଳିବ।

**ସିଂହ** – ଆର୍ଥିକ ସ୍ଥିତିର ଅଭିବୃଦ୍ଧି ଅଭିଳଷିତ କାର୍ଯ୍ୟ ସମ୍ପାଦନ ଦିଗରେ ସାହାଯ୍ୟ କରିବ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକକୁ ଦୂରେଇବାରେ ସମର୍ଥ ହେବେ। ଦେହ ଭଲ ରହିବ। ଆଜ୍ଞାବହ ଭାବେ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଯାହା ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କନ୍ୟା** – ବନ୍ଧୁଙ୍କ ମାଧ୍ୟମରେ ଅର୍ଥ ଲାଭ ସାଙ୍ଗକୁ ସମସ୍ୟା ସମାଧାନ କରିବା ସକାଶେ ପ୍ରଯତ୍ନ କରିପାରନ୍ତି। ଗୁରୁଜନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାମ କରିବା ଠିକ୍ ହେବ, ଯାହାକି ଆପଣଙ୍କ ପାଇଁ ଭଲ ମଧ୍ୟ ହେବ। ଦେହ ଭଲ ରହିବ। ବ୍ୟବସାୟ, ପରିବହନ, ହୋଟେଲ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** – ଅସମର୍ଥିତ ସୂତ୍ରରୁ ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ଆତ୍ମୀୟମାନଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। ଦୁଶ୍ଚିନ୍ତା ଜନିତ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଗତ କିଛି ଦିନ ହେଲା ଦୋକାନୀ ନିକଟରୁ କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହେବ।

**ବିଛା** – ଯେତେ ଚେଷ୍ଟା କଲେ ମଧ୍ୟ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହେବା ସମସ୍ୟାବହୁଳ ହୋଇପାରେ। ଘଟିଯାଇଥିବା ଘଟଣାଗୁଡ଼ିକ ଅସାଧାରଣ ମନେହେବ। ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ଅଭାବ ନ ଥିଲେ ମଧ୍ୟ କେତେକ ଅନିଚ୍ଛାକୃତ କାରଣକୁ ନେଇ ମନ ଭଲ ରହିବ ନାହିଁ।

**ଧନୁ** – ପୂର୍ବ ବିବାଦକୁ କେନ୍ଦ୍ରକରି ନିଜ ଲୋକମାନେ ଦୂରେଇ ଯିବା କାରଣରୁ ମନଟା ଭଲ ଲାଗିବ ନାହିଁ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନଚେତ୍ ଅସୁବିଧାର ସମ୍ମୁଖୀନ ହେବେ। ନିଜର ଦକ୍ଷତା ହେତୁ ସଭାସମିତିରେ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ନୀରବ ରହିବା ଆପଣଙ୍କ ସକାଶେ ଭଲ ହେବ।

**ମକର** – ଅବହେଳା ଯୋଗୁ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା ସକାଶେ ଅନୁତାପ କରିବେ। ସାମାଜିକ ସ୍ତରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ଲାଭ କରିବେ। ବନ୍ଧୁମାନଙ୍କ ଅସହିଷ୍ଣୁ ମନୋଭାବରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ବିଶେଷ କିଛି ଅସୁବିଧା ହେବନାହିଁ।

**କୁମ୍ଭ** – ପରୋକ୍ଷଭାବେ ଶତ୍ରୁତା କରୁଥିବା ଅନେକ ଲୋକ ଆପଣଙ୍କ ପଛରେ କିନ୍ତୁ କିଛି ଅସୁବିଧା ହେବନାହିଁ। ତଥାପି କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ଚିନ୍ତାଧାରା ପୋଷଣ କଲେ ଅସୁବିଧାରେ ପଡ଼ିବେ। ଆଜିର ଯାତ୍ରା, କଳା, ସାହିତ୍ୟରୁ ପ୍ରଶଂସିତ ହେବେ। ଯାନବାହନ ଚାଳନାରେ, କ୍ରୟ ବିକ୍ରୟ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ।

**ମୀନ** – ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ପାରିବାରିକ କ୍ଷେତ୍ରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଭଙ୍ଗା ପଡ଼ିଯାଇଥିବା ବନ୍ଧୁସମ୍ପର୍କ ପୁନଶ୍ଚ ଦୃଢ଼ୀଭୂତ ହୋଇପାରିବ। ରୋଗ, ଋଣ ଓ ଶତ୍ରୁତା ବିଷୟରେ ଚିନ୍ତାକରି ମାନସିକ ସ୍ଥିତି ଭଲ ରହିବ ନାହିଁ।

ଆଜି ସ୍ମାର୍ତ୍ତସମ୍ମତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଅଗଷ୍ଟ ୨୩ ତାରିଖ, ଶୁକ୍ରବାର, ରାଶି ନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ୧୦।୦୦ମି. ଗତେ, ବୃଷ ଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ଘ୬।୫୦ମି. ମଧ୍ୟେ ଘ୪।୪୪ ମି. ଗତେ, ଘ୬।୨୦ମି. ମଧ୍ୟେ ଅମୃତ ବେଳା। ଦିବା ଘ୬।୫୦ମି. ଗତେ ଘ୮।୨୨ମି. ମଧ୍ୟେ, ଘ୧୧।୪୩ମି. ଗତେ ଘ୧।୧୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୧୫ମି. ଗତେ ଘ୧୧।୪୯ମି. ମଧ୍ୟେ ରାହୁକାଳ।

## ଆଶ୍ରମ ସ୍କୁଲ ଛାତ୍ରୀଙ୍କୁ ଗର୍ଭବତୀ କରିବା ମାମଲା

# ଅଭିଯୁକ୍ତ ରୋଷେୟାଙ୍କୁ ଆଜୀବନ କାରାଦଣ୍ଡ

**ମାଲକାନଗିରି, ୨୨।୮ (ଡି.ଏନ୍.ଏ.):** ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକସ୍ଥିତ ଏକ ଆଶ୍ରମ ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଗର୍ଭବତୀ କରିବା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ମାମଲାର ବିଚାର କରି ମାଲକାନଗିରି ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଜ୍ଞା ନଳିନୀ ମିଶ୍ର ନିଜ ରାୟରେ ଅଭିଯୁକ୍ତ ପର୍ଶୁରାମ ପଡିଆମୀଙ୍କୁ ଆଜୀବନ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଅର୍ଥ ଅନାଦାୟ ହେଲେ ଅଭିଯୁକ୍ତଙ୍କୁ ଅଧିକ ଦୁଇମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତଙ୍କ ରାୟରେ ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ, ଆଶ୍ରମ ବିଦ୍ୟାଳୟରେ ପଢୁଥିବା ଜଣେ ୫ମ ଶ୍ରେଣୀ ନାବାଳିକାଙ୍କୁ ଉକ୍ତ ବିଦ୍ୟାଳୟର ରୋଷେୟା ପର୍ଶୁରାମ ପଡିଆମୀ ଭୟ ଦେଖାଇ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିଥିଲେ। ଏ ନେଇ ପୀଡିତାଙ୍କ ବାପା ଥାନାରେ ମାମଲା ରୁଜୁ କରିଥିଲେ। ଓର୍କେଲ ଥାନା କେସ୍.ନଂ ୬୨/୧୭ ଅନୁଯାୟୀ ମାମଲାରେ ୩୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜିଲା ଦୌରାଜଜ୍ ଏହି ରାୟ ଶୁଣାଇଥିଲେ। ଓର୍କେଲ ଥାନାଧିକାରୀ ସନ୍ତୋଷୀ ବାରିକ ଘଟଣାର ତଦନ୍ତ କରିଥିବାବେଳେ ସରକାରୀ ଓକିଲ ଲମ୍ବୋଦର ତୁରୁକ ମାମଲା ପରିଚାଳନା କରିଥିଲେ।


# classifieds Everyday 0674-2580101, 2549302




**SALE**

Own sthitiban residential 1200 sqft. plot for sale. 9937816565, 9937568585. D-13942

**Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730.** D-66760

**2 Bedroom ready to move flat at Pokhariput, Bhubaneswar, genuine buyers directly contact Deepak: 9937329999.** D-66282

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67355

ପାଠକଙ୍କ ପାଇଁ ସୂଚନା:
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66764

4BHK duplex with Gated Community at Balianta (Land-1400 construction-2200 @ 55lakh and 2600 @ 65lakh) Contact Mplanets: 9938219397, 9861022055. D-13981

Corner plot (5,200 sqft. approx., sthitiban status) with newly constructed three storied building with compound wall having two separate entry for vehicles on both sides. Suitable for Residence, Guest House, Holiday Home, Bank etc. Address: Jagannath Colony, near Railway Phatak, Puri-Konark Road, Puri- 752002 (Odisha) Approx. 2.5 km from Gundicha Mandir. Approx. roof area in Sqft.: 1st floor (1,500) + 2nd floor (1,500) + 3rd floor (500) + outhouse (540)= 4,040 Contact details: 9835532641, rajeshkrsarangi@gmail.com D-63781




Contact for interior design of ceiling, TV Unit, Wardrobe and modular kitchen from the experts call: 7008550473. D-13980

**GENERAL**

**SALE**

ଅଟା ମିଲ୍ ଯନ୍ତ୍ରପାତି ସୁଲଭ ମୂଲ୍ୟରେ କିଣିବାପାଇଁ ଯୋଗାଯୋଗ କରନ୍ତୁ। 9861442380, 9937713209. D-13997




Ground floor with toilet at Changing chowck, suitable for office, consultancy, Dr. Chamber, Diagnostic, medicine store, Parlour. Call: 7008813110. D-14008

Two bedroom, drawing room, Verandah, car parking at Shivaji Nagar, Deulasahi, Cuttack (Preferably small family). Contact: 9937039177, Rent-8000. D-14006

3BHK Apartment with garage for rent, family only at Bomikhal, Bhubaneswar: 9238574993. D-14009




Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66945

Newly open Herbal full body massage lady & gents. 8018246332. D-66942

Experience full body massage with us (expert). Call: 7377048581, 06742597822. D-67359

Kajal ayurvedic massage club fully relaxed by smart lady, home service available. 9937637219. D-66943

Herbal full body massage by smart / expert therapist. Contact: 8338067247. D-67356

Summer special mesmerizing offer expert therapeutic refreshing massage appointment. 9668374480. D-67357

Full body herbal massage with refreshment expert therapist. 7381239385, 06742540855. D-67358

**AFFIDAVIT**

By virtue of an affidavit before Executive Magistrate, Bhubaneswar vide CF No. 78 dt. 21.08.2019 I, Sanket Sujogya Mishra solemnly affirm that I shall be known as Sanket Sujogya Mishra. Sujogya Mishra and Sanket S. Mishra is one and same person instead of Sujogya Mishra wrongly mentioned in my birth certificate. Sanket Sujogya Mishra. D-14002



## ଜିଲା ଚିଠି କନ୍ଧମାଳ

# ଡେପୁଟେଶନ ଚିନ୍ତା

କନ୍ଧମାଳ ଜିଲାରେ ଜୋରଯାର ମୁଲକ ତା'ର ନୀତି ବେଶି ଚାଲିଛି। ଜିଲାର ଛାମୁଆ ନେତା କି ଜନପ୍ରତିନିଧିଙ୍କ କୌଣସି କ୍ଷମତା ଥିବା କେବେ ଦେଖିବାକୁ ମିଳେନାହିଁ। ଅଫିସରମାନେ କେବଳ ଲୋକ ଦେଖାଣିଆ ଭାବେ ହଁ ମାରନ୍ତି। କିନ୍ତୁ ନିଜ ଇଚ୍ଛାରେ କାମ କରନ୍ତି। କାହାକୁ ଧରିଲେ ଜିଲାରେ କାମ ହେବ ତାହା ଏଠାର ଅଫିସର ଏବଂ କର୍ମଚାରୀଙ୍କୁ ବେଶ୍ ଜଣା। ତେଣୁ ନିଜ ସ୍ୱାର୍ଥ ହାସଲ ପାଇଁ ମେଡିକାଲର ନର୍ସ, ଡାକ୍ତର, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ସେହି ଅଦୃଶ୍ୟ କ୍ଷମତା କେନ୍ଦ୍ର ପାଖକୁ ଯାଆନ୍ତି। କାମ ବି ହାସଲ ହୋଇଯାଏ। ଅନ୍ୟପଟେ କିନ୍ତୁ ଜିଲାର ଉନ୍ନତି ବଦଳରେ ଖାଲି କ୍ଷତି ସହିବାକୁ ପଡ଼େ। ଏହାକୁ ନେଇ ଅନ୍ୟମାନେ ଯେତେ ଆର୍ତ୍ତନାଦ କଲେ ବି କେହି ଶୁଣନ୍ତି ନାହିଁ। ଯାହା ଜିଲାର ସ୍ୱାସ୍ଥ୍ୟସେବା ଏବଂ ଉନ୍ନୟନ କାର୍ଯ୍ୟରେ ଦେଖିବାକୁ ମିଳିଛି। କେତେଜଣ ଡାକ୍ତର, ନର୍ସ, ଫାର୍ମାସିଷ୍ଟଙ୍କ ନିଯୁକ୍ତି କ୍ଷେତ୍ର କନ୍ଧମାଳ ହୋଇଥିବା ସତ୍ତ୍ୱେ ସେମାନେ ଏଠାରେ ସେବା ଯୋଗାଉ ନାହାନ୍ତି। ଡେପୁଟେଶନରେ ଯାଇ ବାହାରେ କାମ କରୁଛନ୍ତି। କିନ୍ତୁ କନ୍ଧମାଳରୁ ଦରମା ନେଉଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଚିଠି କରି ଥକି ଗଲେଣି ହେଲେ କିଛି ଫଳ ମିଳୁନାହିଁ। ୨୦୧୪ରୁ ଗୋଚ୍ଛାପଡାରୁ ଜଣେ ଓ ୨୦୧୮ରୁ ବ୍ରାହ୍ମଣପାଦରୁ ଜଣେ ଫାର୍ମାସିଷ୍ଟ ବ୍ରହ୍ମପୁର ବଡ଼ ମେଡିକାଲକୁ ଡେପୁଟେଶନରେ ଯାଇ କାମ କରୁଛନ୍ତି। ସେହିପରି ୨୦୧୫ରୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରୁ ଜଣେ ନର୍ସ କଟକ ବଡ଼ ମେଡିକାଲ ଏବଂ ଗତ ମେ ମାସରୁ ଜଣେ ଇଏନ୍‌ଟି ଡାକ୍ତର ବ୍ରହ୍ମପୁରକୁ ଡେପୁଟେଶନରେ ଯାଇ କାମ କରୁଛନ୍ତି। କେହି ହେଲେ ଏ ଯାଏ ନିଜ ନିଯୁକ୍ତି ସ୍ଥାନକୁ ଫେରିନାହାନ୍ତି। ଡେପୁଟେଶନରେ ଯାଇଥିବା ସ୍ଥାନରେ ଥାଇ କନ୍ଧମାଳରୁ ଦରମା ନେଇ ଚାଲିଛନ୍ତି। ଏପଟେ ଲୋକେ ଚିକିତ୍ସା ସେବା ନ ପାଇ ହଇରାଣ ହେଉଛନ୍ତି। ସେହିପରି ଆଉ ଗୋଟିଏ ଗୋଲକ ଧନ୍ଦା ଯନ୍ତ୍ରୀମାନଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ବର୍ତ୍ତମାନ ସରକାର ଯେଉଁ ୫-ଟି କଥା କହୁଛନ୍ତି, ତାହା କନ୍ଧମାଳ ଆସିଲେ ବେଶ୍ ଭଲ ଭାବେ ବାରି ହୋଇପଡ଼ିବ। ୨ ଜଣ ଯନ୍ତ୍ରୀ ନିଜର ଫାଇଦା ପାଇଁ ଦୁଇ ଦୁଇଟି ବିଭାଗ ଚତୁରତାର ସହ ମାଡ଼ି ବସିଛନ୍ତି। ସେହି ଅଦୃଶ୍ୟ କ୍ଷମତା କେନ୍ଦ୍ରର ଚାପରେ ଜିଲା ପ୍ରଶାସନ ଚୁପ୍ ରହିବାକୁ ବାଧ୍ୟ ହୋଇଥିବା ଆଲୋଚନା ହେଉଛି। ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ)ର ଜଣେ ଯନ୍ତ୍ରୀଙ୍କୁ ତୁମୁଡ଼ିବନ୍ଧ ବ୍ଲକ ଦାୟିତ୍ୱ ଦିଆଯାଇଛି। ସେହିପରି ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅନ୍ୟ ଜଣେ ଯନ୍ତ୍ରୀ ମେଡିକାଲ ବାହାନା ଦେଖାଇ ଫୁଲବାଣୀ ଆଇଟିଡିଏକୁ ଡେପୁଟେଶନରେ ଆସିଛନ୍ତି। ମାତ୍ର ତାଙ୍କୁ ପୁଣି ଫୁଲବାଣୀ ବ୍ଲକର ସହକାରୀ ଯନ୍ତ୍ରୀ ଦାୟିତ୍ୱ ଦିଆଯାଇଛି। ଯଦି କାହା ଦେହ ଖରାପ ହେବ ସେ ଚିକିତ୍ସିତ ହେବା ପରେ ତା'ର ନିଜ ସ୍ଥାନକୁ ଫେରି ଯିବା କଥା ବା ଜିଲା ପ୍ରଶାସନ ଫେରାଇ ଦେବା କଥା। ଏହା ନ ହୋଇ ଯନ୍ତ୍ରୀଙ୍କୁ କାହିଁକି ଦୁଇଟି ବିଭାଗ ଦାୟିତ୍ୱରେ ରଖାଯାଇଛି ତାହା ସମସ୍ତଙ୍କୁ ଜଳଜଳ ଦିଶୁଛି। ସବୁଆଡ଼େ ଖାଲି ଗୋଟିଏ କଥା ଆଉ ଫେରିବା ନାଁ ଧରୁନାହାନ୍ତି।

– ରାକେଶ କୁମାର ରାଉତ

## ■ ୨୦୧୮-୧୯ ଆର୍ଥିକ ବର୍ଷ

# ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ୪୨୭ କୋଟି ସେସ୍ ସଂଗୃହୀତ

### ଏଯାବତ୍ ୧୯୨୦ କୋଟି ସଂଗୃହୀତ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷରେ ୪୨୭ କୋଟି ଟଙ୍କାର ସେସ୍ ସଂଗୃହୀତ କରାଯାଇଛି, ଯାହାକି ବିଗତ ବର୍ଷଗୁଡ଼ିକ ତୁଳନାରେ ସର୍ବାଧିକ। କଲ୍ୟାଣ ବୋର୍ଡର ଅଦ୍ୟାବଧି ମୋଟ ୧୯୨୦ କୋଟି ଟଙ୍କା ସେସ୍ ସଂଗୃହୀତ ହୋଇଛି । ସେହିପରି ଏ ପର୍ଯ୍ୟନ୍ତ ୧୪୦୮ କୋଟି ଟଙ୍କା ୧୨ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ବିଭିନ୍ନ କଲ୍ୟାଣମୁଖୀ ଯୋଜନାରେ ପ୍ରଦାନ କରାଯାଇଥିବା ଜଣାପଡିଛି। ଅନୁରୂପ ଭାବେ ଚଳିତ ବର୍ଷ ସେସ୍ ଆଦାୟକୁ ବିଭାଗ ତରଫରୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଶ୍ରମ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ନେଇ କରିଥିବା ଏକ ସମୀକ୍ଷା ବୈଠକରୁ ଏହା ଜଣାପଡିଛି।

ନିର୍ମାଣ ଶ୍ରମିକ ପଞ୍ଜୀକରଣ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ କାର୍ଯ୍ୟସ୍ଥଳରେ ଶ୍ରମିକମାନଙ୍କ ନିକଟରେ ପହଞ୍ଚି ପଞ୍ଜୀକରଣ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି । ଖିଲାପି ସଂସ୍ଥା ଓ ବ୍ୟକ୍ତିବିଶେଷ ସେମାନଙ୍କ ଦେୟ ଠିକଣା ସମୟରେ ପ୍ରଦାନ କରିବାକୁ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଓଡ଼ିଶାର ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ନିର୍ମାଣ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଅଧୀନରେ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ସ୍ଥାପନ କରାଯାଇ ଏକ ରାଜ୍ୟସ୍ତରୀୟ କଲ୍ୟାଣ ପାଣ୍ଠି ଗଠନ କରାଯାଇଛି।

କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ସେସ୍ ଆଇନ ଅନୁଯାୟୀ ରାଜ୍ୟ ସରକାର ୨୦୦୮ ଡିସେମ୍ବରରେ ବିଜ୍ଞପ୍ତି ଜାରି କରିଥିଲେ। ତଦନୁଯାୟୀ ରାଜ୍ୟର ପ୍ରତ୍ୟେକ ନିର୍ମାଣ ସଂସ୍ଥାଠାରୁ ନିର୍ମାଣ ପ୍ରକଳ୍ପର ମୋଟ ଖର୍ଚ୍ଚ (ଜମିର ମୂଲ୍ୟ ଓ କର୍ମଚାରୀ କ୍ଷତିପୂରଣ ଆଇନରେ ମିଳୁଥିବା କ୍ଷତିପୂରଣ ବ୍ୟତୀତ)ର ଏକ ପ୍ରତିଶତ ସେସ୍ ବାବଦ ଦେୟ ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ପାଣ୍ଠିରେ ପଇଠ କରିବା ଜରୁରୀ। ମାତ୍ର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତିଗତ ବାସଗୃହ ନିର୍ମାଣ କ୍ଷେତ୍ରରେ ଏହି ଏକ ପ୍ରତିଶତ ସେସ୍ ଆଦାୟକୁ ବାଦ ଦିଆଯାଇଛି। କଲ୍ୟାଣ ବୋର୍ଡ ତରଫରୁ ପଞ୍ଜୀକୃତ ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ ନିମନ୍ତେ ଏହି ପାଣ୍ଠିରୁ ଅର୍ଥ ବ୍ୟବସ୍ଥା କରାଯାଉଛି। ଶ୍ରମ ବିଭାଗରେ ପ୍ରଯୁକ୍ତି ବିଦ୍ୟା ଉପଯୋଗ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ଏପରିକି ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ବର୍ତ୍ତମାନ ମାଲିକ କର୍ତ୍ତୃପକ୍ଷଙ୍କଠାରୁ ସିଧାସଳଖ ସେସ୍ ପାଇବା ନିମନ୍ତେ ଷ୍ଟେଟ୍ ବ୍ୟାଙ୍କର ଏସ୍‌ବି କଲେକ୍ଟକୁ ଉପଯୋଗ କରାଯାଇଛି।

## ■ ଉଚ୍ଚଶିକ୍ଷା ଏବଂ ଗଣଶିକ୍ଷା ବିଭାଗର ମିଳିତ ବୈଠକ

# ଜମିଜମା ସଂକ୍ରାନ୍ତୀୟ ସମସ୍ୟା ଦୂର ଉପରେ ପ୍ରାଥମିକତା

■ ୩ରୁ ୪ ବର୍ଷରେ ପୃଥକ୍ ହେବ ଯୁକ୍ତ ୩ ଓ ଯୁକ୍ତ ୨ କଲେଜ

■ ୨ ମାସରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ଯୁକ୍ତ ୩ ଏବଂ ଯୁକ୍ତ ୨ କଲେଜକୁ ପୃଥକ୍ କରିବା ପାଇଁ ସରକାରଙ୍କ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଆରମ୍ଭ କରାଯାଇଛି। ଏହା ଉପରେ ସରକାରୀସ୍ତରରେ ପ୍ରାଥମିକତା ସହ ବିଚାର କରିବା ଆରମ୍ଭ ହୋଇଛି। ଗୁରୁବାର ଲୋକସେବା ଭବନଠାରେ ଉଚ୍ଚଶିକ୍ଷା ବିଭାଗ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ମିଳିତ ବୈଠକରେ ଏହା ଉପରେ ନିଷ୍ପତ୍ତି ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଯୁକ୍ତ ୩ ସରକାରୀ କଲେଜର ୭୭୭ଜଣ ଅଧ୍ୟାପକ ବର୍ତ୍ତମାନ ଯୁକ୍ତ ୨ କଲେଜ ଛାତ୍ରୀଛାତ୍ରଙ୍କୁ ପାଠ ପଢାଉଛନ୍ତି, ଯାହାଫଳରେ ଯୁକ୍ତ ୩ କଲେଜର ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ହେଉଛି। ତେଣୁ ଏନେଇ ସରକାର ପ୍ରାଥମିକତା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଯୁକ୍ତ ୨ କଲେଜରେ ପାଠ ପଢାଇବା ପାଇଁ ସରକାର ପ୍ରଥମେ ନୂଆ ଅଧ୍ୟାପକ ନିଯୁକ୍ତ କରିବେ। ସେହିପରି ଉଚ୍ଚଶିକ୍ଷା ବିଭାଗର ୬ଶହ ସରକାରୀ ଅଧ୍ୟାପକ ପଦବୀ ଖାଲି ରହିଥିବା ବେଳେ ଏହାକୁ ପୂରଣ କରିବାକୁ ବିଭାଗ ଉଦ୍ୟମ ଆରମ୍ଭ କରିଛି। ଏଥିରୁ ୩ଶହ ପଦବୀ ପାଇଁ ଅର୍ଥ ବିଭାଗ ଅନୁମତି ପ୍ରଦାନ କରିସାରିଥିବା ବେଳେ ବାକି ପଦବୀ ପାଇଁ ଫାଇଲ ଯାଇଥିବା ଜଣାପଡିଛି। ସେହିପରି କଲେଜଗୁଡିକର ଜମିଜମା ସଂକ୍ରାନ୍ତୀୟ ସମସ୍ୟା ଉପରେ ମଧ୍ୟ ବିଶେଷ ଆଲୋଚନା ହୋଇଛି। ଉଭୟ ଯୁକ୍ତ ୩ ଏବଂ ଯୁକ୍ତ ୨ କଲେଜ ଏକାଠି ଥିବାବେଳେ କେଉଁ କଲେଜ ନାମରେ କେଉଁ ଜମି ରହିଛି ସେନେଇ ଠିକ୍ ଭାବେ ଜଣାପଡିନାହିଁ। ଯେଉଁଥିଲାଗି ସରକାର ଯୁକ୍ତ ୨ କଲେଜ ନାଁରେ କେଉଁ ଜମି ରହିଛି ଏବଂ ଯୁକ୍ତ ୩ କଲେଜ ନାଁରେ କେଉଁ ଜମି ଅଛି ତା'ର ତଥ୍ୟ ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସମସ୍ୟା କାରଣରୁ ବିଶ୍ୱବ୍ୟାଙ୍କ ଏବଂ ନାକ୍‌ଠାରୁ ଯେତିକି ଅର୍ଥ ମିଳିବା କଥା ତାହା କଲେଜଗୁଡିକୁ ମିଳିପାରୁ ନାହିଁ ବୋଲି ବୈଠକରେ ଆଲୋଚନା ହୋଇଛି। ତେଣୁ ୨ ମାସ ମଧ୍ୟରେ ପ୍ରତ୍ୟେକ କଲେଜ ଅଧ୍ୟାପକ ସମସ୍ୟା, ଶ୍ରେଣୀଗୃହ ପୃଥକୀକରଣ ଏବଂ ଜମିଜମା ସମସ୍ୟା ଉପରେ ତଥ୍ୟ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏହାସହିତ କେତେକ ମହାବିଦ୍ୟାଳୟରେ ଯୁକ୍ତ୨ କଲେଜ ଏକାଠି ରହିଛି ଏହାର ହିସାବ ୭ ଦିନ ମଧ୍ୟରେ ପ୍ରଦାନ କରିବା ପାଇଁ ମଧ୍ୟ କୁହାଯାଇଛି। ବୈଠକ ଶେଷରେ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି, ବିଭିନ୍ନ କଲେଜରେ ଥିବା ସମସ୍ୟାକୁ ସମାଧାନ କରିବା ଲାଗି ପ୍ରାୟ ୩ରୁ ୪ ବର୍ଷ ଲାଗିଯିବ। ପ୍ରଥମେ ଯୁକ୍ତ ୩ ଏବଂ ଯୁକ୍ତ ୨ କଲେଜର ଅଧ୍ୟାପକମାନଙ୍କୁ ଅଲଗା କରାଯିବ। ଏହି ସମସ୍ୟାର ସମାଧାନ କରାଯିବା ପରେ ଯାଇ ଉଭୟ ଯୁକ୍ତ ୨ ଏବଂ ଯୁକ୍ତ ୩ କଲେଜ ପୃଥକ୍ ହୋଇପାରିବ ବୋଲି ସେ କହିଛନ୍ତି। ଏହି ବୈଠକରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ବିଭାଗୀୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବେଙ୍ଗାଲୁରୁରେ ଗଜପତି ଯୁବକଙ୍କ ଡେଙ୍ଗୁରେ ମୃତ୍ୟୁ

**ପାରଳାଖେମୁଣ୍ଡି, ୨୨।୮(ସ୍ୱ.ପ୍ର.):** ଗଜପତି ଜିଲା ଗୁମ୍ମା ବ୍ଲକ୍ ଅନ୍ତର୍ଗତ ଲବାର ଗ୍ରାମର ଜଣେ ଯୁବକ ଡେଙ୍ଗୁରେ ଆକ୍ରାନ୍ତ ଥାଇ ବେଙ୍ଗାଲୁରୁରେ ତାଙ୍କର ମୃତ୍ୟୁ ହୋଇଛି। ଗ୍ରାମର ମହିପାଳ ରଇତ(୨୦) ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସିଲେଇ ତାଲିମ ନେଇ ବେଙ୍ଗାଲୁରୁର ଘରୋଇ ଶିଳ୍ପାନୁଷ୍ଠାନରେ ୪ମାସ ହେଲା କାର୍ଯ୍ୟ କରୁଥିଲେ। ସେ ୫ଦିନ ତଳେ ଅସୁସ୍ଥ ହୋଇଥିଲେ। ବୁଧବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଛି। ତେବେ ପ୍ରଶାସନର ଜଣେ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ମୃତକଙ୍କ ସମ୍ପର୍କୀୟ ବେଙ୍ଗାଲୁରୁ ଯାଇଛନ୍ତି। ସେଠାରୁ ଯୁବକଙ୍କ ମୃତଦେହ ଏକ ଆମ୍ବୁଲାନ୍ସ ଯୋଗେ ଗଜପତି ଆଣୁଛନ୍ତି।

# ଭିସୁଟ୍‌ରେ ର୍‍ୟାଗିଂ

■ ଭିଡିଓ ଭାଇରାଲ ପରେ ସତ୍ୟ ସାମ୍ନାକୁ ଆସିଲା

■ ଗୋଟିଏ ବର୍ଷ ପରୀକ୍ଷାରୁ ବାଦ୍ ପଡ଼ିଲେ ୧୦ ଛାତ୍ର

■ ଜରିମାନା ଦେବେ ୫୨ଜଣ ଛାତ୍ର



ଛାତ୍ରମାନଙ୍କୁ ର୍‍ୟାଗିଂ ହୋଇଥିବା ଭାଇରାଲ ଭିଡିଓର ଫଟୋ।

ସମ୍ବଲପୁର,୨୨।୮(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ରେ ର୍‍ୟାଗିଂ ଭିଡିଓ ଭାଇରାଲ ହୋଇଛି। ପ୍ରଥମ ବର୍ଷର ଛାତ୍ରମାନଙ୍କୁ ସିନିୟର ଛାତ୍ରମାନେ ର୍‍ୟାଗିଂ କରୁଥିବା ଏହି ଭିଡିଓରୁ ଜଣାପଡିଛି। ଏହାକୁ ନେଇ ଅଧ୍ୟକ୍ଷ ଅଟଳ ଚୌଧୁରୀ ଗୁରୁବାର ସନ୍ଧ୍ୟାରେ କଲେଜ ଅଧିକାରୀଙ୍କୁ ନେଇ ଏକ ଜରୁରୀ ବୈଠକ କରି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ତଦନ୍ତକୁ ଆଧାର କରି ୧୦ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନେ ଗୋଟିଏ ବର୍ଷ ପାଇଁ ପରୀକ୍ଷାରୁ ବଞ୍ଚିତ ହେବ ବୋଲି କଲେଜ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ୫୨ ଜଣ ଛାତ୍ରଙ୍କୁ ୨ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଭାଇରାଲ ଭିଡିଓରେ ସିନିୟର ଛାତ୍ରମାନେ ପ୍ରାୟ ୪୦ରୁ ୫୦ଜଣ ଜୁନିୟର ଛାତ୍ରଙ୍କୁ ର୍‍ୟାଗିଂ କରୁଥିବା ଜଣାପଡିଛି। ସିନିୟର ଛାତ୍ରମାନେ ଜୁନିୟର ଛାତ୍ରଙ୍କ ସାର୍ଟ ଚିରି କାନ ଧରି ଉଠବସ କରାଉଛନ୍ତି। ଏପରି କି ଅଣ୍ଡରୱେୟର ପିନ୍ଧି ଏକା ସାଥିରେ ନାଚିବାକୁ କୁହାଯାଉଛି। ଏହାକୁ ବିରୋଧ କରିବାରୁ ଜୁନିୟର ଛାତ୍ରମାନଙ୍କୁ ସିନିୟର ଛାତ୍ର ମାଡ଼ ମାରୁଥିବା ଭିଡିଓରେ ରହିଛି। ଏପରି କି କଲେଜ ଶିଢ଼ିରେ ଛାତ୍ରମାନଙ୍କୁ ଦୌଡିବାକୁ ନିର୍ଦ୍ଦେଶ ଦିଆଯାଉଛି। କିଛି ସିନିୟର ଛାତ୍ର ବାଡିରେ ଜୁନିୟରଙ୍କୁ ବାଡେଇ ଗୋଡାଉ ଥିବା ଭିଡିଓରେ ରହିଛି। ଭୟରେ ଛାତ୍ରମାନେ ସିନିୟରଙ୍କ ନିର୍ଦ୍ଦେଶ ମାନିନେଉଛନ୍ତି। ଏଭଳି ଘଟଣାକୁ କିଛି ଛାତ୍ର ଭିଡିଓ ଉତ୍ତୋଳନ କରିଥିଲେ। ଯାହାକି ବର୍ତ୍ତମାନ ଭାଇରାଲ ହୋଇଛି। ଭିଡିଓ ଚଳିତ ବର୍ଷରେ ହୋଇଥିବା ଚର୍ଚ୍ଚା ହେଉଛି। ଏନେଇ ଭିସୁଟ୍ ଅଧ୍ୟକ୍ଷ ଚୌଧୁରୀଙ୍କୁ ପଚାରିବାକୁ ଛାତ୍ରମାନଙ୍କୁ ର୍‍ୟାଗିଂ କରିବା ଏକ ଦଣ୍ଡନୀୟ ଅପରାଧ। କଲେଜ ପକ୍ଷରୁ ଏହାକୁ ଗୁରୁତର ସହ ନିଆଯାଇଛି। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ପବିତ୍ର ଗଣେଷ ପୂଜା ଓ ନୂଆଖାଇ ପର୍ବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ
ଅମ୍ଳାନ
ଟସର୍ ଓ ରେଶମ ବସ୍ତ୍ର ଓଡ଼ିଶାର୍ ଗୌରବ
ବିଶେଷ ରିହାତି
୨୩/୦୮/୧୯ ଠାରୁ ୦୩/୦୯/୧୯ ପର୍ଯ୍ୟନ୍ତ
ଭୁବନେଶ୍ୱର, ପୁରୀ, ସୁନାବେଡ଼ା ଓ ବାରିପଦା ଶାଖାରେ ଉପଲବ୍ଧ
୧୦% + ୨୦%
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକଞ୍ଚା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍ ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)
SCABIRAJ
ନକଲି ପ୍ରତି ସାବଧାନ !
DIBYA SAI PHARMACY, CUTTACK-11, PH.-6372898038



UTKAL UNIVERSITY
VANI VIHAR, BHUBANESWAR - 751004
ODISHA, INDIA
No. DRS/RUSA-1041-2016 (PhD Fellowship)/ 24065 /2019 dated the 22 August 2019

RUSA Doctoral Fellowship @ ₹50,000 to ₹75,000 per month

Established in 1943, Utkal University, a NAAC A+ and Category I University with graded autonomy, is a premier Higher Education Institution in India. The main campus at Vani Vihar is located in the capital city of Bhubaneswar spread over nearly 400 acres adjacent to National Highway 16. The new rural campus spreads over nearly 67 acres of land in the mountainous ranges of Chandikhole in Jajpur district. The University provides ample opportunities for research, innovation, and modern knowledge delivery system. The University is in receipt of Rashtriya Uchchatar Shiksha Abhiyan (RUSA) for enriching quality and excellence in higher education.

With 29 Post-Graduate Departments and recently opened several Centres of Excellence (CoEs) with assistance from RUSA and World Bank, the University is engaged with cutting-edge research, innovative teaching pedagogy and knowledge production.

The University announces RUSA Doctoral Fellowship @ ₹50,000 to ₹75,000 per month depending on academic qualifications, research competencies and publications in high impact factor journals for maximum period of four years. Interested candidates may apply for the fellowship through the Common Research Entrance Test (CRET) for M.Phil/PhD admission of Utkal University.

The entrance examinations will be conducted on 14 September 2019 at Bhubaneswar, New Delhi, Guwahati, Hyderabad and Pune. Aspirants of RUSA Fellowship must have to appear the CRET and viva-voce test irrespective of qualifying NET/JRF. The details of it is available at www.utkaluniversity.nic.in. For queries, candidates may contact at uurusaphdfellowship@gmail.com.

Coordinator, RUSA 2.0



CLASSIFIED DISPLAY

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
■ Exchange Offer ■ EMI Facility ■ Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

ଏମିତ ପାଠ ପଢନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
Bhava Institute Of Medical Science & Research
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME: GNM (Nursing), ANM (Nursing), DMRT (X-Ray), DMLT (Pathology)
ELIGIBILITY : +2 PASS
CERTIFICATE PROGRAMME: MEDICAL LAB TECH., X-RAY TECH, O.T TECH, WARD TECH, DIALYSIS TECH
ELIGIBILITY : MATRIC PASS
ପାରା ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15,
Phone : 0674 - 2553122, 9040009727, 8456845313 (M)

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

LEARN CCTV ପ୍ରଶିକ୍ଷଣ କେନ୍ଦ୍ର
Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
● CCTV, Biometric & EPABX Marketing, Installation & Technical Training.
● Onsite Practice ● Internship
● 100% Job Placement ● Class Detailing
● 100% Practical Training ● Hostel Facility available
ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ ।
SECURE TECHNICAL INSTITUTE Patia Square Bhubaneswar
7064320000, 9583171111

ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। -ଶ୍ରୀମା



# ଅଭିବୃଦ୍ଧି ବଢ଼ାଅ

ଚଳିତ ମାସର ଅଧିକାଂଶ ସମୟ ଅର୍ଥନୈତିକ ଆଲୋଚନା ଦେଶର ଲୋକମାନଙ୍କ ବୈଠକଖାନାରୁ ନେପଥ୍ୟକୁ ଚାଲିଯାଇଛି। ସମ୍ବିଧାନରୁ ୩୭୦ ଧାରା ଉଚ୍ଛେଦ, ଜମ୍ମୁ-କଶ୍ମୀରକୁ ଦୁଇଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ଲାଗି କେନ୍ଦ୍ର ସରକାରଙ୍କ ଆକସ୍ମିକ ନିଷ୍ପତ୍ତିକୁ ନେଇ ଚାଲିଥିବା ହାଇ ଭୋଲଟେଜ୍ ରାଜନୀତି ଦେଶବାସୀଙ୍କ ପାଇଁ ମୁଖ୍ୟ ଆଲୋଚନାର ବିଷୟ ହୋଇଛି। ତେବେ ଯେତେ ଦ୍ରୁତଗତିରେ ଭୂ-ରାଜନୈତିକ ଘଟଣାଗୁଡ଼ିକ ଘଟିଯାଉ ନା କାହିଁକି ଦେଶର ସଙ୍ଗିନ ଅର୍ଥନୈତିକ ପରିସ୍ଥିତିକୁ ତାହା କେବେହେଲେ ଚାପିଦେଇ ପାରିନାହିଁ। ଦେଶରେ ଅର୍ଥନୈତିକ ମାନ୍ଦାବସ୍ଥା ତୀବ୍ରତର ହେଉଥିବା ବେଳେ ନିଯୁକ୍ତି କ୍ଷେତ୍ରରେ ସଂକଟ ଦେଖାଦେଇଛି। କମ୍ପାନୀଗୁଡ଼ିକରେ କର୍ମଚାରୀମାନଙ୍କର ଛଟେଇ ସଂଖ୍ୟା ବୃଦ୍ଧି ପାଉଛି। ଅଟୋମୋବାଇଲ କମ୍ପାନୀ ଏବଂ ନିର୍ମାଣ ଶିଳ୍ପଠାରୁ ଆରମ୍ଭକରି ସେବା ଶିଳ୍ପ ପର୍ଯ୍ୟନ୍ତ ସବୁଠି ମାନ୍ଦାବସ୍ଥା ଓ ଛଟେଇ ଦେଖିବାକୁ ମିଳୁଛି। ଏସିଆ ମହାଦେଶର ତୃତୀୟ ବୃହତ୍ତମ ଅର୍ଥନୀତିର ଏପରି ନିମ୍ନଗତି ଫଳରେ କାର୍‌ଠାରୁ ଆରମ୍ଭ କରି ବସ୍ତ୍ର ପର୍ଯ୍ୟନ୍ତ ସବୁ ଜିନିଷର ବିକ୍ରିବଟା ହ୍ରାସ ପାଇଛି, ଯାହାଫଳରେ କମ୍ପାନୀଗୁଡ଼ିକ ସେମାନଙ୍କ ଦ୍ରବ୍ୟସୂଚୀ କମେଇ ଦେବାକୁ ବାଧ୍ୟ ହେଉଛନ୍ତି। ବିଭିନ୍ନ କ୍ଷେତ୍ରର କମ୍ପାନୀ ସେମାନଙ୍କ ଉତ୍ପାଦନ ହ୍ରାସ କରିବା ଆରମ୍ଭ କରିଛନ୍ତି। ଅଭିବୃଦ୍ଧି ତଳକୁ ଖସିଯାଉଛି।

ଅଭିବୃଦ୍ଧିକୁ ପୁନରୁଜ୍ଜୀବିତ କରିବା ପାଇଁ ସମସ୍ତେ ଚାହୁଁଛନ୍ତି ସରକାର ଏକ ଆର୍ଥିକ ପ୍ୟାକେଜ୍ ପ୍ରଦାନ କରନ୍ତୁ। ଅଭିବୃଦ୍ଧିକୁ ଉତ୍ସାହିତ କରିବା ପାଇଁ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ତାଙ୍କ ପକ୍ଷରେ ଯେତିକି ସମ୍ଭବ ତା'ଠୁ ଅଧିକ କରିଛନ୍ତି। ଗତ ଜାନୁଆରୀଠାରୁ ଏ ପର୍ଯ୍ୟନ୍ତ ସେ ମୋଟ ୧୧୦ ବେସିସ୍ ପଏଣ୍ଟ ରେପୋ ରେଟ୍ ହ୍ରାସ କରିସାରିଲେଣି। ତେବେ ବ୍ୟାଙ୍କଗୁଡ଼ିକ ଏହାର ସମାନୁପାତିକ ଲାଭ ଗ୍ରାହକମାନଙ୍କୁ ନ ଦେବା ଏକ ଭିନ୍ନ ପ୍ରସଙ୍ଗ। ଯଥାପି କେତେକ ବ୍ୟାଙ୍କ ସମାନୁପାତିକ ନ ହେଲେ ବି କିଛି ଋଣ ସୁଧହାର ହ୍ରାସ କରିଛନ୍ତି ଓ ଆଉ କେତେକ ବ୍ୟାଙ୍କ ତାହା ହ୍ରାସ କରିବା ଆରମ୍ଭ କରିଛନ୍ତି। ଆଗାମୀ ପାର୍ବଣ ଋତୁ ଅବସରରେ ଖାଉଟିମାନଙ୍କୁ ବିଭିନ୍ନ ଖାଉଟି ସାମଗ୍ରୀ କିଣିବା ଲାଗି ଉତ୍ସାହିତ କରିବା ନିମନ୍ତେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଋଣ ସୁଧହାର କମାଇବା ପାଇଁ ସରକାର ପରାମର୍ଶ ଦେଇଛନ୍ତି। ପ୍ରମୁଖ ବ୍ୟାଙ୍କ ଏସ୍‌ବିଆଇ ମଙ୍ଗଳବାର ଏକ ପାର୍ବଣ ଉପହାର ଘୋଷଣା କରିବା ସହ ବ୍ୟାଙ୍କରୁ ଋଣ ନେଉଥିବା ଖାଉଟିମାନଙ୍କ ପାଇଁ ବିଭିନ୍ନ ଅଫର ଘୋଷଣା କରିଛି। ପାର୍ବଣ ପୂର୍ବରୁ ବିଭିନ୍ନ ଋଣ ଉପରେ ଏହା ପ୍ରସେସିଂ ଫି ଛାଡ଼ କରିଛି। ସ୍ୱଳ୍ପ ଓ ନଗଣ୍ୟ ହେଲେ ମଧ୍ୟ ଏସ୍‌ବିଆଇର ଏହି ପଦକ୍ଷେପ ଖାଉଟିମାନଙ୍କୁ ଉତ୍ସାହିତ କରିଛି। ଆମେ ଆଶା କରୁଛୁ ଅନ୍ୟ ପ୍ରମୁଖ ରାଷ୍ଟ୍ରାୟତ୍ତ ତଥା ଘରୋଇ ବ୍ୟାଙ୍କଗୁଡ଼ିକ ଅନୁରୂପ ପଦକ୍ଷେପ ଗ୍ରହଣ କରିବେ।

ଆଜିର ଅର୍ଥନୀତି

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏକ ଉଦ୍ଦୀପନୀ ପ୍ୟାକେଜ୍ ମାଧ୍ୟମରେ ସରକାର ନିମ୍ନଗାମୀ ଅର୍ଥନୀତିକୁ ଊର୍ଦ୍ଧ୍ୱକୁ ନେବା ପାଇଁ ଚେଷ୍ଟା କରିବେ ବୋଲି ସାଧାରଣରେ ଆଶା କରାଯାଉଛି। ଚଳିତମାସ ପ୍ରାରମ୍ଭରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବ୍ୟାଙ୍କିଙ୍ଗ୍, ଅଟୋମୋବାଇଲ, ବିଦେଶୀ ନିବେଶକ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଶିଳ୍ପସଂଘ ଓ ରିୟଲ ଇଷ୍ଟେଟ୍ ମାଲିକଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ଅର୍ଥନୀତିକୁ ସୁଧାରିବା ପାଇଁ ସରକାର କ'ଣ କରିବାକୁ ଚାହୁଁଛନ୍ତି, ତା' ଉପରେ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରି ନ ଥିଲେ ମଧ୍ୟ ଆଶା କରାଯାଉଛି ଏହା ଟିକସ ହ୍ରାସ କରିବା ସହ ରିହାତି ପ୍ରଦାନ ଭଳି ପଦକ୍ଷେପ ନେବେ। ଭିତ୍ତିଭୂମିରେ ନିବେଶ ଲାଗି ପ୍ରୋତ୍ସାହନ ପ୍ରଦାନ, ଅଟୋମୋବାଇଲ କ୍ଷେତ୍ର ସମେତ କେତେକ ଶିଳ୍ପ ପାଇଁ ଦ୍ରବ୍ୟ ଓ ସେବା କର ଛାଡ଼ ବା ହ୍ରାସ, ସୀମାପାର ବ୍ୟବସାୟକୁ ପ୍ରୋତ୍ସାହନ ପ୍ରଦାନ ଏବଂ ବ୍ୟବସାୟିକ କାରବାର ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି (ease of doing business) ଆଦି ନିମନ୍ତେ ସରକାର ପଦକ୍ଷେପ ନେଇପାରନ୍ତି। ଅଟୋମୋବାଇଲ ଶିଳ୍ପର ଅଭିବୃଦ୍ଧି ଲାଗି ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନ ବା ଗାଡ଼ିଗୁଡ଼ିକ ଉପରୁ ଅତିରିକ୍ତ ସେସ୍ ଉଠାଇଦେବାର ଆବଶ୍ୟକତା ରହିଛି। ବୈଦ୍ୟୁତିକ ଯାନର ପ୍ରବର୍ତ୍ତନ ଧୀର ଗତିରେ କରିବା ଲାଗି ମଧ ଗାଡ଼ିନିର୍ମାତାମାନଙ୍କ ଚାପ ଆଗରେ ସରକାର ମୁଣ୍ଡ ନୁଆଇଁଛନ୍ତି।

ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ ଟିକସ ଆଦାୟ ହେବା ଏବଂ ବିତ୍ତୀୟ ଦାୟିତ୍ୱ ଓ ବଜେଟ ପରିଚାଳନା (ଏଫ୍‌ଆର୍‌ବିଏମ୍) ଅଧିନିୟମ ମଧ୍ୟ ଗତ ବଜେଟରେ ସରକାରଙ୍କୁ ବିଭିନ୍ନ କ୍ଷେତ୍ରକୁ ଆର୍ଥିକ ସହଯୋଗ ପ୍ରଦାନ ପାଇଁ ବାଧା ସୃଷ୍ଟି କରିଥିବା ବେଳେ ସରକାର ଏବେ ଏଫ୍‌ଆର୍‌ବିଏମ୍ ଅଧିନିୟମରୁ ବିଚ୍ୟୁତ ହେବା ଲାଗି ନିଷ୍ପତ୍ତି ନେବେ ବୋଲି ମନେ ହେଉଛି। ବର୍ତ୍ତମାନ ଘରୋଇ ନିବେଶ ସଂକୁଚିତ ହୋଇଯାଇଥିବା ବେଳେ ସାମ୍ପ୍ରତିକ ଅର୍ଥନୈତିକ ଦୃଶ୍ୟପଟରୁ ସରକାର ଏପରି ପଦକ୍ଷେପ ନେବାର ସୂଚନା ମିଳୁଛି। ଯଦି ଅର୍ଥ ମନ୍ତ୍ରଣାଳୟ ଏହି ବିକଳ୍ପ ଆପଣାନ୍ତି, ତେବେ ଏହା ଚଳିତ ଆର୍ଥିକ ବର୍ଷରେ ସରକାରଙ୍କୁ ଅତିରିକ୍ତ ୧.୧୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିପାରେ। ରପ୍ତାନି କ୍ଷେତ୍ରକୁ ଦେଖିଲେ ଆମେରିକା ଓ ଚାଇନା ମଧ୍ୟରେ ଚାଲିଥିବା ବାଣିଜ୍ୟିକ ଉତ୍ତେଜନା ପରିପ୍ରେକ୍ଷୀରେ ସରକାର ରପ୍ତାନିକାରୀମାନଙ୍କ ପାଇଁ ପ୍ରୋତ୍ସାହନ ଘୋଷଣା କରିବା ଉଚିତ। ଗତ ଜୁନ୍ ମାସରେ ପ୍ରଥମ ଥର ପାଇଁ ଭାରତର ପଣ୍ୟଦ୍ରବ୍ୟ ରପ୍ତାନି ସଂକୁଚିତ ହୋଇଛି। ମୋଟ ଉପରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ସରକାର ତୁରନ୍ତ କିଛି ଆର୍ଥିକ ପ୍ୟାକେଜ୍ ଘୋଷଣା କରିବେ ବୋଲି ଆଶା କରାଯାଉଛି।

# ଓଡ଼ିଶା କଂଗ୍ରେସର ଇତିବୃତ୍ତ



ଶରତ ଚନ୍ଦ୍ର ମିଶ୍ର

ପ୍ରାୟ ଏକଶହ ବର୍ଷ ପୂର୍ବେ (୧୯୨୦) ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ପଣ୍ଡିତ ଗୋପବନ୍ଧୁଙ୍କ ନେତୃତ୍ୱରେ ଗଠିତ ହୋଇଥିଲା। ତା' ପୂର୍ବରୁ ଅବଶ୍ୟ ପୁରୀରେ ଗୋଟିଏ ଜିଲା କମିଟି ଥିଲା। ପ୍ରାଦେଶିକ କଂଗ୍ରେସ କମିଟିରେ ସାଧାରଣ ସମ୍ପାଦକ ଭାଗୀରଥି ମହାପାତ୍ରଙ୍କ ବ୍ୟତୀତ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ବିଶ୍ୱନାଥ ଦାସ, ଗୋପବନ୍ଧୁ ଚୌଧୁରୀ ଓ ତତ୍କାଳୀନ ଯୁବନେତା ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ଓ ନିତ୍ୟାନନ୍ଦ କାନୁନ୍‌ଗୋ ଅନ୍ତର୍ଭୁକ୍ତ ଥିଲେ। ଏଇମାନେ ହିଁ ଓଡ଼ିଶା କଂଗ୍ରେସର ପ୍ରଥମ ପିଢ଼ିର ନେତା। ଏହି ନେତାମାନଙ୍କ ମଧ୍ୟରେ ଶ୍ରେଣୀ ଚରିତ୍ର ହିସାବରେ ଗୋପବନ୍ଧୁ ଓ ନୀଳକଣ୍ଠ ସ୍ୱଚ୍ଛଳ, ଗୋଦାବରୀଶ ଦରିଦ୍ର, ବିଶ୍ୱନାଥ ଦାସ ବିଶାଳ ଭୂମି ଅଧିକାରୀ ଓ ଅନ୍ୟମାନେ ମଧ୍ୟମ ବର୍ଗର ଜମିଦାର। ଗୋପବନ୍ଧୁଙ୍କ ନେତୃତ୍ୱକୁ ଜମିଦାର ଗୋଷ୍ଠୀ ସହଜରେ ଗ୍ରହଣ କରୁ ନ ଥିଲେ ମଧ୍ୟ ଗୋପବନ୍ଧୁଙ୍କ ଜନପ୍ରିୟତା ହେତୁ ତାଙ୍କୁ ପ୍ରତ୍ୟକ୍ଷ ଭାବେ ବିରୋଧ କରିପାରୁ ନ ଥିଲେ।

ଓଡ଼ିଶା କଂଗ୍ରେସ ପ୍ରତିଷ୍ଠା ଦିନରୁ ଗୋଷ୍ଠୀ କନ୍ଦଳରେ ସଂକ୍ରମିତ। ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷକମାନଙ୍କର ଗୋଟିଏ ଗୋଷ୍ଠୀ ଓ କଟକରେ ଭାଗୀରଥି ମହାପାତ୍ରଙ୍କ ନେତୃତ୍ୱରେ 'ଭାରତୀ ମନ୍ଦିର' ନାମରେ ଆଉ ଗୋଟିଏ ଗୋଷ୍ଠୀ ଥାଏ। ହରେକୃଷ୍ଣ ମହତାବ 'ଭାରତୀ ମନ୍ଦିର' ଗୋଷ୍ଠୀର ସମର୍ଥକ ଥିଲେ। ଗୋପବନ୍ଧୁଙ୍କର ୧୯୨୮ରେ ମୃତ୍ୟୁ ପରେ ଦୁଇଗୋଷ୍ଠୀ ମଧ୍ୟରେ କନ୍ଦଳ ତୀବ୍ର ହେଲା। ପଣ୍ଡିତ ନୀଳକଣ୍ଠଙ୍କ ନେତୃତ୍ୱକୁ 'ଭାରତୀ ମନ୍ଦିର' ଗୋଷ୍ଠୀ ପ୍ରାୟତଃ ବିରୋଧ କରୁଥାନ୍ତି ଓ ଦୁଇ ଗୋଷ୍ଠୀ ମଧ୍ୟରେ ସାଙ୍ଗଠନିକ ପଦପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେଉଥାଏ। ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ କଂଗ୍ରେସ ୧୯୩୭ ନିର୍ବାଚନରେ ଜୟଯୁକ୍ତ ହେଲେ ହେଁ ନୀଳକଣ୍ଠ ଦାସ ନିଜେ ଆସେମ୍ବ୍ଲି ସଭ୍ୟ ହୋଇ ନ ଥିବାରୁ ତାଙ୍କ ମନୋନୀତ ପ୍ରାର୍ଥୀ ବିଶ୍ୱନାଥ ଦାସ ମୁଖ୍ୟମନ୍ତ୍ରୀ ହୋଇଥିଲେ। ବିଶ୍ୱନାଥ ଦାସ ୩୬ଜଣ ବିଧାୟକଙ୍କ ମଧ୍ୟରୁ ୨୪ ଜଣଙ୍କ ଭୋଟ୍ ପାଇଥିଲେ ଓ ଅନ୍ୟ ୩ ଜଣ ପ୍ରାର୍ଥୀ ୪ଟି ଲେଖାଏଁ ଭୋଟ ପାଇଥିଲେ। ହରେକୃଷ୍ଣ ମହତାବ ୧୯୩୮ ମସିହାରେ କେନ୍ଦ୍ର କଂଗ୍ରେସ କାର୍ଯ୍ୟକାରୀ କମିଟିକୁ ସଭାପତି ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ମନୋନୀତ ହେଲେ ଓ ୧୯୪୨ ମସିହାରେ ଦେଶର ବିଶିଷ୍ଟ ନେତାମାନଙ୍କ ସହ କାରାରୁଦ୍ଧ ହେଲେ। ସେଠାରେ ସେ ସର୍ଦ୍ଦାର ପଟେଲଙ୍କର ଘନିଷ୍ଠ ହେଲେ। କାଳକ୍ରମେ ହରେକୃଷ୍ଣ ମହତାବ ଓ ବିଶ୍ୱନାଥ ଦାସ ସହଯୋଗ କରି ନୀଳକଣ୍ଠ ଦାସଙ୍କୁ ଦଳରେ ସଂଖ୍ୟାଲଘୁ କରିବାରେ ସକ୍ଷମ ହେଲେ। ନୀଳକଣ୍ଠ ଦାସ ଓ ଗୋଦାବରୀଶ ମିଶ୍ର କଂଗ୍ରେସରୁ ଇସ୍ତଫା ଦେଲେ।

ହରେକୃଷ୍ଣ ମହତାବ ୧୯୪୬ରେ ପ୍ରଧାନମନ୍ତ୍ରୀ ହେଲେ। ତା'ପରଠାରୁ କଂଗ୍ରେସରେ ଦୁଇଟି ଗୋଷ୍ଠୀ, ମହତାବ ଗୋଷ୍ଠୀ ଓ ବିଶ୍ୱନାଥ ଦାସ ଗୋଷ୍ଠୀ। ମହତାବ ୧୯୫୦ ମସିହାରେ କେନ୍ଦ୍ରମନ୍ତ୍ରୀ ହୋଇଗଲା ବେଳେ ସଂଖ୍ୟାଧିକ ଏମ୍‌ଏଲ୍‌ଏ ବିଶ୍ୱନାଥ ଦାସଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଥିଲେ ମଧ୍ୟ ମହତାବ ନିଜ ପ୍ରଭାବ ବଳରେ ନବକୃଷ୍ଣ ଚୌଧୁରୀଙ୍କୁ ମୁଖ୍ୟମନ୍ତ୍ରୀ କଲେ। ଏହି ପ୍ରକ୍ରିୟାରେ କଂଗ୍ରେସର ଯୁବଗୋଷ୍ଠୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ମହତାବଙ୍କୁ ସାହାଯ୍ୟ କରିଥିଲେ। ଇତିମଧ୍ୟରେ ଗଡ଼ଜାତ ମିଶ୍ରଣ ହୋଇ ଓଡ଼ିଶାର କଳେବର ବୃଦ୍ଧି ପାଇଥାଏ ଓ ପ୍ରଜାମଣ୍ଡଳ ଆନ୍ଦୋଳନ ମାଧ୍ୟମରେ ପବିତ୍ର ମୋହନ ପ୍ରଧାନ, ସାରଙ୍ଗଧର ଦାସ ଓ ରାଧାନାଥ ରଥ କଂଗ୍ରେସରେ ନେତୃସ୍ଥାନ ଅଧିକାର କରିଥାନ୍ତି। ସାମ୍ୟବାଦୀ ନେତା ସୁରେନ୍ଦ୍ର ଦ୍ୱିବେଦୀ ଓ ସାରଙ୍ଗଧର ଦାସ କଂଗ୍ରେସରୁ ପରେ ଅଲଗା ହୋଇଗଲେ।

ମହତାବ ତାଙ୍କର ଚାରିବର୍ଷ (୧୯୪୬-୫୦)ର ମୁଖ୍ୟମନ୍ତ୍ରିତ୍ୱ ସମୟରେ ନୂଆ ପିଢ଼ିର ନେତାଙ୍କୁ ଉତ୍ସାହ ପ୍ରଦାନ କରିଥିଲେ। ଏହି ପିଢ଼ିର ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର, ନୀଳମଣି ରାଉତରାୟ, ଦୀନବନ୍ଧୁ ସାହୁ ଓ ବନମାଳୀ ପଟ୍ଟନାୟକ ପ୍ରମୁଖ କଂଗ୍ରେସ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରି ମହତାବଙ୍କର ଘନିଷ୍ଠ ହେଲେ। ଏଇ ଦ୍ୱିତୀୟ ପିଢ଼ିର ନେତାମାନେ ୧୯୪୨ ଭାରତଛାଡ଼ ଆନ୍ଦୋଳନ ଜରିଆରେ ନିଜକୁ ଆଖିଦୃଶିଆ କରାଇପାରିଥିଲେ। 'ସମାଜ' ଖବରକାଗଜ ମହତାବ ସରକାରକୁ ସମର୍ଥନ କରୁନାହିଁ ବୋଲି ଅନୁଭବକରି 'ପ୍ରଜାତନ୍ତ୍ର' ଖବରକାଗଜର ଦୈନିକ ସଂସ୍କରଣ କଟକରୁ ଆରମ୍ଭ ହେଲା। 'ପ୍ରଜାତନ୍ତ୍ର' କେତେକ ଭବିଷ୍ୟତ ପିଢ଼ିର କଂଗ୍ରେସ ନେତାଙ୍କ ଅନ୍ତୁଡ଼ିଶାଳ। ଏଇ ଦ୍ୱିତୀୟ ପିଢ଼ିର ନେତାମାନେ ବମ୍ବେରୁ ମହତାବଙ୍କୁ ଆଣି ଦ୍ୱିତୀୟ ଥର ନିମନ୍ତେ ମୁଖ୍ୟମନ୍ତ୍ରୀ କରାଇଥିଲେ ଓ ମହତାବଙ୍କ ସଙ୍ଗେ ମତଭେଦ ହୋଇ ତାଙ୍କୁ ୧୯୬୦ରେ ଗାଦିଚ୍ୟୁତ କରାଇଥିଲେ। ଏହି ପିଢ଼ିର ମୁଖ୍ୟ ନେତା ବିଜୁ ପଟ୍ଟନାୟକ ୧୯୬୧ରେ ମୁଖ୍ୟମନ୍ତ୍ରୀ ହେଲେ ଓ ୧୯୭୦ରେ ଉତ୍କଳ କଂଗ୍ରେସ ଗଠନ ପର୍ଯ୍ୟନ୍ତ ଓଡ଼ିଶା କଂଗ୍ରେସର ତୁଙ୍ଗ ନେତା ଥିଲେ। ମହତାବଙ୍କ ଜନ କଂଗ୍ରେସ ଓ ବିଜୁ ପଟ୍ଟନାୟକଙ୍କ ଉତ୍କଳ କଂଗ୍ରେସରେ ଏହି ପିଢ଼ିର ସବୁ ମୁଖ୍ୟ ନେତା ଯୋଗଦେବାରେ କଂଗ୍ରେସ ନେତୃତ୍ୱରେ ଏକ ଶୂନ୍ୟତା ଦେଖାଦେଲା ଓ ଏକ ନୂତନ ପିଢ଼ିର ନେତା ବାହାରିଲେ। ସେମାନେ ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷ ଭାଗ ନେଇ ନ ଥିଲେ, କିନ୍ତୁ ଛାତ୍ରାବସ୍ଥାରେ ରାଜନୀତି ସହିତ ସମ୍ପୃକ୍ତ ଥିଲେ। ସେମାନେ କେନ୍ଦ୍ର ନେତୃତ୍ୱର ଅନୁକମ୍ପା ଉପରେ ଅତ୍ୟନ୍ତ ନିର୍ଭରଶୀଳ ଥିଲେ। ଏହି ପିଢ଼ିର ନେତାମାନେ ହେଲେ ନନ୍ଦିନୀ ଶତପଥୀ, ଜାନକୀ ବଲ୍ଲଭ ପଟ୍ଟନାୟକ, ବ୍ରଜମୋହନ ମହାନ୍ତି, ବାଙ୍କବିହାରୀ ଦାସ ଓ ବିନାୟକ ଆଚାର୍ଯ୍ୟ। ନନ୍ଦିନୀ ଦେବୀ ଓ ବିନାୟକ ଆଚାର୍ଯ୍ୟଙ୍କର କମ୍ୟୁନିଷ୍ଟ ପୃଷ୍ଠଭୂମି ଓ ବାଙ୍କବାବୁଙ୍କର ସାମ୍ୟବାଦୀ ପୃଷ୍ଠଭୂମି ଥିଲା। କେନ୍ଦ୍ର ନେତୃବୃନ୍ଦଙ୍କ ଦ୍ୱାରା ମନୋନୀତ ହୋଇ ନନ୍ଦିନୀ ଶତପଥୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ। ମୁଖ୍ୟମନ୍ତ୍ରୀ କଂଗ୍ରେସ ହାଇକମାଣ୍ଡଙ୍କ ଦ୍ୱାରା ନିଯୁକ୍ତ ହେବାର ପରମ୍ପରା ଆରମ୍ଭ ହେଲା ଓ ପ୍ରଦେଶ କଂଗ୍ରେସ ମୁଖ୍ୟ ଏବେ ମଧ୍ୟ ଦଳୀୟ କର୍ମୀମାନଙ୍କ ଦ୍ୱାରା ନିର୍ବାଚିତ ନ ହୋଇ ହାଇକମାଣ୍ଡଙ୍କ ଦ୍ୱାରା ମନୋନୀତ ହେଉଛନ୍ତି।

ତୃତୀୟ ପିଢ଼ିର ନେତାଙ୍କ ପରେ ଆଉ ଏକ ଗ୍ରହଣଯୋଗ୍ୟ ଚତୁର୍ଥ ପିଢ଼ିର ନେତା ସୃଷ୍ଟି ହୋଇପାରିନାହାନ୍ତି। ସେ ଦିଗରେ ତୃତୀୟ ପିଢ଼ିର ନେତାମାନେ ଉଦ୍ୟମ କରିବା ଉଚିତ ହୋଇଥାନ୍ତା। ଏହା ମଧ୍ୟରେ ରାଜନୀତିର ପରିଭାଷା ମଧ୍ୟ ପରିବର୍ତ୍ତିତ। ରାଜନୀତି ଆଉ ଦେଶସେବାର ମାଧ୍ୟମ ନ ହୋଇ ଏକ ବୃତ୍ତି ବା ପେସା ହୋଇଗଲାଣି, ଯାହାର ଉଦ୍ଦେଶ୍ୟ ହେଲା କ୍ଷମତାକୁ ଆସିବା ଓ ନ ଆସିପାରିଲେ ଯିଏ କ୍ଷମତାରେ ଅଛି ତାକୁ ଗାଦିଚ୍ୟୁତ କରିବାକୁ ଉଦ୍ୟମ କରିବା। ରାଜନେତାଙ୍କର ଶ୍ରେଣୀ ଚରିତ୍ର ମଧ୍ୟ ପରିବର୍ତ୍ତିତ। ଅଧିକାଂଶ ଧନିକ ଶ୍ରେଣୀର ଓ ସେଥି ମଧ୍ୟରୁ କେତେଜଣ ବ୍ୟବସାୟୀ ଶ୍ରେଣୀର। ଦଳ ମଧ୍ୟରେ ଦେଶ ସେବା ଓ ଜନ ଆନ୍ଦୋଳନରୁ ଉତ୍ପନ୍ନ ନେତା ନାହାନ୍ତି। ଦଳ ମଧ୍ୟରେ ବହୁକାଳୁ 'ଗ୍ରାମକୁ ଫେରିଚାଲ'ର କାର୍ଯ୍ୟକ୍ରମ ହୋଇନାହିଁ। ସମାଜର ମଣ୍ଡଳୀକରଣ ପରେ, ଦଳିତମାନଙ୍କର ନିଜର ଦଳ ସୃଷ୍ଟି ହେଲା ପରେ ଓ ମୁସଲମାନମାନେ କଂଗ୍ରେସ ଉପରୁ ଭରସା ତ୍ୟାଗ କଲା ପରେ ଦଳର ଆଉ ଭୋଟ୍‌ବ୍ୟାଙ୍କ ନାହିଁ। ଜାତୀୟ ସ୍ତରରେ ଦଳର ଏହି ଅବକ୍ଷୟ ରାଜ୍ୟ କଂଗ୍ରେସକୁ ମଧ୍ୟ ପ୍ରଭାବିତ କରୁଛି।

କଂଗ୍ରେସର ହୃତଗୌରବକୁ ଫେରାଇ ଆଣିବାକୁ ହେଲେ ଦଳକୁ ଆତ୍ମସମୀକ୍ଷା କରି ଗ୍ରାମାଞ୍ଚଳକୁ ଫେରିଚାଲି, ଯେଉଁ ଯେଉଁ କାରଣ ଯୋଗୁ ଭୋଟର ସେମାନଙ୍କ ପ୍ରତିବିମୁଖ ହୋଇଛନ୍ତି, ସେ କାରଣଗୁଡ଼ିକର ନିରାକରଣ ନିମନ୍ତେ ଉଦ୍ୟମ କରିବା ଆବଶ୍ୟକ। ଦଳ ପରିଚାଳନା ବର୍ତ୍ତମାନ ଊର୍ଦ୍ଧ୍ୱରୁ ନିମ୍ନମୁଖୀ, ତା' ବଦଳରେ ନିମ୍ନରୁ ଊର୍ଦ୍ଧ୍ୱମୁଖୀ ହେବା ଆବଶ୍ୟକ।

ମୋ-୯୩୩୭୪୨୨୫୨୧


# ପରମାତ୍ମାଙ୍କ ଅବତରଣ

ଭୁଜେନ୍ଦ୍ର କୁମାର ସ୍ୱାଇଁ

ପରଂବ୍ରହ୍ମଙ୍କ ଶରୀର ଧାରଣକୁ ଅବତାର କୁହାଯାଏ। କଳିଯୁଗରେ ପରମାତ୍ମା ବୁଦ୍ଧ ରୂପରେ ଓ କଳିଯୁଗର ଶେଷ ଭାଗ ଏବଂ ପରବର୍ତ୍ତୀ ଯୁଗର ସନ୍ଧି କାଳରେ କଳ୍କୀ ଅବତାର ରୂପେ ପ୍ରକଟ ହେବେ ବୋଲି ଭବିଷ୍ୟତ ବାଣୀ ଅଛି। ଭଗବାନଙ୍କ ଅବତାରତ୍ୱ ସୀମିତ ନୁହେଁ। ମାନବ ସୃଷ୍ଟି କାଳରୁ ମାନବର ହିତ ପାଇଁ ସେ ଅନେକବାର ଅବତରିତ ହୋଇସାରିଲେଣି ଓ ଭବିଷ୍ୟତରେ ବି ହେବେ। ଅଜ୍ଞାନ ମନୁଷ୍ୟ କାମ, କ୍ରୋଧ, ମୋହ ଓ ଆସକ୍ତିରେ ବୁଡ଼ିରହି ଅହେତୁକ ଦୁଃଖ ଯନ୍ତ୍ରଣା ପାଉଛି। ବିଭିନ୍ନ ହିଂସାତ୍ମକ କାର୍ଯ୍ୟକଳାପରେ ଲିପ୍ତରହି ସମାଜର କ୍ଷତି ସାଧନ କରୁଛି। ଭଗବାନଙ୍କ ଅବତାର ନେବାର ମୁଖ୍ୟ କାରଣ ହେଲା ଏହି ଅଜ୍ଞାନମାନଙ୍କୁ ପାପପଙ୍କିଳ ସଂସାରରୁ ଉଦ୍ଧାର କରିବା। ଦୁଃଖର କାରଣ ବିଷୟରେ ସଚେତନ କରାଇବା। ପାପୀମାନଙ୍କୁ ପାପମୁକ୍ତ କରି ସମାଜରେ ଶାନ୍ତି ସ୍ଥାପନ କରିବା।

ଭାଗବତରେ ଯେତେ ଅବତାରଙ୍କ କଥା ଉଲ୍ଲେଖ କରାଯାଇଛି ସେଥିମଧ୍ୟରୁ ରାମ ଓ କୃଷ୍ଣାବତାର ଦ୍ୱୟଙ୍କୁ ଛାଡ଼ିଦେଲେ ଅନ୍ୟ ସବୁ ଅବତାରର କାର୍ଯ୍ୟାବଳୀ ସୀମିତ। ଭଗବାନ ଶ୍ରୀରାମ ଓ ଶ୍ରୀକୃଷ୍ଣ ଆବିର୍ଭାବ ହେବା ଫଳରେ ଆଧ୍ୟାତ୍ମିକ କ୍ଷେତ୍ରରେ ଅପୂର୍ବ ଆଲୋଡନ ଖେଳିଥିଲା। ତାହା ଆଜି ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହି ମାନବ ସମାଜକୁ ସତ୍‌ପଥରେ ପରିଚାଳିତ କରିଆସୁଛି। ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ଚରିତ୍ର ଅତ୍ୟନ୍ତ ଆଦର୍ଶସ୍ଥାନୀୟ ଓ ସର୍ବଜନପ୍ରିୟ। ଦ୍ୱାପର ଯୁଗର ଅନ୍ତିମ କାଳରେ ଭଗବାନ ଶ୍ରୀକୃଷ୍ଣ ଅବତରିତ ହୋଇ ଭକ୍ତିରସର ପ୍ଲାବନ ସୃଷ୍ଟି କରିଥିଲେ। ନାରଦଙ୍କ 'ଭକ୍ତିସୂତ୍ର', ବ୍ୟାସଦେବଙ୍କ ଭାଗବତ ଓ ଶ୍ରୀକୃଷ୍ଣଙ୍କ ଗୀତାରେ ସନ୍ନିବେଶିତ ଭକ୍ତିରସାମୃତ ସୁଧୀଜନଙ୍କ ପ୍ରାଣକୁ ଆପ୍ଲୁତ କରୁଛି।

ଦ୍ୱାପରର ଶେଷ ଭାଗରେ ଶ୍ରୀକୃଷ୍ଣଙ୍କ ଆବିର୍ଭାବ ପୂର୍ବରୁ ସମାଜରେ ବ୍ୟାପକ ଅସ୍ଥିରତା ସୃଷ୍ଟି ହୋଇଥିଲା। ଅନ୍ୟାୟ, ଅତ୍ୟାଚାର, ହତ୍ୟା, ଲୁଣ୍ଠନ, ବ୍ୟଭିଚାର ଆଦି ସର୍ବତ୍ର ବ୍ୟାପିଥିଲା। ସେତେବେଳେ ଭଗବାନ ଅବତାର ନେବାର ପ୍ରକୃଷ୍ଟ ସମୟ ଉପନୀତ ହୋଇଥିଲା। ପ୍ରଥମେ ଶିଶୁ ଭଗବାନ ଜନ୍ମଲାଭ କରି ପିତା ବସୁଦେବ ଓ ମାତା ଦେବକୀଙ୍କୁ ନିଜର ଭଗବତ୍ ସ୍ୱରୂପ ଦର୍ଶନ କରାଇଥିଲେ। ତାଙ୍କର ଜନ୍ମବାଣୀ ଶୁଣି କଂସ ଓ ତା'ର ଅନୁଗତମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଛ' ଦିନର ଶିଶୁ ଶ୍ରୀକୃଷ୍ଣ କଂସ ଦ୍ୱାରା ପ୍ରେରିତ ପୁତନାକୁ ଦୁଗ୍ଧପାନ ଛଳରେ ହତ୍ୟାକରି ନିଜର ଈଶ୍ୱରୀୟ ପରାକାଷ୍ଠା ଦେଖାଇଥିଲେ। ଶୈଶବ କାଳରେ ଗୋଟି ଗୋଟି କରି ସମସ୍ତ ପରାକ୍ରମୀ ଦୈତ୍ୟଙ୍କୁ ସଂହାର କରି ସମାଜରେ ଶାନ୍ତି ଓ ଭୟଶୂନ୍ୟ ବାତାବରଣ ପ୍ରତିଷ୍ଠା



ଜନ୍ମାଷ୍ଟମୀ ଉପଲକ୍ଷେ

କରିଥିଲେ। ତାଙ୍କର ବାଲ୍ୟକାଳ ଥିଲା ଅତୀବ ଲୀଳାମୟ। ସେ ଥିଲେ ସକଳ ବ୍ରଜବାସୀଙ୍କ ଆନନ୍ଦର ଉତ୍ସ। ଗୋପାଳ ସଂସ୍କୃତିକୁ ସମ୍ପୂର୍ଣ୍ଣ ରୂପେ ଆବୋରି ନେଇଥିଲେ। କଉପୁନି ପିନ୍ଧି ଗୋପାଳ ବାଳକମାନଙ୍କ ଗହଣରେ ବଣକୁ ଯାଉଥିଲେ ଗୋରୁପଲ ନେଇ। ଖେଳକୌତୁକରେ ମାତି ସେମାନଙ୍କୁ ଆନନ୍ଦ ଦେଉଥିଲେ। ଗୋପାଳ ଛୁଆଙ୍କ ମେଳରେ ଲହୁଣି ଚୋରାଇ ଖାଇବା ଥିଲା ଏକ ନିତିଦିନିଆ ଘଟଣା। ଗୋପୀମାନଙ୍କର ସେ ଥିଲେ ଗେହ୍ଲା 'କହ୍ନେଇ'। ଗୋପୀମାନଙ୍କ ମନୋବାଞ୍ଛା ପୂରଣ ନିମିତ୍ତ ସେ ରଚିଥିଲେ ରାସଲୀଳା।

ଗୋପଲୀଳା ସମାପନ କରି ଏଗାର ବର୍ଷ ବୟସରେ ମଥୁରା ଆସି ଆଉ ବ୍ରଜକୁ ଫେରି ନ ଥିଲେ। ସେଠାରେ କଂସ ଓ ତା'ର ଅନୁଚରମାନଙ୍କୁ ହତ୍ୟାକରି ରାଜ୍ୟରେ ଶାନ୍ତି ଫେରାଇ ଆଣିଥିଲେ। ଜରାସନ୍ଧର ବାରମ୍ବାର ମଥୁରା ଆକ୍ରମଣରେ ଅତିଷ୍ଠ ହୋଇ ବଛା ବଛା ଯାଦବଙ୍କୁ ସଙ୍ଗରେ ଧରି ଦ୍ୱାରକା ଚାଲି ଯାଇଥିଲେ। ପରବର୍ତ୍ତୀ ଜୀବନରେ ସେ ଥିଲେ ବିଚକ୍ଷଣ କୂଟନୀତିଜ୍ଞ, ଦକ୍ଷ ରାଜନୀତିଜ୍ଞ, ମହାଗୁରୁ, ମହାନ୍ ଦାର୍ଶନିକ ଓ ମହାଭାରତ ଯୁଦ୍ଧର ମହାନାୟକ। ମହାଭାରତ ଯୁଦ୍ଧର ପ୍ରାରମ୍ଭରେ ଭଗବାନ ନିଜେ ଅର୍ଜୁନଙ୍କୁ ନିମିତ୍ତ କରି ମନୁଷ୍ୟର କଲ୍ୟାଣ ନିମିତ୍ତ ଯେଉଁ ରହସ୍ୟମୟ ଦିବ୍ୟବାଣୀ ପ୍ରଦାନ କରିଥିଲେ ତାହା ଗୀତା ନାମରେ ଖ୍ୟାତ। ଏଥିରେ ତାଙ୍କ ହୃଦୟର ଅନେକ ଗଭୀରତମ ବିଲକ୍ଷଣ ଭାବ ସନ୍ନିବେଶିତ ହୋଇଛି। ତାଙ୍କର ଅନ୍ତିମ ସମୟ ଉପସ୍ଥିତ ହେବା ଜାଣି ପୃଥିବୀର ଭାର ଯାହା କିଞ୍ଚିତ୍ ଥିଲା, ଉଚ୍ଛୃଙ୍ଖଳିତ ବ୍ରହ୍ମଶାପଗ୍ରସ୍ତ ନିଜ ବଂଶର ବିନାଶ ଘଟାଇ ତାହା ଉଶ୍ୱାସ କରିଥିଲେ। ଜରାର ଶରାଘାତରେ ସ୍ୱଧାମ ପ୍ରତ୍ୟାବର୍ତ୍ତନ କରି ମାନବୀୟ ଲୀଳା ସମାପ୍ତ କରିଥିଲେ।

ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ପରଂବ୍ରହ୍ମ ପରମାତ୍ମା, ପରମ ଭକ୍ତବତ୍ସଳ । ଭକ୍ତଜନଙ୍କ ପଦରଜ ଉଡ଼ିଆସି ସ୍ୱଦେହରେ ପଡ଼ି ପବିତ୍ର ହେବା ଲାଗି ଭକ୍ତଙ୍କ ପଛେ ପଛେ ସେ ଧାଉଁଥାନ୍ତି। ଯେ ଯେପରି ଡାକନ୍ତି ସେ ସେପରି ଶୁଣନ୍ତି। ସେ ସର୍ବଦା କୁହନ୍ତି, "ସବୁ ଧର୍ମ ଓ ଆଶ୍ରୟ ଛାଡ଼ି ମୋର ଶରଣକୁ ଚାଲିଆସ। ମୁଁ ସମସ୍ତ ପାପରୁ ମୁକ୍ତ କରିଦେବି। ଚିନ୍ତା କର ନାହିଁ।" ଦେଖନ୍ତୁ ଭଗବାନ କେତେ ଦୟାଳୁ । କାହାରି ଦୁଃଖ ଦେଖିଲେ ସହିପାରନ୍ତି ନାହିଁ। ମନୁଷ୍ୟ ନିଜର ଅଜ୍ଞାନତା ହେତୁ ଚିର ଦୁଃଖୀ ହୋଇପଡ଼ିଛି। ଭଗବାନଙ୍କର ଇଚ୍ଛା ମନୁଷ୍ୟ ନିଜର ଦୁଃଖ ଦୁର୍ଦ୍ଦଶାର କାରଣ ଜାଣୁ। ଏଥିରୁ ଉଦ୍ଧାର ପାଇବା ପାଇଁ ପ୍ରଚେଷ୍ଟା କରୁ। ସେ ସାଧାରଣତଃ ସାଧୁସନ୍ଥ, ସଦ୍‌ଗୁରୁ, ମୁନିଋଷି, ମହାପୁରୁଷ ରୂପେ ଅବତରିତ ହୋଇଥାନ୍ତି। ସମସ୍ତ ଦୁଃଖକଷ୍ଟ ସହି ମନୁଷ୍ୟର ସମସ୍ୟାଗୁଡ଼ିକର କାରଣ ବିଷୟରେ ସେମାନଙ୍କୁ ଅବଗତ କରାନ୍ତି ଓ ଏଗୁଡ଼ିକର ନିରାକରଣ ନିମିତ୍ତ ପଥ ଦେଖାଇଦିଅନ୍ତି। ଭକ୍ତିଯୋଗ, ଜ୍ଞାନଯୋଗ ଓ କର୍ମଯୋଗ ଉପରେ ଜ୍ଞାନ ପ୍ରଦାନ କରି ଅଜ୍ଞାନତା ଦୂର କରନ୍ତି। ସମସ୍ତ ଧର୍ମଗ୍ରନ୍ଥ ଓ ଗୁରୁବାଣୀର ଏକମାତ୍ର ସାରତତ୍ତ୍ୱ ହେଲା ପାର୍ଥିବ କାମନା ହେତୁ ମନୁଷ୍ୟ ବାରମ୍ବାର ଜନ୍ମମୃତ୍ୟୁଜନିତ ଦାରୁଣ ଦୁଃଖଦୁର୍ଦ୍ଦଶା ଭୋଗୁଛି। ଏଥିରୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ରହିଲେ ଆଉ ଏ ସମସ୍ୟା ସବୁ ଉତ୍ପନ୍ନ ହେବନାହିଁ। ଭଗବାନଙ୍କ ଇଚ୍ଛା ପୂର୍ତ୍ତି ନିମିତ୍ତ ଆଉ କାଳବିଳମ୍ବ ନ କରି ଆସନ୍ତୁ ସଦ୍‌ଗୁରୁଙ୍କଠାରେ ଆଶ୍ରୟ ନେବା। ସେ ଆମର ସବୁ ଦାୟିତ୍ୱ ବହନ କରିବେ। ସଦ୍‌ଗୁରୁ ଓ ଭଗବାନ୍ ଅଭିନ୍ନ- 'ମୁହିଁ ବସଇ ଗୁରୁ ଦେହେ। ମୋ ତହୁଁ ଗୁରୁ ଭିନ୍ନ ନୋହେ।।' (ଭାଗବତ)

ଭୁବନେଶ୍ୱର, ମୋ-୯୪୩୯୧୭୬୮୧୮

## ଏଇ ଭାରତରେ

ଭାରତରେ ପୁଣି ତାଲିବାନୀ ନିଷ୍ପତ୍ତି- ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଘଟଣାଟି ପୂରା ସତ। ବିହାରର ମଧୁବନୀ ଜିଲାର ହତ୍ତାପୁର ପରସା ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ନେତୃତ୍ୱରେ ଓ ଏବକାର ସରପଞ୍ଚଙ୍କ ଅଧକ୍ଷତାରେ ପରସା ଗାଁରେ ଅନୁଷ୍ଠିତ ବୈଠକରେ ଅଜବ ନିଷ୍ପତ୍ତି ନିଆଯାଇଛି। ପଞ୍ଚାୟତ ଲଗାଇଛି ତୋଗଲକୀ କଟକଣା। ଗାଁର କୌଣସି ଝିଅ ଏକୁଟିଆ ମୋବାଇଲରେ କଥା ହୋଇପାରିବେ ନାହିଁ। ଯଦି ଚାହିଁବେ ଅଭିଭାବକଙ୍କ ସମ୍ମୁଖରେ କଥା ହୋଇପାରିବେ। ଝିଅମାନେ ବାହାରକୁ ଯାଇଥିଲେ ସନ୍ଧ୍ୟା ପୂର୍ବରୁ ଘରକୁ ଫେରିବାକୁ ବାଧ୍ୟ। କଟକଣାରୁ ଶୌଚ ବି ବାଦ୍ ପଡିନି। ସନ୍ଧ୍ୟା ପରେ ଓ ସକାଳ ହେବା ପୂର୍ବରୁ ପରସା ଗାଁର କୌଣସି ଝିଅ ପଦାକୁ ଶୌଚ ପାଇଁ ଯାଇପାରିବେ ନାହିଁ ବୋଲି ପଞ୍ଚାୟତର ବୈଠକରେ ନିଷ୍ପତ୍ତି ନିଆଯାଇଛି। କେହି ଗାଁରେ ଅଶ୍ଳୀଳ ଭୋଜପୁରୀ ସଙ୍ଗୀତ ବଜାଇପାରିବେ ନାହିଁ। ଗାଁର କୌଣସି ବ୍ୟକ୍ତି ବି ନିଶାସେବନ କରିପାରିବେ ନାହିଁ। କେହି ରାସ୍ତାକଡରେ ଖୋଲାରେ ଶୌଚ କରିପାରିବେ ନାହିଁ। ରାତି ସାଢେ ୮ଟା ପରେ ଦଳ ଦଳ ହୋଇ ରାସ୍ତାରେ ବୁଲିବା ଉପରେ କଟକଣା ଲଗାଯାଇଛି। ଗାଁର ସବୁ ଉତ୍ସବରେ ବାଜା ବନ୍ଦ। ବିବାହ ଉତ୍ସବରେ ରାସ୍ତାରେ ଝିଅ-ପୁଅ ନାଚିବା ମନା। ଯଦି ନାଚିବେ ତେବେ ଘର ଭିତରେ ନାଚିପାରିବେ। ପରିବେଶ ଦୂଷିତ ନ ହେବା, ସାମାଜିକ ଶାନ୍ତି କେମିତି ବଜାୟ ରହିବ ସେଥିପାଇଁ ଏହି ନିଷ୍ପତ୍ତି ଗ୍ରାମବାସୀଙ୍କ ସହ ବିଚାରବିମର୍ଶ କରାଯାଇ ନିଆଯାଇଥିବା ସରପଞ୍ଚ କହିଛନ୍ତି।

## ଚିରନ୍ତନୀ

କେତେ ମେଘ ଉଦେ ହୋଇ ଗିରି ଚୂଡ଼ାପରେ
ଯାଏ ଯେ ମିଳାଇ ପଲକରେ
ନ ଦେଖୁଁ ନିଜର ପଥ, ଦେହେ ତା'ର ବିଜୁଳି ଚମକ
ନ ଲାଗୁଁ, ଅସୀମ ଦେଶେ ନିଭିଯାଏ ନ ହୁଏ ବିଲୋକ।
(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଅଗଷ୍ଟ ୧୯୯୪

- ୧୫ଶ ରାଜ୍ୟଗୋଷ୍ଠୀ କ୍ରୀଡା ପ୍ରତିଯୋଗିତାର ସୁଟିଂରେ ଭାରତର ଯଶପାଲ ରାଣା ଏବଂ ଅଶୋକ ପଣ୍ଡିତଙ୍କ ଯୋଡିଙ୍କୁ ସ୍ୱର୍ଣ୍ଣପଦକ।
- ମରକ୍କୋର ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୪୪ ମୃତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | | 1 | 9 | | 5 | | | A | | | | | |
| | | | | | | | 0 | 4 | 2 | | | | | E |
| | 8 | | | 5 | 4 | D | | | | | | | | 1 |
| | | | | | | | 8 | | | | B | D | A | 5 |
| | | | | 0 | 6 | 7 | | 2 | C | | | B | 3 | |
| | A | | | | | | C | B | | | | | | |
| E | 2 | | | | 9 | 8 | | | | D | 4 | | | |
| 6 | | | 0 | | | | | | | | 7 | | E | 4 |
| 7 | | | B | 4 | 3 | | A | | | | 6 | 5 | | |
| | | | | | 2 | 3 | | | | | | 1 | 0 | A |
| | | A | 6 | 1 | 0 | | | | | | | | | 2 |
| 3 | | | | | | | 1 | 8 | | | | | | D |
| | 7 | | A | 8 | 5 | | | | | 4 | C | | B | |
| 2 | | B | | 7 | | | | | | | 9 | 4 | | |
| 1 | | 9 | | | | 0 | 3 | | D | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 0 | 2 | 3 | B | 4 | 6 | 1 | 7 | 9 | C | E | A | 8 | 5 |
| C | 3 | 7 | 6 | A | 9 | 4 | B | 5 | 8 | 0 | 1 | 2 | D | E |
| 4 | 6 | 1 | 8 | 2 | E | D | A | C | 7 | B | 5 | 3 | 9 | 0 |
| 5 | 9 | A | 7 | 0 | D | 8 | E | 3 | 6 | 2 | 4 | B | C | 1 |
| E | 8 | B | C | 5 | 1 | 9 | 0 | 2 | A | D | 3 | 6 | 4 | 7 |
| 8 | E | 3 | 1 | C | 6 | 5 | D | 4 | 2 | A | B | 0 | 7 | 9 |
| 6 | 5 | 9 | 4 | D | 0 | B | 7 | A | 3 | 8 | C | E | 1 | 2 |
| 2 | D | 0 | 5 | E | A | 3 | C | 9 | 1 | 7 | 6 | 8 | B | 4 |
| A | B | 4 | 2 | 9 | 7 | 0 | 8 | 1 | 5 | E | D | C | 3 | 6 |
| 7 | 1 | C | B | 3 | 8 | E | 2 | 6 | 4 | 9 | 0 | D | 5 | A |
| 9 | 4 | D | A | 7 | 3 | C | 6 | B | E | 1 | 2 | 5 | 0 | 8 |
| 1 | C | 6 | E | 8 | B | 7 | 4 | 0 | D | 5 | A | 9 | 2 | 3 |
| 3 | 2 | E | 0 | 6 | C | 1 | 5 | 8 | B | 4 | 9 | 7 | A | D |
| 0 | A | 8 | 9 | 1 | 5 | 2 | 3 | D | C | 6 | 7 | 4 | E | B |
| B | 7 | 5 | D | 4 | 2 | A | 9 | E | 0 | 3 | 8 | 1 | 6 | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଜେଡିକୁ ଧନ୍ୟବାଦ

ମହାଶୟ,

ତିନି ତଲାକ୍ ବିଲ୍‌କୁ ମଞ୍ଜୁରୀ ମିଳିବା ଭାରତର ଗଣତାନ୍ତ୍ରିକ ଇତିହାସରେ ଏକ ମାଇଲଖୁଣ୍ଟ। ଏହି ପ୍ରସ୍ତାବ ସପକ୍ଷରେ ୯୯ଟି ଭୋଟ ମିଳିଥିବା ବେଳେ ବିପକ୍ଷରେ ୮୮ଟି ଭୋଟ ମିଳିବାରୁ ଏଇ ବିଲ୍‌ଟି ରାଜ୍ୟ ସଭାରେ ଗୃହୀତ ହୋଇଛି। ଏଥିରେ ବିଜେଡି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ବିଜେଡିର ରାଜ୍ୟ ସଭାରେ ୬ ଜଣ ଯାକ ସଦସ୍ୟ ଏହି ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିବାରୁ ଏହା ଗୃହୀତ ହେଲା। ମୂଳରୁ କଂଗ୍ରେସ ଓ ଏହାର ସହଯୋଗୀ ଦଳ ମୁସଲମାନ ଭୋଟ ବ୍ୟାଙ୍କକୁ ଆଖିରେ ରଖି ଏହାର ବିରୁଦ୍ଧାଚରଣ କରୁଥିଲେ। ତେଣୁ ରାଜ୍ୟ ସଭାରେ ଏନ୍‌ଡିଏର ସଂଖ୍ୟାଗରିଷ୍ଠତା ନ ଥିବା ହେତୁ ଏହା ଦୁଇବର୍ଷ ହେବ ଝୁଲି ରହିଥିଲା। ତେବେ ବିଜେଡି ଏହି ବିଲ୍‌ରେ କେତେକ ସଂଶୋଧନ ପ୍ରସ୍ତାବ ଆଣି ଲୋକ ସଭାରେ କକ୍ଷତ୍ୟାଗ କରିଥିଲେ ହେଁ ରାଜ୍ୟ ସଭାରେ ସେମାନଙ୍କ ଆଭିମୁଖ୍ୟ ପରିବର୍ତ୍ତନ କରିବାରୁ ଦେଶର ଏହି ବହୁ ପ୍ରତୀକ୍ଷିତ ବିଲ୍ ପାସ୍ ହୋଇ ମୁସଲିମ୍ ମହିଳାଙ୍କ ପାଇଁ ଆଶ୍ୱସ୍ତିକର ହୋଇଛି। ସେଥିପାଇଁ ବିଜେଡିକୁ ଧନ୍ୟବାଦ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ଅନୁପଯୁକ୍ତ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ

ଧରିତ୍ରୀ(୨୭।୭)ରେ ପ୍ରକାଶିତ 'ଗହୀର ମଝିରେ ଭାଙ୍ଗିଲା ୮ ବିଦ୍ୟୁତ୍ ଖୁଣ୍ଟ' ଖବର ପଢ଼ିଲି। ଖୁଣ୍ଟ ପକାଇବା ସମୟରେ ଅନେକ ବ୍ୟକ୍ତି ଏହାକୁ ବିରୋଧ କରିଥିଲେ ମଧ୍ୟ ସମ୍ପୃକ୍ତ ଯନ୍ତ୍ରୀ କର୍ଣ୍ଣପାତ କରି ନ ଥିଲେ। ବର୍ତ୍ତମାନ ଯେଉଁ ସ୍ଥାନରେ ଖୁଣ୍ଟ ପକାଉଛନ୍ତି ତାହା ମଧ୍ୟ ବେଆଇନ। ଯେଉଁଠି ଖୁଣ୍ଟ ପୋତା ହେଉଛି ତାହା କଟକ-ପାରାଦୀପ ମୁଖ୍ୟରାସ୍ତା। ଏଥିରେ ୧୧ କେଭି ତାର ଟାଣିବା ଏବଂ ତଳେ ଗାର୍ଡିଂ ନ ଦେବାରୁ ଭବିଷ୍ୟତରେ ଧନଜୀବନ ନଷ୍ଟ ହୋଇପାରେ। ଆର୍ ଆଣ୍ଡ ବି ଅନୁମତି ଦେଇଛି କି ନାହିଁ ସନ୍ଦେହ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ, ପରିବାରକୁ ସହାୟତା ଦାବି

କୁଜଙ୍ଗ,୨୨।୮(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ ବାଲିଆ ପଞ୍ଚାୟତ ମଲିପୁରା ଗ୍ରାମରେ ଗୁରୁବାର ଅପରାହ୍ନରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁବାସ ବିଶ୍ୱାଳ(୪୭)। ଧାନ ବିଲରେ କାମ କରୁଥିବାବେଳେ ସେ ବଜ୍ରପାତର ଶୀକାର ହୋଇଥିଲେ। ବିଲରେ କାମ କରୁଥିବା ଅନ୍ୟ ଚାଷୀମାନେ ଏହାଦେଖି ଗୁରୁତର ଅବସ୍ଥାରେ ତାଙ୍କୁ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ସୁବାସଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବିଧାୟକଙ୍କ ପ୍ରତିନିଧି ଚିତ୍ତରଞ୍ଜନ ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ସୁଢଳ ସ୍ୱାଇଁ, ମଲିପୁରା ଗ୍ରାମର ମୁରବୀ ବୈକୁଣ୍ଠ ଗୋଚ୍ଛାୟତ, କେଳୁ ବାରିକ, ଜଗବନ୍ଧୁ ଦାସ, ଫକୀର ଓଝା, ଟୁନା ପାତ୍ର ପ୍ରମୁଖ ମୃତ ଚାଷୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏହି ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସେମାନେ ଦାବି କରିଥିଲେ। ପରେ କୁଜଙ୍ଗ ତହସିଲ ପକ୍ଷରୁ ମୃତକଙ୍କ ପରିବାରଙ୍କୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ତେବେ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ରାଜସ୍ୱ ନିରୀକ୍ଷକ ମୃତ ଚାଷୀଙ୍କ ଘରକୁ ନ ଯାଇ ତାଙ୍କ ପରିବାରକୁ କାର୍ଯ୍ୟାଳୟକୁ ଡାକି ସହାୟତା ଦେବା ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

■ ପାରାଦୀପ-ହରିଦାସପୁର ରେଳପଥ ନିର୍ମାଣ

# କାର୍ଯ୍ୟରେ ଅଙ୍କୁଶ ଲଗାଇଲେ ଏନ୍‌ଜିଟି

ପାରାଦୀପ,୨୨।୮(ସ୍ୱ.ପ୍ର.)


ନିର୍ମାଣାଧୀନ ପାରାଦୀପ-ହରିଦାସପୁର ରେଳ ପ୍ରକଳ୍ପ।

■ ଯାଞ୍ଚ କରି ରିପୋର୍ଟ ଦେଲେ ୪ ଜଣିଆ କମିଟି
■ ଜରିମାନା ଗଣିବ ଠିକା ସଂସ୍ଥା

ଦୀର୍ଘବର୍ଷ ହେଲା ନିର୍ମାଣାଧୀନ ଥିବା ପାରାଦୀପ-ହରିଦାସପୁର ରେଳପଥକୁ ନେଇ ଏବେ ପୁଣି ବିବାଦ ସୃଷ୍ଟି ହୋଇଛି। ଏହି ରେଳପଥ ନିର୍ମାଣ କ୍ଷେତ୍ରରେ ଅନିୟମିତତା ଏବଂ ଇଆଇଏ (ଏନଭର୍ନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ)କୁ ନେଇ ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ) ଆପତ୍ତି ଉଠାଇଛନ୍ତି। ଫଳରେ ଏହି ରେଳପଥ ନିର୍ମାଣ କାର୍ଯ୍ୟରେ ଅଙ୍କୁଶ ଲାଗିଛି। ସୂଚନା ଅନୁଯାୟୀ, ଏହି ନିର୍ମାଣ କାର୍ଯ୍ୟରେ ଅନିୟମିତତା ନେଇ କେନ୍ଦ୍ରାପଡ଼ା ଜିଲାର ଶଶିଭୂଷଣ ପଟ୍ଟନାୟକ ନାମକ ଜଣେ ବ୍ୟକ୍ତି ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ନଂ.୫୫/୨୦୧୮ରେ ଏକ ମାମଲା ରୁଜୁ ହୋଇଛି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ କ୍ରମେ ଏକ ୪ଜଣିଆ କମିଟି ଏହାର ଯାଞ୍ଚ କରିଥିଲେ। ଗତ ୯।୮।୨୦୧୯ରେ ଏହି ୪ଜଣିଆ କମିଟି ଯାଞ୍ଚ କରି ଯେଉଁ ରିପୋର୍ଟ ପ୍ରଦାନ କରିଛନ୍ତି ସେଥିରୁ ରେଳପଥ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଭୁଲ୍ ଥିବା ଜଣାଯାଇଛି।

ଏସ୍‌ସିବି ମେଡିକାଲ କଲେଜର ଜଣେ ଡାକ୍ତର, ଏଗ୍ରିକଲ୍‌ଚର ବିଭାଗ ଅଧିକାରୀ, ଉଦ୍ୟାନ ବିଭାଗ ଅଧିକାରୀ ଓ ଷ୍ଟେଟ୍ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡର ଜଣେ ଅଧିକାରୀ ଏହି କମିଟିରେ ସଦସ୍ୟ ଅଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ରେଳପଥ ନିର୍ମାଣ ବେଳେ ଯେଉଁ ମାଟି ଖୋଳାଯାଉଛି ସେଥିପାଇଁ ବିଭାଗୀୟ ଅଧିକାରୀଙ୍କଠାରୁ ଅନୁମତି ନିଆଯାଇନାହିଁ। କେନ୍ଦ୍ରାପଡ଼ା ଜିଲାର ୪୦ କି.ମି. ରେଳପଥ ପାଇଁ ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କ ରିପୋର୍ଟରେ ଅସମାନତା ରହିଛି। ଯେଉଁ ଅଞ୍ଚଳ ଦେଇ ରେଳପଥ ନିର୍ମାଣ ହେଉଛି, ସେହି ଅଞ୍ଚଳର କୃଷି, ମୃତ୍ତିକା, ଜୀବନଶୈଳୀ ଉପରେ ପଡିବାକୁ ଥିବା ପ୍ରଭାବ ଉପରେ ଆବଶ୍ୟକ ତର୍ଜମା କରାଯାଇନାହିଁ। ଏମିତି ଅନେକ ତ୍ରୁଟି ଥିବା କମିଟି ଯାଞ୍ଚ ବେଳେ ଜାଣିବାକୁ ପାଇଛି।

ଏହି ରିପୋର୍ଟ ଆଧାରରେ ସମ୍ପୃକ୍ତ ଠିକା ସଂସ୍ଥା ମାଟି ଖୋଳା ବାବଦ ଜରିମନା ଦେବାକୁ ମଧ ସ୍ଥିର ହୋଇଛି। ସୂଚନାଯୋଗ୍ୟ ଯେ, ୮୧ କିମିର ଏହି ରେଳପଥ ପାଇଁ ୨୦୦୯ରୁ ସରକାର ଉଦ୍ୟମ ଚଳାଇଛନ୍ତି। ଅନେକ ବିବାଦ, ରେଳ ବଜେଟ୍‌ରେ ଅର୍ଥ ବୃଦ୍ଧି ଆଦି ଯୋଗୁ ଧାର୍ଯ୍ୟ ସମୟଠାରୁ ବହୁ ବିଳମ୍ବ ହୋଇସାରିଲାଣି। ଗତ ମାସରେ କେନ୍ଦ୍ର ସରକାର ଘୋଷଣା କରିଥିଲେ ୨୦୧୯ ଡିସେମ୍ବର ମାସ ସୁଦ୍ଧା ଏହି ରେଳପଥରେ ଟ୍ରେନ ଚଳାଚଳ କରିବ। ଏପରି କି ଉକ୍ତ ରେଳପଥରେ ପରୀକ୍ଷାମୂଳକ ଭାବେ ଏକ ରେଳ ଇଞ୍ଜିନ ଗଡି ସାରିଲାଣି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ରେଳପଥ କାମ ଚାଲିଥିଲା। ଏହି ସମୟରେ ଏବେ ଏନଜିଟି ନିର୍ମାଣ କାମ ଉପରେ ଅଙ୍କୁଶ ଲଗାଇବା ଫଳରେ ତାହା ପୁଣି ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଏହି ୮୧ କି.ମି. ରେଳପଥ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ୪୦ କି.ମି. ରହୁଛି, ଯାହା କି କେନ୍ଦ୍ରାପଡ଼ା ଜିଲା ପାଇଁ ପ୍ରଥମ ରେଳଲାଇନ୍ ବୋଲି କୁହାଯାଉଛି।


ଅଗ୍ନିକାଣ୍ଡ ପରେ ରୋଗୀ ଏବଂ ସମ୍ପର୍କୀୟ ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ବସିଛନ୍ତି।

## ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନିକାଣ୍ଡ

ଜଗତ୍‌ସିଂହପୁର ଅଫିସ,୨୨।୮

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତି ବିଭାଗ ବାରଣ୍ଡାରେ ବୁଧବାର ବିଳମ୍ବିତ ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ଏହି ସମୟରେ ପ୍ରସୂତି, ଗର୍ଭବତୀ ଓ ସେମାନଙ୍କ ସମ୍ପର୍କୀୟମାନେ ବିଚଳିତ ହୋଇପଡିଥିଲେ। ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଏଣେ ତେଣେ ଦୌଡ଼ିଥିଲେ। ତେବେ ଏଥିରେ କାହାର କିଛି ହୋଇ ନ ଥିବା ଜଣାଯାଇଛି। ଘଟଣାସ୍ଥଳରେ ଏଡିଏମ୍‌ଓ ପହଞ୍ଚି ଅଗ୍ନିଶମ ନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁ ଆୟତ୍ତ କରିବାକୁ ପଦକ୍ଷେପ ନେବା ସହ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିଲାବେଳକୁ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଯାଇଥିଲା। ପାଖାପାଖି ୨ ଘଣ୍ଟା କାଳ ୱାର୍ଡ ଓ ଏହି ବାରଣ୍ଡାରେ ଥିବା ପ୍ରସୂତି, ଗର୍ଭବତୀ ଓ ସେମାନଙ୍କ ସମ୍ପର୍କୀୟମାନେ ମେଡିକାଲ ପରିସର ଫାଟକ ନିକଟରେ ରୁଣ୍ଡ ହୋଇରହିଥିଲେ। ସେସୁ ଏସ୍‌ଡିଓଙ୍କୁ ଖବର ଦିଆଯିବା ପରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯିବା ସହ ଜେନେରେଟର ସାହାଯ୍ୟରେ ବିଦ୍ୟୁତ ସଂଯୋଗ କରାଯାଇଥିଲା। ମରାମତି ପରେ ପୁନଃ ବିଦ୍ୟୁତ ସଂଯୋଗ କରାଯାଇଥିଲା। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଅଜୟ କୁମାର ବୈଠାରୁ କହିଛନ୍ତି ଯେ, ଇନଭର୍ଟର ଉପରେ ଏକ ପାରା ବସିଯିବାରୁ ସଟସର୍କିଟ୍ ହୋଇଯାଇଥିଲା। ଏପରି କି ପାରାଟି ପୋଡିଯାଇଥିଲା। ଏହି ସମୟରେ ଅଗ୍ନିକାଣ୍ଡ ହେବାରୁ ଲୋକେ ଭୟଭୀତ ହୋଇ ଯାଇଥିଲେ। ସେମାନଙ୍କୁ ପରବର୍ତ୍ତୀ ସମୟରେ ଭେସଜ ୱାର୍ଡକୁ ସ୍ଥାନାନ୍ତର କରାଯିବା ସହ ପରିସ୍ଥିତି ସ୍ୱାଭାବିକ କରାଯାଇଥିଲା। ଆଗକୁ କିପରି ଏଭଳି ଅଘଟଣ ନ ଘଟିବ ସେନେଇ ଚିନ୍ତା କରାଯାଉଛି ବୋଲି ସିଡିଏମ୍‌ଓ କହିଛନ୍ତି।


**ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀ ରବିନାୟକ ସାର୍**
ଭୀମଟାଙ୍ଗୀ, ଭୁବନେଶ୍ୱର

ଆପଣ ଜଣେ ବରିଷ୍ଠ ଆଇନଜୀବୀ, RN B.Ed College, RN +2 Junior College ଓ RN Degree College ର ପ୍ରତିଷ୍ଠା କରି ଶିକ୍ଷା କ୍ଷେତ୍ରରେ ଆପଣ ଅନନ୍ୟ ଭୂମିକା ନିଭାଇଛନ୍ତି। ଆପଣଙ୍କ ପବିତ୍ର ଜନ୍ମଦିନରେ ଆମ୍ଭେ ଆପଣଙ୍କୁ ଶୁଭେଚ୍ଛା ଜଣାଉଛୁ।

RN Group of College ର କର୍ମଚାରୀ ବୃନ୍ଦ।

ଧ-୬୭୨୧୬

**ଜନ୍ମଦିନ ଶୁଭେଚ୍ଛା**



**ଦେବାଶିଷ ଦେବାଙ୍ଗ (ସୋମୁ)**

ଆଜି ତୋର ଜନ୍ମବାର୍ଷିକରେ ପ୍ରଭୁ ସୋମନାଥ ତୋ ଜୀବନରେ ସର୍ବଦା ସୁଖ, ଶାନ୍ତି ଭରିଦିଅନ୍ତୁ, ଦୀର୍ଘାୟୁ ଓ ଯଶସ୍ୱୀ କରି ଜଣେକ ଉତ୍ତମ ମଣିଷ କରନ୍ତୁ। ତୋର ଚଲାପଥ କୁସୁମିତ ହେଉ।

ଶୁଭେଚ୍ଛାସହ:
ଜେଜେ, ଜେଜେମା, ବାପା– ବିପିନ, ମା'– ତନ୍ମୟୀ, ବୋଉ, ଦାଦା, ଖୁଡ଼ୀ ଓ ପରିବାରବର୍ଗ।

ଧ-୧୩୯୬୫

**ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀ ରବିନାୟକ ସାର୍**

ହେ ରବିନାୟକ ସାର, ଆପଣ ଓଡ଼ିଶାର ରାଜେଶଖାନା ଅଟନ୍ତି। ଆପଣ Orissa Film & TV Institute / Indian School of Drama, Ravi Nayak Academy of Film & TV ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା। ୧୯୯୩ ମସିହାରୁ ଦୀର୍ଘ ୨୬ ବର୍ଷଧରି ଚଳଚ୍ଚିତ୍ର, ଦୂରଦର୍ଶନ ନାଟକ ଓ ଯାତ୍ରା ଜଗତକୁ ବହୁ ନାମୀ କଳାକାର ଦାନ କରିଛନ୍ତି। ସେଥିପାଇଁ ଆଜି ଆପଣଙ୍କ ଜନ୍ମତିଥିରେ ଆମ୍ଭେ ଭକ୍ତିପୂତ ପ୍ରଣାମ ଜଣାଉଛୁ।

ଶୁଭେଚ୍ଛା ସହ
Indian School of Drama ର ଛାତ୍ରଛାତ୍ରୀ ମାନେ।

ଧ-୬୭୨୧୪

**ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀ ରବିନାୟକ ସାର୍**
ଭୀମଟାଙ୍ଗୀ, ଭୁବନେଶ୍ୱର

ହେ ରବିନାୟକ ସାର୍, ଆପଣ Rabi Nayak Film Studio/ Rabi Nayak TV Studio/ Rabi Nayak Acting Studio/ Rabi Nayak Dance Studio/ RN Films/ Rabi Nayak TV.com (Youtube)/ Rabi Nayak Bhati TV/ Rabi Nayak Music Studio/ Rabi Nayak Editing Studio ପ୍ରତିଷ୍ଠା କରି କଳା ଜଗତକୁ ଋଦ୍ଧିମନ୍ତ କରିଛନ୍ତି। ଆପଣଙ୍କର ଏହି ପବିତ୍ର ଜନ୍ମଦିନରେ ଆମ୍ଭେ ଆପଣଙ୍କର ଆଶୀର୍ବାଦ ଭିକ୍ଷା କରୁଛୁ। RN Studio ର ସମସ୍ତ ଟେକ୍‌ନିସିଆନ୍‌ମାନେ।

ଧ-୬୭୨୧୫


# ଶିକ୍ଷକଙ୍କ ନିଲମ୍ବନ ପ୍ରତିବାଦରେ ବିଦ୍ୟାଳୟରେ ତାଲା

ନାଉଗାଁ,୨୨।୮(ସ୍ୱ.ପ୍ର.)


ଶିକ୍ଷକଙ୍କ ନିଲମ୍ବନକୁ ବିରୋଧ କରି ଛାତ୍ରୀଛାତ୍ର ରାସ୍ତାରେ ଧାରଣାରେ ବସିଛନ୍ତି।

■ ଅଭିଭାବକ, ଛାତ୍ରୀଛାତ୍ର ଓ ଶିକ୍ଷା କମିଟି ସଦସ୍ୟଙ୍କ ଧାରଣା
■ ୨ଦିନରେ ସମାଧାନ ନ ହେଲେ ସବୁ ବିଦ୍ୟାଳୟ ବନ୍ଦ କରିବାକୁ ଚେତାବନୀ

ନାଉଗାଁ ବ୍ଲକ ଗଜରାଜପୁର ପଞ୍ଚାୟତରେ ଥିବା ଗୋପାଳଜୀଉ ଉ.ପ୍ରା. ବିଦ୍ୟାଳୟର ସହକାରୀ ଶିକ୍ଷକ ଉମାକାନ୍ତ ଆଚାର୍ଯ୍ୟଙ୍କୁ ନିଲମ୍ବନ କରିବା ପ୍ରତିବାଦରେ ଗୁରୁବାର ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷା କମିଟି ସଦସ୍ୟମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଦେବା ସହ ଧାରଣାରେ ବସିଥିଲେ। ଏପରିକି ବିଦ୍ୟାଳୟ ସମ୍ମୁଖ ଗଜରାଜପୁର-ମୁଣ୍ଡାଳ ମୁଖ୍ୟ ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ଖବରପାଇ ଘଟଣାସ୍ଥଳରେ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ୍ୱର ସେଠୀ ପୋଲିସ ସହ ପହଞ୍ଚିଥିଲେ। ଶିକ୍ଷା କମିଟି ସଭାପତି ଅଶୋକ କୁମାର ପଟ୍ଟନାୟକ, ସରପଞ୍ଚ ରଶ୍ମିତା ମହାନ୍ତି, ସ୍ଥାନୀୟ ଯୁବକ ତୁଷାରକାନ୍ତ ମହାନ୍ତିଙ୍କ ସହ ଆଲୋଚନା କରି ଶନିବାର ସୁଦ୍ଧା ଏନେଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ୨ ଦିନ ମଧ୍ୟରେ ପ୍ରତିଶ୍ରୁତି ପାଳନ କରା ନ ଗଲେ ଶନିବାରଠାରୁ ଉକ୍ତ ବିଦ୍ୟାଳୟ ସମେତ ପଞ୍ଚାୟତର ସମସ୍ତ ବିଦ୍ୟାଳୟରେ ତାଲା ପଡିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ୯୨ ଛାତ୍ରୀଛାତ୍ରଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦିଆଯାଇଥିଲା। ଏଥିରେ ଦର୍ଶାଯାଇଛି ଯେ, ଉମାକାନ୍ତ ସାର ଜଣେ ଭଲ ଶିକ୍ଷକ ଓ ତାଙ୍କର ଶିକ୍ଷାଦାନ ଶୈଳୀ ଉଚ୍ଚକୋଟିର। ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରା ନ ଗଲେ କୌଣସି ଶିକ୍ଷକଙ୍କୁ ବିଦ୍ୟାଳୟକୁ ପୁରାଇ ଦିଆଯିବ ନାହିଁ। ସୂଚନାଯୋଗ୍ୟ, ବୁଧବାର ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ଅଚାନକ ନାଉଗାଁ ବ୍ଲକ ଗସ୍ତରେ ଆସି ଗୋପାଳଜୀଉ ଉପ୍ରା ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ଶିକ୍ଷକମାନଙ୍କୁ ଲେଶନ ପ୍ଲାନ ମାଗିଥିଲେ। ସହକାରୀ ଶିକ୍ଷକ ଶ୍ରେଣୀଗୃହରେ ଥିବାବେଳେ ଲେଶନ ପ୍ଲାନ ଦେଇ ପାରି ନ ଥିଲେ। ଫଳରେ ସଙ୍ଗେ ସଙ୍ଗେ ତାଙ୍କୁ ନିଲମ୍ବନ କରାଯାଇଥିଲା। ଏନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରଧାନ ଶିକ୍ଷକ ରମାକାନ୍ତ ମହାନ୍ତିଙ୍କ ନିକଟକୁ ଚିଠି ଆସିଥିଲା।


**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କର ଏକ ଉପକ୍ରମ)
ମଣ୍ଡଳୀୟ କାର୍ଯ୍ୟାଳୟ: ୩/୧-ବି, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଗାଡି ବିକ୍ରୟ**

"ଯେପରି ଅଛି ଯେଉଁଠାରେ ଅଛି" ଭିତ୍ତିରେ (ରେଜିଷ୍ଟ୍ରେସନ ନମ୍ବର: ଓଆର୍-୦୨-ବିସି-୦୮୪୮ ଏବଂ ଓଆର୍-୦୨-ବିପି-୬୮୧୮, ମେକ୍: ଟାଟା, ମଡେଲ: ଇଣ୍ଡିକା ଭିସ୍ତା, ଗାଡିର କ୍ରୟ ହୋଇଥିବା ବର୍ଷ: ୨୦୧୦ ଏବଂ ୨୦୧୧) ଗାଡି ବିକ୍ରୟ ପାଇଁ ଉପଲବ୍ଧ । ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ଆଲ୍ଲାହାବାଦ ବ୍ୟାଙ୍କ, ମଣ୍ଡଳୀୟ କାର୍ଯ୍ୟାଳୟ, ଭୁବନେଶ୍ୱର (୦୬୭୪-୨୩୬୦୪୩୩)କୁ ଫୋନ୍ କରିପାରନ୍ତି କିମ୍ବା ଆମର ୱେବସାଇଟ୍: **www.allahabadbanktenders.in** କୁ ଦେଖିପାରନ୍ତି ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୩.୦୮.୨୦୧୮

ଉପ ମହାପ୍ରବନ୍ଧକ ଏବଂ ମଣ୍ଡଳ ମୁଖ୍ୟ, ଭୁବନେଶ୍ୱର

**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
ଭୁବନେଶ୍ୱର-୭୫୧୦୦୧
ସମ୍ପଦ ବିଭାଗ

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର ମୁଖ୍ୟ କାର୍ଯ୍ୟାଳୟ ପରିସର ମଧ୍ୟରେ ଏକ୍ସରେ ସ୍କାନରର ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ ନିଯୁକ୍ତ

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଙ୍କ ତରଫରୁ ଉପରୋକ୍ତ କାର୍ଯ୍ୟ (ଆନୁମାନିକ ମୂଲ୍ୟ ୧୭ ଲକ୍ଷ) ପାଇଁ ଯୋଗ୍ୟ ଠିକାଦାରମାନଙ୍କ ଠାରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । MSTC Portal ରେ ଏହି ଟେଣ୍ଡର ଜମା କରିବାର ଶେଷ ସମୟ ଦିନାଙ୍କ ୨୭ ସେପ୍ଟେମ୍ବର ୨୦୧୯ ଅପରାହ୍ନ ୨ ଟା ଅଟେ । ଅଧିକ ବିବରଣୀ ପାଇଁ ବ୍ୟାଙ୍କ ର ୱେବ୍‌ସାଇଟ୍ www.rbi.org.in କୁ ଦେଖନ୍ତୁ । କ୍ଷେତ୍ରୀୟ ନିର୍ଦ୍ଦେଶକ

**STONA - 2020**

Applications are hereby invited from Entrepreneurs / Artisans dealing with Stone Carving craft of the State for participation in up - coming **STONA - 2020**, to be held from **06-02-2020** to **09-02-2020** at Bengaluru (Karnatak). Interested Entrepreneurs / Artisans may apply to SIDAC on or before **20-09-2019** giving details as follows: Name, detail address with contact numbers, type of business, product to be displayed, type of stone used, annual turnover and past experience in execution of export order (if any) etc.Only selected Entrepreneurs / Artisans will be allowed to participate in the event.

Member Secretary

SIDAC
**State Institute for Development of Arts & Crafts**
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, P.O- Khandagiri, Bhubaneswar - 751030
Tel No.+91 (0) 674 2350318, 2350310,E-mail: sidacorissa@gmail.com, Web site: www.sidacodisha.org.in

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 58 of 2019**

**Syndicate Bank, Paradeep Port Branch, Paradeep, Dist.: Jagatsinghpur** ...Applicant
-Versus-
**Narayan Swain and others** ...Defendants

To,
1. **Mr. Narayan Swain,** S/o- Ghana Swain, At.: Nimidhi, P.O.: Paradeepgarh, P.S.: Paradeep, Dist.: Jagatsinghpur-754141.
2. **Mr. Dushasan Swain,** S/o- Kailash Chandra Swain, At: Pipal, P.O.: Bhutmundai, P.S.: Paradeepgarh, Dist.: Jagatsinghpur-754141.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 58 of 2019** in the Court of Debts Recovery Tribunal at Cuttack for a recovery of **Rs.32,42,278.98** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **27th day of September 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **09th day of August 2019.**

**Sd/- Registrar**
**Debts Recovery Tribunal**



# ମନେ ପଡ଼ନ୍ତି

**୧୯ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ନରେନ୍ଦ୍ର ପ୍ରସାଦ ସିଂ (ଓପିଏସ୍)**
(ପୂର୍ବତନ ଅବସରପ୍ରାପ୍ତ ଡି.ଏସ୍.ପି)
ଜଗନ୍ନାଥ ଭବନ, କୁଞ୍ଜକାନ୍ତ, ଢେଙ୍କାନାଳ
ଆବିର୍ଭାବ: ୨୭।୦୩।୧୯୪୩
ତିରୋଧାନ: ୨୩।୦୮।୨୦୦୦

ଆଜି ୧୯ତମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ:
ବନ୍ଧୁ ଓ ପରିବାରବର୍ଗ।

ଧ-୬୬୮୧୫

**ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ ସୁମନ୍ ପଟ୍ଟନାୟକ**
ଏରୋଡ୍ରମ ଏରିଆ, ଭୁବନେଶ୍ୱର
ତିରୋଧାନ ; ୨୩.୦୮.୨୦୧୦

ଆଜିର ପୁଣ୍ୟତିଥିରେ ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ
ପରିବାରବର୍ଗ
ବନ୍ଧୁ ଓ ଆତ୍ମୀୟସ୍ୱଜନ ।

ଧ-୧୪୦୦୫

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଅଧ୍ୟାପିକା ସ୍ୱାତୀ ମହାନ୍ତି**
ବି-୮, ମେଟ୍ରୋ ଟାୱାର, ଭୋଇନଗର, ଭୁବନେଶ୍ୱର-୨୨
ଆବିର୍ଭାବ: ୧୯।୦୪।୧୯୫୮
ତିରୋଧାନ: ୦୬।୦୯।୨୦୦୪
(ଜନ୍ମାଷ୍ଟମୀ)

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି।

ଶୋକସନ୍ତପ୍ତ
ଲକ୍ଷ୍ମୀନୃସିଂହ ଓ ରୋନିତ୍

ଧ-୬୧୦୬୧

**ଦଶାହ ଉପଲକ୍ଷେ**



**ସ୍ୱ ପ୍ରାଣ ରଞ୍ଜନ ପାଣି**
ଆବିର୍ଭାବ : ୧୭.୧୨.୧୯୬୨
ତିରୋଧାନ : ୧୪.୦୮.୨୦୧୯

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥

ଆପଣଙ୍କର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିବୁ । ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ : ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ

ଧ-୬୧୯୭୦



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 59 of 2019**

**Syndicate Bank, Paradeep Port Branch, Paradeep, Dist.: Jagatsinghpur** ...Applicant
-Versus-
**Laxmidhar Sahoo and others** ...Defendants

To,
1. **Mr. Laxmidhar Sahoo,** S/o- Parikshit Sahoo, At/P.O.: Paradeepgarh, P.S.: Paradeep, Dist.: Jagatsinghpur-754142.
2. **Mr. Saroj Kumar @ Kanta Sahoo,** S/o- Parikshit Sahoo, At/P.O.: Paradeepgarh, P.S.: Paradeep, Dist.: Jagatsinghpur- 754142.
3. **Mr. Ananta Biswal,** S/o.: Prahallad Biswal, At: Katakula, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 59 of 2019** in the Court of Debts Recovery Tribunal at Cuttack for a recovery of **Rs.36,41,176.84** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **27th day of September 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **09th day of August 2019.**

**Sd/- Registrar**
**Debts Recovery Tribunal**

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 56 of 2019**

**Syndicate Bank, Paradeep Port Branch, Paradeep, Dist.: Jagatsinghpur** ...Applicant
-Versus-
**Mamata Swain and others** ...Defendants

To,
1. **Smt. Mamata Swain,** W/o- Pramod Swain, At: Santara, P.O.: Mangarajpur, P.S.: Kujanga, Dist.: Jagatsinghpur-754141.
2. **Mr. Sudhansu Bhusan Baral,** S/o- Nrusingh Chandra Baral, At: Fatepur, P.O.: Gopiakud, P.S.: Kujanga, Dist.: Jagatsinghpur-754141.
3. **Mr. Pramod Swain,** S/o.: Late Gopi Swain, At: Santara, P.O.: Mangarajpur, P.S.: Kujanga, Dist.: Jagatsinghpur-754141.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 56 of 2019** in the Court of Debts Recovery Tribunal at Cuttack for a recovery of **Rs.50,000.00** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **27th day of September 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **09th day of August 2019.**

**Sd/- Registrar**
**Debts Recovery Tribunal**

## ସଂକ୍ଷେପରେ

### ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା କରିବାକୁ ଦାବି

**କୁଜଙ୍ଗ,୨୨।୮(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍, ତହସିଲ, କୋର୍ଟ, ବଜାର ଆଦି ପରିସରରେ ସାଧାରଣ ଲୋକଙ୍କ ପାଇଁ ପରିଶ୍ରାଗାର ନାହିଁ। ଏଥିପାଇଁ ବିଶେଷ କରି ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଅଧିକାଂଶ ସ୍ଥାନରେ ପାନୀୟଜଳ ବ୍ୟବସ୍ଥା ମଧ ନାହିଁ। ତେଣୁ ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ କୁଜଙ୍ଗ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମଞ୍ଚ ସଭାପତି ବୀରେନ୍ଦ୍ର ବିଶ୍ୱାଳଙ୍କ ପୌରୋହିତ୍ୟରେ ଏକ ପ୍ରତିନିଧି ଦଳ କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡାଙ୍କୁ ସାକ୍ଷତ କରି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ବେଳେ ମଞ୍ଚର ରାଜ୍ୟ ସଙ୍ଗଠନ ସମ୍ପାଦକ ବାବୁରାମ ଚୌଧୁରୀ, ସାମାଜିକ କର୍ମୀ ରଜନୀକାନ୍ତ ଦାସ, ନାରାୟଣ ମଲ୍ଲିକ୍, ବିଜୟ ଖଟେଇ, ଦ୍ୱୀଜବର ବେହେରା, ହିମାଂଶୁ ଶେଖର ଦାସ, କୃଷ୍ଣଚନ୍ଦ୍ର ମହାନ୍ତି, ଜୟକୃଷ୍ଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, କୁଜଙ୍ଗରେ କେନାଲ ବନ୍ଧରେ ଏକ ଶୌଚାଳୟ ଲକ୍ଷାଧିକ ଟଙ୍କାରେ ନିର୍ମାଣ କରାଯାଇଥିଲେ ମଧ ଉଦ୍‌ଘାଟନ ପରଠାରୁ ତାହା ବ୍ୟବହାର ନ ହୋଇ ବନ୍ଦ ରହିଛି। ଏଠାରେ ବଡ଼ ବଜାର ସାଙ୍ଗକୁ ଜିଲାସ୍ତରୀୟ କେତେକ କାର୍ଯ୍ୟାଳୟ ଓ ଏଡିଜେଙ୍କ କୋର୍ଟ ମଧ୍ୟ ରହିଛି। ଫଳରେ ବହୁ ଜନସାଧାରଣ ଏଠାକୁ ଆସନ୍ତି। ମାତ୍ର ପାନୀୟଜଳ ଓ ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ସେମାନେ ହଇରାଣ ହେଉଛନ୍ତି।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ସାଲେପୁର,୨୨।୮(ଡି.ଏନ୍.ଏ):** ସାଲେପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର ହୋଇଛି। ଏନେଇ ପୀଡିତାଙ୍କ ମାମୁଁ ଗୁରୁବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୨୦୮/୧୯) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ପୀଡିତା ମାମୁଁ ଘରେ ରହୁଥିଲେ। ଉକ୍ତ ଅଞ୍ଚଳର ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

# ମହାନଦୀ ପୋଲକୁ ବିପଦ ଭାରିଯାନ

**ପାରାଦୀପ,୨୨।୮(ସ୍ୱ.ପ୍ର.)**

- ପୋଲ ଉପରେ ଅଟକି ରହୁଛି ଶତାଧିକ ଟ୍ରକ୍
- ଗୋଟିଏ ଟ୍ରକ୍‌ର ଓଜନ ପ୍ରାୟ ୪୨ ଟନ୍

ପାରାଦୀପ-ଚଣ୍ଡିଖୋଲ ୫ନଂ (କ) ଜାତୀୟ ରାଜପଥର ଭୁତମୁଣ୍ଡାଇଠାରେ ମହାନଦୀ ଉପରେ ନିର୍ମାଣ ହୋଇଛି ଏକ ବୃହତ ପୋଲ। ୯୭୦ ମିଟର ଲମ୍ବ ବିଶିଷ୍ଟ ଏହି ପୋଲ ଉପରେ ଏବେ ଶତାଧିକ ଭାରିଯାନ ଧାଡ଼ିରେ ଅଟକି ରହୁଛି। ଅର୍ଥାତ୍ ପୋଲର ଗୋଟିଏ ପାର୍ଶ୍ୱରେ ମାଲବୋଝେଇ ପ୍ରାୟ ୧୦୬ଟି ୧୪ ଚକିଆ ଟ୍ରକ୍ ସ୍ଥିର ହୋଇ ରହୁଛି। ସେହି ପୋଲର ଡାହାଣ ପାର୍ଶ୍ୱରେ ଅନ୍ୟ ଭାରିଯାନ ଚଳାଚଳ କରୁଛି। ତେଣୁ ପ୍ରାୟ ସବୁ ସମୟରେ ପୋଲରେ ଭୂକମ୍ପ ସୃଷ୍ଟି ହେଲା ଭଳି ଅନୁଭବ ହେଉଛି। ୧୦୬ଟି ଗାଡିର ଓଜନ ପ୍ରାୟ ୫ ହଜାର ମେଟ୍ରିକ ଟନ୍ ପାଖାପାଖି ରହୁଛି। କାରଣ ଗୋଟିଏ ୧୪ ଚକିଆ ବୋଝେଇ ଗାଡିର ଓଜନ ୪୨ ଟନ୍ ହେବ। ଏମିତି ଅବସ୍ଥା ସବୁଦିନ ସବୁ ସମୟରେ ଦେଖିବାକୁ ମିଳୁଛି। ପୋଲ ଉପରେ ଟ୍ରକ୍‌ଗୁଡିକ ଧାଡ଼ିରେ ନ ରଖିବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରାୟତଃ ବାରଣ କରାଯାଇଥାଏ। କିନ୍ତୁ ଏହାକୁ କୌଣସି ଟ୍ରକ୍ ଚାଳକ ପାଳନ କରୁନାହାନ୍ତି। ଟ୍ରକ୍ ମାଲିକ ସଂଘ ପକ୍ଷରୁ



ମହାନଦୀ ପୋଲ ଉପରେ ଅଟକି ରହିଥିବା ଭାରିଯାନ।

ମଧ ସେପରି କିଛି ଅଙ୍କୁଶ ଲଗାଯାଉନାହିଁ। ପ୍ରାୟ ଅଧିକାଂଶ ଗାଡି ମାଲିକ ଓ ଚାଳକଙ୍କ ମଧରେ ଏକପ୍ରକାର ପ୍ରତିଯୋଗିତା ଚାଲିଛି କିଏ ଆଗ ପାରାଦୀପରେ ପହଞ୍ଚି ପଣ୍ୟ ଖଲାସ କରିବ। ଦୈନିକ ୭ରୁ ୮ ହଜାର ଟ୍ରକ୍ ପାରାଦୀପଠାରୁ କେନ୍ଦ୍ରାପଡ଼ା ଜିଲାର ଦୁହୁରିଆ ପର୍ଯ୍ୟନ୍ତ ଲାଇନ୍ ଲଗାଉଛନ୍ତି। ସେହି ରାସ୍ତାରେ ଥିବା ପ୍ରାୟ ସବୁ ପୋଲ ଉପରେ ଏଭଳି ଅବସ୍ଥା। ଅନ୍ୟ ପୋଲଗୁଡିକ ଛୋଟ ଥିବାରୁ ସେଠାରେ ବିପଦ ପ୍ରାୟତଃ ବାହାରକୁ ଜଣାପଡ଼େନାହିଁ। କିନ୍ତୁ ମହାନଦୀ ପୋଲ ଲମ୍ବା ଏବଂ ସେଥିରେ ଗାଡି ରହିବା ଯୋଗୁ ଅଧିକାଂଶ ସମୟ ତାହା ଦୋହଲୁଛି। ଏହି ପୋଲର ସୀମା ଅର୍ଦ୍ଧେକ କେନ୍ଦ୍ରାପଡ଼ା ଓ ଅର୍ଦ୍ଧେକ ଜଗତ୍‌ସିଂହପୁର ଜିଲାରେ ଯାଉଛି। ଏପରି ଦ୍ୱୈତ୍ୟ ଜିଲା ଅଧୀନ ସୀମା ଯୋଗୁ ଦୁଇ ଜିଲାର ପ୍ରଶାସନ ବିଶେଷ ଧ୍ୟାନ ଦେଉନାହାନ୍ତି। ରାଜପଥ କର୍ତ୍ତୃପକ୍ଷ ମଧ କୌଣସି ଅଙ୍କୁଶ ଲଗାଉନାହାନ୍ତି। ଗୋଟିଏ ଲାଇନ୍‌ରେ ଗାଡି ଅଧା ପୋଲକୁ ଅକ୍ତିଆର କରିବା ଏବଂ ଆଉ ଅର୍ଦ୍ଧେକ ରାସ୍ତାରେ ଅନ୍ୟ ଗାଡି ଚଳାଚଳ ଯୋଗୁ ରାସ୍ତା ସଙ୍କୁଚିତ ହେଉଛି। ଯଦ୍ୱାରା ସେହି ସ୍ଥାନରେ ଏହି କାରଣ ପାଇଁ ଦୁର୍ଘଟଣା ଘଟୁଛି। ମଙ୍ଗଳବାର ଧାଡ଼ିରେ ଥିବା ଟ୍ରକ୍‌ରୁ ଜଣେ ହେଲ୍‌ପର ଡୋର ଖୋଲି ଓହ୍ଲାଇବାବେଳେ ପଛରେ ଆସୁଥିବା ଏକ ଟାଟା ଏସିଇ ଗାଡି ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହିପରି ଅନେକ ଦୁର୍ଘଟଣା ଘଟୁଛି। କେତେକ ଟ୍ରକ୍ ଚାଳକ ଡୋର ଖୋଲିବା ବେଳେ ବାଇକ ଚାଳକ ବାଡେଇ ହେବା ସାଧାରଣ ଘଟଣା ପାଲଟିଗଲାଣି। ମହାନଦୀ ପୋଲ ଉପରେ ଭାରିଯାନ ରହିବାକୁ କଟକଣା କରା ନ ଗଲେ କେତେବେଳେ ଯେ ଅଘଟଣ ନ ଘଟିବ ସେ କଥା କହିହେବନାହିଁ। ଦୁଇ ଜିଲା ପ୍ରଶାସନ ଓ ରାଜପଥ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ବିଶ୍ୱକର୍ମା ପୂଜା ପ୍ରସ୍ତୁତି ବୈଠକ

**ପାରାଦୀପ, ୨୨।୮ (ସ୍ୱ.ପ୍ର.)**

ଆସନ୍ତା ମାସ ୧୭ ତାରିଖରେ ହେବାକୁ ଥିବା ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ପାଇଁ ଗୁରୁବାର ସ୍ଥାନୀୟ ଏଡିଏମ୍ ଅଫିସରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ୪୦ରୁ ଊର୍ଦ୍ଧ୍ୱ ଆୟୋଜକ ସଭ୍ୟ ଯୋଗଦେଇଥିଲେ। ଚଳିତ ବର୍ଷ ପୂଜାରେ ପୂର୍ବବର୍ଷ ପରି ସିସିଟିଭି ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ପୋଲିସର ସୁରକ୍ଷା ବ୍ୟବସ୍ଥା ଆଦି ଉପରେ ପଦକ୍ଷେପ ନେବା ପାଇଁ ସ୍ଥିର ହୋଇଛି। ଏଥିସହ ପୂଜା ସମୟରେ ଯେପରି ବର୍ଷା ପବନ ଯୋଗୁ କାହାର କ୍ଷତି ନ ହୁଏ ସେଥିପ୍ରତି ଆୟୋଜକମାନଙ୍କୁ ଧ୍ୟାନ ଦେବା ପାଇଁ କୁହାଯାଇଛି। ଗତବର୍ଷ ପୂଜା ସମୟରେ କେତେକ ତୋରଣ ବର୍ଷା ପବନ ଯୋଗୁ ଭାଙ୍ଗିଯାଇଥିଲା। ମଣ୍ଡପ



ବୈଠକରେ ଉପସ୍ଥିତ ପୂଜା କମିଟି କର୍ମକର୍ତ୍ତା ଓ ବିଭିନ୍ନ ବିଭାଗର କର୍ମଚାରୀ।

ଅଞ୍ଚଳରେ ବର୍ଷା ପାଣି ନିଷ୍କାସନ ପାଇଁ ପୌରପାଳିକାକୁ କୁହାଯାଇଛି। ଏଡିଏମ୍ କାହ୍ନୁଚରଣ ଧିରଙ୍କ ସହ ଏଏସ୍‌ପି ବିଷ୍ଣୁ ଚରଣ ମିଶ୍ର, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଥାନାଧିକାରୀ ରଜନୀକାନ୍ତ ସାମଲ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ ବୈଠକ

**ତିର୍ତ୍ତୋଲ,୨୨।୮(ଡି.ଏନ.ଏ.):** ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ମହିଳା ମୋର୍ଚ୍ଚା ସଦସ୍ୟତା ପ୍ରଭାରୀ ଜୟଲକ୍ଷ୍ମୀ ମହାନ୍ତିଙ୍କ ଆହ୍ୱାନ କ୍ରମେ ଚାଲିଥିବା ସଦସ୍ୟତା ସଂଗ୍ରହ ଅଭିଯାନ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ତିର୍ତ୍ତୋଲ ବ୍ଲକ ଡୁରୁଖା ଗ୍ରାମ ବନଦୁର୍ଗା ପୀଠରେ ଏକ ବୈଠକ ହୋଇଥିଲା। ଏଥିରେ ଶତାଧିକ ମହିଳା ସଦସ୍ୟତା ଗ୍ରହଣ କରିଥିଲେ। ସମ୍ପାଦକ ବିଜୟ ଦାଶ ସଭାପତିତ୍ୱ କରିଥିବା ବେଳେ ସୁଧୀର ପଣ୍ଡା, ଜଗନ୍ନାଥପୁର ମଣ୍ଡଳ ସଭାପତି ପ୍ରମୋଦ ବାରିକ, ସଦସ୍ୟତା ପ୍ରଭାରୀ ସୁବାସ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଇପୁର ମଣ୍ଡଳ ସଭାପତି ଅଶୋକ ଦାସ, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ଆର୍ତ୍ତବନ୍ଧୁ ସ୍ୱାଇଁ, ବାସନ୍ତୀ ନାୟକ ସହାୟତା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିକ୍କିଟା ମାଟି**
**ଖରାକଲେ ଯାଏ ଫାଟିଫୁଟି**
**ବରଷାରେ ଚକଟା ଚକଟି ।**

ଚିକ୍କିଟା ମାଟି ଅତ୍ୟଧିକ ଖରାହେଲେ ଶୁଷ୍କ ହୋଇ ଫାଟିଯାଇଥାଏ। ସେହିପରି ବର୍ଷା ଅଧିକ ପରିମାଣରେ ହେଲେ ପାଣି ଲାଗି ଏହା ନରମ ବା କାଦୁଆ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚଷା ହୁଡ଼ିଲେ ବରଷେ**
**ମୂଲିଆ ହୁଡ଼ିଲେ ଦିବସେ ।**

ଚାଷବାସରେ ହେଳା କରିବା ଉଚିତ ହୋଇ ନ ଥାଏ। ଚାଷକାର୍ଯ୍ୟରେ ହେଳା କଲେ ଚାଷୀଟିକୁ ପୁନଶ୍ଚ ଚାଷକାର୍ଯ୍ୟ କରିବା ପାଇଁ ପୂରା ବର୍ଷଟିଏ ଅପେକ୍ଷା କରିବାକୁ ପଡ଼ିଥାଏ। ମୂଲିଆ କାମ କରି ମିଳୁଥିବା ପାରିଶ୍ରମିକରେ ନିଜର ଗୁଜୁରାଣ ମେଣ୍ଟାଇଥାଏ। କୌଣସି କାରଣବଶତଃ କାମକୁ ଯାଇ ନ ପାରିଲେ କାମ କରି ପେଟପୋଷିବାକୁ ତାକୁ ତା'ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

### ଅଳକା ମହାବିଦ୍ୟାଳୟରେ ଭଙ୍ଗାରୁଜା ଘଟଣା

## ବସିଲା ଶାନ୍ତି କମିଟି ବୈଠକ

**ବାଲିଆ,୨୨।୮**

ବିରିଡ଼ି ବ୍ଲକ ଅଳକା ମହାବିଦ୍ୟାଳୟରେ ବୁଧବାର କେତେଜଣ ଛାତ୍ର ଓ ଅଣଛାତ୍ର ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ପଶି ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ଗୁରୁବାର କଲେଜର ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ତେବେ ଘଟଣାବେଳେ କଲେଜ ଅଧ୍ୟକ୍ଷ ଅନୁପସ୍ଥିତ ଥିବାରୁ ଏହା କିଏ ଘଟାଇଛି ତାହା ଜାଣି ନ ଥିବା କହୁଛନ୍ତି। କଲେଜର ମୁଖ୍ୟ କିରାଣୀଙ୍କଠାରୁ ଟେଲିଫୋନ ଯୋଗେ ସୂଚନା ପାଇ ସେ ଥାନାରେ ଅଭିଯୋଗ କରିଥିଲେ। ଏଥିସହ ସେ କହିଛନ୍ତି ଯେ, କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ ସୂର୍ଯ୍ୟକାନ୍ତ ସାହୁ କଲେଜର ମୁଖ୍ୟ ଗେଟ ବହୁ ବିଳମ୍ବରେ ଖୋଲିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେଣୁ କେତେଜଣ ଛାତ୍ର ଓ ଅଣଛାତ୍ର ଏଭଳି ଘଟାଇଥିବା ସେ ସନ୍ଦେହ କରୁଛନ୍ତି। ଭଙ୍ଗାରୁଜା ବେଳେ ସେ ବିରିଡ଼ି ବ୍ଲକରେ ଏକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଯିବା ପୂର୍ବରୁ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଏଚଓଡି ପ୍ରଶାନ୍ତ କୁମାର ପରିଡାଙ୍କୁ ଦାୟିତ୍ୱ ପ୍ରଦାନ କରି ଯାଇଥିଲେ। ତେବେ କଲେଜର ଅଧାପିକା ଅଧାପକମାନେ ଉପସ୍ଥିତ ଥାଇ ମଧ ଏହି ଘଟଣା କିଏ ଘଟାଇଲା, ତାହା ନ କହିବା ଆଲୋଚ୍ୟର ବିଷୟ ହୋଇଛି। ଅନ୍ୟପକ୍ଷରେ ଅଧ୍ୟକ୍ଷ ଜାଣିଶୁଣି ଅଭିଯୁକ୍ତମାନଙ୍କ ନାଁ ଛପାଉଥିବା କୁହାଯାଉଛି। ମହାବିଦ୍ୟାଳୟରେ ସିସି କ୍ୟାମେରା ଲାଗିଥିଲେ ମଧ୍ୟ ତାହା ଯାଞ୍ଚ କରାଯାଇନାହିଁ। କିନ୍ତୁ ଫାଟକ ଖୋଲିବାରେ ବିଳମ୍ବ କରିଥିବା ସୂର୍ଯ୍ୟକାନ୍ତ ସାହୁଙ୍କୁ ଅଧ୍ୟକ୍ଷ ବେହେରା କୈଫିୟତ ମାଗିଛନ୍ତି। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଆଇଆଇସି ପାରୋ ଟୁଡୁଙ୍କ କହିବା ଅନୁଯାୟୀ, କଲେଜ ଅଧ୍ୟକ୍ଷ କିମ୍ବା ଅନ୍ୟ କେହି ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ସୂଚନା ଦେଉନାହାନ୍ତି। ଘଟଣାର ତଦନ୍ତ ଜାରି ରହିଛି।


# CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୁ୍ୟମାଟଏଡ୍ ଆର୍ଥ୍ରାଇଟିସ୍, ଓଷ୍ଟିଓ ଆର୍ଥ୍ରାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକ୍କୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1%।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ ୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ - ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ଗୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

BUSINESS

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାରଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09454715754
09455705969

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
9430814236
6393626894

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଜଇପୁର ଛକରେ ଚାଲିଛି ଚୋରା ମଦ କାରବାର

ତିର୍ତ୍ତୋଲ,୨୨।୮ (ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଜଇପୁର ବଜାର ଓ ଏହାର ଆଖପାଖ ଅଞ୍ଚଳରେ ଅବାଧରେ ଚୋରାମଦ କାରବାର ଚାଲିଛି। ଏଥିଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାବେଳେ ମଦ୍ୟପଙ୍କ ଦୌରାତ୍ମ୍ୟରେ ସାଧାରଣ ଲୋକେ ପ୍ରଭାବିତ ହେଉଛନ୍ତି। ବଜାରରେ ମଦ୍ୟପମାନେ ଯାତ୍ରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଉଛନ୍ତି। ଏଥିଯୋଗୁ ବିଶେଷ କରି ମହିଳା ଯାତ୍ରୀମାନେ ଅଟୋଷ୍ଟାଣ୍ଡରେ ଗାଡିକୁ ଅପେକ୍ଷା କରିବାକୁ ସୁରକ୍ଷିତ ମନେ କରୁନାହାନ୍ତି। ଜଇପୁର ଛକ ନିକଟରେ ଥିବା ଏକ ହୋଟେଲ ସମେତ କେନାଲ ପାଖରେ ଥିବା ଏକ କ୍ୟାବିନରେ ଦିନରାତି ଚୋରାମଦ ବିକ୍ରି ହେଉଛି। କେବଳ ସେତିକି ନୁହେଁ, ଜଇପୁର ବଜାର ନିକଟ ଗାନ୍ଧିଜୀ ପୁର ନିକଟ ଆରଟିଓ ଟ୍ରାଏଲ କେନ୍ଦ୍ର ସମ୍ମୁଖରେ ଥିବା ଏକ ହୋଟେଲ, ଜଇପୁର ହାଟ ପ୍ରଭୃତି ସ୍ଥାନରେ ଅବାଧରେ ଚୋରା ମଦ କାରବାର ହେଉଛି। ପ୍ରତ୍ୟହ ଶ୍ରଦ୍ଧାଳୁମାନେ ବିଭିନ୍ନ ସ୍ଥାନରୁ ଆସି ଏଠାରୁ ପ୍ରସିଦ୍ଧ ଗୋରେଖନାଥ ପୀଠକୁ ଯାଇଥାନ୍ତି। ମଦ୍ୟପଙ୍କ ଦୌରାତ୍ମ୍ୟକୁ ନେଇ ସେମାନେ ମଧ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ଜଳ ନିଷ୍କାସନରେ ବାଧକ ଆଡ଼ିବନ୍ଧ

ତିର୍ତ୍ତୋଲ,୨୨।୮(ଡି.ଏନ.ଏ.): ତିର୍ତ୍ତୋଲ ଅଞ୍ଚଳ ଦେଇ ଯାଇଥିବା ବୃଦ୍ଧାନଦୀର ସରାଖି କ୍ରିକ ନିକଟରେ କେତେକ ବ୍ୟକ୍ତି ମାଛ ଧରିବା ନିମନ୍ତେ ଆଡିବନ୍ଧ କରି ପାଣି ଅଟକାଇଛନ୍ତି। ତେଣୁ ଏଠାରେ ବହୁଳ ଭାବରେ କଳିକତି ଦଳ ଜମିରହି ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଫଳରେ ଜଡତିରା, ମଣିଜଙ୍ଗା, ତିର୍ତ୍ତୋଲ, ତେନ୍ତୁଳିପଦା ପ୍ରଭୃତି ପଞ୍ଚାୟତର ଶତାଧିକ ଏକର ଚାଷଜମି ଜଳମଗ୍ନ ହୋଇରହିଛି। ଏଥିଯୋଗୁ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଏହି ପ୍ରତିବନ୍ଧକ ହଟାଇବା ନିମନ୍ତେ ଚାଷୀମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଦଳ ସଫା ପାଇଁ ମଧ ଦାବି କରିଛନ୍ତି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

### ସୁଢଳ ସ୍ୱାଇଁ ହେଲେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି



କୁଜଙ୍ଗ,୨୨।୮(ସ୍ୱ.ପ୍ର.): ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକଙ୍କ କୁଜଙ୍ଗ ବ୍ଲକ୍ ପ୍ରତିନିଧି ଭାବେ ବରିଷ୍ଠ ବିଜେଡି ନେତା ସୁଢଳ ସ୍ୱାଇଁ ନିଯୁକ୍ତ ହୋଇଛନ୍ତି। ସେ କୁଜଙ୍ଗ ଓ ପାରାଦୀପ ଅଞ୍ଚଳର ଜଣେ ଆଗଧାଡିର ସଙ୍ଗଠକ ଭାବେ ଜଣାଶୁଣା। ବିଶେଷକରି ପାରାଦୀପ ଗଡ ୪ନଂ ଜୋନ୍‌ର ଜଣେ ତୁଙ୍ଗ ନେତା। ଗତ ୧୮ ତାରିଖରେ ଏମ୍‌ପି ମଲିକ ତାଙ୍କୁ ନିଯୁକ୍ତ କରିବା ପରେ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଏ ସମ୍ପର୍କରେ ସୁଢଳ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସେ ଆଗାମୀ ଦିନରେ କୁଜଙ୍ଗର ବିକାଶ, ସରକାରଙ୍କ ଯୋଜନାର ସଫଳ ରୂପାୟନ, ଦଳକୁ ମଜଭୁତ କରିବା, ଏମ୍‌ପିଙ୍କ ବିଭିନ୍ନ ରାଜନୈତିକ କାର୍ଯ୍ୟକ୍ରମ, ବିଧାୟକ ଓ ପଞ୍ଚାୟତ ପ୍ରତିନିଧିଙ୍କ ସହ ଏମ୍‌ପିଙ୍କ ସମନ୍ୱୟ ରକ୍ଷା କରିବା, ପ୍ରଶାସନକୁ ଲୋକାଭିମୁଖି କରିବା ଦିଗରେ କାର୍ଯ୍ୟ କରିବେ। ଏହି ଅବସରରେ ସୁଢଳଙ୍କୁ ବ୍ଲକ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ଉପାଧ୍ୟକ୍ଷ ପଷ୍ପଲତା ବେହେରା, କୁଜଙ୍ଗ ସରପଞ୍ଚ ଭାରତ ଭୂଷଣ ଦାସ, ପୂର୍ବତନ ସରପଞ୍ଚ ତଥା ବିଧାୟକଙ୍କ ପ୍ରତିନିଧି ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ସେ ଉଭୟ ବିଧାୟକ ଓ ଏମ୍‌ପିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଅଞ୍ଚଳର ବିକାଶ ପାଇଁ ଆଲୋଚନା କରିଛନ୍ତି।

## ■ ସାରଳା ମନ୍ଦିର ବଡ଼ପଣ୍ଡା ବିବାଦ

# ବିଶୃଙ୍ଖଳା କଲେ ଉଚ୍ଛେଦ ହେବ ପଦବୀ

ଜଗତ୍‌ସିଂହପୁର ଅଫିସ,୨୨।୮

- ■ଜିଲାପାଳଙ୍କ ନିଷ୍ପତ୍ତି ହାଇକୋର୍ଟରେ କାଏମ
- ■ପାଳିକରି ୨ ପକ୍ଷଙ୍କୁ ବଡ଼ପଣ୍ଡା ଦାୟିତ୍ୱ ବାଣ୍ଟିବ ଟ୍ରଷ୍ଟ ବୋର୍ଡ
- ■ଆଜି ଜନ୍ମାଷ୍ଟମୀ, ବିଶୃଙ୍ଖଳା ଆଶଙ୍କା

୨୦୧୧ରୁ ସାରଳା ମନ୍ଦିରରେ ବଡ଼ପଣ୍ଡା ପଦବୀକୁ ନେଇ ଲାଗିଥିବା ବିବାଦ ଉପରେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତୀକାଳୀନ ରାୟ ଶୁଣାଇଛନ୍ତି। ଦୁଇ ବଡ଼ପଣ୍ଡାଙ୍କୁ ସ୍ୱତନ୍ତ୍ର ସେବାପୂଜା ପାଇଁ ପାଳିକରି ଦାୟିତ୍ୱ ଦେବାକୁ ଜିଲାପାଳ ତଥା ମନ୍ଦିର ଟ୍ରଷ୍ଟି ନେଇଥିବା ନିଷ୍ପତ୍ତିକୁ ହାଇକୋର୍ଟ କାଏମ ରଖିଛନ୍ତି। ତେଣୁ ଏଣିକି ଦୁଇ ଜଣଙ୍କୁ ବଡ଼ପଣ୍ଡା ଭାବେ ଗ୍ରହଣ କରାଯିବା ସହ ଓଡ଼ିଆ କ୍ୟାଲେଣ୍ଡର ଅନୁଯାୟୀ ଉଭୟଙ୍କୁ ପାଳିକରି ସ୍ୱତନ୍ତ୍ର ପର୍ବ ବାଣ୍ଟି ଦିଆଯିବ। ଏହା ସତ୍ତ୍ୱେ ଯଦି କିଛି ବିଶୃଙ୍ଖଳା ହୁଏ, ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ପଡ଼ିଲେ ବଡ଼ପଣ୍ଡା ପଦବୀ ଉଚ୍ଛେଦ କରାଯିବ। ଏହି ଦାୟିତ୍ୱ ଜିଲାପାଳଙ୍କ ଉପରେ ନ୍ୟସ୍ତ କରାଯାଇଛି। ଜିଲାପାଳଙ୍କୁ ଆବଶ୍ୟକସ୍ଥଳେ ସହଯୋଗ କରିବାକୁ ଏସ୍‌ପିଙ୍କୁ ଦେବୋତ୍ତର ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ସତ୍ତ୍ୱେ ଶୁକ୍ରବାର ମନ୍ଦିରରେ ହେବାକୁ ଥିବା ଜନ୍ମାଷ୍ଟମୀରେ ବିଶୃଙ୍ଖଳା ସୃଷ୍ଟି ହେବାର ଆଭାସ ମିଳିଛି। ରଞ୍ଜନ ପଣ୍ଡା ଓ ତାଙ୍କ ନାତି କୈବଲ୍ୟ ପଣ୍ଡାଙ୍କୁ ଏହି ପର୍ବରେ ବଡ଼ପଣ୍ଡା ଦାୟିତ୍ୱ ଦିଆଯାଇଥିବାରୁ ପ୍ରଜ୍ଞାଦୀପ୍ତ ପଣ୍ଡା ଓ ତାଙ୍କ ସମର୍ଥକମାନେ କିଛି ବିଶୃଙ୍ଖଳା କରିପାରନ୍ତି ବୋଲି ଆଲୋଚନା ଚାଲିଛି। ତେବେ କୌଣସି ପ୍ରକାର ବିଶୃଙ୍ଖଳା ହେଲେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ପ୍ରାୟ ୧୨୦୦ ବର୍ଷ ପୂର୍ବରୁ ମା' ସାରଳା ମନ୍ଦିର ପ୍ରତିଷ୍ଠିତ ହୋଇଛି। ସେବେଠାରୁ ମନ୍ଦିର ସେବାପୂଜା ଚାଲିଛି। ତେବେ ସ୍ୱର୍ଗତ ସଦାଶିବ ପଣ୍ଡାଙ୍କ ସମୟରୁ ବଡ଼ପଣ୍ଡା ପଦବୀ ସମ୍ପର୍କରେ ପ୍ରମାଣ ରହିଛି। ସଦାଶିବଙ୍କ ୩ ପୁଅ। ସେମାନେ ହେଲେ ମହେଶ୍ୱର, ଅଭିରାମ ଓ ଜଇରାମ। ଅଭିରାମ ଓ ଜଇରାମଙ୍କର କେହି ସନ୍ତାନ ନାହାନ୍ତି। ମହେଶ୍ୱରଙ୍କ ୪ ପୁଅ। ଜଣେ ପୁଅ ଅନ୍ୟ ପରିବାରକୁ ପୁଅ ହୋଇ ଯାଇଛନ୍ତି। ଆଉ ଜଣେ ନିଶନ୍ତାନ ମୃତ। ନରସିଂହ ଓ ଶତ୍ରୁଘ୍ନଙ୍କ ସନ୍ତାନ ଅଛନ୍ତି। ନରସିଂହଙ୍କ ନାତି ହେଉଛନ୍ତି ରଞ୍ଜନ ପଣ୍ଡା ଓ ଅଣନାତି ହେଉଛନ୍ତି କୈବଲ୍ୟ ପଣ୍ଡା। ସେହିପରି ଶତ୍ରୁଘ୍ନଙ୍କ ନାତି ପ୍ରଜ୍ଞାଦୀପ୍ତ ଓ ଅଣନାତି ଜନ୍ମେଜୟ। ରଞ୍ଜନ ଓ ପ୍ରଜ୍ଞାଦୀପ୍ତ ବଡ଼ପଣ୍ଡା ହିସାବରେ ବୁଝାମଣା ଭିତ୍ତିରେ ସେବାପୂଜା କରି ଆସୁଥିଲେ। ୨୦୧୧ରୁ ବିବାଦ ଆରମ୍ଭ ହୋଇଥିଲା। ତେଣୁ ରଞ୍ଜନ ୨୦୧୧ରେ ଦେବୋତ୍ତର ସହକାରୀ କମିଶନରଙ୍କ କୋର୍ଟରେ ମାମଲା ଦାୟର କରିଥିଲେ। କୋର୍ଟ ଏହାର ରାୟରେ ଉଭୟଙ୍କ ମଧ୍ୟରେ ଆପୋଷ ଏଗ୍ରିମେଣ୍ଟ ଓ ସମାଧାନ ମାଧ୍ୟମରେ ବଡ଼ପଣ୍ଡା ବିବାଦର ସମାଧାନ କରିଥିଲେ। ଏଥିରେ ଦର୍ଶାଯାଇଥିଲା ଯେ, କେବଳ ବଡ଼ଭାଇ ସ୍ୱତନ୍ତ୍ର ସେବାପୂଜା କରିପାରିବେ ନାହିଁ। ହିନ୍ଦୁ ଉତ୍ତରାଧୀକାରୀ ଆଇନ ଦଫା ୮ ଅନୁଯାୟୀ ଉଭୟଙ୍କ ବଡ଼ପଣ୍ଡା ହେବାର ସମାନ ଅଧିକାର ରହିଛି। ଏହାପରେ ମଧ୍ୟ ବିବାଦର ସମାଧାନ ହୋଇ ନ ଥିଲା। ବିବାଦ ବଢିବାରୁ ଜିଲାପାଳ ଏବଂ ଦେବୋତ୍ତର ସହକାରୀ କମିଶନର ହସ୍ତକ୍ଷେପ କରିଥିଲେ। ଜିଲାପାଳଙ୍କ ଉପସ୍ଥିତିରେ ଉଭୟ ପକ୍ଷଙ୍କୁ ପାଳିକରି ସ୍ୱତନ୍ତ୍ର ପର୍ବ ବାଣ୍ଟି ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। କିନ୍ତୁ ପ୍ରଜ୍ଞାଦୀପ୍ତ ପରବର୍ତ୍ତୀ ସମୟରେ ହାଇକୋର୍ଟର ଆଶ୍ରୟ ନେଇଥିଲେ। ହାଇକୋର୍ଟ ବୁଧବାର ଏହା ଉପରେ ଅନ୍ତରୀଣ ରାୟ ଶୁଣାଇଛନ୍ତି। ଏଥିରେ ଉଲ୍ଲେଖ ଅଛି, ଓଏଚ୍‌ଆର୍‌ଇ (ଓଡ଼ିଶା ହିନ୍ଦୁ ରିଲିଜିୟସ ଏଣ୍ଡାଓମେଣ୍ଟ) ଆଇନ ଦଫା ୭ ଅନୁଯାୟୀ ବାଦୀଙ୍କ ଶାଖା ଓ ପ୍ରତିବାଦୀ (ଓପି) ଉଭୟ ବଡ଼ପଣ୍ଡା ହିସାବରେ ପର୍ବ ଅନୁଯାୟୀ ସ୍ୱତନ୍ତ୍ର ସେବାପୂଜା କରିବେ। କେଉଁ ବଡ଼ପର୍ବରେ କିଏ ବଡ଼ପଣ୍ଡା ରହିବେ ତାର ତାଲିକା କୋର୍ଟ ଚୂଡାନ୍ତ କରିଛନ୍ତି। ଚଳିତବର୍ଷ ଯିଏ ଯେଉଁ ସ୍ୱତନ୍ତ୍ର ପର୍ବରେ ବଡ଼ପଣ୍ଡା ହୋଇଥିବେ ପରବର୍ଷ ତାହା ବଦଳିଯିବ। ଏଥିରେ ବ୍ୟତିକ୍ରମ ହେଲେ କିମ୍ବା କେହି ବିଶୃଙ୍ଖଳା କଲେ ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଅର୍ଥାତ୍ ଓଏଚ୍‌ଏଫ୍‌ସି ଆଇନ ଦଫା ୩୨ ଅନୁଯାୟୀ ଉଭୟ ପକ୍ଷ କିମ୍ବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରି କି ଆବଶ୍ୟକ ପଡିଲେ ବଡ଼ପଣ୍ଡା ପଦବୀ ଉଚ୍ଛେଦ କରି ଅନ୍ୟ ପଣ୍ଡା ପାଳିଆ ପୂଜକଙ୍କୁ ସ୍ୱତନ୍ତ୍ର ସେବାପୂଜା ପାଇଁ ନିୟୋଜିତ କରିପାରିବେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା ହୋଇଥିବାରୁ ଜିଲାପାଳଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ଏସ୍‌ପିଙ୍କୁ କୁହାଯାଇଛି।

### ଶ୍ରମିକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ବିରିଡ଼ି,୨୨।୮( ଡି.ଏନ.ଏ.)

ବିରିଡ଼ି ଥାନା ଅନ୍ତର୍ଗତ ବାଲିଆ ନିକଟରେ କାଳନ୍ଦୀ ଭୋଇ ନାମକ ଜଣେ ଶ୍ରମିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ନଂ.୧୦୦/୧୯ ରୁଜୁ କରିବା ସହ ଅଭିଯୁକ୍ତ ବାଲିଆ ଗ୍ରାମର ବାବୁଲି ଭୋଇଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏଥିସହ ଆକ୍ରମଣରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଛି। ସୂଚନା ଅନୁଯାୟୀ, ଚାନ୍ଦପୁର ଗ୍ରାମର କାଳନ୍ଦୀ ଦିନମଜୁରିଆ ଭାବେ କାର୍ଯ୍ୟ କରନ୍ତି। ବୁଧବାର ଅପରାହ୍ନରେ ସେ ସାଥି ଶ୍ରମିକମାନଙ୍କ ପାଇଁ ହୋଟେଲରୁ ଖାଦ୍ୟ ନେଇ କାର୍ଯ୍ୟସ୍ଥଳକୁ ଯାଉଥିଲେ। ଏହି ସମୟରେ ବାଟରେ ବାବୁଲି ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ କାଳନ୍ଦୀଙ୍କ ଶରୀରର ୫ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ଖବରପାଇ ସାଥିମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଅଟୋ ଯୋଗେ ନେଇ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୂର୍ବ ଶତ୍ରୁତାକୁ ନେଇ ଏଭଳି ହୋଇଥିବା କୁହାଯାଉଛି।

## ଶିଶୁମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



ବିଜ୍ଞାନ ମେଳା ଅବସରରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି।

ବାଲିଆ,୨୨।୮

ବିରିଡ଼ି ବ୍ଲକ ବଡିମୀରା ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ୧୪୭ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିନ୍ଦ୍ରନାଥ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳା ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଉପସଭାପତି କେଦାରେଶ୍ୱର ରାଉତଙ୍କ ସଭାପତିତ୍ୱରେ ଅୟୋଜିତ ସଭାରେ ବ୍ଲକ ଶିକ୍ଷାଧିକାରୀ ମହାନ୍ତି ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ କହିଥିଲେ। ବିଜ୍ଞାନ ହେଉଛି ଜ୍ଞାନର ଜନନୀ। ଏହା ଆମକୁ ଉଚ୍ଚ ଆକାଂକ୍ଷା ଦେଇଥାଏ ବୋଲି ସେ କହିଥିଲେ। ସମ୍ପାଦକ ସୁଧାକର ସ୍ୱାଇଁ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ସୁବାସୀନି ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥଲେ। ବିଜ୍ଞାନ ପ୍ରମୁଖ ମହେଶ୍ୱର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ଅରବିନ୍ଦ କର, ରାକେଶ କୁମାର ବେହେରା, ଅମିୟ ରଞ୍ଜନ ପରିଡ଼ା ଯୋଗଦେଇ ସଙ୍କୁଳସ୍ତରକୁ ୧୨ଟି ପ୍ରକଳ୍ପ ମନୋନିତ କରିଥିଲେ। ଉଦ୍‌ଯାପନ ଉତ୍ସବରେ ବିଦ୍ୟାଳୟର ପୂର୍ବତନ ସଭାପତି ରବିନାରାୟଣ ଜେନା, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଗଗନ ବିହାରି ମୁଦୁଲି ଓ ବିରିଡ଼ି ଅଗ୍ନୀଶମ କେନ୍ଦ୍ରାଧିକାରୀ ଅଶୋକ କୁମାର ଶତପଥୀ ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

## ବ୍ଲକ କାର୍ଯ୍ୟାଳୟ ପରିସରରେ ଜଳୁନି ଉଜ୍ଜ୍ୱଳ ଆଲୋକ

ବାଲିଆ,୨୨।୮

ବିରିଡ଼ି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଲଗାଯାଇଥିବା ଉଜ୍ଜ୍ୱଳ ଆଲୋକ ଦୀର୍ଘ ୨ବର୍ଷ ହେଲା ଅଚଳ ହୋଇପଡିଛି। ଫଳରେ ଏହି ଅଞ୍ଚଳ ରାତିରେ ସମ୍ପୂର୍ଣ୍ଣ ଅନ୍ଧାର ରହୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ନିମ୍ନମାନର କାର୍ଯ୍ୟ ଯୋଗୁ ଉକ୍ତ ଆଲୋକ ବ୍ୟବସ୍ଥା ମାତ୍ର ୩ ମାସ କାର୍ଯ୍ୟକ୍ଷମ ହୋଇଛି କି ନାହିଁ, ଏହା ପରଠାରୁ ବଲ୍‌ବଗୁଡିକ ଆଉ ଜଳୁନାହିଁ। ଏବେ ସେଗୁଡିକ ଭାଙ୍ଗିରୁଜି ଗଲାଣି। ବ୍ଲକ ପ୍ରଶାସନ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେଣୁ ଲକ୍ଷାଧିକ ଟଙ୍କା ପାଣିରେ ପଡିବା ସାର ହୋଇଛି। କେବଳ ସେତିକି ନୁହେଁ, ବନ୍ୟା ଓ ବାତ୍ୟା ସମୟରେ କାମରେ ଲାଗିବାକୁ ଥିବା ବୋଟ ବା ଡଙ୍ଗାଗୁଡିକ ମଧ୍ୟ ବାହାରେ ପଡିରହି ଖରା, ବର୍ଷାରେ ନଷ୍ଟ ହେଉଛି। ତେଣୁ ବ୍ଲକର ସୁରକ୍ଷାକୁ ଦୃଷ୍ଟିରେ ରଖି ତୁରନ୍ତ ଉଜଳ ଆଲୋକ ବ୍ୟବସ୍ଥା କରିବା ଓ ବାହାରେ ପଡ଼ି ନଷ୍ଟ ହେଉଥିବା ଡଙ୍ଗାଗୁଡିକ ରକ୍ଷଣାବେକ୍ଷଣ କରିବାକୁ ସାଧାରଣରେ ଦାବି ହୋଇଛି।



ଅଚଳ ଷ୍ଟ୍ରିଟ୍ ଲାଇଟ୍।

## ତାମିଲନାଡୁରୁ ଫେରିଲା ଶ୍ରମିକଙ୍କ ମୃତଦେହ

ବାଲିଆ,୨୨।୮



ଦିଲୀପ ମଲ୍ଲିକ।

- ■ହାଇୱା ଦୁର୍ଘଟଣାରେ ହୋଇଥିଲା ମୃତ୍ୟୁ
- ■ପରିବାରକୁ ସହାୟତା ପ୍ରଦାନ ଦାବି

ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ଅଢଙ୍ଗମଜୁରାଇ ମଲିକ ସାହିର ଦିଲୀପ ମଲ୍ଲିକ(୪୨) ତାମିଲନାଡୁର ଏକ କ୍ରସର କମ୍ପାନୀରେ ହାଇୱା ଚାଳକ ଭାବେ କାର୍ଯ୍ୟ କରୁଥିଲେ। ଗତ ସୋମବାର ଦିଲୀପ ହାଇୱା ଚଳାଇ ଏକ ଖାଦାନ ଘାଟି ଚଢୁଥିବା ବେଳେ ହଠାତ ଗାଡିର ଏକ ଯନ୍ତ୍ରାଂଶ ଖରାପ ହୋଇଯିବାରୁ ସେ ଗାଡି ସହ ପ୍ରାୟ ୨୨୦ ଫୁଟ ତଳକୁ ଖସିପଡିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରିବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲା। ତାଙ୍କ ପରିବାର ଲୋକଙ୍କ ସହ ଗ୍ରାମର ଉପେନ୍ଦ୍ର ମଳିକ, ଚନ୍ଦ୍ରକାନ୍ତ ମଳିକ, ଅଶ୍ୱିନୀ କୁମାର ମଳିକ, ଭରତ ମଳିକ ପ୍ରମୁଖ ସେଠାରେ ପହଞ୍ଚିବା ପରେ ସେମାନଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ବୁଧବାର ଗ୍ରାମରେ ଦିଲୀପଙ୍କ ମୃତଦେହ ପହଞ୍ଚିବା ପରେ ଶୋକାକୂଳ ପରିବେଶ ମଧ୍ୟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଦିଲୀପଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ ଦୁଇ ସନ୍ତାନ ଏକ ପ୍ରକାର ବେସାହାରା ହୋଇଯାଇଛନ୍ତି। ତେଣୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମର ରାଜେନ୍ଦ୍ର ମଳିକ, ପ୍ରଫୁଲ୍ଲ ମଳିକ, କୃଷ୍ଣ ମଳିକ, ବଳରାମ ମଳିକ, ଲକ୍ଷ୍ମଣ ମଳିକ, ଜତିନ୍ଦ୍ର ମଳିକ, ଉପେନ୍ଦ୍ର ମଳିକ ପ୍ରମୁଖ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଦିଲୀପ ତାମିଲନାଡୁର ତିରୁପୁଲ ଜିଲା ପାରାଡମ ଥାନା ଅନ୍ତର୍ଗତ ଗୋଡାଙ୍ଗିପଲିୟମଠାରେ ଥିବା କାଡେଶ୍ୱରୀ କ୍ରସର ୟୁନିଟରେ କାମ କରୁଥିଲେ।

## ଧାନଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମକ୍‌ଡ୍ରିଲ

ବାଲିଆ,୨୨।୮

ବିରିଡି ଅଗ୍ନିଶମ ବିଭାଗ ପକ୍ଷରୁ ବୁଧବାର ସ୍ଥାନୀୟ ଧାନଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମକଡ୍ରିଲ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀଙ୍କୁ ନେଇ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାରୁ କିପରି ଧନଜୀବନକୁ ସୁରକ୍ଷା ପ୍ରଦାନ କରିହେବ ସେ ସମ୍ବନ୍ଧରେ ସଚେତନ କରଯାଇଥିଲା। ବେଶେଷକରି ଏଲପିଜି ସିଲିଣ୍ଡର ଜଳିବା, ପାଇପରୁ ଗ୍ୟାସ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିବା ବେଳେ କିଭଳି ମୁକାବିଲା କରାଯିବ ତା'ର କୌଶଳ ପ୍ରଦର୍ଶନ କରାଯାଇଥିଲା। ଅଗ୍ନିଶମ କେନ୍ଦ୍ର ଅଧିକାରୀ ଅଶୋକ କୁମାର ଶତପଥୀ, ମୁଖ୍ୟ ଆଗ୍ନିକ ପ୍ରଶାନ୍ତ କୁମାର ନନ୍ଦ ଯୋଗଦେଇ ସଚେତନ କରାଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଦେବକଲ୍ୟାଣ ପଣ୍ଡା, ଅଧାପକ ପ୍ରମୋଦ ମିଶ୍ର, ଅଲେଖ ଚନ୍ଦ୍ର ବାରିକ, ପୀତାମ୍ବର ପତି, ଭାସ୍କର ଚନ୍ଦ୍ର ସାହୁ, ମହମ୍ମଦ ଅରସଦ୍ ରଜା, ଖେଳଶିକ୍ଷକ ଅଜିତ ଲେଙ୍କା, ସରୋଜିନୀ ବରାଳ, ସୁପ୍ରଭା ଜେନା, ଅକ୍ଷୟ ଜେନା, ତୃପ୍ତୀମୟୀ ଦାଶ, କେଦାର ଜେନା, ସୁମନ୍ତ ଦାସ, ସୁଦର୍ଶନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରାଉତ ନୂଆଗାଁରେ ପ୍ରାଣୀ ଚିକିତ୍ସା ଶିବିର

ରଘୁନାଥପୁର,୨୨।୮(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ସାଦେଇପୁର ପଞ୍ଚାୟତ ରାଉତ ନୂଆଗାଁ ଗ୍ରାମରେ ଇଫ୍‌କୋ ଓ ଆଇଏଫଏଫଡିସି ମିଳିତ ସହଯୋଗରେ ପ୍ରାଣୀ ଚିକିତ୍ସା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଗଗନ ନାୟକ ଉପସ୍ଥିତ ରହି ଗୋରୁ, ଛେଳି, ମେଣ୍ଢାଙ୍କୁ ଚିକିତ୍ସା କରିବା ସହ ଫାଟୁଆ ରୋଗର ଟୀକାକରଣ ବ୍ୟବସ୍ଥା କରିଥିଲେ। ଦୁଇ ସଂସ୍ଥାର ଅଧିକାରୀ ଟି.ଏନ୍. ଖାଁ ଓ ଅଜୟ କୁମାର ବଳବନ୍ତରାଏ ଉପସ୍ଥିତ ଚାଷୀଙ୍କୁ ଔଷଧ ବଣ୍ଟନ କରିଥିଲେ। ଆଇନଜୀବୀ ପ୍ରତାପ ଚନ୍ଦ୍ର ମହାପାତ୍ର, ସିଦ୍ଧାର୍ଥ ତ୍ରିପାଠୀ, ରବୀନ୍ଦ୍ରନାଥ ମଲ୍ଲିକ ଓ ଦେବେନ୍ଦ୍ରନାଥ ମଲ୍ଲିକ ଶିବିର ପରିଚାଳନା କରିଥିଲେ। ଏଲଆଇ ଅଶୋକ ମିଶ୍ର, ନିରୋଦ ସ୍ୱାଇଁ ଟିକାକରଣ କାର୍ଯ୍ୟରେ ସାମିଲ ହୋଇଥିଲେ।

## ■ ରାଢ଼ଙ୍ଗ ପଞ୍ଚାୟତ ବିବାଦ ତେଜିଲା

# ପୂର୍ବତନ ସରପଞ୍ଚଙ୍କ ବିରୋଧରେ ବିଡିଓଙ୍କୁ ଅଭିଯୋଗ

ରଘୁନାଥପୁର, ୨୨।୮ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ରାଢ଼ଙ୍ଗ ପଞ୍ଚାୟତର ବିବାଦ ଧୀରେ ଧୀରେ ତେଜିବାରେ ଲାଗିଛି। ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡ଼ିବା ଘଟଣାକୁ ନେଇ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଗୋଷ୍ଠୀ ତତ୍ତ୍ୱାବଧାରକଙ୍କୁ ଅଭ୍ୟାସଗତ ଅଭିଯୋଗକାରୀର ଆଖ୍ୟା ଦେଇ ଉକ୍ତ ବିଶୃଙ୍ଖଳିତ ବ୍ୟକ୍ତିଙ୍କ ବିରୋଧରେ ବିଡିଓ ଓ ଥାନା ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛନ୍ତି ଅପର ଗୋଷ୍ଠୀ। ପଞ୍ଚାୟତର ୧୩ ୱାର୍ଡ ସଭ୍ୟାସଭ୍ୟ ଓ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ନାଏବ ସରପଞ୍ଚ ବିଷ୍ଣୁ ଚରଣ ରାଉତ ଓ ୱାର୍ଡସଭ୍ୟ ପ୍ରକାଶ କୁମାର ରାଉତଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତର ପୂର୍ବତନ ସରପଞ୍ଚ ଯେକି ରାଜ୍ୟର ଏକ କୃଷକ ସଙ୍ଗଠନର ନାମକୁ ଦୁରୁପଯୋଗ କରି ଲୋକଙ୍କ ଉପରେ ପ୍ରଭାବ ବିସ୍ତାର କରି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରୁଛନ୍ତି। ତାଙ୍କର ସରପଞ୍ଚ କାର୍ଯ୍ୟକାଳ ମଧ୍ୟରେ ସରକାରଙ୍କ ବନୀକରଣ କାର୍ଯ୍ୟକ୍ରମରେ ବିପୁଳ ପରିମାଣରେ ସରକାରୀ ଅର୍ଥ ତୋଷାରପାତ କରି ଆରଟିଆଇ ତଥ୍ୟରେ ଧରାପଡିଥିଲେ। ବିଭିନ୍ନ ସରକାରୀ ଗୃହ ଓ ଉନ୍ନୟନମୂଳକ କାର୍ଯ୍ୟରେ ଉତ୍କୋଚ ନେଇଥିବା ପ୍ରମାଣ ଥିବା ସମ୍ପର୍କରେ ନାଏବ ସରପଞ୍ଚ ବିଷ୍ଣୁ ଅଭିଯୋଗ ବାଢ଼ିଛନ୍ତି। ଏହାଛଡା ପଞ୍ଚାୟତର ବରିଷ୍ଠ ନାଗରିକଙ୍କୁ ଅସମ୍ମାନିତ କରିବା ଏବଂ ସରକାରଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟକୁ ପଞ୍ଚାୟତରେ ଉପଲବ୍ଧ କରାଇବା ପରିବର୍ତ୍ତେ ଜନସାଧାରଣଙ୍କ ମନରେ ବିଭ୍ରାନ୍ତି ସୃଷ୍ଟି କରିବା, ପୂର୍ବତନ ସରପଞ୍ଚଙ୍କ ଅଭ୍ୟାସଗତ କାର୍ଯ୍ୟ ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହି ପ୍ରବୃତ୍ତିକୁ ନିଜର ବୃତ୍ତି କରି ଜୀବିକା ନିର୍ବାହ କରୁଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଶସ୍ତା ଲୋକପ୍ରିୟତା ଅର୍ଜନ ପାଇଁ ସରକାରଙ୍କ ବିରୋଧରେ ମତାଇବା ଏବଂ ଏକ ନିର୍ଦ୍ଦିଷ୍ଟ ଦଳର ଏଜେଣ୍ଟ ସାଜି ଲୋକଙ୍କ ମନରେ ବିଷ ମଞ୍ଜି ବୁଣୁଥିବା ପୂର୍ବତନ ସରପଞ୍ଚଙ୍କ ଜନ ବିରୋଧୀ ତଥା କୁତ୍ସିତ କାର୍ଯ୍ୟରେ ପଞ୍ଚାୟତବାସୀ ଅତିଷ୍ଠ ହୋଇପଡିଥିବା ପ୍ରକାଶ କରନ୍ତି। ଏ ସମ୍ପର୍କରେ ଅଗଷ୍ଟ ୨୦ରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ମଧ ପ୍ରଦାନ କରାଯାଇଛି। ଏଥିରେ ୱାର୍ଡସଭ୍ୟା ପୁଷ୍ପଲତା ବାରିକ, ନିରୁପମା ସ୍ୱାଇଁ, ବନୀତା ରାଉତ, ହେମଲତା ଜେନା, ବାବୁଲି ମଲିକ, ଆଦିକନ୍ଦ ପରିଡ଼ା, ପ୍ରତିମା ଲେଙ୍କା, ଅମରେନ୍ଦ୍ର ସ୍ୱାଇଁ, ଶରତ କୁମାର ପାଳ, ନିରାକାର ନାୟକଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ତୁରନ୍ତ ଏହି ଅଭ୍ୟାସଗତ ଅଭିଯୋଗକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଡିଭିଜନ କଥାକୁ ଗୁରୁତ୍ୱ ନ ଦେବା ପାଇଁ ପଞ୍ଚାୟତବାସୀ ପ୍ରକାଶ କରିଛନ୍ତି। ଦିନକୁଦିନ ବିବାଦ ଉଗ୍ରରୂପ ନେଉଥିବାବେଳେ ଜିଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।




ପୂର୍ବତନ ସରପଞ୍ଚଙ୍କ ବିରୋଧରେ ରାଢ଼ଙ୍ଗ ପଞ୍ଚାୟତବାସୀ ବିଡିଓଙ୍କୁ ଅଭିଯୋଗ ଜଣାଉଛନ୍ତି।

### ଅଭିଯୋଗକୁ ଖଣ୍ଡନ କଲେ ପୂର୍ବତନ ସରପଞ୍ଚ

ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ଦେବୀ ପ୍ରସାଦ ମହାରଣାଙ୍କୁ ପଚାରିବାରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଗୋଷ୍ଠୀ ସରକାରୀ ଅର୍ଥ ଓ ସମସ୍ତ ସୁବିଧା ହାତେଇ ନେଇଥିବା ବେଳେ ଏଥିରୁ ବର୍ତ୍ତିବା ପାଇଁ ମୋ ବିରୋଧରେ ବ୍ଲକ ଓ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଯଦି ମୋ ବିରୋଧଷର କୌଣସି ଅଭିଯୋଗ ପ୍ରମାଣ ସହିତ ଅଛି ତାହା ହେଲେ ଖୋଲାଖୋଲି ସମ୍ମୁଖିନ ହେବାକୁ ଆହ୍ୱାନ ଦେଉଛି। କିନ୍ତୁ ଯେ ମୋ ବିରୋଧରେ ଅଭିଯୋଗ ଆଣିଛନ୍ତି ସେମାନଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ରହିଛି। ଯଦି ଜିଲାପାଳ ଚାହିଁବେ ମୁଁ ତାଙ୍କ ପାଖରେ ପ୍ରମାଣିତ କରିବି ବୋଲି ମହାରଣା କହିଥିଲେ।

### ନଗର କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଲେ ନାରାୟଣ



ପାରାଦୀପ,୨୨।୮(ସ୍ୱ.ପ୍ର.)

ଦୀର୍ଘ ୪ ବର୍ଷ ହେଲା ପାରାଦୀପ ନଗର କଂଗ୍ରେସ ସଭାପତି ଥିବା ନାରାୟଣ ସ୍ୱାଇଁ ଗତ ୧୯ ତାରିଖରେ ଇସ୍ତଫା ଦେଇଛନ୍ତି। ଶାରୀରିକ ଅସୁସ୍ଥତା ପାଇଁ ସେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀକୁ ସୁଚାରୁ ରୂପେ ପରିଚାଳନା କରିପାରୁ ନ ଥିବାରୁ ଏଭଳି ପଦକ୍ଷେପ ନେଇଥିବା ସେ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଜିଲା ସଭାପତି ନଟବର ବାରିକ ଓ ପିସିସି ସଭାପତିଙ୍କ ନିକଟକୁ ପଠାଇଛନ୍ତି। ଆଉ ୭ ମାସ ପରେ ପୌର ନିର୍ବାଚନ ହେବାର ଅଛି। ସେହି ନିର୍ବାଚନ ପୂର୍ବରୁ ସ୍ୱାଇଁଙ୍କ ଇସ୍ତଫା ଦେବା ଚର୍ଚ୍ଚାର ବିଷୟ ହୋଇଛି। କଂଗ୍ରେସ ନେତା ଅରିନ୍ଦମ ସର୍ଖେଲଙ୍କ ଡାହାଣ ହାତ ବୋଲି କୁହାଯାଉଥିବା ସ୍ୱାଇଁଙ୍କ ଇସ୍ତଫା ଭିନ୍ନ ରାଜନୀତିର ସୂଚନା ଦେଉଥିବା କୁହାଯାଉଛି।



"ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### କେନାଲରେ ମୃତଦେହ ଭାସୁଛି

**ଚଣ୍ଡିଖୋଲ,୨୨।୮(ଡି.ଏନ୍.ଏ.):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ କେନାଲରେ ଗୁରୁବାର ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି। ମୃତଦେହଟି ପାଣିରେ ତଳମୁହାଁ ହୋଇ ଭାସୁଥିବାରୁ ଚିହ୍ନଟ ହୋଇପାରି ନାହିଁ। ସାଲେପୁର ଓ ମାହାଙ୍ଗା ଥାନା ଅଞ୍ଚଳଦେଇ ଜଗତପୁର-ପଟ୍ଟାମୁଣ୍ଡାଇ କେନାଲ ମଧ୍ୟରେ ମୃତଦେହଟି ଭାସି ଆସିଥିବା ଅନୁମାନ କରାଯାଉଛି। ତେବେ ମୃତଦେହଟି ଭାସିଭାସି ତଳକୁ ପଳାଇ ଯାଇଥିବାରୁ ପୋଲିସ ଉଦ୍ଧାର କରିପାରି ନାହିଁ।

### ନିଖୋଜ ବୃଦ୍ଧା ଶବ ବ୍ରାହ୍ମଣୀ ନଦୀରୁ ଉଦ୍ଧାର

**ରସୁଲପୁର,୨୨।୮(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଦୁର୍ଗାପୁର ଗ୍ରାମର ମାୟାବତୀ ପାଢ଼ୀ(୮୦) ମଙ୍ଗଳବାର ନିଖୋଜ ହୋଇଯାଇଥିଲେ। ବୁଧବାର ସକାଳେ ତାଙ୍କ ମୃତଦେହ ବ୍ରାହ୍ମଣୀ ନଦୀ ଗାଁ ଗାଧୁଆ ତୁଠରେ ଭାସୁଥିବା ଦେଖିବାପରେ ଗାଁ ଲୋକେ ବୃଦ୍ଧାଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ଶବକୁ ଉଦ୍ଧାର କରି ଘରକୁ ନେଇଥିବା ଜଣାଯାଇଛି। ଏ ସମ୍ପର୍କରେ ଧର୍ମଶାଳା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ପ୍ରକାଶ କରିଛି।

### ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

**କୋରେଇ,୨୨।୮(ସ୍ୱ.ପ୍ର):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ପୋଲ ନିକଟରେ ଗୁରୁବାର ମଧ୍ୟାହ୍ନରେ ବାଇକ୍‌ରେ ଯାଉଥିବା ଜଣେ ଯୁବକ ଭାରସାମ୍ୟ ହରାଇ ଡିଭାଇଡରେ ପିଟି ହୋଇ ଗୁରୁତର ହୋଇଛନ୍ତି। ଉକ୍ତ ଯୁବକଙ୍କୁ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇବା ପରେ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି। ଯାଜପୁର କୋଦଣ୍ଡପୁର ପୁରୁଷୋତ୍ତମପୁର ଗ୍ରାମର ମାଗୁଣି ବେହେରାଙ୍କ ପୁଅ ରାଜକିଶୋର ତାଙ୍କ ବାଇକ(ଓଡି୦୪ଏ୦୯୭୩) ଯୋଗେ ଯାଉଥିବାବେଳେ ଭାରସାମ୍ୟ ହରାଇ ଡିଭାଇଡରେ ପିଟି ହୋଇଥିଲେ। ଆମେ ବିପଦର ସାଥି ସଦସ୍ୟଙ୍କ ସହାୟତାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମେଡିକାଲକୁ ପଠାଯାଇଥିଲା।

### ଘର ସମ୍ମୁଖରୁ ବାଇକ୍ ଚୋରି

**ବରୀ,୨୨।୮(ସ୍ୱ.ପ୍ର):** ବରୀ ଥାନା ଅଟିରା ପଞ୍ଚାୟତ ଗହପାଳ ଗ୍ରାମର କିଶୋର ପୃଷ୍ଟିଙ୍କ ଘର ସମ୍ମୁଖରୁ ବୁଧବାର ଏକ ବାଇକ୍ ଚୋରି ହୋଇଯାଇଥିବା ବରୀ ଥାନାରେ ଅଭିଯୋଗ ହୋଇଛି। କିଶୋର ନିଜ ବାଇକ୍ (ଓଡି୦୪ଡି୭୦୦୨)କୁ ଘର ସମ୍ମୁଖରେ ରଖିଥିବାବେଳେ ଗୁରୁବାର ସକାଳୁ ସେଠାରୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଅଭିଯୋଗ ପାଇ ତଦନ୍ତ ଆରମ୍ଭ ହୋଇଛି ବୋଲି ଥାନା ପକ୍ଷରୁ କୁହାଯାଇଛି।

## କଳିଙ୍ଗନଗର ଶିଳ୍ପାଞ୍ଚଳକୁ ବ୍ରାହ୍ମଣୀରୁ ଜଳଯୋଗାଣ

# କାରଖାନା ବଢୁଛି, ଜଳ ଉତ୍ତୋଳନ ଅପରିବର୍ତ୍ତିତ

**ଯାଜପୁର ଅଫିସ,୨୨।୮**

ବିକାଶ ନାମରେ ପୁଞ୍ଜିପତିଙ୍କ ହାତକୁ ଜଳ, ଜମି ଓ ଜଙ୍ଗଲ ଟେକି ଦେବାରେ ଓଡ଼ିଶା ସରକାର ବହୁ ଆଗରେ। କୃଷି ପାଇଁ ଜଳସେଚନ ହେଉ କି ନ ହେଉ ଶିଳ୍ପକୁ ଜଳଯୋଗାଣ ନିଶ୍ଚିତ କରାଯାଉଛି। ଏହି କ୍ରମରେ ଦୀର୍ଘବର୍ଷ ହେଲା କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଇଡ୍‌କୋ ଜରିଆରେ ଦୈନିକ ୮କ୍ୟୁସେକ ବ୍ରାହ୍ମଣୀ ନଦୀ ଜଳ ଯୋଗାଣ ହେଉଛି। ତେବେ ଗତ ୪ବର୍ଷ ମଧ୍ୟରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବିଭିନ୍ନ କାରଖାନା ସଂଖ୍ୟା ବୃଦ୍ଧି ହୋଇଥିଲେ ସୁଦ୍ଧା ଇଡ୍‌କୋର ଜଳ ଉତ୍ତୋଳନ ପରିମାଣ ପୂର୍ବ ପରି ଅପରିବର୍ତ୍ତିତ ରହିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାହାଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ମଧ୍ୟ ହରାଉଛନ୍ତି। ଗତ ସପ୍ତାହେ ତଳେ ଇଡ୍‌କୋର ଡିଭିଜନାଲ ମୁଖ୍ୟ ବ୍ରାହ୍ମଣୀ ନଦୀରୁ ପୁଣି ୮କ୍ୟୁସେକ ପାଣି ନେବାକୁ ଚୁକ୍ତି ନବୀକରଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିପାଇଁ ଇଡକୋ ପକ୍ଷରୁ ୩ କୋଟି ୮୯ ଲକ୍ଷ ୩ ହଜାର ୪୧୫ ଟଙ୍କା ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ କରାଯାଇଛି। ଏଥିରୁ ଇଡ୍‌କୋ ତ୍ରୁଟିପୂର୍ଣ୍ଣ ଫ୍ଲୋମିଟର ଲଗାଇ ପାଣି ଚୋରି କରୁଥିବା ସନ୍ଦେହ କରାଯାଉଛି। ଏଥିପାଇଁ ନିକଟରେ ଜଳ ସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର କଳିଙ୍ଗନଗର ଶିଳ୍ପାଞ୍ଚଳ ଗସ୍ତ କରି ଫ୍ଲୋମିଟର ଅନୁଧ୍ୟାନ କରିବା ପୂର୍ବକ ଜଳଯୋଗାଣ ହେଉଥିବା ଶିଳ୍ପ କାରଖାନାଗୁଡିକର ସବିଶେଷ ତଥ୍ୟ ମାଗିଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଯାଜପୁର ଜିଲାର ଜୀବନରେଖା ଭାବେ ପରିଚିତ ବ୍ରାହ୍ମଣୀ ନଦୀରୁ ଟୋପାଏ ବି ପାଣି କୃଷି କ୍ଷେତ୍ରକୁ ଜଳସେଚନ ଉଦ୍ଦେଶ୍ୟରେ ଏଯାଏ ବ୍ୟବହାର ହୋଇ ପାରୁ ନ ଥିବାରୁ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ରାଜ୍ୟରେ ଉତ୍ପାଦିତ ହେଉଥିବା ମୋଟ ପନିପରିବା ମଧ୍ୟରୁ କେବଳ ଯାଜପୁର ଜିଲାର ବ୍ରାହ୍ମଣୀ ନଦୀକୂଳରେ ପ୍ରାୟ ୪୦ଭାଗ ଚାଷ ହୋଇଥାଏ। ମରୁଡି ହେଲେ ଧାନ ସହ ପନିପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାଏ। ଏହି ଦୃଷ୍ଟିରୁ ବ୍ରାହ୍ମଣୀର ଉପନଦୀ ଖରସ୍ରୋତାରୁ ଧର୍ମଶାଳା, ଯାଜପୁର ଓ ରସୁଲପୁର ବ୍ଲକ ଅଞ୍ଚଳକୁ ମେଗା ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜଳସେଚନର ପରିକଳ୍ପନା କରାଯାଇଛି। ପ୍ରାୟ ୯ ବର୍ଷ ହେଲା ଏହି ପ୍ରକଳ୍ପ ମନ୍ଥର ଗତିରେ ଚାଲିଥିବାରୁ ଚାଷୀ ପାଣି ପାଇଁ ଅନାଇ ରହିଛନ୍ତି। କିନ୍ତୁ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ଶିଳ୍ପସଂସ୍ଥାଗୁଡ଼ିକ ପାଣି ନେଇ କୋଟି କୋଟି ଟଙ୍କା ଲାଭ କରୁଛନ୍ତି। ଟାଟା ଷ୍ଟିଲ୍, ଭିସା ଷ୍ଟିଲ୍, ନୀଳାଚଳ, ମେସ୍କୋ ଷ୍ଟିଲ, ମଇଥାନ, ବ୍ରାହ୍ମଣୀ ରିଭର୍ସ ପେଲେଟ(ବିଆରପିଏଲ), ଯାଜଦାନୀ ଷ୍ଟିଲ ଆଣ୍ଡ ପାୱାର, ରୋହିତ ଫେରୋଟେକ, କେଜେ ଇସ୍ପାତ ଓ ଦୀନବନ୍ଧୁ ଇସ୍ପାତ କମ୍ପାନୀ ପ୍ରତିଷ୍ଠା ଦିନଠାରୁ ବ୍ରାହ୍ମଣୀରୁ ଇଡ୍‌କୋ ଜରିଆରେ ପାଣି ନେଉଛନ୍ତି। ଏବେ ନିଜୋନ ଟ୍ୟୁବ୍‌ସ, ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ, ଇମାମି ସିମେଣ୍ଟ, ଯାଜପୁର ସିମେଣ୍ଟ, ରାମକୋ ସିମେଣ୍ଟ ଆଦି ଛୋଟବଡ଼ କାରଖାନା ବ୍ରାହ୍ମଣୀରୁ ଇଡ୍‌କୋ ଜରିଆରେ ପାଣି ନେବା ଆରମ୍ଭ କରିଛନ୍ତି। ବିଭିନ୍ନ ଶିଳ୍ପ କାରଖାନା ନଦୀଜଳକୁ ଶିଳ୍ପ ଶୋଷୁ ଥିବାରୁ ଖରା ଓ ଶୀତ ମାସରେ ଜଳଧାରା କ୍ଷୀଣ ହେଉଛି। କିନ୍ତୁ ବିଡମ୍ବନା ଯେ, ବ୍ରାହ୍ମଣୀ ନଦୀରୁ ଇଡ୍‌କୋର ଜଳ ଉତ୍ତୋଳନ ପରିମାଣ ବୃଦ୍ଧି ପାଉନାହିଁ। ଏହି ମର୍ମରେ ଗତ ମାସରେ ୧।୮।୨୦୧୯ ରୁ ୩୧।୭।୨୦୨୦ ପର୍ଯ୍ୟନ୍ତ ବ୍ରାହ୍ମଣୀରୁ ଜଳ ନେବାକୁ ଇଡ୍‌କୋ ଚୁକ୍ତି ନବୀକରଣ କରିବାକୁ କାଗଜପତ୍ର ଦାଖଲ କରିଛି। ଏହାସହ ଆବଶ୍ୟକ ବ୍ୟାଙ୍କ ଗ୍ୟାରେଣ୍ଟି ମଧ୍ୟ ଦାଖଲ କରିଛି। କିନ୍ତୁ ଦୀର୍ଘଦିନ ହେଲା କାରଖାନା ସଂଖ୍ୟା ବୃଦ୍ଧି ସତ୍ତ୍ୱେ ଦୈନିକ ୮କ୍ୟୁସେକ ଜଳ ଉତ୍ତୋଳନରେ ସୀମିତ ରହିବା ଜଳ ସମ୍ପଦ ବିଭାଗର ସନ୍ଦେହ ଘେରକୁ ଆସିଛି। ଏନେଇ ଜଳ ସମ୍ପଦର ଚିଫ୍ ଇଞ୍ଜିନିୟର ଇଡ୍‌କୋ କର୍ତ୍ତୃପକ୍ଷଙ୍କୁ ସବିଶେଷ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏସଂକ୍ରାନ୍ତରେ ଜଳସେଚନ ବିଭାଗ ଜାରକା ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି ଇଡ୍‌କୋଠାରୁ ଜଳକର ଆଦାୟ କରିବାକୁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଉଛି। ଗତ କିଛି ମାସ ହେଲା ଇଡ୍‌କୋ ନିୟମିତ ଭାବେ ଜଳକର ମଧ୍ୟ ଦାଖଲ କରୁଛି। ତେବେ ଆବଶ୍ୟକତାଠାରୁ ଅଧିକ ଜଳ ଉତ୍ତୋଳନ ଅଭିଯୋଗ ଉପରେ ତଦନ୍ତ ହେବା ସହିତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି।



- ସବିଶେଷ ତଥ୍ୟ ମାଗିଲେ ଚିଫ ଇଞ୍ଜିନିୟର
- ସନ୍ଦେହ ଘେରରେ ଇଡ୍‌କୋର କାର୍ଯ୍ୟକଳାପ
- ୨୦ ବର୍ଷ ହେଲା ୮ କ୍ୟୁସେକରେ ସୀମିତ

### ଦୋକାନରେ ଶୋଇଥିବାବେଳେ ଶ୍ରମିକଙ୍କ ମୃତ୍ୟୁ

**ରସୁଲପୁର,୨୨।୮(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ବଜାରରେ ଥିବା ଏକ ଗଦି ଦୋକାନରେ କାମ କରୁଥିବା ଜନୈକ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଢେଙ୍କାନାଳ ଜିଲା ଭାପୁର ଥାନା ଅନ୍ତର୍ଗତ ଦିବ୍ୟାଙ୍ଗପୁର ଗ୍ରାମର ଶ୍ରୀବତ୍ସ ବେହେରାଙ୍କ ପୁଅ ବିନାୟକ(୨୧)। ସେ ସବୁଦିନ ଭଳି ବୁଧବାର ରାତିରେ ଖାଇ ଦୋକାନରେ ଶୋଇଥିଲେ। ବୁଧବାର ସକାଳୁ ଦୋକାନ ମାଲିକ ଆସି ଦୋକାନ ଖୋଲା ଯାଇ ନ ଥିବା ଦେଖିବାକୁ ପାଇଥିଲେ। ପରେ ଦୋକାନ ଫାଟକ ଭାଙ୍ଗି ଦେଖିବାବେଳକୁ ବିନାୟକଙ୍କ ଶୋଇଥିବା ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ଖବର ପାଇ ବ୍ରହ୍ମବରଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ମୃତ ଯୁବକଙ୍କ ପରିବାର ଲୋକ ପହଞ୍ଚି ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ କରିଥିଲେ। ତାଙ୍କ ପୁଅର ପୂର୍ବରୁ ଜଳ ଉଦର ରୋଗରେ ପୀଡିତ ଥିଲା ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏ ସଂପର୍କରେ ଧର୍ମଶାଳା ଥାନାରେ ଅପମୃତ୍ୟୁ ମାମଲା(ନଂ-୧୩/୧୯) ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।



ଯାଜପୁର ରୋଡ ବ୍ୟାସନଗର ଅଞ୍ଚଳରେ ରାସ୍ତା ଉପରେ ଗୋରୁଙ୍କ ଅବାଧ ଚଳପ୍ରଚଳ।

### ଚୋରା ଏଲ୍‌ଇଡି ଜବତ, ଦୋକାନୀ କୋର୍ଟଚାଲାଣ

**ରସୁଲପୁର,୨୨।୮(ଡି.ଏନ୍.ଏ.)**

କୁଆଖିଆଥାନା ଅନ୍ତର୍ଗତ ଖୋସାଲପୁର ଗ୍ରାମର ରମେଶ ଚନ୍ଦ୍ର ପଣ୍ଡାଙ୍କ ଘରୁ ଚୋରି ଯାଇଥିବା ଏଲ୍‌ଇଡି ଟିଭିକୁ ପୋଲିସ ଜବତ କରିଛି। ଯାଜପୁର ରୋଡ ଥାନା ଅନ୍ତର୍ଗତ ସୋବରା ଗ୍ରାମରେ ଥିବା ଏକ ଟିଭି ମରାମତି ଦୋକାନରୁ ଚୋରି ସମାଗ୍ରୀକୁ ଉଦ୍ଧାର କରିବା ସହ ଚୋରି ସାମଗ୍ରୀ କାରବାରରେ ସମ୍ପୃକ୍ତ ଥିବା ଦର୍ଶାଇ ଦୋକନ ପରିଚାଳକ ମୋହନ ବେହେରା(୨୬)ଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛି।

ପ୍ରକାଶ ଯେ, କିଛି ଦିନ ତଳେ ରମେଶଙ୍କ ଘରୁ ହେଲେ ସୁନା କାନଫୁଲ ଓ ଗୋଟିଏ ୩୨ ଇଞ୍ଚର ଏଲ୍‌ଇଡି ଟିଭି ଚୋରି ହୋଇଯାଇଥିଲା। ଏ ସମ୍ପର୍କରେ ଗତ ୭ତାରିଖରେ କୁଆଖିଆ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଥାନରେ କେସ୍ ନଂ-୧୯୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଚୋରି ଯାଇଥିବା ସାମଗ୍ରୀ ଯାଜପୁର ରୋଡ ଅଞ୍ଚଳରେ ଥିବା ନେଇ ପୋଲିସ ଜାଣିବାକୁ ପାଇ ଗୁରୁବାର ସକାଳେ ମୋହନଙ୍କ ଟିଭି ମରାମତି ଦୋକାନରେ ଚଢାଉ କରିଥିଲା। ଉକ୍ତ ଦୋକାନରୁ ଚୋରି ଟିଭିକୁ ଜବତ କରିବା ସହ ଦୋକାନୀ ମୋହନଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅନ୍ୟ କେହି ସମ୍ପୃକ୍ତି ଅଛନ୍ତି କି ନାହିଁ ସେନେଇ ପୋଲିସ ମୋହନଙ୍କୁ ପଚରାଉଚରା କରିଛି।

### ଦିବ୍ୟାଙ୍ଗଙ୍କୁ ମିଳିଲା ତିନି ଚକିଆ ସାଇକେଲ

**ରସୁଲପୁର,୨୨।୮(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ଏକତଳା ଗ୍ରାମର ଅଶୋକ କୁମାର ମହାନ୍ତିଙ୍କୁ ଗୁରୁବାର ବ୍ଲକ ପକ୍ଷରୁ ଏକ ତିନି ଚକିଆ ସାଇକେଲ ପ୍ରଦାନ କରାଯାଇଛି। ୨୦୧୪ରେ ସେ ଟ୍ରେନ୍ ଦୁର୍ଘଟଣାରେ ୨ଟି ଗୋଡ଼ ହରାଇଥିଲେ। ତାଙ୍କୁ ଶତପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଛି। ଏହି ଆଧାରରେ ୫ବର୍ଷ ତଳେ ଏକ ତିନି ଚକିଆ ସାଇକେଲ ମିଳିଥିଲା। ମାତ୍ର ସମୟକ୍ରମେ ସାଇକେଲଟି ଭାଙ୍ଗି ଯିବା ସହ ବ୍ୟବହାର ଉପଯୋଗୀ ନ ହେବାରୁ ଦିବ୍ୟାଙ୍ଗ ଅଶୋକ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏବାବଦରେ ସୁପାରିଶ ଆସିବା ପରେ ସାଇକେଲ ମିଳିବ ବୋଲି ମନେକରି ଦିବ୍ୟାଙ୍ଗ ଅଶୋକ ସେଠାରେ ଅଭିଯୋଗ କରିଥିଲେ। ମାତ୍ର ସୁପାରିଶ ପତ୍ର ଆସିବାରେ ବିଳମ୍ୱ ହେବାରୁ ସେ ସାଇକେଲ ପାଇବାରେ ବାଧା ଉପୁଜିଥିଲା। ମାତ୍ର ଏହି ଘଟଣାରେ ସମାଜିକ କର୍ମୀ ମଣ୍ଟୁ ଦାସ, ଅହଲ୍ୟା ମଣ୍ଡଳ ହସ୍ତକ୍ଷେପ କରି ଜିଲା ଓ ବ୍ଲକ ସାମଜିକ ସୁରକ୍ଷା ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଏଦିଗରେ ଜିଲା ଚିକିତ୍ସା କେନ୍ଦ୍ରର ସୁପାରିଶ ଆବଶ୍ୟକ ନାହିଁ, ବରଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସୁପାରିଶରେ ସାଇକେଲ ଦିଆଯାଇ ପାରିବ ବୋଲି ଜଣାପଡ଼ିଥିଲା। ପରେ ଏଦିଗରେ ବ୍ଲକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସହଯୋଗ କରାଯାଇ ଦିବ୍ୟାଙ୍ଗଙ୍କୁ ସାଇକେଲ ପ୍ରଦାନ କରାଯାଇଛି ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ଏହି କି ସରକାରୀ ଯୋଜନା ଓ ତାର କାର୍ଯ୍ୟକାରିତା ସମ୍ପର୍କରେ ଜନସଚେତନତାର ଅଭାବ ଯୋଗୁ ଦିବ୍ୟାଙ୍ଗଙ୍କୁ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି।



ଦିବ୍ୟାଙ୍ଗଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମିଳିଥିବା ତିନିଚକିଆ ସାଇକେଲ।

## ରାଶନ କାର୍ଡରେ ଆଧାର ସଂଯୋଗୀକରଣ

# ବାଦ ପଡିପାରନ୍ତି ୨ ହଜାରରୁ ଅଧିକ ହିତାଧିକାରୀ

**ଚଣ୍ଡିଖୋଲ,୨୨।୮(ଡି.ଏନ୍.ଏ.)**

ସରକାର ଅଗଷ୍ଟ ୩୧ ତାରିଖ ସୁଦ୍ଧା ରାଶନ କାର୍ଡରେ ଆଧାର ସଂଯୋଗୀକରଣ ବାଧ୍ୟତାମୂଳକ କରିଛନ୍ତି। ଏହିକ୍ରମରେ ବଡ଼ଚଣା ବ୍ଲକରେ ହାରାହାରି ୨ ହଜାରରୁ ଊର୍ଦ୍ଧ୍ୱ ରାଶନ କାର୍ଡଧାରୀ ଆଧାର ସଂଯୋଗୀକରଣରୁ ବଞ୍ଚିତ ହେବାନେଇ ଆଶଙ୍କା ଦେଖାଦେଇଛି। ବଡ଼ଚଣା ବ୍ଲକର ୪୩ଟି ପଞ୍ଚାୟତରେ ୧୭୦ଟି ରାଜସ୍ୱ ଗ୍ରାମ ଅଛି। ସରକାରୀ ହିସାବ ଅନୁଯାୟୀ ୪୧ହଜାର ୯୨୭ଟି କାର୍ଡରେ ଉପଭୋକ୍ତାମାନେ ସେମାନଙ୍କର ରାଶନ ସାମଗ୍ରୀ ନେଉଛନ୍ତି। କେତେକ କାର୍ଡଧାରୀ ୨ରୁ ଅଧିକ ସ୍ଥାନରେ ସେମାନଙ୍କର ନାମ ପଞ୍ଜୀକରଣକରି ରାଶନ ସାମଗ୍ରୀ ଉଠାଉଛନ୍ତି। ଏପରିକି ଏହି ଜିଲାରେ ସେମାନଙ୍କର ନାମ ତାଲିକାରେ ଥିବାବେଳେ ଅନ୍ୟ ଜିଲାରେ ନାମ ମଧ୍ୟ ରହିଥିବା ଆଧାର କାର୍ଡ ସଂଯୋଗବେଳେ ଜଣାପଡିଛି। କେତେଜଣ କାର୍ଡ ଧାରୀ ସେମାନଙ୍କର ଅନ୍ୟସ୍ଥାନରେ କାର୍ଡ ଥିବା ହେତୁ ଆଧାର ସଂଯୋଗ ପାଇଁ ଆବଶ୍ୟକ ଆଧାର କାର୍ଡକୁ ଦେଉନାହାନ୍ତି। ଏପରିକି ସେମାନେ ନାମ କାଟିବା ପାଇଁ ବ୍ଲକ ପ୍ରଶାସନ ନିକଟରେ ଦରଖାସ୍ତ ଦେଇଥିବା ଜଣାପଡିଛି। ଅପରପକ୍ଷେ କେତେଜଣ ବୟସ୍କ କାର୍ଡଧାରୀ ଆଧାର କାର୍ଡ ନ ଥିବା ହେତୁ ପ୍ରଶାସନ ନିକଟରେ ଦାଖଲ କରି ପାରୁ ନାହାନ୍ତି। ସେମାନେ ନୂତନ କାର୍ଡ ପାଇଁ ଆଧାର କେନ୍ଦ୍ରଗୁଡିକରେ ଭିଡ଼ ଜମାଇଛନ୍ତି। ଯଦି ଆସନ୍ତା ୩୧ ତାରିଖ ସୁଦ୍ଧା କାର୍ଡ ନ ପାଇପାରିବେ ସେମାନଙ୍କର ରାଶନ କାର୍ଡ କଟିଯିବାର ସମ୍ଭାବନା ସୃଷ୍ଟି ହୋଇଛି। ଏଥିପାଇଁ ରିଟେଲରମାନେ ଘରଘର ବୁଲି ଆଧାରକାର୍ଡ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ଏହାର ଅବଧି ତାରିଖ ଆଉ ଏକ ସପ୍ତାହ ବାକି ଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୬୦ ପ୍ରତିଶତ ଆଧାର ସଂଯୋଗୀକରଣ କାର୍ଯ୍ୟ ଶେଷ ହୋଇଥିବା ବ୍ଲକ ସୂତ୍ରରୁ ଜଣାପଡିଛି। ତେବେ ଏକ ସପ୍ତାହ ମଧ୍ୟରେ ୪୦ଭାଗ ସଂଯୋଗୀକରଣ କିପରି ହୋଇପାରିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସଂଯୋଗୀକରଣ ଦ୍ୱାରା ବହୁ ବେନାମୀ ରାଶନ କାର୍ଡଧାରୀ ବାଦ ପଡ଼ିବା ସହିତ ଭୂତ କାର୍ଡ ରଖି ଦୀର୍ଘ ଦିନର ରାଶନ ଲୁଟ୍ କରିଥିବା ରିଟେଲରମାନେ ମଧ୍ୟ ଧରାପଡିବେ। ଏ ସମ୍ପର୍କରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରୁ, ସରକାରଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରାଯିବ। ଯେଉଁମାନେ ଆଧାର କାର୍ଡ ନ ଦେବେ ସେମାନଙ୍କର ରାଶନ ସାମଗ୍ରୀ ବନ୍ଦ ରହିବ ବୋଲି କହିଥିଲେ।

## ନାବାଳିକାଙ୍କୁ ପୃଷ୍ଠପୋଷକତା ସହାୟତା ପ୍ରସଙ୍ଗ

# ପରିବାରକୁ ଭେଟି ଅବସ୍ଥା ବୁଝିଲା ୩ଜଣିଆ ଟିମ୍

**ରସୁଲପୁର,୨୨।୮(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ପଠାନ ମହଲାରେ ବାସ କରୁଥିବା ନାବାଳିକା ଝିଅ ଓ ସ୍ୱାମୀ ପରିତ୍ୟକ୍ତା ମା' ୱାହେଦା ବାନେ ପରିବାରକୁ ଗୁରୁବାର ଅପରାହ୍ନରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ନେତୃତ୍ୱରେ ଏକ ୩ଜଣିଆ ଦଳ ପରିଦର୍ଶନରେ ଆସି ଫେରି ଯାଇଛନ୍ତି। ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶିଶୁ ସୁରକ୍ଷା ଅଧିକାରୀ ଓ ଅନ୍ୟମାନେ ଆସି ନାବାଳିକାଙ୍କ ପରିବାରର ସ୍ଥିତି ସମୀକ୍ଷା କରି ଫେରି ଯାଇଛନ୍ତି। ପୃଷ୍ଠପୋଷକତା ରାଶି ପ୍ରଦାନ ପରେ ଉକ୍ତ ଅର୍ଥ ନାବାଳିକାଙ୍କ ଜମାଖାତାରେ ଉପଲବ୍ଧ ରହିଛି କି ନାହିଁ ପଚାରି ବୁଝିବା ସହ ସାମାଜିକ ସ୍ଥିତିକୁ ସମୀକ୍ଷା କରିଥିଲେ।

ବ୍ରହ୍ମବରଦା ବାଳିକା ଉଚ୍ଚ ବିଦ୍ୟାଳୟର ୮ମ ଶ୍ରେଣୀରେ ପାଠପଢୁଥିବା ଜଣେ ନାବାଳିକାଙ୍କ ଦୟନୀୟ ସ୍ଥିତିକୁ ଦେଖି ଶିକ୍ଷା ଓ ସ୍ୱାସ୍ଥ୍ୟ ଦିଗରେ ଖର୍ଚ୍ଚ କରିବା ସକାଶେ ସରକାରଙ୍କ ପକ୍ଷରୁ ପୃଷ୍ଠପୋଷକତା ସହାୟତା ପ୍ରଦାନ କରାଯାଉଥିଲା। ଏବାବଦକୁ ମାସିକ ୨ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯାଉଥିଲା। ୧ବର୍ଷ ପ୍ରଦାନ କରାଯିବା ପରେ ଏହାକୁ ବନ୍ଦ କରି ଦିଆଯାଇଥିଲା। ଲଗାତାର ୬ମାସ ପର୍ଯ୍ୟନ୍ତ ସହାୟତା ରାଶି ଜମାଖାତାରେ ଉପଲବ୍ଧ ନ ହେବାରୁ ନାବାଳିକାଙ୍କ ପରିବାରର ଦୈନନ୍ଦିନ ଚଳଣୀ ପ୍ରଭାବିତ ହୋଇଥିଲା। ଏନେଇ ଧରିତ୍ରୀରେ ଖବର ପ୍ରସାରଣ ହେବାଫଳରେ ଜିଲାପାଳଙ୍କ ପକ୍ଷରୁ ପୃଷ୍ଠପୋଷକତା ସହାୟତା ପ୍ରଦାନ ଦିଗରେ ଗୁରୁତ୍ୱ ପ୍ରଦାନ କରାଯାଇ ସୋମବାର ଜମାଖାତାକୁ ୧୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ଟଙ୍କା ଜମାଖାତାରେ ପହଞ୍ଚିଛି କି ନାହିଁ। ଉକ୍ତ ଟଙ୍କାକୁ କିଭଳି ଭାବରେ ଖର୍ଚ୍ଚ କରାଯିବ ଏବଂ ନାବାଳିକାଙ୍କ ଆଉ କ'ଣ ସବୁ ସମସ୍ୟା ରହୁଛି ସେନେଇ ଶିଶୁ ଅଧିକାରୀ ପଚାରି ବୁଝିଥିଲେ। ପରିଦର୍ଶନକାରୀ ଦଳରେ ଆଇନ ଓ ପରିନୀକ୍ଷଣ ଅଧିକାରୀ ତଥା ଆଇନଜୀବୀ ତପନ କୁମାର ପଣ୍ଡା, ସହକାରୀ ରବୀନ୍ଦ୍ର କୁମାର ସେଠୀ, ଶିଶୁ ସୁରକ୍ଷା ସାମାଜିକ କର୍ମୀ ମଣ୍ଟୁ ଦାସ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଏ ସମ୍ପର୍କରେ ଶିଶୁ ସୁରକ୍ଷା ଅଧିକାରୀ କରଙ୍କୁ ପଚାରିବାରୁ ନାବାଳିକା ପରିବାରର ସ୍ଥିତି ଗମ୍ଭୀର ରହିଥିବା କଥାକୁ ସ୍ୱୀକାର କରିଛନ୍ତି। ହେଲେ ଏଦିଗରେ ଜିଲା ପ୍ରଶାସନ ଯଥେଷ୍ଟ ଯତ୍ନବାନ ରହିଛି। ପୃଷ୍ଠପୋଷକତା ସହାୟତା ୩ବର୍ଷ ପର୍ଯ୍ୟନ୍ତ ମିଳିବ। ଏହାଛଡ଼ା ରସୁଲପୁର ବ୍ଲକ ଓ ତହସିଲ ପକ୍ଷରୁ ସାମାଜିକ ନିରାପତ୍ତା ପାଇଁ ଅନ୍ୟାନ୍ୟ ସହାୟତତା ପ୍ରଦାନ କରାଯାଉଥିବା ନେଇ ଉକ୍ତ ପରିବାରଙ୍କଠାରୁ ଅବଗତ ହୋଇଥିବା କର ପ୍ରକାଶ କରିଛନ୍ତି।

# ଦୁର୍ନୀତିଗ୍ରସ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ


**ଯାଜପୁର ଅଫିସ,୨୨।୮**

**ସରକାରୀ ହାଇସ୍କୁଲରେ ଅନିୟମିତତା**

- ରାଜ୍ୟପାଳଙ୍କ ଦ୍ୱାରସ୍ଥ ପୀଡ଼ିତା ଶିକ୍ଷୟିତ୍ରୀ
- କାର୍ଯ୍ୟାନୁଷ୍ଠାନ ନ ହେଲେ ଇତିଶ୍ରୀ ଘଟଣାର ପୁନରାବୃତ୍ତି ହେବ
- ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ତଦନ୍ତ ନିର୍ଦ୍ଦେଶ

ଦୁର୍ନୀତିଗ୍ରସ୍ତ, ଅମାନବିକ, ନିର୍ଯ୍ୟାତନାକାରୀ ଓ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରୁଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ନଚେନ ଓଡ଼ିଶାରେ ଆଉ ଏକ ଇତିଶ୍ରୀ ଘଟଣାର ପୁନରାବୃତ୍ତି ହେବ। ରାଜ୍ୟପାଳଙ୍କ ନିକଟରେ ଏଭଳି ଆକୁଳ ନିବେଦନ କରିଛନ୍ତି ଯାଜପୁର ଜିଲା ହୋସେନପୁର ଅଞ୍ଚଳର ଜଣେ ଶିକ୍ଷୟିତ୍ରୀ। ଏଭଳି ନିବେଦନ ପରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଉପସଚିବ ଯାଜପୁର ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ(ଡିପିସି)ଙ୍କୁ ୧୧।୭।୨୦୧୯ରେ ଘଟଣାର ତୁରନ୍ତ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହା ସଫଳ ନ ହେବାରୁ ୧୭।୮।୨୦୧୯ରେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ(ଯୋଜନା) ଯାଜପୁର ଡିପିସିଙ୍କୁ ନିଜେ ତଦନ୍ତ କରି ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟପାଳଙ୍କୁ ଦେଇଥିବା ପତ୍ରରେ ଶିକ୍ଷୟିତ୍ରୀ ଜଣକ ଦର୍ଶାଇଛନ୍ତି ଯେ, ସେ ଏକ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କନିଷ୍ଠ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରନ୍ତି। ହେଲେ ସମ୍ପୃକ୍ତ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀର୍ଘଦିନ ହେଲା ତାଙ୍କୁ ମାନସିକ ନିର୍ଯାତନା ଦେଇ ଆସୁଛନ୍ତି। ଏପରି କି ସ୍କୁଲ୍‌କୁ ଆସି ନ ଥିବା ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଖାତାରେ ଅନୁପସ୍ଥାନ ପକାଇବାରୁ ତାଙ୍କୁ ସ୍କୁଲ ପରିଚାଳନା କମିଟିର ସଦସ୍ୟାସଦସ୍ୟଙ୍କ ସମ୍ମୁଖରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଉକ୍ତ ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ଜଣକ ଦୈନିକ ଯେତିକି ପିଲା ସ୍କୁଲ୍‌କୁ ଆସୁଛନ୍ତି ତାଠାରୁ ଅଧିକ ଉପସ୍ଥାନ ପକାଇ ବଳକା ଚାଉଳକୁ ବିକ୍ରି କରୁଛନ୍ତି। ଏହି କାର୍ଯ୍ୟ ଦୀର୍ଘଦିନ ହେଲା କରି ଆସୁଛନ୍ତି। ଏଥିରେ ଶିକ୍ଷୟିତ୍ରୀ ଜଣକ ବିରୋଧ କରିବାରୁ ତାଙ୍କ ଆଇନରେ ଚାଲ, ନଚେତ ସ୍କୁଲରୁ ପଳାଅ ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତାଙ୍କୁ କହିଥିଲେ। ଏହାବାଦ ଜଣେ ଶିକ୍ଷକ ହୋଇ ଶ୍ରେଣୀ ପ୍ରକୋଷ୍ଠରେ ଏଲ୍‌ଆଇସି କାର୍ଯ୍ୟ କରିଥାନ୍ତି। ସେହି ସ୍କୁଲର କେତେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅନୁପସ୍ଥିତ ରହିଲେ ମଧ୍ୟ ପରଦିନ ଦସ୍ତଖତ କରାଇ ଦିଅନ୍ତି। ଏହିସବୁ ଅନ୍ୟାୟ ବିରୋଧରେ ଶିକ୍ଷୟିତ୍ରୀ ଜଣକ ବିରୋଧ କରି ଆସୁଥିଲେ ହେଁ ତାଙ୍କୁ କେହି ସହଯୋଗ କରୁ ନାହାନ୍ତି। ତେଣୁ ସ୍ମାରକପତ୍ରରେ ଅତିଷ୍ଠ ହୋଇ ମାନବିକ ଅଧିକାର କ୍ଷୁର୍ଣ୍ଣ ହେବା ସହିତ ତାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗ ପତ୍ରକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଗୁରୁତର ଭାବେ ନେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଯାଜପୁର ଡିପିସିଙ୍କୁ ତାଙ୍କ ପତ୍ରସଂଖ୍ୟା ୨୦୧୯୭/୧୭।୮।୨୦୧୯ରେ ନିର୍ଦ୍ଦେଶ ଦେଇଛନ୍ତି।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍

## ସଂକ୍ଷେପରେ

### ପ୍ରଶାସନିକ ବିଭାଗଗୁଡିକ ସହ ନିର୍ଦ୍ଦେଶାଳୟକୁ ମିଶ୍ରଣ ନେଇ ସ୍ୱାଗତ

**କଳିଙ୍ଗନଗର,୨୨।୮(ଡି.ଏନ୍.ଏ.):** ପ୍ରଶାସନିକ ବିଭାଗଗୁଡିକ ସହିତ ନିର୍ଦ୍ଦେଶାଳୟଗୁଡିକର ମିଶ୍ରଣ ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ନିଷ୍ପତ୍ତି ଏକ ଐତିହାସିକ ପଦକ୍ଷେପ ବୋଲି ଗୁରୁବାର ପୂର୍ବତନ ଅର୍ଥମନ୍ତ୍ରୀ ତଥା ବିଜେଡି ଉପ-ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଏଥିସହ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ସରକାର ପ୍ରଶାସନକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟ ନେଇ ୫-ଟି ଉପରେ ଗୁରୁତ୍ୱ ଦେଉଛନ୍ତି। ସରକାରଙ୍କର ଏହି ମିଶ୍ରଣ ନିଷ୍ପତ୍ତି ଫଳରେ ଜନସାଧାରଣଙ୍କ ସମସ୍ୟାର ସହଜ ଏବଂ ଶୀଘ୍ର ସମାଧାନ ହୋଇ ପାରିବ। ସରକାରୀ କାମ ପାଇଁ ଲୋକମାନଙ୍କୁ ଆଉ ଦୁଇଟି ଯାଗାକୁ ଯିବାକୁ ପଡିବ ନାହିଁ । ତ୍ୱରିତ ନ୍ୟାୟ ପାଇବା ଦିଗରେ ଏହା ସହାୟକ ହେବ। ତେଣୁ ସରକାରଙ୍କ ଏହି ପ୍ରଶାସନିକ ସଂସ୍କାରକୁ ଘଡ଼ାଇ ଉଚ୍ଚ ପ୍ରଶଂସା କରିଛନ୍ତି।

### ନାରାୟଣୀ ମଠରେ ଚାରାରୋପଣ

**ଧର୍ମଶାଳା,୨୨।୮(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଦେଓଦାସ୍ଥିତ ନାରାୟଣୀ ମଠରେ ଗୁରୁବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଠ ପରିଚାଳକ ସୀତାରାମ ବାବାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଦୁର୍ଗାପ୍ରସନ୍ନ ଦାସ, ସ୍ୱରାଜ ସେନା, ରାଜ୍ୟ ଅଧକ୍ଷ ଧୀରେନ ନାୟକ, ସହ ସମ୍ପାଦକ ନାରାୟଣ ରଥ, ବିରଞ୍ଚି ନାରାୟଣ ମହାନ୍ତି, ଶାନ୍ତନୁ କୁମାର ବାରିକ, ଦେବଦତ୍ତ ପଟ୍ଟନାୟକ, ନୃସିଂହ ଚରଣ ମିଶ୍ର, ଗୋପାଳ ଚନ୍ଦ୍ର ରାଉତ, ଭାସ୍କର ରଣ ଓ ଭରତଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ମଠ ପରିସରରେ ବିଭିନ୍ନ କିସମର ଚାରାରୋପଣ କରିଥିଲେ।

### ଅଙ୍ଗନୱାଡି କର୍ମୀଙ୍କଠାରୁ ଟଙ୍କା ନେବା ଘଟଣା
### ୨ ନକଲି ଖବରଦାତା କୋର୍ଟ ଚାଲାଣ

**ଦଶରଥପୁର,୨୨।୮(ଡି.ଏନ୍.ଏ.):** ନିଜକୁ ଗଣମାଧ୍ୟମ ପ୍ରତିନିଧି ପରିଚୟ ଦେଇ ଦଶରଥପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଥିବା ୩୦ରୁ ଉର୍ଦ୍ଧ୍ୱ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ରେକର୍ଡ ଯାଞ୍ଚକରି ଅର୍ଥ ଆଦାୟ କରୁଥିବା ନେଇ ମଙ୍ଗଳପୁର ଥାନାରେ ୨ଜଣଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଏହା ଜଣାପଡ଼ିବାପରେ ଜିଲାପାଳ ମଧ ଘଟଣାକୁଚ ଗୁରୁତର ସହ ନେଇ ଗଣମାଧମ ପ୍ରତିନିଧିଙ୍କୁ ବଦନାମ କରୁଥିବା ଏପରି ଅସାମାଜିକ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ସୂଚନା ଦେଇଥିଲେ। ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳପୁର ଥାନା ଅଧିକାରୀ ଅସିତ୍ ରଞ୍ଜନ ମହାନ୍ତି ଗୁରୁବାର ଦୁଇ ନକଲି ଖବରଦାତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ଅରେଇ ପଞ୍ଚାୟତର ଆକାଶ ମଲ୍ଲିକ (୨୩) ଏବଂ ଶ୍ରୀନିବାସ ମଲ୍ଲିକ। ଆକାଶ ଏବଂ ଶ୍ରୀନିବାସ ନିଜକୁ ଖବରଦାତା ପରିଚୟ ଦେଇ ଅଙ୍ଗନୱାଡି କେନ୍ଦ୍ରଗୁଡିକରୁ ପ୍ରାୟ ୧୫ ହଜାର ଟଙ୍କା ଆଦାୟ କରିଥିବା ମଙ୍ଗଳପୁର ଥାନା ସୂତ୍ରରୁ ଜଣାପଡିଛି। ଏହି ୨ନକଲି ଖବରଦାତାଙ୍କ ଦ୍ୱାରା ବ୍ଲକ ଅଞ୍ଚଳର ପ୍ରାୟ ୩୦ ଅଙ୍ଗନୱାଡିକେନ୍ଦ୍ରର କର୍ମୀ ଠକାମିର ଶିକାର ହୋଇଥିବାନେଇ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୨୧୯/୨୦୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

### ବସ୍-ଟ୍ରକ୍ ଧକ୍କା, ୪ ଗୁରୁତର

**ରାଇରଙ୍ଗପୁର,୨୨।୮(ଡି.ଏନ୍.ଏ.):** ବାଦାମପାହାଡ ଥାନା ଜଲଡୁଙ୍ଗୁରୀ ନିକଟସ୍ଥ ମାଛକନ୍ଦଣା ଘାଟୀ ତଳ ପାର୍ଶ୍ୱ ୨୨୦ନଂ ଜାତୀୟ ରାଜପଥରେ ଗୁରବାର ସନ୍ଧ୍ୟାରେ ବସ ଓ ଲୁହାପଥର ବୋଝେଇ ଟ୍ରକ ମଧରେ ଦୁର୍ଘଟଣା ଘଟି ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ରାଇରଙ୍ଗପୁର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ବସଟି କେନ୍ଦୁଝର ଜିଲା ଘଟଗାଁରୁ ତିରିଙ୍ଗ ଅଭିମୁଖେ ଯାଉଥିଲା। ଦୁର୍ଘଟଣାସ୍ଥଳରୁ ଟ୍ରକ ଡ୍ରାଇଭର ଫେରାର ହୋଇଥିବା ବେଳେ ପୋଲିସ ଟ୍ରକ ଟିକୁ ଜବତ କରିଛି।

## ଫାଷ୍ଟ କମ୍ ଫାଷ୍ଟ ଲୋଡ୍ ବିବାଦ

# କ୍ରୋମ୍ ଖଣି ଅଞ୍ଚଳରେ ତେଜିଲା ଅଶାନ୍ତି



ନିର୍ଦ୍ଦିଷ୍ଟ ଗୋଷ୍ଠୀର ଢେଲା ମାଡ଼ରେ ଟ୍ରକ୍‌ର ଭାଙ୍ଗି ଯାଇଛି।

### ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମକୁ ଖଣି କର୍ତ୍ତୃପକ୍ଷଙ୍କ ଖୋଲା ଉଲ୍ଲଂଘନ

**କାଳିଆପାଣି,୨୨।୮(ଡି.ଏନ୍.ଏ.)**

କାଳିଆପାଣି ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ଇମ୍ଫା କମ୍ପାନୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମକୁ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ସିରିୟଲ ନମ୍ବର ପାଇଁ ଆସୁଥିବା ଟ୍ରକ୍‌ଗୁଡିକ ମିନେରାଲ ଟ୍ରକ୍ ମାଲିକ ସଂଘ ଦେଇଥିବା ପରିଚୟପତ୍ର(ଟୋକନ) ନ ଆଣିଲେ ନମ୍ବର ଲେଖାରୁ ବଞ୍ଚିତ ହେବେ ବୋଲି ଗୁରୁବାର ଇମ୍ଫା ଖଣି କାର୍ଯ୍ୟାଳୟ ଗେଟ ସମ୍ମୁଖରେ ରହିଥିବା ନୋଟିସ ବୋର୍ଡରେ ଦର୍ଶାଯାଇଛି। ଏହାକୁ ଯାଜପୁର, ଚଣ୍ଡିଖୋଲ, ସୁକିନ୍ଦା ଅଞ୍ଚଳର ଟ୍ରକ୍ ମାଲିକମାନେ ବିରୋଧ କରିଥିବା ଜଣାପଡିଛି। କୁହିକା ଖଣି ଅଞ୍ଚଳ ଟ୍ରକ୍ ମାଲିକ ସଂଘ ସଭାପତି ବିଶ୍ୱଜିତ ରାଜ ଓ ସମ୍ପାଦକ ଅରୁଣ ପରିଡ଼ା ଏହାକୁ ବିରୋଧ କରିବା ସହ ଜିଲାପାଳଙ୍କୁ ଅବଗତ କରିବେ ବୋଲି କହିଛନ୍ତି।

**କାଳିଆପାଣି,୨୨।୮(ଡି.ଏନ.ଏ.)**

ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳରେ ଲାଗି ରହିଥିବା ଫାଷ୍ଟକମ୍ ଫାଷ୍ଟଲୋଡିଂ ବିବାଦ ଏବେ ଉଗ୍ରରୂପ ଧାରଣ କରିଛି। ଗୁରୁବାର ଏହାକୁ କେନ୍ଦ୍ରକରି ୨ଟି ୧୪ଚକିଆ ଗାଡ଼ିକୁ ଭଙ୍ଗାରୁଜା କରାଯାଇଥିବା କାଳିଆପାଣି ଥାନାରେ ଏତଲା ହୋଇଛି। ଏତଲା ମୁତାବକ ସୁକିନ୍ଦା ମିନେରାଲ ଟ୍ରକ୍ ମାଲିକ ସଂଘର ୩ଜଣ ସଦସ୍ୟଙ୍କ ଇଙ୍ଗିତରେ କିଛି ଲୋକ ମିଳିତ ଭାବରେ ଏହି ଗାଡ଼ିକୁ ଢେଲା ମାରି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଫଳରେ ଗାଡ଼ି କାଚ ଭାଙ୍ଗି ଯାଇଥିବାବେଳେ ଜଣେ ଚାଳକ ଆହତ ହୋଇଛନ୍ତି। ଏହା ବିରୋଧରେ ଯାଜପୁର ଅଞ୍ଚଳର ବହୁ ଟ୍ରକ୍ ମାଲିକମାନେ କାଳିଆପାଣି ଥାନା ସାମ୍ନାରେ ପାଲ ପକେଇ ବସି ରହିଥିବା ଦେଖିବାକୁ ମିଳିଛି। ଏହି ଆକ୍ରମଣ ପଛରେ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ରହିଥିବା ସନ୍ଦେହ କରାଯାଇଛି। ପରେ ସନ୍ଧ୍ୟା ସମୟରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକାରୀ ରାଜକିଶୋର ଦୋରା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ ଏନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ଅଭିଯୋଗ ମୁତାବକ ସୁକିନ୍ଦା ମିନୋରାଲ ଟ୍ରକ୍ ମାଲିକ ସଂଘର ସଭାପତି ଓ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଅଞ୍ଚଳର କେତେକ ଗାଡ଼ି ମାଲିକ ୨ଟି ମୋଟର ସାଇକେଲ ଯୋଗେ ଆସି ଯାଜପୁରରୋଡ ଥାନା ଛୋଟରାୟପୁର ଗ୍ରାମର ସାଧନ ଚନ୍ଦ୍ର ଘଡ଼େଇଙ୍କ ଓଡି୦୪-ଏମ୍-୦୮୪୫ ନମ୍ବର ୧୪ଚକିଆ ଟ୍ରକ୍ ସହିତ ଅନ୍ୟ ୨ଟି ଗାଡ଼ି ଉପରେ ଭଙ୍ଗାରୁଜା କରିଥିଲେ। ଏହାସହ ଟ୍ରକ୍‌ର ଡ୍ରାଇଭରଙ୍କୁ ମାଡ଼ ମାରି ସେଠାରୁ ତଡ଼ି ଦେଇଥିଲେ। ଏହାକୁ ନେଇ ଖଣି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଯାଜପୁରରୋଡ, ସୁକିନ୍ଦା, କୁହିକା, ଚଣ୍ଡିଖୋଲ ଅଞ୍ଚଳର ଶତାଧିକ ଟ୍ରକ୍ ମାଲିକ କାଳିଆପାଣି ଥାନା ଘେରାଉ କରିବା ସହିତ ଘଟଣାରେ ସମ୍ପୃକ୍ତ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ତେବେ ଅତିରିକ୍ତ ଏସ୍‌ପି ଦୋରା ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ହାଇକୋର୍ଟ ପକ୍ଷରୁ ଫାଷ୍ଟ କମ୍ ଫାଷ୍ଟ ଲୋଡ ବ୍ୟବସ୍ଥା ଲାଗୁ କରିବାକୁ ଜିଲା ଓ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ହୋଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସୁକିନ୍ଦା ବ୍ଲକ କାର୍ଯ୍ୟାଳୟରେ ଏକ ବୈଠକ କରି ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରାଯାଇଥିଲା।

- ଟ୍ରକ୍ ଭଙ୍ଗାରୁଜା, ଡ୍ରାଇଭରଙ୍କୁ ମାଡ଼
- ଥାନା ଘେରାଓ କଲେ ଟ୍ରକ ମାଲିକ ସଂଘ
- ଅତିରିକ୍ତ ଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ




ପାଣିକୋଇଲି ଥାନାର ଦ୍ୱାରସ୍ଥ ହୋଇଥିବା ବିଭିନ୍ନ ଅଞ୍ଚଳର ଟ୍ରକ୍ ମାଲିକ।

ଅପରପକ୍ଷରେ ସୁକିନ୍ଦା ମିନେରାଲ ଟ୍ରକ୍ ମାଲିକ ସଂଘ କାଳିଆପାଣିରେ ଏକ ଖବରଦାତା ସମ୍ମିଳନୀରେ ହାଇକୋର୍ଟଙ୍କ ଆଦେଶକୁ ସେମାନେ ସମ୍ମାନ ଦେଉଛନ୍ତି ଏବଂ ଦୀର୍ଘ ବର୍ଷ ହେବ ହାଇକୋର୍ଟଙ୍କ ଆଦେଶ ମୁତାବକ କ୍ରୋମ୍ ଲୋଡିଂ ହେଉଥିଲା ବୋଲି କହିଛନ୍ତି। ମାତ୍ର ଜିଲା ପ୍ରଶାସନ ଗତ ୨୦ତାରିଖରେ ଜିଲାପ୍ରଶାସନ ନେଇଥିବା ନିଷ୍ପତି ଏକପାଖିଆ ଓ ମିନୋରାଲ ଟ୍ରକ୍ ମାଲିକ ସଂଘ ପ୍ରତି ଅଣଦେଖା ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ତେଣୁ ଜିଲା ପ୍ରଶାସନ ତାଙ୍କ ନିଷ୍ପତ୍ତ ଉପରେ ପୁର୍ନବଚାର କରିବାକୁ ସେମାନେ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ହାଇକୋର୍ଟଙ୍କ ଦୁଇଦୁଇ ଥର ନିର୍ଦ୍ଦେଶକୁ କାର୍ଯ୍ୟ ହୋଇ ପାରି ନ ଥିଲା। ଫଳରେ ସୁକିନ୍ଦା ଖଣି ଅଞ୍ଚଳ ଟ୍ରକ୍ ମାଲିକ ସଂଘ, କୁହିକା ପକ୍ଷରୁ ପୁର୍ନବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଚଳିତ ମାସ ୨ତାରିଖରେ ହାଇକୋର୍ଟ ୧୨୯୯୫/୨୦୧୯ରେ ଜିଲାପାଳଙ୍କୁ ଖଣି ଅଞ୍ଚଳରେ ଫାଷ୍ଟ କମ୍ ଫାଷ୍ଟ ଲୋଡ ନିୟମ ଲାଗୁ କରି ୪ସପ୍ତାହ ମଧରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଜିଲା ପ୍ରଶାସନ କ୍ରୋମ୍ ଲୋଡିଂ ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ। କିନ୍ତୁ ରାଜନୈତିକ ପୃଷ୍ଠପୋଷକତାରେ ରହିଥିବା କେତେକ ପ୍ରଭାବଶାଳୀ ଟ୍ରକ୍ ମାଲିକ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଣିଚିଆ କରିବାକୁ ଲାଗି ପଡିଛନ୍ତି ବୋଲି ମତପ୍ରକାଶ ପାଇଛି। ଅତିରିକ୍ତ ଏସ୍‌ପି ଦୋରାଙ୍କୁ ପଚାରିବାରୁ ସେ କହିଛନ୍ତିଯେ, ପରିସ୍ଥିତି ଉପରେ ଅନୁଧ୍ୟାନ କରାଯାଉଛି ଏବଂ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ପୋଲିସ ପକ୍ଷରୁ ସବୁପ୍ରକାର ସହଯୋଗ କରାଯାଉଛି।

## ଜଳ ଯୋଗାଣ ପାଇଁ ବ୍ୟବହୃତ ପାଇପ୍ ଚୋରି ଘଟଣା
# ପାଇପ୍ ଜବତ, ୪ କୋର୍ଟ ଚାଲାଣ

**ସୁକିନ୍ଦା,୨୨।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଜଳଯୋଗାଣ ପାଇଁ ବ୍ୟବହୃତ ପାଇପ୍ ଚୋରି ଘଟଣାରେ ସୁକିନ୍ଦା ପୋଲିସ ଗୁରୁବାର ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୁବନ ଥାନା ଅନ୍ତର୍ଗତ ଅଁଳାଝରି ଗ୍ରାମର ନୀଳମଣି ରାଉତ, ପ୍ରମୋଦ କୁମାର ବେହେରା, କାଳନ୍ଦୀ ଦତ୍ତ ଓ ସୁକିନ୍ଦା ଥାନା ଅଧୀନ ବିଶ୍ୱନାଥପୁର ଗ୍ରାମର ସିରାଉଦ୍ଦିନ। ଗିରଫ ବେଳେ ପୋଲିସ ସେମାନଙ୍କଠାରୁ ୩ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ପାଇପ୍ ଜବତ କରିଥିଲା। ଯାହାର ଆନୁମାନିକ ମୂଲ୍ୟ ୨୪ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ସୁକିନ୍ଦା ଥାନା ଅନ୍ତର୍ଗତ ସୁକିନ୍ଦା ସବ୍ ରେଜିଷ୍ଟ୍ରାର ଅଫିସ ନିକଟରେ ବୁଧବାର ରାତିରେ ବୁଲୁଥିବାବେଳେ ନୀଳମଣି, ପ୍ରମୋଦ ଏବଂ କାଳନ୍ଦୀଙ୍କୁ ପୋଲିସ ସନ୍ଦେହରେ ଥାନାକୁ ଆଣି ପଚରାଉଚରା କରିଥିଲା। ଏହି ସମୟରେ ଭୁବନ ସୀମାନ୍ତବର୍ତ୍ତି ଅଞ୍ଚଳରୁ ଜଳଯୋଗାଣ ପାଇଁ ବ୍ୟବହାର କରାଯାଉଥିବା ଚୋରି ପାଇପ୍‌ରୁ ସିରାଉଦ୍ଦିନଙ୍କୁ ୩ଟି ପାଇପ ବିକ୍ରି କରିଥିବାବେଳେ ଅନ୍ୟ ୩ଟି ପାଇପକୁ ବିକ୍ରି କରିବା ପାଇଁ ଯୋଜନା କରୁଥିବା ସେମାନେ ସ୍ୱୀକାର କରିଥିଲେ। ଏହାପରେ ପୋଲିସ ସରାଉଦ୍ଦିନଙ୍କୁ ଗିରଫ କରିଥିଲା। ଏ ନେଇ ଏକ ମାମଲା (ନଂ.୨୦୯/୨୦୧୯) ରୁଜୁକରି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ବିଚିତ୍ରାନନ୍ଦ ସେଠୀ କହିଛନ୍ତି। ସୁକିନ୍ଦା ଥାନା ଏସ୍‌ଆଇ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ଟିମ୍ ପାଟ୍ରୋଲିଂ ବେଳେ ସେମାନଙ୍କୁ ସନ୍ଦେହରେ ଥାନାକୁ ଆଣିଥିଲେ।

## ଚୋରି ସାମଗ୍ରୀ ଜବତ, ୩ କୋର୍ଟ ଚାଲାଣ

**ଧର୍ମଶାଳା/ଜେନାପୁର, ୨୨।୮(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର ଛକରେ ଥିବା ବିଦ୍ୟୁତ୍ ସରଞ୍ଜାମ ଦୋକାନରୁ ଚୋରି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଏଥିସହ ଚୋରି ହୋଇଥିବା ସମସ୍ତ ବିଦ୍ୟୁତ୍ ସରଞ୍ଜାମ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯଖପୁରା ଥାନା ମାନ୍ତିରା ଗ୍ରାମ ଅରାସାହିର ଧୁସା ଦେଉରୀ (୧୯), ବସନ୍ତ ସାମଲ(୨୪) ଓ ହେମନ୍ତ ଦାସ(୨୩)। ଗୁରୁବାର ସେମାନଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ ଦାସ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଏରକ୍ଷଣ୍ଡା ଗ୍ରାମର ଅରୁଣ କୁମାର ପରିଡା ବ୍ରହ୍ମପୁର ଛକରେ ବିଦ୍ୟୁତ୍ ସରଞ୍ଜାମ ଦୋକାନ କରିଥିଲେ। ଗତ ୧୯ ତାରିଖ ରାତିରେ ଧୁସା ତାର ସହଯୋଗୀଙ୍କ ସହ ମିଶି ଦୋକାନ କବାଟ ଭାଙ୍ଗି ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବିଦ୍ୟୁତ୍ ସରଞ୍ଜାମ ଚୋରି କରିନେଇଥିଲେ। ଏ ନେଇ ଅରୁଣଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୮୪/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ରାତିରେ ପୋଲିସ ସନ୍ଦେହରେ ହେମନ୍ତ ଓ ବସନ୍ତଙ୍କୁ ଥାନାରେ ଅଟକ ରଖି ପଚାରା ଉଚରା କରିଥିଲା। ଏହି ସମୟରେ ଉକ୍ତ ଚୋରି ଘଟଣାରେ ସେମାନେ ସମ୍ପୃକ୍ତ ଥିବା ମାନିଥିଲେ। ଏଥିସହ ଅନ୍ୟ ସହଯୋଗୀ ଧୁସାଙ୍କ ବିଷୟରେ କହିଥିଲେ। ଏହାପରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଏଏସ୍‌ଆଇ ମନୋରଞ୍ଜନ ଦାସ ଅରାସାହିରେ ଚଢାଉକରି ତାଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଥିଲେ।

## ଡାକ୍ତର, ଫାର୍ମାସିଷ୍ଟ ନିଯୁକ୍ତି ନେଇ ଜିଲାପାଳଙ୍କୁ ଦାବିପତ୍ର

**ଧର୍ମଶାଳା,୨୨।୮(ଡି.ଏନ୍.ଏ.)**



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବଣମଲ୍ଲୀ ଓ ସେବା ସଂଗଠନର ସଦସ୍ୟ।

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ଓ ଫାର୍ମାସିଷ୍ଟ ନିଯୁକ୍ତି ଦାବିରେ ଗୁରୁବାର ବଣମଲ୍ଲି ସାହିତ୍ୟ ଓ ସେବା ସଙ୍ଗଠନ ପକ୍ଷରୁ ଜିଲାପାଳ ଓ ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୧୦ ଦିନ ମଧ୍ୟରେ ଦାବି ପୂରଣ କରା ନ ଗଲେ ରାଜରାସ୍ତା ଅବରୋଧ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରକାଶ ଯେ, ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଫାର୍ମାସିଷ୍ଟ ନ ଥିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଛି। ଡାକ୍ତର ନିଯୁକ୍ତି ଦାବିରେ ସ୍ଥାନୀୟ ଲୋକେ ବହୁବାର ଡାକ୍ତରଖାନା ସମ୍ମୁଖରେ ଧାରଣା ଦେଇଥିଲେ ମଧ୍ଧ କୌଣସି ସୁଫଳ ମିଳିପାରି ନ ଥିବା ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଜେନାପୁର, ବୃନ୍ଦାଦେଇପୁର, ମର୍ଜିତାପୁର, କମାଗଡ, ଅଣ୍ଡିଆ, ପୁରୁଣାବଉଳମାଳ, ଚକ୍ରଧରପୁର ଓ ଅଞ୍ଜିରା ପଞ୍ଚାୟତର ୪୦ ହଜାରରୁ ଉର୍ଦ୍ଧ୍ୱଲୋକ ନିର୍ଭର କରିଥାନ୍ତି। ଅପରପକ୍ଷେ ସ୍ୱାସ୍ଥ୍ୟକେନ୍ଦ୍ରଟି ୫୩ନମ୍ବର ଜାତୀୟ ରାଜପଥ ନିକଟରେ ହୋଇଥିବାରୁ ଦୁର୍ଘଟଣାରେ ଗୁରୁତରଙ୍କୁ ଏଠାକୁ ଅଣାଯାଉଛି। ଡାକ୍ତର ନ ଥିବାରୁ ଗରିବ ଶ୍ରେଣୀର ଲୋକମାନେ ରୋଗୀ ସେବା ଲାଗି ଦୂରଦୂରାନ୍ତକୁ ଯିବାକୁ ପଡୁଛି। ପାହାଡିଆ ଅଞ୍ଚଳ ହୋଇଥିବାରୁ ସାପକାମୁଡା ରୋଗୀ ମଧ୍ୟ ଆସିଥାନ୍ତି। ହେଲେ ଡାକ୍ତର କିମ୍ବା ଫାର୍ମାସିଷ୍ଟ ନ ଥିବାରୁ ପ୍ରାଥମିକ ସେବା ନ ପାଇ ୧୫କିମି ଦୂର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି। ଅନେକ ସମୟରେ ଗୁରୁତର ରୋଗୀ ମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ ଏଠାରେ ତୁରନ୍ତ ଖାଲି ପଡିଥିବା ପଦବୀ ପୁରଣ ପାଇଁ ବଣମଲ୍ଲି ସାହିତ୍ୟ ଓ ସେବା ସଙ୍ଗଠନର ସଭାପତି ନିର୍ମାଲ୍ୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଉପସଭାପତି ଲାଲମୋହନ ଶତପଥୀ, ଯଯାତି ପଟ୍ଟନାୟକ, ଦୀପକ ଦାସ ଓ ରୁଦ୍ର ନରାୟଣ ଓଝା ପ୍ରମୁଖ ଯାଜପୁର ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ଜାରକା ବଜାର ଉଚ୍ଛେଦ ପ୍ରକ୍ରିୟା ଉପରେ ହାଇକୋର୍ଟଙ୍କ ଅଙ୍କୁଶ

**ଧର୍ମଶାଳା,୨୨।୮(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକା ବଜାରରେ ଥିବା କେତେକ ଦୋକାନ ଉଚ୍ଛେଦ ପ୍ରକ୍ରିୟା ଉପରେ ହାଇକୋର୍ଟ ବୁଧବାର ଅଙ୍କୁଶ ଲଗାଇଛନ୍ତି। ଆଇନକୁ ଅନୁପାଳନ ନ କରି ଉଚ୍ଛେଦ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ କେସ୍ ନଂ ୧୪୬୫୬ ତା ୨୧।୮।୧୯ ରାୟରେ ସ୍ପଷ୍ଟ କରାଯାଇଛି। ପ୍ରକାଶ ଯେ, ସରକାରୀ ଜମିରୁ ଉଚ୍ଛେଦ ନେଇ ପ୍ରଶାସନ ପକ୍ଷରୁ ପ୍ରଥମେ ମାଇକ ଯୋଗେ ପ୍ରଚାର କରାଯାଇଥିଲା। ନିୟମ ଅନୁସାରେ କୌଣସି ପଦକ୍ଷେପ ନିଆନଯାଇ ବେଆଇନ ଭାବେ ମାପଚୁପ କରି ଚିହ୍ନ ଦିଆଯାଇ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାକୁ ଚ୍ୟାଲେଞ୍ଜକରି ଜାରକା ବଜାରର ଅଧିବାସୀ କାଳନ୍ଦୀ ଚରଣ ସାହୁ ହାଇକୋର୍ଟରେ ମାମଲା ଦାୟାର କରିଥିଲେ। ଆଇନକୁ ଅନୁସରଣ କରା ନ ଯାଇ ବେଆଇନଭାବେ ଉଚ୍ଛେଦ କରାଯାଉଛି ବୋଲି ଦର୍ଶାଇ ଏହି ମାମଲାରେ ରାଜସ୍ୱ ବିଭାଗ ସଚିବ, ଯାଜପୁର ଜିଲାପାଳ, ଧର୍ମଶାଳା ତହସିଲଦାର, ଥାନା ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ କ୍ଷୀରୋଦ ରାଉତ ମାମଲା ପରିଚାଳନା କରିଥିଲେ।

## ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି

**ଯାଜପୁର ଟାଉନ,୨୨।୮(ଡିଏନଏ)**

ଯାଜପୁର ଜିଲା ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଯାଉଁଳିବନ୍ଧସ୍ଥିତ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଶ୍ୱହିନ୍ଦୁ ପରିଷଦର ଅନ୍ତରାଷ୍ଟ୍ରୀୟ ସମ୍ପାଦକ ବିନାୟକ ରାଓ ଦେଶପାଣ୍ଡେ ମୁଖ୍ୟଅତିଥିଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ବିଶ୍ୱହିନ୍ଦୁ ପରିଷଦର ପୂର୍ବ ଓଡ଼ିଶା ସମ୍ପାଦକ ଆନନ୍ଦ ପାଣ୍ଡେ, ରାଜ୍ୟ ପ୍ରବକ୍ତା ଚିନ୍ମୟ ସ୍ୱରୂପ ପଣ୍ଡା, କେନ୍ଦ୍ରାପଡ଼ା ବିଭାଗ ସଂଯୋଜକ ଅରବିନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଜନ୍ମାଷ୍ଟମୀରେ ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଉପରେ ଆଲୋଚନା କରାଯାଇଥିଲା। କେନ୍ଦ୍ରୀୟ ସମ୍ପାଦକ ଦେଶପାଣ୍ଡେ ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସକୁ ପ୍ରତ୍ୟେକ ବ୍ଲକରେ ପାଳନ କରିବାକୁ ସୂଚନା ଦେଇଥିଲେ। ଯାଜପୁର ଜିଲାରେ ବିଶ୍ୱହିନ୍ଦୁ ପରିଷଦର ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ବାହାରି ଓଡ଼ିଶାର ଆଦିବାସୀ ଅଧୁଷିତ ଅଞ୍ଚଳରେ କାମ କରିବାକୁ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମ ୨୩ରୁ ୩୦ ତାରିଖ ୧ ସପ୍ତାହ ବ୍ୟାପୀ ବିଭିନ୍ନ ସ୍ଥାନରେ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ଯାଜପୁର ଜିଲା ସଭାପତି ବିନୋଦ ଶର୍ମା, ସେବା ପ୍ରମୁଖ ଦୋଳଗୋବିନ୍ଦ ଜେନା, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ବଳ, ବଜରଙ୍ଗ ଦଳର ଜିଲା ସଂଯୋଜକ ସମୀର କୁମାର ନାୟକ, ସହସଂଯୋଜକ ଚନ୍ଦ୍ରକାନ୍ତ କରଙ୍କ ସମେତ ବିଭିନ୍ନ ବ୍ଲକ ସଂଯୋଜକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଶ୍ୱହିନ୍ଦୁ ପରିଷଦର ସମ୍ପାଦକ ପ୍ରଭାତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା।

## ତାଉଁତରା ଗ୍ରାମରେ ଜବରଦଖଲ ଉଚ୍ଛେଦ ଆରମ୍ଭ

**ବିଞ୍ଝାରପୁର,୨୨।୮(ଡି.ଏନ୍.ଏ.)**

ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବିଞ୍ଝାରପୁର ତହସିଲ ପ୍ରଶାସନ ପକ୍ଷରୁ ଶାସନ୍ଦା ପଞ୍ଚାୟତ ତାଉଁତରା ଗ୍ରାମରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଗ୍ରାମର କେତେଜଣ ବ୍ୟକ୍ତିବିଶେଷ ହାଇକୋର୍ଟରେ ସରକାରୀ ଜମି ଜବର ଦଖଲ କରିଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଜବର ଦଖଲ ଉଚ୍ଛେଦ ପାଇଁ ହାଇକୋର୍ଟ ତହସିଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ଗୁରୁବାର ପୂର୍ବାହ୍ନରେ ତହସିଲଦାର ମିନତୀ ଜଗଦେବ, ବିଞ୍ଝାରପୁର ଥାନାଧିକାରୀ ଶିବ ଚରଣ ବେହେରା ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ଉପର ଡିଅ ସାହିଠାରେ ପହଞ୍ଚିଥିଲେ। ହେଲେ ଉଚ୍ଛେଦସ୍ଥଳରେ ବିଦ୍ୟୁତ୍ ତାରଗୁଡିକ ଝୁଲି ରହିଥିବାରୁ ଉଚ୍ଛେଦ ପ୍ରକ୍ରିୟା ହୋଇ ପାରି ନାହିଁ। ଆସନ୍ତା ୩ ଦିନ ମଧ୍ୟରେ ବିଧିବଦ୍ଧ ଭାବେ ଜବରଦଖଲ ହଟାଇବାକୁ ପ୍ରଶାସନ ସ୍ଥିର କରିଛି। ଏଥିପୂର୍ବରୁ ଜବରଦଖଲକାରୀମାନେ ସ୍ଥାନ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବିଦ୍ୟୁତ୍ ବିଭାଗକୁ ଖୁଣ୍ଟରୁ ତାର ଖୋଲିବା ପାଇଁ କୁହାଯାଇଥିବା ତହସିଲଦାର କହିଛନ୍ତି। ତେବେ ଗ୍ରାମର ରମେଶ ଦାସଙ୍କ ଏକ ଘର ସରକାରୀ ରାସ୍ତା ଉପରେ ରହିଥିବା ବେଳେ ତହସିଲଦାରଙ୍କ ଉପସ୍ଥିତିରେ ପୁନଃର୍ବାର ରାସ୍ତା ମାପ କରାଯାଇଥିଲା। ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପୋଲିସ ସଜାଗ ରହିଥିବା ଥାନାଧିକାରୀ ଶିବ ଚରଣ ବେହେରା ପ୍ରକାଶ କରିଛନ୍ତି। ଏହି ଗ୍ରାମରେ ହୋଇଥିବା ସବୁ ଜବର ଦଖଲକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରିବାକୁ ସାଧାରଣରେ ଦାବି ହେଉଛି।



ଉଚ୍ଛେଦସ୍ଥଳରେ ତହସିଲଦାର ମିନତି ଜଗଦେବ କାଗଜପତ୍ର ଯାଞ୍ଚ କରୁଛନ୍ତି।

## ସଂକ୍ଷେପରେ

### ୨୯ ପର୍ଯ୍ୟନ୍ତ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କୋର୍ଟ ବର୍ଜନ କରିବେ ଆଇନଜୀବୀ

**କଟକ ଅଫିସ, ୨୨।୮:** ବିଭିନ୍ନ ଦାବି ନେଇ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ସମସ୍ତ ଆଇନଜୀବୀ ଆସନ୍ତା ୨୯ ପର୍ଯ୍ୟନ୍ତ ମୁଖ୍ୟ ବିଚାରପତିଙ୍କ କୋର୍ଟ ବର୍ଜନ କରିବେ। ଏ ନେଇ ହାଇକୋର୍ଟ ବାର୍ ଆସୋସିଏଶନ ପରିସରରେ ଗୁରୁବାର ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ହାଇକୋର୍ଟର ଅନ୍ୟ ବିଚାରପତିଙ୍କ କାର୍ଯ୍ୟାଳୟରେ ପୂର୍ବ ଭଳି ଆଇନଜୀବୀମାନେ ଯୋଗଦେବେ ବୋଲି ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସଞ୍ଜୟ ଦାସ କହିଛନ୍ତି। ପ୍ରକାଶଥାଉ କି, ଅନେକ ମାମଲା ରହିଥିବାବେଳେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା କମ୍ ରହିଛି। ହାଇକୋର୍ଟରେ ୨୭ଟି ବିଚାରପତି ପଦବୀ ରହିଥିବାବେଳେ ଏବେ ମାତ୍ର ୧୪ଜଣ ବିଚାରପତି ରହିଛନ୍ତି। ଯେଉଁଥିଲାଗି ମାମଲାଗୁଡ଼ିକର ଫଇସଲା ପାଇଁ ବହୁ ସମୟ ଲାଗୁଛି। ପୂର୍ବରୁ ବାର୍ ଆସୋସିଏଶନ ପକ୍ଷରୁ ଅଧିକ ବିଚାରପତି ନିଯୁକ୍ତି ଲାଗି ମୁଖ୍ୟ ବିଚାରପତିଙ୍କ ନିକଟରେ ଦାବି କରାଯାଇଥିଲା। ସେହିପରି ସ୍ୟାଟ୍ ଉଚ୍ଛେଦ ପରେ ସେଠାରେ ପଡ଼ି ରହିଥିବା ୭୨ହଜାରରୁ ଊର୍ଦ୍ଧ୍ୱ ମାମଲାକୁ ହାଇକୋର୍ଟକୁ ଆଣିବା, ବରିଷ୍ଠ ଓକିଲ ଘୋଷଣାରେ ବୟସ୍କଙ୍କୁ ଅଣଦେଖା କରିବା ଆଦି ଦାବି ସମ୍ପର୍କରେ ମୁଖ୍ୟ ବିଚାରପତିଙ୍କୁ ବାର୍ ଆସୋସିଏଶନ ପକ୍ଷରୁ ଅବଗତ କରାଯାଇଥିଲା। ହେଲେ ଏ ନେଇ କୌଣସି ସମାଧାନର ବାଟ ନ ବାହାରିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୯ରେ ଆସୋସିଏଶନର ପୁଣି ଏକ ବୈଠକ ଅନୁଷ୍ଠିତ ହେବ ଓ ଦାବିକୁ ନେଇ ଆଉଥରେ ଆଲୋଚନା କରାଯିବ ବୋଲି ଆସୋସିଏଶନ ସମ୍ପାଦକ ଦାସ କହିଛନ୍ତି। ଅନ୍ୟପକ୍ଷରେ ୭ ଜଣିଆ ଏକ କମିଟି ଏହା ମଧ୍ୟରେ ମୁଖ୍ୟ ବିଚାରପତିଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି, ଉପସଭାପତି ପୀୟୂଷ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଜଟେଶ୍ୱର ନାୟକ, ସହ ସମ୍ପାଦକ ପଦ୍ମାଳୟା ମହାପାତ୍ର, କାର୍ଯ୍ୟକାରୀ ସଭ୍ୟ ମାନସୀ ଦାସ, ଆଶିଷ ମିଶ୍ର, ବିଭୁଦତ୍ତ ବାରିକ, ମାନସ ରଞ୍ଜନ ଦାସ, ଆଦିତ୍ୟ ରଞ୍ଜନ ପରିଡ଼ାଙ୍କ ସହ ହାଇକୋର୍ଟ ବାର୍‌ର ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

# ରାଜ୍ୟରେ ମାଓବାଦୀ ହିଂସା କମିଛି: ଅସିତ୍

■ ୨୬ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

■ ଯୋଗ ଦେବେ ୧୦ ରାଜ୍ୟର ମୁଖ୍ୟମନ୍ତ୍ରୀ

■ ଅଧିକ ମୋବାଇଲ ଟାୱାର, ବ୍ୟାଙ୍କିଙ୍ଗ୍ ସେବା ଦାବି କରିବ ରାଜ୍ୟ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ରାଜ୍ୟରେ ମାଓବାଦୀଙ୍କ ଦ୍ୱାରା ଘଟୁଥିବା ହିଂସା ବହୁ ପରିମାଣରେ ହ୍ରାସ ପାଇଛି। ଏକଦା ୧୫ଟି ଜିଲା ମାଓବାଦ କାର୍ଯ୍ୟକଳାପ ଦ୍ୱାରା ପ୍ରଭାବିତ ରହିଥିଲା, ଏବେ ତାହା ୫କୁ ହ୍ରାସ ପାଇଛି। ଏହି ୫ଟି ଜିଲାରେ କିପରି କଠୋରପନ୍ଥୀ ଲାଲ ବାହିନୀଙ୍କ ପ୍ରାଦୁର୍ଭାବ ହ୍ରାସ ପାଇବ, ସେଥିପ୍ରତି ଦୃଷ୍ଟି ଦିଆଯିବ। ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ବସିଥିବା ବୈଠକରେ ଏ ନେଇ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଛି। ଆସନ୍ତା ୨୬ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ନକ୍ସଲ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କମାନଙ୍କ ବୈଠକ ଡକାଇଛନ୍ତି। ଏହା ପୂର୍ବରୁ ରାଜ୍ୟ ସ୍ତରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ମାଲକାନଗିରି ଜିଲାରେ ବିଗତ ଦିନରେ ଗୁରୁପ୍ରିୟା ସେତୁର ଉଦ୍‌ଘାଟନ କରାଯାଇଥିଲା। ଏହା ଦ୍ୱାରା ବିଚ୍ଛିନ୍ନାଞ୍ଚଳରେ ଯାତାୟାତ ସମ୍ଭବ ହୋଇପାରିଛି। ସ୍ଥାନୀୟ ଲୋକମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି, ଏହି ମଡେଲକୁ କଳାହାଣ୍ଡି, ରାୟଗଡା, କନ୍ଧମାଳ ଏବଂ ଦକ୍ଷିଣ ଓଡ଼ିଶାରେ ପ୍ରୟୋଗ କରାଯିବ। ରାଜ୍ୟ ପକ୍ଷରୁ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଅଧିକ ମୋବାଇଲ ଟାୱାର ସ୍ଥାପନ ଏବଂ ବ୍ୟାଙ୍କିଙ୍ଗ୍ ସେବା ପ୍ରଚଳନ କରିବା ପାଇଁ କେନ୍ଦ୍ରକୁ ଅନୁରୋଧ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଯୋଗ ଦେବେ। ରାଜ୍ୟ ପକ୍ଷରୁ ହୋଇଥିବା ବୈଠକରେ ଗୃହ ସଚିବ ସଞ୍ଜୀବ ଚୋପ୍ରା ଏବଂ ପୋଲିସ ମହାନିର୍ଦ୍ଦେଶକ ବି.କେ. ଶର୍ମା ପ୍ରମୁଖ ଉପସ୍ଥିତ ରହିଥିଲେ। ପୋଲିସ ମହାନିର୍ଦ୍ଦେଶକ ବି.କେ. ଶର୍ମା କହିଛନ୍ତି ଯେ, ରାଜ୍ୟ ସରକାର ସଫଳ ଭାବେ ମାଓବାଦ ସମସ୍ୟାର ସମାଧାନ କରୁଛନ୍ତି। କେନ୍ଦ୍ର ପକ୍ଷରୁ ଜାରି କରାଯାଉଥିବା ସର୍କୁଲାର ଆଧାରରେ ବୈଠକ କରାଯାଇଛି। ଏଥିପାଇଁ କେନ୍ଦ୍ର ପକ୍ଷରୁ ଯେଉଁସବୁ ସହାୟତା ଆବଶ୍ୟକତା ରହିଛି, ସେନେଇ ଜଣାଯିବ ବୋଲି ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି। ୨୬ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଓଡ଼ିଶା ସମେତ ଛତିଶଗଡ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ବିହାର, ଛତିଶଗଡ, ଝାଡଖଣ୍ଡ, ପଶ୍ଚିମ ବଙ୍ଗ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି।

## ମାଓବାଦୀ ନେତା ସବ୍ୟସାଚୀ ଆଉ ଏକ ମାମଲାରେ ନିର୍ଦ୍ଦୋଷ

ପାରଳାଖେମୁଣ୍ଡି,୨୨।୮ (ସ୍ୱ.ପ୍ର.)

ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଗୁରୁବାର ଆଉ ଏକ ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଉପଯୁକ୍ତ ସାକ୍ଷ୍ୟ, ପ୍ରମାଣ ଅଭାବ ଯୋଗୁ ପାରଳାଖେମୁଣ୍ଡିସ୍ଥିତ ଅତିରିକ୍ତ ଜିଲା ଦୌରାଜଜ୍ ଅରୁଣ କୁମାର ସାହୁ ତାଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଶୁଣାଇଛନ୍ତି। ୨୦୧୨ ଡିସେମ୍ବର ୫ରେ ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଲୁହାଗୁଡ଼ି ଗ୍ରାମ ନିକଟସ୍ଥ ଛକରେ ୨ବ୍ୟକ୍ତି ସବ୍ୟସାଚୀଙ୍କୁ ବନ୍ଧୁକ, ଗୋଳାବାରୁଦ ଓ ବିସ୍ଫୋରକ ସାମଗ୍ରୀ ଯୋଗାଉଥିବା ଅଭିଯୋଗରେ ସେ ଗିରଫ ହୋଇଥିଲେ। ଏହି ଘଟଣାରେ ମୋହନା ଥାନା ଜିଆର୍‌ଏସ୍ କେସ୍ ନଂ-୧୯୧/୧୨ରେ ଏକ ମାମଲା ରୁଜୁ କରାଯାଇଥିଲା । ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଏହା ଏସ୍‌ପି ୩୮/୧୭ ନମ୍ବର କେସ୍‌ଭାବେ ବିଚାରାଧୀନ ରହିଥିଲା । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ଗୁରୁବାର ଏହି ମାମଲାରେ ସବ୍ୟସାଚୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ, ସବ୍ୟସାଚୀଙ୍କ ନାମରେ ଜିଲାରେ ମୋଟ ୪୨ଟି ମାମଲା ରହିଛି। ସେଥିମଧ୍ୟରୁ ଏ ପର୍ଯ୍ୟନ୍ତ ୨୨ଟି ମାମଲାରୁ ସେ ନିର୍ଦ୍ଦୋଷରେ ଖଲାସ ହୋଇଥିବାବେଳେ ଅନ୍ୟ ୨୦ଟି ମାମଲା ବିଚାରାଧୀନ ରହିଥିବା ସବ୍ୟସାଚୀଙ୍କ ଓକିଲ ସ୍ୱରୂପ ପାଳ ଓ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଟୋପି ନ ପିନ୍ଧି କାର୍ଯ୍ୟ କରୁଥିଲେ

# ଏଜି ଛକରେ ଟ୍ରାଫିକ କନଷ୍ଟେବଲଙ୍କୁ ତାଗିଦ କଲେ ଡିଜିପି

ଭୁବନେଶ୍ୱର,୨୨।୮(ବ୍ୟୁରୋ)



ୟୁନିଫର୍ମରେ ନ ଥିଲେ ଟ୍ରାଫିକ କନଷ୍ଟେବଲ। ସେହିବାଟ ଦେଇ ଯାଉଥିବା ପୋଲିସ ଡିଜି ବି.କେ. ଶର୍ମାଙ୍କ ନଜର ପଡ଼ିଥିଲା। ହଠାତ୍ ଗାଡି ରଖି କର୍ତ୍ତବ୍ୟରେ ଅବହେଳା କରିଥିବା ସମ୍ପୃକ୍ତ ଟ୍ରାଫିକ୍ କନଷ୍ଟେବଲଙ୍କୁ ତାଗିଦ କରିଥିଲେ। ଗୁରୁବାର ଭୁବନେଶ୍ୱର ଏଜି ଛକରେ ଦେଖିବାକୁ ମିଳିଥିଲା ଏହି ଘଟଣା। ମିଳିଥିବା ସୂଚନାନୁସାରେ, ଅପରାହ୍ଣ ପ୍ରାୟ ୨ଟା ସମୟରେ ଏକ ଗ୍ୟାସ୍ ବୋଝେଇ ଟ୍ରକ୍ କ୍ୟାପିଟାଲ ହସ୍ପିଟାଲ ଛକରେ ନ ଅଟକି ଏଜି ଛକ ଆଡକୁ ଚାଲି ଆସିଥିଲା। ସୂଚନା ପାଇବା ପରେ ଏଜି ଟ୍ରାଫିକ ଛକରେ ଡ୍ୟୁଟିରେ ଥିବା କନଷ୍ଟେବଲ ଉକ୍ତ ଟ୍ରକ୍‌କୁ ଅଟକାଇଥିଲେ। ଏହି ସମୟରେ ଖାରବେଳ ଭବନରେ ଏକ ବୈଠକ ସାରି ଡିଜିପି ଶର୍ମା କାର୍‌ରେ ଏଜି ଛକ ଦେଇ ଯାଉଥିଲେ। ସେଠାରେ ଡ୍ୟୁଟିରେ ଥିବା ଜଣେ କନଷ୍ଟେବଲ ଠିକ୍ ୟୁନିଫର୍ମରେ ନ ଥିଲେ। ସେ ଟୋପି ପିନ୍ଧି ନ ଥିବା ଦେଖିବା ପରେ ଟ୍ରାଫିକ ପୋଷ୍ଟ ନିକଟରେ ଗାଡ଼ି ଅଟକାଇବାକୁ ଡ୍ରାଇଭରଙ୍କୁ କହିଥିଲେ। ଡିଜିପିଙ୍କ ଗାଡ଼ି ହଠାତ୍ ଅଟକିବା ଦେଖି ସମସ୍ତ ଟ୍ରାଫିକ୍ କର୍ମଚାରୀ ଓ ଅଟକିଥିବା ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ଡିଜିପି ଶର୍ମା ସମ୍ପୃକ୍ତ ଟ୍ରାଫିକ କନଷ୍ଟେବଲଙ୍କ ପାଖକୁ ଯାଇ କ'ଣ ପାଇଁ ଟୋପି ପିନ୍ଧିନାହାନ୍ତି ବୋଲି ପଚାରିଥିଲେ। କନ୍‌ଷ୍ଟେବଲ ଜଣକ ନିଜର ଭୁଲ ସ୍ୱୀକାର କରିବା ସହ ଆଗକୁ ଏଭଳି ଭୁଲ ହେବ ନାହିଁ ବୋଲି ପୋଲିସ ଡିଜିଙ୍କୁ କହିଥିଲେ। ପରେ ଡିଜିପି ଶର୍ମା ଉପସ୍ଥିତ ଅନ୍ୟ କର୍ମଚାରୀଙ୍କୁ କେତେକ ପରାମର୍ଶ ଦେଇ ଚାଲିଯାଇଥିଲେ। ଅଟକି ରହିଥିବା ଲୋକେ ଡିଜିପିଙ୍କର ଏପରି ପଦକ୍ଷେପ ଦେଖି ଚକିତ ହୋଇଯିବା ସହ ପ୍ରଶଂସା କରିଥିଲେ। ନିୟମ ଓ ଆଇନ ମାନିବାକୁ ପରାମର୍ଶ ଦେଉଥିବା ପୋଲିସ ଅନେକ ସମୟରେ ନିଜେ ନିୟମ ଭାଙ୍ଗୁଥିବା ଦେଖାଯାଏ। ସବୁ କ୍ଷେତ୍ରରେ ଡିଜିପି ଶର୍ମା ଏପରି ପଦକ୍ଷେପ ନେବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଅନେକ ସମୟରେ ଡ୍ୟୁଟିରେ ଥିବା ଟ୍ରାଫିକ ପୋଲିସ ଫୋନ୍‌ରେ କଥା ହେବା ଓ ଅନ୍ୟମନସ୍କ ରହୁଥିବା ଦେଖିବାକୁ ମିଳୁଛି। ଏପିରିକି ଜୁଲମ କରି ଫାଇନ୍ କାଟିବା ଆଳରେ ଲୋକଙ୍କୁ ହଇରାଣ କରି ହାତଗୁଞ୍ଜା ନେଉଥିବା ମଧ୍ୟ ଅଭିଯୋଗ ହୋଇଛି। ତେଣୁ ପୋଲିସ ଡିଜିଙ୍କ ଏହି ତାଗିଦ ଟ୍ରାଫିକ ପୋଲିସକୁ କେତେ ସଚେତନ କରୁଛି ତାହା ଆଗାମୀ ଦିନରେ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି।

## କୁନ୍ଦୁଲି ମାମଲାର ପୁନଃ ତଦନ୍ତ ନ ହେଲେ ଆନ୍ଦୋଳନ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

**ତଦନ୍ତ କମିଶନଙ୍କ ରିପୋର୍ଟକୁ ଦଳିତ, ଜନଜାତି ଓ ଅନଗ୍ରସର ବର୍ଗ ମିଳିତ ମଞ୍ଚର ବିରୋଧ**

କୁନ୍ଦୁଲି ବଳାତ୍କାର ଘଟଣାରେ ତଦନ୍ତ କମିଶନଙ୍କ ରିପୋର୍ଟକୁ ଅବାସ୍ତବ ଓ ଆଶ୍ଚର୍ଯ୍ୟଜନକ କହି ଦଳିତ, ଜନଜାତି ଓ ଅନଗ୍ରସର ବର୍ଗ ମିଳିତ ମଞ୍ଚ ଏହାକୁ ତୀବ୍ର ବିରୋଧ କରିଛି। ଏହାସହ ତଦନ୍ତ କମିଶନ ପୀଡ଼ିତାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ସୁପାରିସକୁ ମଧ୍ୟ କଡ଼ା ସମାଲୋଚନା କରିବା ସହ ପ୍ରତିବାଦ ଉଠାଇଛି। ଏହି ମାମଲାର ପୁନଃତଦନ୍ତ ଦାବି କରିଛି ମଞ୍ଚ। ଏଥିସହ ମଞ୍ଚ ପ୍ରସ୍ତାବ ଦେଇଛି ଯେ, ଉଚ୍ଚ ନ୍ୟାୟାଳୟଙ୍କ ତତ୍ତ୍ୱାବଧାନରେ ବିଚାର ବିଭାଗୀୟ ତଦନ୍ତ କିମ୍ବା ସିବିଆଇ ତଦନ୍ତ କରାଯାଉ। ପୀଡ଼ିତାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ସୁପାରିସର ଆଧାର କ'ଣ ରହିଛି ବୋଲି ମଞ୍ଚ ପ୍ରଶ୍ନ ଉଠାଇବା ସହ ପରବର୍ତ୍ତୀ ପରିସ୍ଥିତି ଲାଗି ସରକାର ଦାୟୀ ରହିବେ ବୋଲି କହିଛି। ପୀଡିତାଙ୍କ ବୟାନ ବଦଳାଇବା ଲାଗି ଅର୍ଥ ଯାଚିବା ଅଭିଯୋଗ, ସମ୍ପର୍କୀୟଙ୍କୁ ବଳାତ୍କାର ସହ ଯୋଡିବା, ଅପରାଧ ପରୀକ୍ଷାଗାର ରିପୋର୍ଟ ବଦଳାଇବା ଓ ସରକାରଙ୍କ ଦଳୀୟ ଏସ୍‌ସି ସେଲ୍‌ର ତଦନ୍ତ ରିପୋର୍ଟ ବଦଳାଇବା, ପୀଡ଼ିତାଙ୍କ ପୋଷାକ ବଦଳାଇ ପରୀକ୍ଷା କରିବା ଅଭିଯୋଗ କରିବା ସହ ତାଙ୍କ ପରିବାରର ନାଗରିକ ଅଧିକାର କ୍ଷୁଣ୍ଣ ହୋଇଛି ବୋଲି ମଞ୍ଚ କହିଛି। ଦାବି ପୂରଣ ନ ହେଲେ ମଞ୍ଚ ଆଗକୁ ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଏଥିସହ ଟିଙ୍କିରି ପୀଡିତା ହତ୍ୟାକାଣ୍ଡ ଏବଂ ପିପିଲି ପୀଡିତା ଘଟଣାର ପୁନଃ ତଦନ୍ତ କରିବାକୁ ଦାବି କରିଛି।

### ପୋଖରୀରେ ବୁଡ଼ି ୧୪ବର୍ଷର ବାଳିକା ମୃତ

**ରାଜନଗର,୨୨।୮(ଡି.ଏନ.ଏ.):** ଗୁରୁବାର ପୋଖରୀରେ ବୁଡିଯାଇ ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ବଳରାମପୁର ଗାଁର ସର୍ବେଶ୍ୱର ପାତ୍ରୀଙ୍କ ଝିଅ ସରିତା (୧୪)ଙ୍କ ମୃତ୍ୟୁ ଘଟିଛି। ସକାଳେ ସରିତା ବାଡିପଟ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ସେଠାରେ ତାଙ୍କ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ପରିବାର ଲୋକେ ଏହା ଜାଣି ପାରି ନ ଥିଲେ। ତାଙ୍କୁ ନ ପାଇ ଖୋଜାଖୋଜି କରିବା ପରେ ବାଡିପଟ ପୋଖରୀରୁ ଉଦ୍ଧାର କରିଥିଲେ। ସରିତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ ୧୮(ଖ) ଶାଖା କେନାଲରେ ପାଣି ନାହିଁ

# ରୁଆ ବେଉଷଣ ବାଧାପ୍ରାପ୍ତ

ମାର୍ଶାଘାଇ,୨୨।୮(ଡିଏନ୍‌ଏ)

ମାର୍ଶାଘାଇ ଜଳସମ୍ପଦ ବିଭାଗ ଅଧୀନ ଜମ୍ବୁ – ମାର୍ଶାଘାଇ କେନାଲରୁ ବାହାରିଥିବା ୧୮(ଖ) ଶାଖା କେନାଲରେ ପାଣି ନ ଥିବାରୁ ଦୁମୁକା,ଅଶ୍ରୁଖଳା,ବାଘଡ଼ିଆ ଏବଂ ଦଶିପୁର ଗ୍ରାମର ଚାଷଜମିରେ ରୁଆ ବେଉଷଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ମାର୍ଶାଘାଇ ଠାରୁ ବାହାରିଥିବା ଏହି କେନାଲ ପାଣି ଗାଁ ମାର୍ଶାଘାଇ ,କାନପୁର ଓ ଦୁମୁକା ପର୍ଯ୍ୟନ୍ତ ଆସିପାରୁଛି । ତା ପରବର୍ତ୍ତୀ ଗ୍ରାମ ଅଶ୍ରୁଖଳା ,ବାଘଡ଼ିଆ ପର୍ଯ୍ୟନ୍ତ ପାଣି ଯାଉନାହିଁ । ଯାହା ପାଣି ଆସୁଛି ସୋଠ ମୁହଁକୁ ପାଣି ଉଠୁନାହିଁ । କେତେଜଣ ଚାଷୀ କେନାଲରୁ ମୋଟର ଯୋଗେ ଚାଷ ଜମିକୁ ପାଣି ନେବାକୁ ବାଧ୍ୟ ହେଉଛନ୍ତି । ଅପରପକ୍ଷରେ ବାଘଡିଆଠାରୁ ୧୨୦୦ ମିଟର ମାଇନର କେନାଲ ଯୋଗେ ଦଶିପୁର ଗ୍ରାମ ପର୍ଯ୍ୟନ୍ତ ପାଣି ଯୋଗାଇ ଦିଆଯାଇଥାଏ । ମାତ୍ର ସେହି ମାଇନର କେନାଲ ଏବେ ସମ୍ପୂର୍ଣ୍ଣ ରୂପେ ଶୁଖିଲା ପଡ଼ିଛି। ଫଳରେ ଦଶିପୁର ଗ୍ରାମର ଶତାଧିକ ଚାଷୀ ଚାଷକାର୍ଯ୍ୟ ପାଇଁ କେନାଲ ପାଣିରୁ ବଞ୍ଚିତ ହେଉଛନ୍ତି । ନିକଟରେ ଜଳ ସମ୍ପଦ ବିଭାଗ ଦ୍ୱାରା ଲକ୍ଷାଧିକ ଟଙ୍କା ବ୍ୟୟରେ କେନାଲ ସଫେଇ କାର୍ଯ୍ୟ କରାଯାଇଛି । ହେଲେ ଏହି ୧୨୦୦ ମିଟର ମାଇନର କେନାଲ ସଫେଇ କାର୍ଯ୍ୟ ହୋଇନଥିବାରୁ ବିଭାଗ ତରଫରୁ ଛଡ଼ା ଯାଉଥିବା ପାଣି ତଳ ମୁଣ୍ଡକୁ ପହଞ୍ଚି ପାରୁନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ମାର୍ଶାଘାଇ ଜଳସମ୍ପଦ ବିଭାଗର କନିଷ୍ଠଯନ୍ତ୍ରୀ କୃପାସିନ୍ଧୁ ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି ବିଭାଗ ତରଫରୁ ଚାଷ ଜମିକୁ ଯାଉଥିବା ସୋଠ ମୁହଁ ର ପାଣିକୁ ସମ୍ପୃକ୍ତ ଚାଷୀ ବାରମ୍ବାର ଖୋଲା ରଖୁଥିବାରୁ ତଳ ମୁଣ୍ଡକୁ ପାଣି ଯାଇପାରୁନି । ପରବର୍ତ୍ତୀ ସମୟରେ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ତେବେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାରୁ ବିଭାଗ ତରଫରୁ ତଳମୁଣ୍ଡ ପର୍ଯ୍ୟନ୍ତ ପାଣି ଯୋଗାଇ ଦେବା ପାଇଁ ଚାଷୀ ଅଭୟ ବିଶ୍ୱାଳ ,ଅରୁଣ ଜେନା,ଧନେଶ୍ୱର ସେନାପତି,ଯୁଗଳ ବେହେରା,ଭରତ ରାଉତ,କାଙ୍ଗାଳି ବେହେରା ,କଳ୍ପତରୁ ରାଉଳ ପ୍ରମୁଖ ଦାବି କରିଛନ୍ତି ।



ମୋଟର ଯୋଗେ ଚାଷୀ ପାଣି ଉଠାଉଛନ୍ତି।

## ଅଣ୍ଡରା ପଞ୍ଚାୟତରେ ଆର୍ଥିକ ଅନିୟମିତତା ନେଇ ଭିଜିଲାନ୍ସ ଚଢ଼ାଉ

ପଟ୍ଟାମୁଣ୍ଡାଇ,୨୨।୮(ଡି.ଏନ.ଏ.)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଆର୍ଥିକ ଅନିୟମିତତା ହୋଇଥିବା ନେଇ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇ ଆସୁଥିଲା। ଏହି ଅଭିଯୋଗ ପାଇବା ପରେ କେନ୍ଦ୍ରାପଡା ଭିଜିଲାନ୍ସ ପକ୍ଷରୁ ମଧ୍ୟାହ୍ନ ୧୨ଟାରେ ଅଣ୍ଡରା ପଞ୍ଚାୟତ ଅଫିସରେ ଚଢାଉ କରାଯାଇଥିଲା । ତେବେ ଅନିୟମିତତା ହୋଇଥିବା ନେଇ କୌଣସି ରେକର୍ଡପତ୍ର ମିଳି ନ ଥିଲା । ଅଭିଯୋଗ ଅନୁଯାୟୀ ପଞ୍ଚାୟତକୁ ଆଲୋକୀକରଣ କରିବା, ଅଣ୍ଡରା ହାଟରେ ହାଟପିଣ୍ଡି ନିର୍ମାଣ କରିବା, ବିଭିନ୍ନ ପୋଖରୀ ତୁଠ ନିର୍ମାଣ କରିବା , ନଳକୂପ ମରାମତି ଓ ପ୍ଲାଟଫର୍ମ ନିର୍ମାଣ , ଜିଜିୱାଇ ରାସ୍ତା ନିର୍ମାଣ କରିବା ଆଦି ବହୁ ଉନ୍ନତିମୂଳକ କାମରେ ପ୍ରାୟ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହେରଫେର ହୋଇଥିବା ପଟ୍ଟାମୁଣ୍ଡାଇ ବିଡିଓ ଓ ଭିଜିଲାନ୍ସ ପାଖରେ ଅଭିଯୋଗ ହୋଇଥିଲା । ଏହି ପଞ୍ଚାୟତ ଦାୟିତ୍ୱରେ ଥିବା ନାଏବ ସରପଞ୍ଚ ରଶ୍ମିତା ନାୟକ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ରମାକାନ୍ତ ଦାସଙ୍କୁ ଭିଜିଲାନ୍ସ ଟିମ ଡକାଇ ପଚରାଉଚୁରା କରିଥିଲେ । କିନ୍ତୁ ସେମାନଙ୍କ ପାଖରେ ଉନ୍ନୟନମୂଳକ କାର୍ଯ୍ୟର କୌଣସି ରେକର୍ଡପତ୍ର ନ ଥିବା କହିଥିଲେ । ତେବେ ୪ ଦିନ ମଧ୍ୟରେ ରେକର୍ଡପତ୍ର ଭିଜିଲାନ୍ସକୁ ପ୍ରଦାନ କରିବାକୁ ସେମାନଙ୍କୁ ତାଗିଦ କରାଯାଇଥିବା ଜଣାଯାଇଛି । ସୂଚନାଯୋଗ୍ୟ ଯେ, ପିଇଓ ରମାକାନ୍ତଙ୍କୁ ବିଡିଓ ଅନ୍ୟତ୍ର ବଦଳି କରିଥିବା ବେଳେ ପେଣ୍ଠପାଳ ପଞ୍ଚାୟତ ପିଇଓ ପ୍ରଫୁଲ୍ଲ ରାଉତଙ୍କୁ ଅଣ୍ଡରା ପଞ୍ଚାୟତ ପିଇଓ ଭାବେ ନିଯୁକ୍ତ କରିଛନ୍ତି । ମାତ୍ର ରମାକାନ୍ତ ଏ ପର୍ଯ୍ୟନ୍ତ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନ ଥିବା ଜଣାପଡିଛି । ଭିଜିଲାନ୍ସ ଚଢାଉ ଫଳରେ ବହୁ ଅନିୟମିତତା ପଦାକୁ ଆସିବ ବୋଲି ପଞ୍ଚାୟତବାସୀ ଆଶା କରିଛନ୍ତି।

### ମାର୍ଶାଘାଇ ବ୍ଲକ ୨୬ ଶିକ୍ଷା ସହାୟକ ନିୟମିତ ହେଲେ

**ମାର୍ଶାଘାଇ,୨୧।୮(ଡିଏନ୍‌ଏ):** ମାର୍ଶାଘାଇ ବ୍ଲକରେ ୨୦୧୨ ମସିହା ନଭେମ୍ବର ମାସରୁ ଶିକ୍ଷା ସହାୟକ ଭାବେ କାର୍ଯ୍ୟ କରି ଆସୁଥିବା ୧୮ ମହିଳା ୮ ପୁରୁଷ ଶିକ୍ଷାସହାୟକଙ୍କୁ ନିୟମିତ ଶିକ୍ଷକ ଭାବେ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏନେଇ ମଙ୍ଗଳବାର ମାର୍ଶାଘାଇ ସରକାରୀ ହାଇସ୍କୁଲ ସଭାଗୃହରେ ଏକ ଉତ୍ସବ ଆୟୋଜନ କରାଯାଇ ଥିଲା । ଜିଲା ଶିକ୍ଷା ଅଧିକାରଣୀ କଳ୍ପନା ବେହେରାଙ୍କ ପତ୍ରକୁ ଅନୁଶୀଳନ କରି ମାର୍ଶାଘାଇ ବ୍ଲକ ଶିକ୍ଷାଅଧିକାରୀ ଶତ୍ରୁଘ୍ନ ବେହେରା ୨୬ ଜଣଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଛନ୍ତି । ନିୟମିତ ହୋଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଉଷାରାଣୀ ରାଉତ,ସୁନିତା ବେହେରା,ଦିପାଲୀ ଆଚାର୍ଯ୍ୟ ,ଦିପ୍ତିମୟୀ ସାହୁ,ସୁମିତ୍ରା ମଲ୍ଲିକ,ଚନ୍ଦ୍ରକଳା ଜେନା,ଅପରାଜିତା ଦଳାଇ,ପ୍ରଦୀପ କୁମାର ସାମଲ,କୃଷ୍ଣଚନ୍ଦ୍ର ସାହୁ,ଜଗବନ୍ଧୁ ମାଝି ପ୍ରମୁଖ ଅଛନ୍ତି । ସୂଚନାଥାଉ କି ଏହି ଶିକ୍ଷୟିତ୍ରୀ ଶିକ୍ଷକ ୧୭-୧୧-୨୦୧୮ ମସିହା ଠାରୁ ନିୟମିତ ଶିକ୍ଷକ ରୂପେ ପରିଗଣିତ ହୋଇଥିବା ନେଇ ପ୍ରମାଣପତ୍ର ପ୍ରଦାନ କରାଯାଇଛି ।

■ କୋରିଆପଲା ମାଇନର କେନାଲରେ ପାଣି ନାହିଁ

# ଚାଷୀଙ୍କ ଆମରଣ ଅନଶନ ଚେତାବନୀ

ପଟ୍ଟାମୁଣ୍ଡାଇ,୨୨।୮(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜଳସେଚନ ପାଇଁ କେନାଲ ଥିଲେ ମଧ୍ୟ ଚାଷ ଜମିକୁ ପାଣି ମାଡୁନାହିଁ । ଚାଷପୋଯୋଗୀ ବର୍ଷା ନ ହେଲେ ଚାଷୀମାନେ ମୁଖ୍ୟତଃ କେନାଲ ଉପରେ ନିର୍ଭର କରି ଚାଷ କରିଥାନ୍ତି । ମାତ୍ର କୋରିଆପଲା ମାଇନର୍ କେନାଲରେ ପାଣି ନ ଥିବାରୁ ଚାଷ ଜମି ଶୁଖିଲା ପଡିଛି । ଏପଟେ ବର୍ଷା ନ ଥିବାରୁ ଚାଷୀମାନେ ଧାନ ରୋଇ ପାରୁନାହାନ୍ତି କି ବୁଣା ଧାନ ବେଉଷଣ ହୋଇ ପାରୁନାହିଁ । ଫଳରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ଚିନ୍ତାରେ ପଡି ଯାଇଛନ୍ତି । ଦୀର୍ଘ ୭ କିମି ବ୍ୟାପୀ କୋରିଆପଲା ମାଇନର କେନାଲରେ ଆଦୌ ପାଣି ଯାଉନାହିଁ । ଅଳଭା ଠାରୁ ବାହାରି ଥିବା ୧୬ନଂ କେନାଲ୍‌ର ଶାଖା କୋରିଆପଲା ମାଇନର୍‌ରେ କେନାଲ୍ ପାଣି ଛାଡିବା ପାଇଁ ଚାଷୀମାନେ କେନ୍ଦ୍ରାପଡା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ ପଟ୍ଟାମୁଣ୍ଡାଇ ଜଳସମ୍ପଦ ଏସଡିଓଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଫଳରେ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ରୁଆ ଉପୁଡା କାର୍ଯ୍ୟ ବିଳମ୍ବ ହେଉଥିବା ବେଳେ ଚାଷୀମାନେ ହତାଶ ହୋଇ ଚାଷ ପ୍ରତି ବିମୁଖ ହେବା ଦେଖାଯାଉଛି । ଅଳଭା ୧୬ନଂ କେନାଲର ଭିତର ପାଖ ବେସ୍ ରୁ ମାଟି ଉଠାଇ ଗଭୀର କରାଯାଇଥିବାରୁ ଉପର ମୁଣ୍ଡ କୋରିଆପଲା ପର୍ଯ୍ୟନ୍ତ କେନାଲ ପାଣି ଯାଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏଡିବି ଡିଭିଜନ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ କେନାଲର ନବୀକରଣ କରାଯାଇଥିଲେ ମଧ୍ୟ ତାହା ଚାଷୀମାନଙ୍କ କାମରେ ଆସୁନାହିଁ । ୧୬ନଂ କେନାଲ୍ ଠାରୁ ପ୍ରାୟ ୩ଫୁଟ ଉଚ୍ଚରେ କୋରିଆପଲା ମାଇନର୍ କେନାଲ ରହିଛି । ଏଡିବି ଦ୍ୱାରା ଖନନ କରାଯାଇଥିଲେ ମଧ୍ୟ ତାର ତଳଭାଗ ସମାନ ନାହିଁ । ଫଳରେ କୋରିଆପଲା ମାଇନରର ଶେଷମୁଣ୍ଡ ପର୍ଯ୍ୟନ୍ତ ପାଣି ଯାଉନାହିଁ । ଅପରପକ୍ଷେ ଅଳଭା ଠାରୁ ଦୋଷିଆ ପର୍ଯ୍ୟନ୍ତ ୪କିମି ବ୍ୟାପି ୧୬ ନଂ କେନାଲ ଭିତର ବେଡ୍‌କୁ ଏକ ଫୁଟ ଖନନ କରାଯାଇ ଦୋଷିଆ ରାସ୍ତାରେ ପକାଇବା ପରିଣାମ ଏବେ ଚାଷୀ ଭୋଗ କରୁଛନ୍ତି ବୋଲି ଚାଷୀମାନେ ସଙ୍ଗୀନ ଅଭିଯୋଗ ଉଠାଇଛନ୍ତି । ଏହି କେନାଲ୍ ଉପରେ ନିର୍ଭର କରୁଥିବା ଶତାଧିକ ଚାଷୀ ଚାଷ କରି ନ ପାରି ମୁଣ୍ଡରେ ହାତ ଦେଇ ବସିଛନ୍ତି । କୋରିଆପଲା ମାଇନରରେ ଯୁଦ୍ଧକାଳୀନ ଭିତ୍ତିରେ ପାଣି ଯୋଗାଇ ନ ଦେଲେ ଲକ୍ଷ୍ମଣ ରାଉତ, ଶତ୍ରୁଘ୍ନ ରାଉତ, ଗୋକୁଳି ନାୟକ, ବାବାଜୀ ପଣ୍ଡାଙ୍କ ସମେତ ଶତାଧିକ ଚାଷୀ ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ଏସଡିଓଙ୍କ ଅଫିସ୍ ସମ୍ମୁଖରେ ଆମରଣ ଅନଶନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

### ବଜ୍ରପାତରେ ଜଣେ ମୃତ

ରାଜନଗର, ୨୨।୮ (ଡି.ଏନ.ଏ.)

ଗୁରୁବାର ରାଜନଗର ବ୍ଲକ ରାଜପୁର ଗାଁରେ ବଜ୍ରପାତରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ରାଜପୁର ଗାଁର ପ୍ରହ୍ଲାଦ ମଲ୍ଲିକ (୬୦) ଓ ଅନନ୍ତ ଚରଣ ଦାସ (୩୨) ବିଲରେ ଧାନ ରୋଉଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ବଜ୍ରପାତ ହେବାରୁ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ପାଖ ବିଲରେ ଧାନ ରୋଉଥିବା ଲୋକେ ଦୁହିଁଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରହ୍ଲାଦଙ୍କୁ ମୃତ ଘୋଷଣା କରିଥିଲେ। ପ୍ରହ୍ଲାଦଙ୍କର କାନ ପାଖ ପୋଡି ଯାଇଥିବା ବେଳେ ଛାତିରେ ପୋଡା ଚିହ୍ନ ରହିଛି। ଅନନ୍ତଙ୍କର ଗୋଡ ଓ ଅଣ୍ଟା ବଜ୍ରପାତ ଆଘାତରେ ଅଚଳ ହୋଇପଡିଛି। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଗତକାଲି ଏହି ଜିଲାର ବିଭିନ୍ନ ସ୍ଥାନରେ ବଜ୍ରପାତରେ ୫ ଜଣ ଚାଷୀଙ୍କ ମୃତ୍ୟୁ ଘଟିଥିଲା।

## ଆଜିଠୁ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଗଣନା

ରାଜନଗର, ୨୨।୮ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ଏବେ ଦେଶୀୟ ପକ୍ଷୀଙ୍କ କଳରବରେ ମୁଖରିତ ହୋଇଉଠିଛି। ପକ୍ଷୀବିହାର ରୂପେ ପରିଚିତ ବଗଗହନ ପରିବର୍ତ୍ତେ ଚଳିତବର୍ଷ ମଠଆଡିଆରେ ଦେଶୀୟ ପକ୍ଷୀମାନେ ଭିଡ ଜମାଇଛନ୍ତି। ଶୁକ୍ରବାରଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଦେଶୀୟ ପକ୍ଷୀଙ୍କ ଗଣନା ଆରମ୍ଭ ହେବ। ଭିତରକନିକାର ମଠଆଡିଆ ଓ ବଗଗହନରେ ପକ୍ଷୀ ଗଣନା କରାଯିବ। ଏଥିପାଇଁ କନିକା ରେଞ୍ଜ ଅଫିସର ସୁବ୍ରତ କୁମାର ପାତ୍ର ଓ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଟିମ୍‌ରେ ୫ଜଣ ଲେଖାଏଁ ବନ କର୍ମଚାରୀ ରହିଛନ୍ତି। ପିସିସିଏଫ (ପ୍ରିନ୍ସିପାଲ ଇନ୍ ଚିଫ କଞ୍ଜରଭେଟର ଅଫ ଫରେଷ୍ଟ ) କାର୍ଯ୍ୟାଳୟର ପକ୍ଷୀ ଗବେଷକ କଳ୍ପତରୁ ଜେନା ଏହି ଗଣନା ଅନୁଧ୍ୟାନ କରିବାକୁ ଡାଙ୍ଗମାଳ ଠାରେ ପହଞ୍ଚିଛନ୍ତି। କେତେ ପ୍ରକାରର ଦେଶୀୟ ପକ୍ଷୀ ଭିତରକନିକାକୁ ଆସିଛନ୍ତି ଓ କେତେ ପ୍ରକାର ଗଛରେ ବସା ବାନ୍ଧି ଅଣ୍ଡା ଦେଇଛନ୍ତି ତାର ସମ୍ପୂର୍ଣ୍ଣ ଗଣନା କରାଯିବ। ଚଳିତବର୍ଷ ପୂର୍ବବର୍ଷଗୁଡିକ ତୁଳନାରେ କମ ପକ୍ଷୀ ଭିତରକନିକା ଆସିଥିବା କୁହାଯାଉଛି। ସୂଚନାଯୋଗ୍ୟ ଯେ,ଗତ ୩୦ ବର୍ଷ ହେଲା ଭିତରକନିକାର ବଗଗହନରେ ଦେଶୀୟ ପକ୍ଷୀଙ୍କ ସମାଗମ ହେଉଥିଲା । ସେଥିପାଇଁ ବଗଗହନରେ ପକ୍ଷୀଙ୍କୁ ଦେଖିବା ପାଇଁ ୱାଚ୍‌ଟାୱାର ନିର୍ମାଣ କରାଯାଇଛି। ମାତ୍ର ଗତ ଦୁଇ ତିନି ବର୍ଷ ହେଲା ବଗଗହନ ଠାରୁ ଅଢେଇ କି.ମି. ଦୂର ମଠଆଡିଆରେ ଅଧିକ ସଂଖ୍ୟକ ଦେଶୀୟ ପକ୍ଷୀ ଭିଡ ଜମାଉଛନ୍ତି। ଚଳିତବର୍ଷ ମଠଆଡିଆରେ ପ୍ରାୟ ୯୦ ପ୍ରତିଶତରୁ ଅଧିକ ଦେଶୀୟ ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ବଗଗହନରେ ଦେଶୀୟ ପକ୍ଷୀଙ୍କୁ ସେତେଟା ଦେଖିବାକୁ ମିଳୁନି ବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।

-କନ୍‌ଫୁସିଅସ୍



## ସଂକ୍ଷେପରେ

### ଆମେ ବିପଦର ସାଥୀ ପକ୍ଷରୁ ଗୋରୁ ଉଦ୍ଧାର, ଅନ୍ତିମ ସତ୍କାର

କୋରେଇ,୨୨।୮(ସ୍ୱ.ପ୍ର)- ପାଣିକୋଇଲି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଚିକିତ୍ସା କରାଯାଉଥିବା ଏକ ଗାଈର ମୃତ୍ୟୁ ହେବାପରେ ଓ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୨ଟି ଗାଈର ଅନ୍ତିମ ସତ୍କାର କରାଯାଇଛି। ଏଥିସହିତ ଷ୍ଟେଟ ବ୍ୟାଙ୍କ ସମ୍ମୁଖ ମହାବୀର କଲୋନୀର ଅର୍ଜୁନ ଦଳାଇଙ୍କ ଗାଇ ଡ୍ରେନରେ ପଡିଯାଇ ଉଠିପାରି ନ ଥିବାବେଳେ ସାଥି ସଦସ୍ୟମାନେ ପହଞ୍ଚି ତାକୁ ଉଦ୍ଧାର କରିଥିଲେ। ଗୋରୁ ଗାଈଗୁଡ଼ିକୁ ଛାଡ଼ି ଦେଉଥିବାବେଳେ ସେମାନେ ଜାତୀୟ ରାଜପଥ ଓ ପାଣିକୋଇଲି ବଜାରରେ ବୁଲିବା ଯୋଗୁ ରାସ୍ତା ବନ୍ଦ ହେବା ସହ ଗାଡ଼ି ଚଳାଚଳରେ ବ୍ୟାପକ ଅସୁବିଧା ଓ ଦୁର୍ଘଟଣା ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ଓଡ଼ିଶା ସୀମାନ୍ତରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ନିଜେ ଚା’ ପ୍ରସ୍ତୁତ କରି ପିଆଇଲେ

ଭୋଗରାଇ, ୨୨।୮(ଡି.ଏନ.ଏ.) ଓଡ଼ିଶା ସୀମାନ୍ତ ଦୀଘା ସୈକତ ସହରକୁ ୪ ଦିନିଆ ଗସ୍ତରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆସି ଗୁରୁବାର ପୂର୍ବାହ୍ନରେ ଫେରିଛନ୍ତି। ସେ ଦୀଘାରେ ୪ଦିନ ରହଣି କାଳରେ ୭୪ ଶିଳାନ୍ୟାସ ଓ ୪୭ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ସେଥିମଧ୍ୟରୁ ଓଡ଼ିଶା ସୀମାନ୍ତ ୫ଶହ ମିଟର ବ୍ୟବଧାନରେ ୭୦କୋଟି ୬୩ଲକ୍ଷ ଟଙ୍କା ବ୍ୟୟରେ ଆନ୍ତର୍ଜାତିକ କନଭେନ୍‌ସନ୍ ସେଣ୍ଟର ଉଦ୍‌ଘାଟନ କରିବା ସହିତ ବୁଧବାର ଓଲ୍ଡ ଦୀଘାରେ ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକ କରିଛନ୍ତି। ଜନ ସଂଯୋଗ ପାଇଁ ଆସିଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଭ ଡ୍ରାଇଭ୍-ସେଭ୍ ଲାଇଫ୍ ନାମ ଧରି ପଶ୍ଚିମବଙ୍ଗ ପୋଲିସ ରାସ୍ତାରେ ବ୍ୟାପକ ଚାନ୍ଦା ଆଦାୟ କରୁଥିବାରୁ ପଶ୍ଚିମବଙ୍ଗ ବଦନାମ୍ ହେଉଛି ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଅସାଧୁ ପୋଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ଉଚ୍ଚପଦାଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ମୁଖ୍ୟମନ୍ତ୍ରୀ ଓଡ଼ିଶା ସୀମାନ୍ତ ଉଦୟପୁରସ୍ଥିତ ପଶ୍ଚିମବଙ୍ଗ ଅଧୀନ ବିତ୍ତପୁର ଗାଁକୁ ଆକସ୍ମିକ ଭାବେ ପରିଦର୍ଶନ କରି ଏହି ଗାଁର ଆଦିବାସୀ ପରିବାରଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ସେଠାରେ ରହି ଓଡ଼ିଶାର ଗାଁ ଓ ଉଦୟପୁର ବେଳାଭୂମି ସମ୍ପର୍କରେ ଦୀଘା-ଶଙ୍କରପୁର ଉନ୍ନୟନ ପରିଷଦର କର୍ମକର୍ତ୍ତା, ପ୍ରଶାସନ ଓ ରାଜ୍ୟସ୍ତରୀୟ ନେତା, ମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ସେହି ଗାଁରେ ରହି ପିଲାମାନଙ୍କୁ ବସ୍ତ୍ର ବଣ୍ଟନ କରିବା ସହିତ ଛୋଟ ପିଲାଙ୍କୁ ଧରି ସ୍ନେହ କରିବା ସହ ଚକୋଲେଟ୍ ବାଣ୍ଟିଥିଲେ। ମମତା ସୀମାନ୍ତ ଗାଁକୁ ଯାଉଥିବାବେଳେ ହଠାତ୍ ଗାଡ଼ି ଅଟକାଇ ରାସ୍ତାରେ ଓହ୍ଲାଇ ଏକ ଚା’ ଦୋକାନ ବେଞ୍ଚରେ ବସି ପଡ଼ିଥିଲେ। ସେଠାରେ ଚା’ ବିକାଳିଙ୍କୁ ଉଠାଇ ସେ ନିଜେ ଚା’ ପ୍ରସ୍ତୁତ କରିଥିଲେ। ମୁଖ୍ୟମନ୍ତ୍ରୀ ଦୋକାନରେ ଚା’ ପ୍ରସ୍ତୁତ କରି ନିଜେ ପିଇବା ସହିତ ତାଙ୍କ ସହିତ ଆଗତ ସମସ୍ତ ଭିଆଇପିମାନଙ୍କୁ ଚା’ ପିଆଇଥିଲେ। ଏହି ଚା’ପାନ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ପୂର୍ବରୁ ଚା’ ଦୋକାନରେ ବସୁଥିଲି। ସେଠାରେ ସମସ୍ତ କଥା ଶୁଣୁଥିଲି ଓ ବହୁ କଥା ଜାଣୁଥିଲି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଅଭିନବ କାର୍ଯ୍ୟକୁ ସୀମାନ୍ତବାସୀ ପ୍ରଶଂସା କରିଛନ୍ତି।

### ମହିଳାଙ୍କ ଆତ୍ମହତ୍ୟା

ଜଳେଶ୍ୱର, ୨୨।୮: ଜଳେଶ୍ୱର ଥାନା ବର୍ଦ୍ଧନା ଗ୍ରାମର ରତିକାନ୍ତ ବେହେରାଙ୍କ ସ୍ତ୍ରୀ ରୁମିତା ବୁଧବାର ରାତିରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଅପରପକ୍ଷେ ରୁମିତାଙ୍କ ଭାଇ ରାଜୀବ କୁମାର ବେହେରା ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକେ ଯୌତୁକ ପାଇଁ ମାରିଦେଇଥିବା ୨୨ତାରିଖରେ ଜଳେଶ୍ୱର ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ଏ ନେଇ ଗ୍ରାମରେ ବାରମ୍ବାର ବୈଠକ ବସି ସମାଧାନ ହୋଇଥିବା ବେଳେ କୌଣସି ସୁଫଳ ମିଳି ନ ଥିଲା ବୋଲି ଏତଲାରେ ଦର୍ଶାଯାଇଛି।

## ମହାବିଦ୍ୟାଳୟ ସ୍ୱୀକୃତି ପ୍ରଦାନରେ ଜାଲିଆତି

# କଲେଜ ସ୍ଥାପନ ପୂର୍ବରୁ ମିଳିଛି ସ୍ୱୀକୃତି

ଯାଜପୁର ଅଫିସ,୨୨।୮

ଉଚ୍ଚ ଶିକ୍ଷାର ବ୍ୟବସାୟୀକରଣ ଯୋଗୁ ରାଜ୍ୟରେ ବହୁ ଘରୋଇ ଓ ସରକାରୀ ଅନୁଦାନପ୍ରାପ୍ତ କଲେଜ ଖୋଲିଛି। ଉନ୍ନତମାନର ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷା ଯୋଗୁ କେତେକ ଘରୋଇ କଲେଜ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଆକର୍ଷିତ କରି ପାରିଛି। କିନ୍ତୁ ଏହି ବ୍ୟବସାୟୀକରଣକୁ ନିୟନ୍ତ୍ରଣ କରିବାରେ ସରକାରଙ୍କ ବିଫଳତା ଯୋଗୁ ଅନେକ କଲେଜକୁ ଆବଶ୍ୟକ ଭିତ୍ତିଭୂମି ଅଭାବ ସତ୍ତ୍ୱେ ସ୍ୱୀକୃତି ମିଳିଛି। ଏହିକ୍ରମରେ ସଂସ୍କୃତ ମହାବିଦ୍ୟାଳୟଗୁଡ଼ିକୁ ଅହେତୁକ ଅନୁକମ୍ପା ଦେଖାଯାଇଛି। ସମସ୍ତ ସରକାରୀ ନୀତିନିୟମକୁ ଜଳାଞ୍ଜଳି ଦିଆଯାଇ ସଂସ୍କୃତ ମହାବିଦ୍ୟାଳୟକୁ ସ୍ୱୀକୃତି ଓ ଅନୁଦାନ ପ୍ରଦାନ କରାଯାଇଛି। ତେବେ ଅନେକ କ୍ଷେତ୍ରରେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରାଯାଇ ସଂସ୍କୃତ ମହାବିଦ୍ୟାଳୟ ସ୍ୱୀକୃତି ଓ ଅନୁଦାନ ହାତେଇଥିବାବେଳେ ଉଚ୍ଚଶିକ୍ଷାବିଭାଗର ଅଧିକାରୀମାନେ ଆଖି ବୁଜିଦେଇଛନ୍ତି। ଯାହାର ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲାରେ ୨୦୦୭ରେ ପ୍ରତିଷ୍ଠା କରାଯାଇଥିବା ଏକ ସଂସ୍କୃତ ମହାବିଦ୍ୟାଳୟ କ୍ଷେତ୍ରରେ। ଏହି ମହାବିଦ୍ୟାଳୟକୁ ୨୦୦୫ରେ ସ୍ଥାୟୀ ସ୍ୱୀକୃତି ପ୍ରଦାନ କରାଯାଇଥିଲା।

ଆର୍‌ଟିଆଇ ତଥ୍ୟରୁ ମିଳିଥିବା ସୂଚନା ଅନୁଯାୟୀ ୨୦୦୭ ରେ ଯାଜପୁର ଜିଲାର ଶାମଦାସପୁରଠାରେ ଅଶୋକ କୁମାର ରାଉତ ସଂସ୍କୃତ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ୨୦୦୯ରେ ଛାତ୍ରୀଛାତ୍ରମାନେ ପ୍ରଥମକରି ଏହାର ଉପଶାସ୍ତ୍ରୀ ପରୀକ୍ଷା ଦେଇଥିଲେ। ଦୁଇ ବର୍ଷର ଉପଶାସ୍ତ୍ରୀ ପରୀକ୍ଷାରୁ ଏହି ସ୍ଥାପନ ବର୍ଷ ସ୍ପଷ୍ଟ ହେଉଛି। ମାତ୍ର ଆଶ୍ଚର୍ଯ୍ୟର ବିଷୟ ଏହିକି ଯେ ଆଞ୍ଚଳିକ ଶିକ୍ଷାନିର୍ଦ୍ଦେଶକ ଭୁବନେଶ୍ୱର ଏହି ମହାବିଦ୍ୟାଳୟକୁ ୨୦୦୫ମସିହାରେ ସ୍ଥାୟୀ ସ୍ୱୀକୃତି ପ୍ରଦାନ କରଛନ୍ତି। କଲେଜ ସ୍ଥାପନ ପୂର୍ବରୁ କିପରି ସ୍ୱୀକୃତି ପ୍ରଦାନ କରାଗଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଏତିକି ନୁହେଁ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ସମ୍ପୃକ୍ତ ମହାବିଦ୍ୟାଳୟ ୨୦୧୪ ରେ ବ୍ଲକ ଗ୍ରାଣ୍ଟ ହାତେଇଛି। ଅନୁଦାନ ସମୟରେ ଦାଖଲ କରାଯାଇଥିବା ଦସ୍ତାବିଜରେ ମହାବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଦର୍ଶାଯାଇଛି ଯେ, ଉକ୍ତ ମହାବିଦ୍ୟାଳୟ ୨୦୦୦ମସିହାରେ ସ୍ଥାପନ କରାଯାଇଛି। ସେହି ଦିନଠାରୁ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ବିବରଣୀ ବା ଟାବୁଲେଶନ ରେଜିଷ୍ଟାରରେ ସମ୍ପୂର୍ଣ୍ଣ ଭାବେ ଜାଲିଆତି କରାଯାଇଛି। ମହାବିଦ୍ୟାଳୟ ପକ୍ଷରୁ ୨୦୦୮ ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବା ଟାବୁଲେଶନ ରାଜିଷ୍ଟାର ପୁରା ଜାଲିଆତି ହୋଇଛି। ନିର୍ଦ୍ଦେଶକ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରାଯାଇଥିବା ୨୦୦୫ ରୁ ୨୦୦୮ ପର୍ଯ୍ୟନ୍ତ ଟାବୁଲେଶନ ରେଜିଷ୍ଟାରରେ ନାମ ଥିବା ସମସ୍ତ ଛାତ୍ରୀଛାତ୍ରମାନେ ସମାନ ନାମରେ ଜିଲାର ଯାଜପୁର ରୋଡ ନିକଟରେ ଥିବା ଅଶୋକ କୁମାର ରାଉତ ମର୍ଣ୍ଣିଂ ମହାବିଦ୍ୟାଳୟରୁ ବିଭିନ୍ନ ବର୍ଷରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ଅଟନ୍ତି। ସେମାନଙ୍କ ନାମକୁ ଏପଟ ସେପଟ କରାଯାଇ ଟାବୁଲେଶନ ରେଜିଷ୍ଟାର ପ୍ରସ୍ତୁତ କରାଯାଇଛି। ସେହିପରି ଏହି କଲେଜ ପକ୍ଷରୁ ନିଯୁକ୍ତିରେ ବ୍ୟାପକ ଜାଲିଆତି କରାଯାଇଛି। ୨୦୧୧-୧୨ରେ ନିଯୁକ୍ତ ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀମାନେ ଜାଲ୍ କାଗଜପତ୍ର ପ୍ରଦାନ କରି ୨୦୦୦ମସିହାରେ ନିଯୁକ୍ତ ପାଇଥିବା ଦର୍ଶାଇ ୨୦୦୯ରୁ ସରକାରୀ ଅନୁଦାନ ହାତେଇଛନ୍ତି। ତତ୍କାଳୀନ ପରିଚାଳନା କମିଟିର ସଭାପତି ଓ ସମ୍ପାଦକ ପ୍ରମୁଖ ମିଳିମିଶି ଏପରି ଜାଲିଆତି କରିଥିବା ସନ୍ଦେହ କରାଯାଉଛି। ତେବେ ଅନୁଦାନ ସମୟରେ ଜିଲାସ୍ତରରେ ଜିଲାସ୍ତରୀୟ କମିଟି, ଆଞ୍ଚଳିକ ନିର୍ଦ୍ଦେଶକ ଉଚ୍ଚଶିକ୍ଷା ବିଭାଗ ଓ ନିର୍ଦ୍ଦେଶକ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଦସ୍ତାବିଜ ଯାଞ୍ଚ କରାଯାଇଥାଏ। ମାତ୍ର ଦାୟିତ୍ୱରେ ଥିବା ଅଧିକାରୀମାନେ ଏସବୁ ବିଷୟ ଜାଣି ପାରିଲେ ନାହିଁ ନାଁ ଆଖି ବୁଜି ଦେଇଛନ୍ତି ତାହା ଏବେ ତଦନ୍ତ ସାପେକ୍ଷ। ଜିଲାରେ ଏଭଳି ବହୁ ଘରୋଇ ଓ ସରକାରୀ ଅନୁଦାନପ୍ରାପ୍ତ କଲେଜଗଡ଼ିକ ଜାଲିଆତି କରି ସ୍ୱୀକୃତି ହାତେଇଥିବା ଜଣାପଡିଛି। ତେବେ ଏନେଇ କଲେଜ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ କୌଣସି ମତାମତ ମିଳିପାରି ନାହିଁ।



## ଷ୍ଟେଟ୍ ବ୍ୟାଙ୍କ ଗ୍ରାହକସେବା ବିପର୍ଯ୍ୟସ୍ତ

# ଏଟିଏମ୍ ଅଚଳ, ଗ୍ରାହକ ହଟହଟା

ଯାଜପୁର ରୋଡ,୨୨।୮(ନି.ପ୍ର)

ଯାଜପୁର ରୋଡରେ ଥିବା ଷ୍ଟେଟ ବ୍ୟାଙ୍କରେ କିଛିଦିନ ହେବ ଗ୍ରାହକ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଅଧିକାଂଶ ଏଟିଏମ୍ ଅଚଳ ହୋଇପଡିଛି। ବ୍ୟସ୍ତବହୁଳ ଚୋରଦା ଛକରେ ଥିବା ଷ୍ଟେଟବ୍ୟାଙ୍କ ଏଟିଏମ୍ କାଉଣ୍ଟର ୨ଟି ଦୀର୍ଘ ୫ବର୍ଷ ହେଲା ସ୍ଥାପନ କରାଯାଇଥିଲେ ମଧ୍ୟ ୨ଟିରୁ ଗୋଟିଏ ଚାଲିଥିବାବେଳେ ଅନ୍ୟଟି ଦୀର୍ଘଦିନ ହେଲା ବନ୍ଦ ପଡ଼ିରହିଛି। ଷ୍ଟେଟବ୍ୟାଙ୍କରେ ଜମାଖାତା ଖୋଲିବାକୁ ଗଲାବେଳେ ବ୍ୟାଙ୍କ କର୍ମଚାରୀ ଅସହଯୋଗ କରୁଥିବା ଅଭିଯୋଗ ହୋଇଛି। ଚାଷୀ, ଛାତ୍ରୀଛାତ୍ର, ବ୍ୟବସାୟୀଙ୍କୁ ଋଣ ମିଳୁ ନ ଥିବା କୁହାଯାଉଛି। ବ୍ୟାଙ୍କ କର୍ମଚାରୀମାନେ ଗ୍ରାହକଙ୍କ ପ୍ରତି ଦୁର୍ବ୍ୟବହାର କରୁଛନ୍ତି। ଅଧିକ ସମୟ ମୋବାଇଲରେ ବ୍ୟସ୍ତ ରହୁଛନ୍ତି। ଷ୍ଟେଟ ବ୍ୟାଙ୍କରେ ଲାଗିଥିବା ଜନସେବା ପାଇଁ ଗରମ ତାପ ନିୟନ୍ତ୍ରଣ ଯନ୍ତ୍ର ମେଶିନ ତଥା (ଏସି)ଗୁଡ଼ିକ ଅଚଳାବସ୍ଥାରେ ପଡିଛି। ଏ ସମ୍ପର୍କରେ ବ୍ୟାସନଗର ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ପ୍ରାମୋଦ କୁମାର ଦାସଙ୍କୁ ପଚାରିବାରୁ, ଗ୍ରାହକଙ୍କୁ ସେବା ଯୋଗାଇ ଦିଆଯାଉଛି। ଯାହା ସବୁ ଅବ୍ୟବସ୍ଥା ଅଛି ତୁରନ୍ତ ସମାଧାନ କରାଯିବ।

## ଧର୍ମଶାଳା ପ୍ରେସ୍ କ୍ଲବ ପରିସରରେ ଚାରାରୋପଣ

ଧର୍ମଶାଳା,୨୨।୮(ଡି.ଏନ୍.ଏ.) ଧର୍ମଶାଳା ପ୍ରେସ୍ କ୍ଲବ ପରିସରରେ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇନ୍ଦ୍ରମଣି ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ପରିବେଶବିତ୍ ଶ୍ରୀନିବାସ ଜେନା ଯୋଗଦେଇ ଚାରାରୋପଣ କରିବା ସହିତ ଏହାର ଉପକାରୀତା ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉପ ସଭାପତି ଗୁଲାମ ଗସ୍, ସହ ସମ୍ପାଦକ ସୀତାକାନ୍ତ ସାମଲ, ଅବିନେଶ୍ୱର ଶତପଥୀ ଓ ମାନସରଞ୍ଜନ ଜେନା ଯୋଗଦେଇ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଖିଳ କୁମାର ସ୍ୱାଇଁ, କପିଳେନ୍ଦ୍ର ରାଉତ, ସବ୍ୟସାଚୀ ବେହେରା, ଅକ୍ଷୟ କୁମାର ରାଉତ, ବିକ୍ରମ କେଶରୀ ମହାନ୍ତି, କ୍ଷୀରୋଦ କୁମାର ମୁଦୁଲି, ପ୍ରଶାନ୍ତ କୁମାର ଗନ୍ତାୟତ, ବିବେକାନନ୍ଦ ରାୟ, କିଶୋର କୁମାର ରାଉତ, ଅନିଲ କୁମାର ନାୟକ, ରଶ୍ମିରଞ୍ଜନ ରାୟ, ପ୍ରସନ୍ନ କୁମାର ପାଣି, ପ୍ରଭୁଦତ ଜେନା, ବିନୋଦ ବିହାରୀ ସାହୁ ଓ ରାମଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କିସମ ଯଥା ବଉଳ, ଦେବଦାରୁ, ଆକାଶି, ଅଶୋକ ଆଦି ଚାରା ରୋପଣ କରାଯାଇଥିଲା।

# ଯୁବପରିଷଦ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ




ଠାକୁରପାଟଣା ଯୁବ ପରିଷଦ ତରଫରୁ ବୃକ୍ଷରୋପଣ କରାଯାଉଛି।

ଯାଜପୁର ରୋଡ୍,୨୨।୮(ନି.ପ୍ର)

କୋରେଇ ବ୍ଲକ ଖମଣ ଗ୍ରାମ ପଞ୍ଚାୟତ ଠାକୁରପାଟଣା ଯୁବ ପରିଷଦ ତରଫରୁ ସ୍ୱଚ୍ଛଭାରତ ସମର ଇଣ୍ଟର୍ନସିପ କାର୍ଯ୍ୟକ୍ରମ ଉପଲକ୍ଷେ ଏକ ମେଗା ସଫେଇ କାର୍ଯ୍ୟକ୍ରମ କରାଯିବା ସହିତ ବୃକ୍ଷରୋପଣ କରାଯାଇଥିଲା। ସ୍ୱଚ୍ଛଭାରତ ସମର ଇଣ୍ଟର୍ନସିପ ପ୍ରୋଗ୍ରାମ ଉପଲକ୍ଷେ ନେହେରୁ ଯୁବକେନ୍ଦ୍ର ସଂଗଠନ, ଯାଜପୁର ଓ ଠାକୁରପାଟଣା ଯୁବପରିଷଦର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟକେନ୍ଦ୍ର, ଠାକୁରେଶ୍ୱର ମନ୍ଦିର ଏବଂ ଗ୍ରାମସ୍ଥିତ ପଶ୍ଚିମପଟ ଶ୍ମଶାନରେ ବୃକ୍ଷରୋପଣ ସହିତ ସଫେଇ କରାଯାଇଥିଲା। ଗ୍ରାମର ସ୍ୱଚ୍ଛତା ତଥା ସ୍ୱାସ୍ଥ୍ୟକୁ ଆଖିରେ ରଖି ଏହି କାର୍ଯ୍ୟକ୍ରମ କରାଯାଇଥିଲା। ପ୍ଲାଷ୍ଟିକ ବ୍ୟବହାର କିପରି ଜୀବଜଗତ ପାଇଁ କ୍ଷତିକାରକ ସେ ଦିଗରେ ଲୋକଙ୍କୁ ସଚେତନ କରାଯାଇଥିଲା। ପ୍ଲାଷ୍ଟିକ ବ୍ୟବହାର ବର୍ଜନ କରିବାକୁ ଲୋକଙ୍କୁ ଯୁବପରିଷଦ ତରଫରୁ ସଚେତନ ବାର୍ତ୍ତା ଦିଆଯାଇଥିଲା। ମେଡିକାଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ଏହି ସଫେଇ କାର୍ଯ୍ୟକ୍ରମରେ ଯୁବପରିଷଦର ବହୁ ଯୁବକ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଯୁବପରିଷଦ ସଭାପତି ପ୍ରଶାନ୍ତ କୁମାର ସାହୁ, ଉପସଭାପତି ଗୋପାଳ ଚନ୍ଦ୍ର ଦାସ, ସମ୍ପାଦକ ଉମାକାନ୍ତ ସାହୁ, ପରିଚାଳନା କମିଟି ସଭ୍ୟ ଦେବାଶିଷ ସାହୁ, ମାୟାଧର ସାହୁ, ଅବିନାଶ ସାହୁ, ପ୍ରଦୀପ ବାରିକ, ଉମାକାନ୍ତ ବିଦ୍ଧାଣି, ସୂର୍ଯ୍ୟକାନ୍ତ ସାହୁ, ନୟନଦୀପ୍ତ ବେହେରା ସଭ୍ୟ ସନ୍ତୋଷ ସାହୁ, ଦେବେନ୍ଦ୍ର ଦାସ, ପ୍ରଦୀପ କୁମାର ସାହୁ, ଅକ୍ଷୟ ପୃଷ୍ଟି, ରମାକାନ୍ତ ସାହୁ, ଉଦୟନାଥ ସାହୁ ପ୍ରମୁଖ ବହୁ ସଭ୍ୟ ସହଯୋଗ କରିଥିଲେ।

# ମା’ ମଙ୍ଗଳାଙ୍କ ଆଖି ତାଡ଼ି ନେଲେ ଦୁର୍ବୃତ୍ତ

କୋରେଇ,୨୨।୮(ସ୍ୱ.ପ୍ର)

ପାଣିକୋଇଲି ଥାନା ଚାନ୍ଦପୁର (ପରିଡାସାହି) ଗ୍ରାମରେ ଥିବା ମା’ ମଙ୍ଗଳାଙ୍କ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡ଼ିଛି। ସକାଳୁ ମନ୍ଦିର ପୂଜକ ମା’ଙ୍କ ପୂଜା କରିବାକୁ ଯିବାବେଳେ ତାଲା ଭଙ୍ଗାଯାଇ ମନ୍ଦିରରୁ ଚୋରି ହୋଇଥିବା ଦେଖବାକୁ ପାଇଥିଲେ। ଏହି ଖବର ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ ମନ୍ଦିର ନିକଟରେ ରୁଣ୍ଡ ହୋଇଥିଲେ। ମା’ଙ୍କ ଆଖି ଦୁର୍ବୃତ୍ତମାନେ ତାଡି ନେବା ସହ ମୁକୁଟ, ଚିତା ଓ ଘଣ୍ଟ ଚୋରି କରି ନେଇଛନ୍ତି। ଏ ନେଇ ପାଣିକୋଇଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୫୩/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

## ବ୍ଲକ ଅଧ୍ୟକ୍ଷା ପଦକୁ ନେଇ ଅସନ୍ତୋଷ

# ଭାଜପା ଛାଡ଼ିଲେ ୨ ସମିତି ସଭ୍ୟା, ପୂର୍ବତନ ସରପଞ୍ଚ

ରତ୍ନଗିରି,୨୧।୮(ଡିଏନଏ)

ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦ ବୁଧବାର ଭାଜପା ସମର୍ଥିତ ପ୍ରାର୍ଥୀ ହାତେଇ ନେଇଥିବାବେଳେ ଗୁରୁବାର ଭାଜପାକୁ ଲାଗିଛି ଶକ୍ତ ଧକ୍କା। ବ୍ଲକ ଅଧ୍ୟକ୍ଷା ପଦକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଛି। ଫଳରେ ଭାଜପା ସମର୍ଥିତ ଉଦୟନାଥପୁର ପଞ୍ଚାୟତର ସମିତି ସଭ୍ୟା ନିର୍ଝରିଣୀ ସାମଲ, ଏହି ପଞ୍ଚାୟତର ପୂର୍ବତନ ସରପଞ୍ଚ ଆର୍ତ୍ତବନ୍ଧୁ ସାମଲ ଓ ଅଟିରା ପଞ୍ଚାୟତର ସମିତି ସଭ୍ୟା ଅନ୍ନପୂର୍ଣ୍ଣା ମହାନ୍ତି ଗୁରୁବାର ବିଜେଡିରେ ଯୋଗଦାନ କରିଛନ୍ତି। ଉକ୍ତ ୨ ସମିତି ସଭ୍ୟ ଅଧ୍ୟକ୍ଷା ପଦ ପାଇଁ ଆଶାୟୀ ଥିଲେ ବୋଲି କୁହାଯାଉଛି। ସୂଚନା ଥାଉକି, ବୁଧବାର ବରୀ ବ୍ଲକ ଅଧ୍ୟକ୍ଷା ପଦ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଲ୍ଲୀପୁର ସମିତି ସଭ୍ୟା ଥିବା ଶୁଭାସିନୀ ନାଥଶର୍ମାଙ୍କୁ ଭାଜପା ପକ୍ଷରୁ ବ୍ଲକ ଅଧ୍ୟକ୍ଷା ଭାବେ ପ୍ରାର୍ଥୀ କରାଯାଇଥିଲା ଏବଂ ସେ ନିର୍ଦ୍ୱନ୍ଦ୍ୱରେ ବିଜୟ ଲାଭ କରିଥିଲେ। ଫଳରେ ଏହି ପଦ ପାଇଁ ଆଶାୟୀ ଥିବା ନିର୍ଝରିଣୀ, ଅନ୍ନପୂର୍ଣ୍ଣା ଓ ଆର୍ତ୍ତବନ୍ଧୁ ଗୁରୁବାର ଭାଜପା ଛାଡ଼ି ବରୀ ବିଧାୟିକା ସୁନନ୍ଦା ଦାସଙ୍କ ଉପସ୍ଥିତିରେ ବିଜେଡିରେ ମିଶିଥିବା ସୂଚନା ମିଳିଛି।

## ସାପ କାମୁଡ଼ାରେ ଔଷଧ ବ୍ୟବସାୟୀଙ୍କ ପରଲୋକ

ବରୀ,୨୨।୮(ସ୍ୱ.ପ୍ର)

ବରୀ ଥାନା ନରୁପୁର ଗ୍ରାମର ବରିଷ୍ଠ ଔଷଧ ବ୍ୟବସାୟୀ କାଶିନାଥ ମଲ୍ଲିକ (୬୫)ଙ୍କୁ ଗୁରୁବାର ସାପ କାମୁଡ଼ିବାରୁ ତାଙ୍କର ପରଲୋକ ହୋଇଯାଇଛି। ଜଣାଯାଇଛି ଯେ, ମଲ୍ଲିକ ସକାଳ ୮ଟାରେ ନିଜ ଚାଷଜମି ବୁଲିବାକୁ ଯାଇଥିଲାବେଳେ ସେଠାରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଙ୍କୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପୂର୍ବତନ ସହକାରୀ ପ୍ରଧାନ ଶିକ୍ଷକଙ୍କ ବିୟୋଗ

ଯାଜପୁର ଟାଉନ,୨୨।୮(ଡିଏନଏ)

ଯାଜପୁର ଜିଲା ସ୍କୁଲର ପୂର୍ବତନ ସହକାରୀ ପ୍ରଧାନଶିକ୍ଷକ ଶଶୀଭୂଷଣ ନନ୍ଦଙ୍କର ୮୦ ବର୍ଷ ବୟସରେ କଟକ ଏସ୍‌ସିବି ମେଡ଼ିକାଲରେ ଗୁରୁବାର ପରଲୋକ ହୋଇଯାଇଛି। କିଛିଦିନ ଧରି ସେ ବ୍ରେନ୍ ଷ୍ଟ୍ରୋକ୍‌ରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ନନ୍ଦ ଜଣେ ଆଦର୍ଶ, ଛାତ୍ରବତ୍ସଳ, ପ୍ରବୀଣ ଇଂଲିଶ ଶିକ୍ଷକ ଭାବେ ଜିଲାରେ ସୁନାମ ଅର୍ଜନ କରିଥିଲେ। ସ୍ୱର୍ଗତ ନନ୍ଦଙ୍କ ବିୟୋଗରେ ଯାଜପୁର ସମେତ ଆଖପାଖ ଗ୍ରାମଗୁଡ଼ିକରେ ଗଭୀର ଶୋକର ଛାୟା ଖେଳିଯାଇଛି । ତାଙ୍କର ମର ଶରୀରକୁ କଟକ ବଡ଼ ମେଡ଼ିକାଲରୁ ସ୍ୱର୍ଗରଥରେ ପଣାସ୍ଥିତ ବାସଭବନରେ ରଖାଯିବା ପରେ ଏକ ବିଶାଳ ଶୋଭାଯାତ୍ରାରେ ବାରୁଣୀ ପଡ଼ିଆସ୍ଥିତ ଶ୍ମଶାନକୁ ଅଣାଯାଇ ଶେଷକୃତ୍ୟ କରାଯାଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳର ଅନେକ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ଅତିରିକ୍ତ ଜିଲାପାଳଙ୍କ ଅଚାନକ ଦର୍ପଣ ତହସିଲ ଗସ୍ତ

# ୭ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ



ଅତିରିକ୍ତ ଜିଲାପାଳ ତହସିଲ ଗସ୍ତ କରି କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

ଯାଜପୁର ଟାଉନ,୨୨।୮(ଡିଏନଏ) ଯାଜପୁର ଅତିରିକ୍ତ ଜିଲାପାଳ ମିହିର କୁମାର ମହାନ୍ତି ଗୁରୁବାର ଅଚାନକ ଭାବେ ଦର୍ପଣ ତହସିଲ ଗସ୍ତ କରିଥିଲେ। ବିଭିନ୍ନ ରାଜସ୍ୱ ମାମଲାଗୁଡିକର ଫଇସଲା ସମ୍ପର୍କରେ ତଦନ୍ତ କରି ଅସନ୍ତୋଷ ପ୍ରକାଶ କରିବା ସହିତ ବିଭିନ୍ନ ରାଜସ୍ୱ ମାମଲାଗୁଡିକର ରେକର୍ଡ ସଂଶୋଧନ ନ ହୋଇ ପଡିରହିଥିବା ହେତୁ ରେକର୍ଡ କିପର ପ୍ରକାଶ ମିଶ୍ର, ବରିଷ୍ଠ ରାଜସ୍ୱ ସହାୟକ ସଂଗ୍ରାମଜିତ ପରିଡ଼ା, ଅମିନ ବିରଜା ପ୍ରସାଦ ରାୟ, ପ୍ରଫୁଲ୍ଲ କୁମାର ନାୟକଙ୍କ ସମେତ ବାଲିଚନ୍ଦ୍ରପୁର ଓ ବୈରୀ ରାଜସ୍ୱ ନିରୀକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି।

## ଭାଲୁ ଆକ୍ରମଣରେ ୫ ଆହତ

ଠାକୁରମୁଣ୍ଡା,୨୨।୮(ଡି.ଏନ୍.ଏ.) ମୟୂରଭଞ୍ଜ ଜିଲା ସାତକୋଶିଆ ରେଞ୍ଜ ଅନ୍ତର୍ଗତ ମହୁଲଡ଼ିହା ପଞ୍ଚାୟତର କୋଇଲିପାଳ ଗ୍ରାମ ନିକଟ ଜଙ୍ଗଲରେ ଗୁରୁବାର ସକାଳେ ଏକ ଭାଲୁ ଆକ୍ରମଣରେ ୫ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଗୁରା ପୂର୍ତ୍ତି, ମଙ୍ଗୁଲୁ ଶୁଣ୍ଡି, ଜଗବନ୍ଧୁ ପୂର୍ତ୍ତି, ସାନଗି ପୂର୍ତ୍ତି ଓ ପାତର ପୂର୍ତ୍ତି। ଗୁରା ଓ ମଙ୍ଗୁଲୁଙ୍କ ଅବସ୍ଥା ଗୁରୁତର ରହିଛି। ଚିକିତ୍ସାପାଇଁ ସମସ୍ତଙ୍କୁ ଠାକୁରମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସକାଳେ ମଙ୍ଗୁଲୁ ଜଙ୍ଗଲକୁ ଯାଇଥିବା ବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସେ ଚିତ୍କାର କରିବାରୁ ନିକଟରେ ଥିବା ସେହି ଗ୍ରାମର କେତେକ ଲୋକ ତାଙ୍କୁ ଭାଲୁ କବଳରୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ମାତ୍ର ହିଂସ୍ର ଭାଲୁଟି ଆକ୍ରମଣ କରି ୫ ଜଣଙ୍କୁ ଘାଇଲା କରି ପକାଇଥିଲା। ସେମାନଙ୍କର ହାତ, ଗୋଡ, ଛାତିକୁ ଭାଲୁ କାମୁଡି କ୍ଷତାକ୍ତ କରିଛି।

## ସରକାରୀ କର୍ମଚାରୀଙ୍କୁ ଜିଲାପାଳଙ୍କ ଚେତାବନୀ

# ‘କାମ କର ନଚେତ୍ ଚାକିରି ଛାଡ଼’

ଯାଜପୁର ଟାଉନ,୨୨।୮(ଡିଏନଏ)

‘ସରକାରୀ କର୍ମଚାରୀଭାବେ କାର୍ଯ୍ୟରେ ଯୋଗ ଦେଇଛ ମାନେ କାମ କରିବାକୁ ହିଁ ପଡ଼ିବ। ନିଜ ଦାୟିତ୍ୱକୁ ଠିକ୍‌ଭାବେ ନିର୍ବାହ ନ କଲେ ସରକାରୀ ତହବିଲରୁ ଦରମା ନେବା ଆଉ ଚଳିବ ନାହିଁ।’ ସରକାରୀ କର୍ମଚାରୀଙ୍କୁ ଏଭଳି ରୋକଠୋକ ଶୁଣାଇଛନ୍ତି ଜିଲାପାଳ ରଞ୍ଜନ କୁମାର ଦାସ। ବିଭିନ୍ନ ବିଭାଗ କାର୍ଯ୍ୟକୁ ଅନୁଧ୍ୟାନ କରିବା ପରେ ଜିଲାପାଳ ଦାସ ଓ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ କେତେଜଣ କର୍ମଚାରୀ କାମରେ ଖିଲାପ କରି ଲୋକଙ୍କୁ ଭଣ୍ଡାଉଥିବା ସୂଚନା ପାଇବା ପରେ ଚେତାବନୀ ଦେଇଛନ୍ତି। ସେହି ଆଧାରରେ ପୂର୍ବରୁ ପଞ୍ଚାୟତିରାଜ ବିଭାଗର କିଛି କର୍ମଚାରୀଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ୫-ଟିର ମନ୍ତ୍ର ପଢାଇ ଜିଲାପାଳ ଦାସ ତାଗିଦ କରିଥିଲେ। ଏପରିକି କର୍ମଚାରୀମାନେ ଘୋଷଣାନାମା ଦେଇଥିଲେ ଯେ, ସେମାନେ ଭଲ କାର୍ଯ୍ୟ କରି ଦେଖାଇବେ। ନଚେତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗୁରୁବାର ନିଜ ଦାୟିତ୍ୱ ଠିକ୍‌ଭାବେ ନିର୍ବାହ କରୁ ନ ଥିବା ୨୫ଜଣ ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ଜିଲାପାଳ କାର୍ଯ୍ୟାଳୟକୁ ଡାକି ତାଗିଦ କରିଛନ୍ତି। ନିଜ କାର୍ଯ୍ୟରେ ଉନ୍ନତି କର, ନଚେତ୍ ସ୍ୱେଚ୍ଛାକୃତ ଅବସର ନିଅ ନ ହେଲେ ବହିଷ୍କୃତ ହୁଅ ବୋଲି କର୍ମଚାରୀଙ୍କୁ ଶୁଣାଇ ଦେଇଥିଲେ। ଏହାପରେ ସମସ୍ତ କର୍ମଚାରୀ ଠିକ୍‌ଭାବେ କାର୍ଯ୍ୟ କରିବେ ଓ ସରକାରଙ୍କ ୫-ଟି ସୂତ୍ର ଅନୁଯାୟୀ ସାଧାରଣ ଜନତାଙ୍କୁ ଉତ୍କୃଷ୍ଟ ସେବା ଯୋଗାଇଦେବେ ବୋଲି ଘୋଷଣାନାମା ପ୍ରଦାନ କରିଥିବା ଜଣାପଡ଼ିଛି। ପ୍ରତ୍ୟେକ କର୍ମଚାରୀ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପନ୍ନ ନ କଲେ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ଜିଲାପାଳ ଦାସ ଜିଲାର ସମସ୍ତ କର୍ମଚାରୀଙ୍କୁ ତାଗିଦ କରିଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସଂସ୍ଥାଧିକାରୀ ତିଳୋତ୍ତମା ପୃଷ୍ଟି ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ

ରାଜକନିକା, ୨୨।୮ (ଡି.ଏନ୍.ଏ.): ରାଜକନିକା ଥାନା ଅଧୀନ ଚରପଡା ପଞ୍ଚାୟତର ସମିତିସଭ୍ୟା ମଧୁସ୍ମିତା ଦାସଙ୍କ ସ୍ୱାମୀ ଜଗନ୍ନାଥ ଦାସ (୩୨)ଙ୍କ ଗୁରୁବାର ଅପରାହ୍ନରେ ବଜ୍ରପାତ ଘଟି ମୃତ୍ୟୁ ହୋଇଛି। ଅପରାହ୍ନ ପ୍ରାୟ ୧ଟା ବେଳେ ସେ ବିଲରେ ଚାଷ କାର୍ଯ୍ୟ କରୁଥିଲେ। ଏହି ସମୟରେ ବର୍ଷା ସହ ବଜ୍ରପାତ ହୋଇଥିଲା। ସେ ବିଲରେ ଚେତାଶୂନ୍ୟ ହୋଇପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଗନ୍ନାଥଙ୍କ ପରିବାରକୁ ସମସ୍ତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନାଥାଉ କି, ଗତ ୧୧ ତାରିଖ ଅପରାହ୍ନ ୧ଟା ବେଳେ କୋଇଲିପୁର ଗ୍ରାମର ଗୋଲେଖ ସ୍ୱାଇଁ (୪୨)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିଲା।

### ସିଙ୍ଗିରି ବଜାରରେ ବ୍ୟାରିକେଡ୍ ଉଦ୍‌ଘାଟିତ

ଆଳି, ୨୨।୮ (ଡି.ଏନ୍.ଏ.): କଟକ-ଚାନ୍ଦବାଲି ରାଜରାସ୍ତାରେ ଦିନକୁ ଦିନ ଦୁର୍ଘଟଣା ବଢୁଛି। ଦୁର୍ଘଟଣା ରୋକିବା ପାଇଁ ଏହି ରାସ୍ତାର ଆଳି ବ୍ଲକ ଅଧୀନ ମେଣ୍ଢପୁର ପଞ୍ଚାୟତ, କୋଳିଡିହ, ବାଳକାଟି ଆଦି ପଞ୍ଚାୟତ ପକ୍ଷରୁ ବ୍ୟାରିକେଡ୍ ନିର୍ମାଣ କରାଯାଇଥିବା ବେଳେ ଇତିମଧ୍ୟରେ ସିଙ୍ଗିରି ବଜାରଠାରେ ଏକ ବ୍ୟାରିକେଡ୍ ଉଦ୍‌ଘାଟନ କରାଯାଇଛି। ସିଙ୍ଗିରିଠାରେ ଥିବା କାମଦେବ ସାଧନା ପବ୍ଲିକ ସ୍କୁଲ ପକ୍ଷରୁ ଏହି ବ୍ୟାରିକେଡ ରଖାଯାଇଥିବା ବେଳେ ଆଳି ଆଇଆଇସି ସଲିଳ କୁମାର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଆଳି ଥାନା ଏଏସ୍ଆଇ ଭଗବାନ ମାଝି, ୩ ନଂ. ଜୋନ ଜିଲାପରିଷଦ ସଭ୍ୟ ସୁମନ୍ତ ରାଉତ, ପତ୍ରପୁର ସରପଞ୍ଚଙ୍କ ପ୍ରତିନିଧି ସୁବ୍ରତ ବେହୁରା, କାମଦେବ ସାଧନା ପବ୍ଲିକ ସ୍କୁଲ ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ କୁଣ୍ଡ, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ସନତ ଦାସ, ରବୀନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରୀଛାତ୍ର ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଲେଖା ଥିବା ପ୍ଲା କାର୍ଡ ଧରି ଲୋକମାନଙ୍କୁ ସଚେତନ କରାଇଥିଲେ।

### ବିଭିନ୍ନ ଦାବିରେ ଶ୍ରମିକ ସଂଘର ବିକ୍ଷୋଭ

କେନ୍ଦ୍ରାପଡ଼ା ଅଫିସ୍, ୨୨।୮: ଓଡ଼ିଶା କନଷ୍ଟ୍ରକଶନ ୱାର୍କର୍ସ ୟୁନିୟନ ପକ୍ଷରୁ ବିଭିନ୍ନ ଦାବିରେ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ଓ ଅନ୍ୟାନ୍ୟ ବୋର୍ଡ ଅନୁମୋଦିତ ଆର୍ଥିକ ସୁବିଧା ପ୍ରଦାନ କ୍ଷେତ୍ରରେ ଅହେତୁକ ବିଳମ୍ବ ହେଉଥିବା ସଂଘ ପକ୍ଷରୁ କୁହାଯାଇଛି। ବିଭିନ୍ନ ଦାବି ମଧ୍ୟରେ ୨୦୧୭ ଜୁନ୍ ୨୪ ତାରିଖରୁ ରେଜିଷ୍ଟର୍ଡ ନିର୍ମାଣ ଶ୍ରମିକଙ୍କୁ ଅଦ୍ୟାବଧି ପରିଚୟ ପତ୍ର ନ ମିଳିବା, ଗତ ୨ ଆର୍ଥିକ ବର୍ଷ ମଧ୍ୟରେ ସାଇକେଲ ପାଇଁ ପ୍ରୋତ୍ସାହନ ରାଶି ନ ମିଳିବା, ମୃତ୍ୟୁକାଳୀନ ସହାୟତା ରାଶି ଆବେଦନ ପତ୍ର ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅଫିସରେ ପଡି ରହିବା ଆଦି ଅନ୍ୟାନ୍ୟ ଦାବି ଉପସ୍ଥାପନ କରିଥିଲେ। ତୁରନ୍ତ ପଦକ୍ଷେପ ନେଇ ଏହି ଦାବିଗୁଡିକୁ ବିଚାର କରିବା ପାଇଁ ଓସିଡବ୍ଲ୍ୟୁ ରାଜ୍ୟ ସଭାପତି ଜଗତ୍‌ଜୀବନ ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜିଲା ସଭାପତି ଧନେଶ୍ୱର ରାଉତ, ଜିଲା ସମ୍ପାଦକ ଅଜିତ କୁମାର ପରିଡ଼ା, ମାଧବ ଦାସ, ଅର୍ଜୁନ ସାହୁ, ରମେଶ ମଳିକ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## ■ ଜିଲାରେ ବସୁନ୍ଧରା ଯୋଜନା ବାଟବଣା

# ଅନୁପ୍ରବେଶକାରୀଙ୍କୁ ମିଳିଛି ସରକାରୀ ଜମି

କେନ୍ଦ୍ରାପଡା ଅଫିସ, ୨୨।୮

କେନ୍ଦ୍ରାପଡ଼ା ଜିଲାରେ ଅନୁପ୍ରବେଶ ମୁଖ୍ୟ ସମସ୍ୟା ପାଲଟିଥିବା ବେଳେ ସାଧାରଣ ଲୋକେ ଏଥିଯୋଗୁ କ୍ଷତିଗ୍ରସ୍ତ ହେଉଛନ୍ତି। ଅନୁପ୍ରବେଶକାରୀମାନେ ଜବରଦଖଲ କରିବା ସହ ଜିଲାରେ ଆଧିପତ୍ୟ ବିସ୍ତାର କରିଥିବା ବେଳେ ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହେଉଛନ୍ତି। ତେବେ ଜିଲାର ଅନେକ ଯୋଗ୍ୟ ହିତାଧିକାରୀ ବହୁ ସରକାରୀ ଯୋଜନାରୁ ବଞ୍ଚିତ ହେବା ସହ ଯୋଜନାରେ ସାମିଲ ହେବା ପାଇଁ ଦଲାଲଙ୍କୁ ଟଙ୍କା ଦେଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଭୂମିହୀନଙ୍କୁ ଜମି ପଟ୍ଟା ଦେଇ ସ୍ଥାୟୀ ବସବାସ ନିମନ୍ତେ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାର ଆରମ୍ଭ କରିଥିବା ବସୁନ୍ଧରା ଯୋଜନା କେନ୍ଦ୍ରାପଡ଼ା ଜିଲାରେ ବାଟବଣା ହୋଇଛି। ଯୋଗ୍ୟ ହିତାଧିକାରୀଙ୍କ ପରିବର୍ତ୍ତେ ବହୁ ଅନୁପ୍ରବେଶକାରୀଙ୍କୁ ଏହି ଯୋଜନାରେ ସରକାରୀ ଜମି ପ୍ରଦାନ କରାଯାଇଛି ବୋଲି ଜିଲାର ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

**ଜିଲା ପ୍ରଶାସନର ରିପୋର୍ଟ**

*ଗତ ଜୁଲାଇ ଶେଷ ସୁଦ୍ଧା ବସୁନ୍ଧରା ଯୋଜନାରେ ଜିଲା ପ୍ରଶାସନ ପକ୍ଷରୁ ଆଳି ବ୍ଲକ ଅଞ୍ଚଳର ୪୧୯ ଜଣଙ୍କୁ ୧୪.୮୨୧ ଏକର ଜମି ପ୍ରଦାନ କରାଯାଇଛି। ସେହିପରି ଡେରାବିଶ ବ୍ଲକ ଅଞ୍ଚଳରେ ୧୫୧ ଜଣଙ୍କୁ ୫.୬୮୦ ଏକର, ଗରଦପୁରରେ ୨୧୭ ଜଣଙ୍କୁ ୮.୬୮୦ ଏକର, ରାଜକନିକାରେ ୫୮୩ ଜଣଙ୍କୁ ୧୯୮.୬୯୦ ଏକର, କେନ୍ଦ୍ରାପଡ଼ାରେ ୩୯୩ ଜଣଙ୍କୁ ୨୬.୫୦୧ ଏକର, ମାର୍ଶାଘାଇରେ ୭୫୯ ଜଣଙ୍କୁ ୨୬.୫୦୧ ଏକର, ମହାକାଳପଡାରେ ୧୪୬୫ ଜଣଙ୍କୁ ୧୧୧.୨୯୦ ଏକର, ପଟ୍ଟାମୁଣ୍ଡାଇରେ ୮୨୨ ଜଣଙ୍କୁ ୩୧.୭୮୦ ଏକର ଓ ରାଜନଗର ବ୍ଲକ ଅଞ୍ଚଳରେ ୫୨୨ ଜଣଙ୍କୁ ୨୦.୮୨୦ ଏକର ଜମି ପ୍ରଦାନ କରାଯାଇଛି।*

- ■ ଅନେକ ଭୂମିହୀନଙ୍କୁ ଯୋଜନାରେ ସାମିଲ କରାଯାଇନାହିଁ
- ■ କେତେଜଣ ହିତାଧିକାରୀ ଦଲାଲଙ୍କୁ ଟଙ୍କା ଦେଇ ହତାଶ
- ■ କେତେକଙ୍କୁ ଜାଲ୍ ପଟ୍ଟା, ପାଉତି ମିଳିଥିବା ଅଭିଯୋଗ

୨୦୧୧ ଜନଗଣନା ଅନୁଯାୟୀ ଜିଲାରେ ମୋଟ ୨,୫୧୨ ଭୂମିହୀନ ଥିବା ବେଳେ ଗତ ଜୁଲାଇ ଶେଷ ସୁଦ୍ଧା ବସୁନ୍ଧରା ଯୋଜନାରେ ୫,୩୩୧ ଜଣ ସାମିଲ ହୋଇସାରିଲେଣି। ସେମାନଙ୍କୁ ୪୪୫.୫୨୪ ଏକର ଜମି ପ୍ରଦାନ କରାଯାଇଛି। ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ହିତାଧିକାରୀଙ୍କ ସଂଖ୍ୟା ଅଧିକ ରହିଛି। ହେଲେ ଜିଲାର ଅନେକ ଭୂମିହୀନ ପରିବାର ବସୁନ୍ଧରା ଯୋଜନାରେ ସ୍ଥାୟୀ ଜମି ପଟ୍ଟା ପାଇଁ ଜିଲା ଓ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇ ନିରାଶ ହେଉଥିବା ବେଳେ କେତେଜଣ ଦଲାଲଙ୍କ ହାବୁଡ଼ରେ ପଡ଼ି ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ମହାକାଳପଡ଼ା ବ୍ଲକ ଜମ୍ବୁ ଅଞ୍ଚଳର ଜନୈକ ବ୍ୟକ୍ତି ଏଭଳି ଅଭିଯୋଗ ଆଣିଛନ୍ତି। ତାଙ୍କ କହିବା ଅନୁସାରେ, ସେ ଜମି ପାଇଁ ଆବେଦନ କରିବାକୁ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ଜନୈକ ଆର୍‌ଆଇ ତାଙ୍କୁ ଜମି ପଟ୍ଟା ଯୋଗାଇ ଦେବାକୁ କହି ପ୍ରାୟ ଏକ ଲକ୍ଷ ଟଙ୍କା ନେଇଛନ୍ତି। ପ୍ରଥମେ ୭୦ ହଜାର ଟଙ୍କା ନେଇ ପଟ୍ଟା ଦେଇଥିଲେ। ପରେ ୨୦ ହଜାର ଟଙ୍କା ନେଇ ପାଉତି କାଟିଲେ। ମାତ୍ର ତନାଘନା ପରେ ଏହି ପଟ୍ଟା ଓ ପାଉତି ମିଥ୍ୟା ବୋଲି ଜଣାପଡିଛି। ଏ ନେଇ ଥାନାରେ ଅଭିଯୋଗ କଲେ ରଖାଯାଉନାହିଁ। ସେହିପରି ବ୍ଲକ ଓ ଜିଲା ପ୍ରଶାସନକୁ ଜଣାଇଲେ ମଧ୍ୟ ସୁଫଳ ମିଳୁନି ବୋଲି ଅଭିଯୋଗକାରୀ କହିଛନ୍ତି।

୨୦୦୬ରୁ ରାଜ୍ୟ ସରକାର ବସୁନ୍ଧରା ଯୋଜନା ଆରମ୍ଭ କରିଛନ୍ତି। କିନ୍ତୁ ଜମି ପ୍ରଦାନରେ ଅହେତୁକ ବିଳମ୍ବ ହେଉଥିବା ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ସରକାରଙ୍କ ଏହି ଯୋଜନା ଭୂମିହୀନ ବ୍ୟକ୍ତିଙ୍କ ପାଇଁ ବରଦାନ ସଦୃଶ। କିନ୍ତୁ ବହୁ ଭୂମିହୀନ ବାରମ୍ବାର ବ୍ଲକ ଓ ଜିଲା ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଏହାର ସୁଫଳ ପାଇପାରୁନାହାନ୍ତି। କେତେକ କ୍ଷେତ୍ରରେ ଧନୀ ବ୍ୟକ୍ତି ସରକାରୀ ଅଧିକାରୀଙ୍କୁ ହାତବାରିସୀ କରି ବସୁନ୍ଧରା ଯୋଜନାରେ ଜମି ପାଇଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ୨୦୧୭ରେ ତୃତୀୟ ଲିଙ୍ଗଙ୍କୁ ବସୁନ୍ଧରା ଯୋଜନାରେ ସାମିଲ ପାଇଁ ଚିଠି ହୋଇଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ଅଦ୍ୟାବଧି ଜଣଙ୍କୁ ବି ଜମି ଯୋଗାଇ ଦିଆଯାଇନାହିଁ। ଓଡ଼ିଶା ସୂଚନା ଅଧିକାର ଅଭିଯାନର ଜିଲା ଆବାହକ ରଞ୍ଜନ କୁମାର ଦାସ ବସୁନ୍ଧରା ଯୋଜନାରେ ବହୁ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ୨୦୧୧ ଜନଗଣନାରେ ଜିଲାର ୨୫୧୨ ଜଣ ଭୂମିହୀନ ଥିବା ଦର୍ଶାଯାଇଛି। ତେବେ ଇତିମଧ୍ୟରେ କେବଳ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୧୪୬୫ ଜଣଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରାଯାଇଥିବା ବେଳେ ପ୍ରତି ମାସରେ ରାଜନଗର ବ୍ଲକ ଅଞ୍ଚଳର ବ୍ୟକ୍ତିମାନେ ଏହି ଯୋଜନାରେ ସାମିଲ ହେଉଛନ୍ତି। ଏହି ଦୁଇ ବ୍ଲକରେ ବିଭିନ୍ନ ସମୟରେ ଜାଲ୍ ପଟ୍ଟା ଓ ପାଉତି ପ୍ରଦାନ କରାଯାଉଥିବା ମଧ୍ୟ ଅଭିଯୋଗ ହେଉଛି। ଏଥିରୁ ଜଙ୍ଗଲ ଜମି ମଧ୍ୟ ବାଦ୍ ପଡୁ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ବସୁନ୍ଧରା ଯୋଜନାରେ ପ୍ରଦାନ କରାଯାଇଥିବା ପଟ୍ଟାର ସରଜମିନ ତଦନ୍ତ କଲେ ଅନୁପ୍ରବେଶକାରୀ ଓ ସରକାରୀ ଅଫିସରଙ୍କ ସମ୍ପର୍କରେ ବହୁ କେଳେଙ୍କାରୀ ପଦାକୁ ଆସିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ଯୋଜନା କାର୍ଯ୍ୟକାରୀରେ ବିଭିନ୍ନ ସମସ୍ୟା ପଥରୋଧ କରୁଛି। କର୍ମଚାରୀ ଅଭାବ ତୃଣମୂଳସ୍ତରରେ ବସୁନ୍ଧରା ଯୋଜନାକୁ ରୋକୁଛି। ତେବେ କେନ୍ଦ୍ରାପଡା ଜିଲାରେ ଏହା ଠିକ୍ ଢଙ୍ଗରେ ଚାଲିଛି ବୋଲି କହିଛନ୍ତି।

## ■ ଟ୍ରକ୍ ଲୁଟେରାକୁ ଥାନାରୁ ଛାଡ଼ିଦେବା ମାମଲା

# ଏସ୍‌ପିଙ୍କୁ ଭେଟିଲା ପାରାଦୀପ ଟ୍ରକ୍ ମାଲିକ ସଂଘ

କେନ୍ଦ୍ରାପଡା ଅଫିସ, ୨୨।୮

ସଦର ଥାନା ପୋଲିସ ଲାଞ୍ଚ ନେଇ ଜନୈକ ଲୁଟେରାଙ୍କୁ ଛାଡ଼ିଦେବା ଘଟଣାକୁ ବିରୋଧ କରି ଗୁରୁବାର ପାରାଦୀପ ଟ୍ରକ ମାଲିକ ସଂଘ ସଦସ୍ୟ କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସଂଘ ଉପ ସଭାପତି ଶାରଦା ପ୍ରସନ୍ନ ରାଉତଙ୍କ ସମେତ ପ୍ରତାପ କୁମାର ସ୍ୱାଇଁ, ଯୋଗେନ୍ଦ୍ର ଦାସ, ପଦାରବିନ୍ଦ ସ୍ୱାଇଁ, ଜୟପ୍ରକାଶ ସାହୁ, ମୀର ଅବଦୁଲ ମୁରଶିକ ପ୍ରମୁଖ ଏସପି ନୀତିଶେଖରଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ସୂଚନାଥାଉ କି, ଗତ ଶନିବାର ସଦର ଥାନା ଅଧୀନ ଆର୍‌ଟିଓ ଅଫିସ ସମ୍ମୁଖରୁ ପାରାଦୀପ ଟ୍ରକ ମାଲିକ ସଂଘର ସଦସ୍ୟମାନେ ଜଣେ ଲୁଟେରାକୁ ଧରି ପୋଲିସ ଜିମା ଦେଇଥିଲେ। ଲୁଟେରା ଜଣକ ହେଲେ ଡେରାବିଶ ଥାନା ଚାଟରାଶାସନ ଗ୍ରାମର ବିଶ୍ୱରଞ୍ଜନ ମଲ୍ଲିକ। ତେବେ ପୋଲିସ ବିଶ୍ୱରଞ୍ଜନଙ୍କୁ ଠାରୁ ଲାଞ୍ଚ ନେଇ ତାଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଥିଲା। ଏ ନେଇ ସୋମବାର ଧରିତ୍ରୀରେ ପ୍ରକାଶ ପାଇବା ପରେ ବୁଧବାର ରାତିରେ ପୋଲିସ ବିଶ୍ୱରଞ୍ଜନଙ୍କୁ ଧରି ୨୩୪/୧୯ ନଂ.ରେ ମାମଲା ରୁଜୁ କରିବା ସହ ଗୁରୁବାର କୋର୍ଟ ଚାଲାଣ କରିଛନ୍ତି।

## ■ ଅଧ୍ୟକ୍ଷଙ୍କ ବଦଳି ଦାବିରେ ଛାତ୍ରୀଛାତ୍ରଙ୍କ ଅନଶନ ୪ର୍ଥ ଦିନରେ ପହଞ୍ଚିଲା

# ଅନଶନକୁ ବିରୋଧକରି ଧାରଣା

ରାଜକନିକା, ୨୨।୮ (ଡି.ଏନ୍.ଏ.)

ରାଜକନିକା ବ୍ଲକସ୍ଥିତ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟରେ ଡ୍ରେସ୍ କୋଡ୍ ଉପରେ ଓ୍ୱେଷ୍ଟ କୋଟ ଓ ଟାଇ ବାନ୍ଧିବାକୁ ବିରୋଧ କରିବା ସହ ଦୁର୍ବ୍ୟବହାର କରିଥିବା ଅଧ୍ୟକ୍ଷଙ୍କ ବଦଳି ଦାବି କରିଛନ୍ତି ଛାତ୍ରୀଛାତ୍ର। ଏ ଦେଇ ଗତ ୪ ଦିନ ହେବ କଲେଜ ଗେଟ୍ ସମ୍ମୁଖରେ ଆମରଣ ଅନଶନ ଜାରି ରହିଛି। ତେବେ ଏହି ଅନଶନକୁ ବିରୋଧ କରି କଲେଜର ଅନ୍ୟ ଏକ ଛାତ୍ର ଗୋଷ୍ଠୀ ଗୁରୁବାରଠାରୁ କଲେଜର ଅନ୍ୟ ଏକ ଗେଟ୍ ଆଗରେ ଧାରଣା ଦେଇଛନ୍ତି। ଏ ନେଇ କଲେଜ ପରିସରରେ ଆଶାନ୍ତ ବାତାବରଣ ସୃଷ୍ଟି ହୋଇଛି।



ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

ପରିଚାଳନା କମିଟି ଅଧ୍ୟକ୍ଷ ତଥା ଉପ ଜିଲାପାଳ ଗୁରୁବାର ଅନଶନରତ ଛାତ୍ରୀଛାତ୍ରଙ୍କୁ ଭେଟି ଆଲୋଚନା କରିଥିଲେ ବି ସମସ୍ୟାର କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଏଥିସହ କଲେଜର କେତେଜଣ ଅଧ୍ୟାପକ ମଧ୍ୟ ଅନଶନରତ ଛାତ୍ରୀଛାତ୍ରଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ଆଉ ଏକ ଗୋଷ୍ଠୀର ଛାତ୍ରମାନେ କଲେଜ ଅଧ୍ୟକ୍ଷଙ୍କ ସପକ୍ଷରେ ବାହାରି ଧାରଣା ଦେଇଛନ୍ତି। ଏଭଳି ଅଶାନ୍ତ ବାତାବରଣକୁ ପ୍ରଶମିତ କରିବା ପାଇଁ ପ୍ରଶାସନ କିମ୍ବା ପରିଚାଳନା କମିଟି ପକ୍ଷରୁ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନିଆଯାଉନାହିଁ। ଯାହାଫଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

ସୂଚନାଯୋଗ୍ୟ, ଛାତ୍ରୀଛାତ୍ରମାନେ ଡ୍ରେସ୍ କୋଡ଼ ସହ ବ୍ଲେଜର ପିନ୍ଧିବା ପାଇଁ କଲେଜ କର୍ତ୍ତୃପକ୍ଷ ବାଧ୍ୟ କରିଥିଲେ। ଏହାକୁ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଛାତ୍ର ବିରୋଧ କରିଥିଲେ। ଏ ନେଇ କଲେଜରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଛାତ୍ରୀଛାତ୍ର କଲେଜ ଗେଟ୍‌ରେ ତାଲା ପକାଇଦେଇଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି କଲେଜ କର୍ତ୍ତୃପକ୍ଷ କଲେଜରେ ଗତ ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ସାଇନ-ଏ-ଡାଏ ଘୋଷଣା କରିଥିଲେ। ମାତ୍ର ୧୭ ତାରିଖଠାରୁ ଅଧ୍ୟକ୍ଷଙ୍କ ବଦଳି ଦାବିରେ ଛାତ୍ରୀଛାତ୍ରମାନେ କଲେଜ ସମ୍ମୁଖରେ ଅନଶନରେ ବସିଛନ୍ତି।

## କ୍ଷମତା ଏକ୍ସପ୍ରେସ୍ ସଚେତନତା ରଥ ପରିକ୍ରମା



ଜମ୍ବୁ ପଞ୍ଚାୟତରେ ସଚେତନତା ରଥ କ୍ଷମତା ଏକ୍ସପ୍ରେସ ପରିକ୍ରମା କରୁଛି।

ମହାକାଳପଡା, ୨୨।୮ (ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପରିକ୍ରମା କରୁଥିବା 'କ୍ଷମତା ଏକ୍ସପ୍ରେସ' ସଚେତନତା ରଥ ଗୁରୁବାର ମହାକାଳପଡ଼ା ବ୍ଲକର ଜମ୍ବୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏହି ଅବସରରେ ଭିନ୍ନକ୍ଷମ, ଭିକ୍ଷୁକ, କିନ୍ନର, ବିଧବା, ବୃଦ୍ଧ ଓ ବାମନ ଆଦି ୧୩୬ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଚିହ୍ନଟ କରାଯିବା ସହ ଚିକିତ୍ସା କରାଯାଇ ଔଷଧ ଓ ଆନୁଷଙ୍ଗିକ ଯନ୍ତ୍ରପାତି ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଚେତନତା ଶିବିରରେ ସରକାରଙ୍କ ବିଭିନ୍ନ ଯୋଜନାରେ ଉପରୋକ୍ତ ହିତାଧିକାରୀଙ୍କୁ ସାମିଲ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଡିଓ ରମେଶ ଚନ୍ଦ୍ର ସେଠୀ ଶିବିର ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୧୩୬ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ଶିବିର ପରିଚାଳନା କରିଥିଲେ।

## ନନ୍ତାରରେ ସ୍ୱାସ୍ଥ୍ୟ ଶିବିର

ମହାକାଳପଡା, ୨୨।୮ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ଅଧୀନ ବାରଡ଼ାଙ୍ଗ ପଞ୍ଚାୟତର ନନ୍ତାର ଗ୍ରାମ ଦଳିତସାହିଠାରେ ଗୁରୁବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ପାରାଦୀପସ୍ଥିତ ଇଫ୍‌କୋ ଓ ଆଇଏମ୍ଏଫ୍‌ଡିସି ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ୧୨୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ଡା. ବିଷ୍ଣୁପ୍ରସାଦ ପ୍ରଧାନ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରକୁ ଆଇଏମ୍ଏଫ୍‌ଡିସିର କ୍ଷେତ୍ର ଅଧିକାରିଣୀ ଗୀତାଞ୍ଜଳି ପାଇଟାଳ ଓ ଅଜୟ କୁମାର ବଳବନ୍ତରାୟ ପରିଚାଳନା କରିଥିଲେ।

## ■ ୨୪ରୁ ରାଜ୍ୟସ୍ତରୀୟ ପ୍ରତିଭା ଚୟନ

# ଜିଲାର ୪୭ ଛାତୀଛାତ୍ର ମନୋନୀତ

କେନ୍ଦ୍ରାପଡା ଅଫିସ, ୨୨।୮

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ବିଭିନ୍ନ ଜିଲାରେ ଥିବା କ୍ରୀଡ଼ା ଛାତ୍ରାବାସରେ ନାମ ଲେଖାଇବା ପାଇଁ ଆସନ୍ତା ଅଗଷ୍ଟ ୨୪ରୁ ୨୭ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ପ୍ରତିଭା ଚୟନ ହେବ। ଏଥିରେ ଭାଗନେବା ପାଇଁ କେନ୍ଦ୍ରାପଡ଼ା ଜିଲାର ୪୭ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ଧନୁତୀରରେ ୨ ଜଣ, ଦୌଡ଼କୁଦରେ ୨୭, ଫୁଟବଲରେ ୬, ସନ୍ତରଣରେ ୩ ଓ ଭଲିବଲରେ ୯ ଜଣ ଭାଗ ନେବାକୁ ଥିବା ବେଳେ ଅଫିସିଆଲ ଭାବେ ଶଶିରେଖା ସାହୁ ଅଛନ୍ତି। ଧନୁତୀରରେ ଯୋଗ୍ୟତା ଅର୍ଜନ କରିଥିବା ଛାତ୍ରମାନେ ହେଲେ ସାମଲ ପିଙ୍ଗୁଆ ଓ ରସିକ ପାତ୍ର। ସେହିପରି ଦୌଡ଼କୁଦରେ ଦିପୁପାତ୍ର, ମଙ୍ଗଳ ସିଂ, ରଞ୍ଜନ ପିଙ୍ଗୁଆ, ଗୋବିନ୍ଦ ନାୟକ, କାମେଶ୍ୱର ମଳିକ, ଗଣେଷ ହେମ୍ବ୍ରମ, ଟୁକୁଲୁ ହେମ୍ବ୍ରମ, ରାଜେଶ ସେଠୀ, ତମ୍ପ ଦେଓଗ୍ରାମ, ଅମିତ ମଲ୍ଲି, କାହ୍ନୁ ବେରୁଆ, ରଞ୍ଜନ କୁମାର ମୁର୍ମୁ, ଜେମା ମୁଣ୍ଡା, ତୁଳସୀ ମୁଣ୍ଡା, ଜିଙ୍ଗିଜା ମୁଣ୍ଡା, ସୁନୀତା ଟୁଡୁ, କୁନି ବେରୁଆ, ଅରକ୍ଷିତ ମଲ୍ଲିକ, ସାନିଆ ମିର୍ଦ୍ଧା, ନଜିଆ ବେଗମ ଓ ସୀତା ମୁଣ୍ଡା ମନୋନିତ ହୋଇଛନ୍ତି। ଏଥିସହ ଫୁଟବଲରେ ବାଦଲ ଗୋପା, ପପୁ ମୁର୍ମୁ, ବିଜୟ ସୋରେନ, ସୁନୀଲ ଦିଗି, ଲତା ମୁଣ୍ଡା, ମାଳି ମୁଣ୍ଡା, ସନ୍ତରଣରେ ଅନିଲ ପିଙ୍ଗୁଆ, ପର୍ଶୁରାମ ମୁଣ୍ଡା, ଡଲି ମୁଣ୍ଡା, ଭଲିବଲରେ ରମେଶ ଦାସ, ଜୟରାମ ମଲ୍ଲିକ, ସନ୍ଦୀପ କୁମାର ମଲ୍ଲିକ, ଗୌରହରି ଦାସ, ଜୟଶ୍ରୀ ଦ୍ୱିବେଦୀ, ସୁମନ ଦାସ, ପଙ୍କଜିନୀ ସୂତାର, ନିସାତ ପରଭିନ ଓ ମଧୁସ୍ମିତା ଦଣ୍ଡପାତ ପ୍ରତିଭା ଚୟନ ଶିବିରରେ ଯୋଗ ଦେବେ। ଜିଲାପାଳ ଏହି ଛାତୀଛାତ୍ରଙ୍କୁ ବୁଧବାର ଶୁଭେଚ୍ଛା ଜଣାଇଥିବା ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ■ ମୋ ପଞ୍ଚାୟତ କାର୍ଯ୍ୟକ୍ରମ, ଜଳଶକ୍ତି ଅଭିଯାନ ମେଳା

# ବର୍ଷାଜଳ ସଂରକ୍ଷଣ ଉପରେ ଗୁରୁତ୍ୱ

ମହାକାଳପଡ଼ା/ପାଟକୁରା/ଆଳି, ୨୨।୮ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକର ୩୧ ପଞ୍ଚାୟତ କାର୍ଯ୍ୟାଳୟରେ ମୋ ପଞ୍ଚାୟତ କାର୍ଯ୍ୟକ୍ରମ ଓ ଜଳଶକ୍ତି ଅଭିଯାନ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାମନଗର ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଡିଓ ରମେଶ ଚନ୍ଦ୍ର ସେଠୀ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନନ୍ତ ଚରଣ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ୫ 'ଟି' ମନ୍ତ୍ର ଯଥା- ସ୍ୱଚ୍ଛତା(ଟ୍ରାନ୍ସପରେନ୍ସି), ପ୍ରଯୁକ୍ତିବିଦ୍ୟା (ଟେକ୍ନୋଲୋଜି), ଦଳଗତ କାର୍ଯ୍ୟ (ଟିମ୍ ୱାର୍କ), ସମୟସୀମା (ଟାଇମ ଲିମିଟ) ଓ ରୂପାନ୍ତରଣ (ଟ୍ରାନ୍ସଫରମେଶନ)କୁ ତୃଣମୂଳସ୍ତରରୁ ସୁନିଶ୍ଚିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ବିଧାୟକ ସେଠୀ କହିଥିଲେ।



ରାମନଗର ପଞ୍ଚାୟତରେ ଆୟୋଜିତ 'ମୋ ପଞ୍ଚାୟତ' କାର୍ଯ୍ୟକ୍ରମରେ ଅତିଥିମାନେ।

ଜଳଶକ୍ତି ଅଭିଯାନ ମେଳା ମାଧ୍ୟମରେ ନଦୀ, ଝରଣା, କୂଅ, ନଳକୂପର ପୁନରୁଦ୍ଧାର କରିବା ଓ ବର୍ଷା ଜଳ ସଂରକ୍ଷଣ ନେଇ ସଚେତନ କରାଯାଇଥିଲା। ଜଳ ଅପଚୟ ନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଏପିଓ ପ୍ରଭାସିନୀ ସାହୁ, ସରପଞ୍ଚ ସିପ୍ରା ମଣ୍ଡଳ, ସମିତି ସଭ୍ୟା ସନ୍ଧ୍ୟାରାଣୀ ମଜୁମଦାର, ବିଜୟ ଶୁକ୍ଳାଙ୍କ ସମେତ ମହିଳା ସଂଘ ସଦସ୍ୟା ଉପସ୍ଥିତ ଥିଲେ।

ସେହିପରି ଗରଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ମୋ ପଞ୍ଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ବେଡାରୀ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା ଯୋଗଦେଇଥିଲେ। ଏଠାରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗୋ-ସମ୍ପଦ, ମିଶନ ଶକ୍ତି ବିଭାଗର ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଧରଣୀଧର ବେହେରା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ବିନୋଦିନୀ ମାହାଳି, ସରପଞ୍ଚ ଗୋକୁଳାନନ୍ଦ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ବୈଜୟନ୍ତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଆଳି ବ୍ଲକର ୩୪ ପଞ୍ଚାୟତରେ ମୋ ପଞ୍ଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡାମ୍ବିଳା ପଞ୍ଚାୟତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧକ୍ଷା ଝରଣା ଦାଶ ଉଦଘାଟନ କରିଥିଲେ। ପତ୍ରପୁର ପଞ୍ଚାୟତରେ ସରପଞ୍ଚ ପ୍ରବୀଣା ବେହୁରାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ଅଶୋକ କୁମାର ସାହୁ, କାର୍ଯ୍ୟନିର୍ବାହୀ ବିଜୟ କୁମାର ଜେନା, ଜିଆରଏସ୍ ରଶ୍ମିରଞ୍ଜନ ପରିଡା, କନିଷ୍ଠ ଯନ୍ତ୍ରୀ ଶୁଭଦର୍ଶିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ୪ରେ ପାଚିକା ସହାୟିକା ସଂଘର ବିକ୍ଷୋଭ

କେନ୍ଦ୍ରାପଡା ଅଫିସ, ୨୨।୮

ପାଚିକା ଓ ସହାୟିକାଙ୍କ ବିଭିନ୍ନ ସମସ୍ୟା ଦିଗରେ ରାଜ୍ୟ କିମ୍ବା କେନ୍ଦ୍ର ସରକାର ଦୃଷ୍ଟି ଦେଉନାହାନ୍ତି। ଏଥିପାଇଁ ଆସନ୍ତା ସେପ୍ଟେମ୍ବର ୪ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ ହେବ। ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା, ସହାୟିକା ସଂଘର କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ଏ ନେଇ ନିଷ୍ପତ୍ତି ନିଆଯାଇଛଇ। ଏ ସମ୍ପର୍କରେ ଜିଲା ସଭାପତି ସୁହାନା ବେଗମ ସୂଚନା ଦେଇଛନ୍ତି ଯେ, ବିଭିନ୍ନ ସମସ୍ୟା ମଧ୍ୟରୁ ମାସିକ ପ୍ରୋତ୍ସାହନ ରାଶି ବୃଦ୍ଧି, ବର୍ଷକୁ ୧୫ ଦିନ ଛୁଟି, ୧୦ ମାସ ବଦଳରେ ୧୨ ମାସ ଦରମା ପ୍ରଦାନ ଆଦି ୧୩ ଦଫା ଦାବିରେ ଗଣ ବିକ୍ଷୋଭ କରାଯିବ। ଏଥିପାଇଁ ପ୍ରେସ୍ କ୍ଲବଠାରେ ସଦସ୍ୟମାନଙ୍କ ବୈଠକ ହୋଇଥିଲା। ଏଥିରେ ଆଇନଜୀବି ରମଣୀରଞ୍ଜନ ରାଉତରାୟ, ସଂଘ ସମ୍ପାଦିକା ସୌଭାଗିନୀ ପତି, କାର୍ଯ୍ୟକର୍ତ୍ତା ମଞ୍ଜୁଲତା ସାହୁ, ଝରଣା ବେହେରା, ଝରଣା ରାଉତ, ମମତା ରାଉତ, ଅକ୍ଷୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।


ବୈଠକରେ ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ସଦସ୍ୟମାନେ।

## OFFICE OF THE DISTRICT PROJECT COORDINATOR
RTE-SS, SUBARNAPUR

ଶିକ୍ଷା ଅଧିକାର

Email : dpcsonepurssa.opepa@nic.in, pedsonepurssa.opepa@nic.in, Ph.:06654-220551/06654-220514 (fax)

No. 1149 Date : 22.08.2019

**"TENDER CALL NOTICE FOR PRINTING OF REPORT CARD FOR THE YEAR -2019"**

Sealed tenders are invited in prescribed format from the registered firms with offset printers having PAN, GST and IT clearance certificate for printing and supply of Report Card from Class-I to VIII of Subarnapur district. The tender paper will be submitted to District Project Coordinator, RTE-SS, Subarnapur latest by 31.08.2019 at 2.00 PM. Details terms and conditions can be downloaded from the official website www.subarnapur.nic.in and www.opepa.nic.in

By order of Collector and Chairman, RTE-SS, Subarnapur

**Sd./- District Project Coordinator, RTE-SS, Subarnapur**

---

GOVERNMENT OF ODISHA

## O/o THE EXECUTIVE ENGINEER, HEAD WORKS DIVISION, SAMAL
AT/PO-SAMAL BARRAGE TOWNSHIP, DIST :ANGUL, (ODISHA)
PIN-759037, PHONE- 06760-266315, E- mail Id – ee.hwd.samal@gmail.com

### e-PROCUREMENT NOTICE
**Bid Identification No- EE .HWD - 04/2019-20**

Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal **https:// www.tendersorissa.gov.in**.

1. Name of the work : "Repair & maintenance to Civil works"
2. No. of Works : 04 (Six) Nos. of Works
3. Estimated cost : Rs. 5.00 lakhs to 12.00 lakhs .
4. Period of completion : 2 calendar Months
5. Date & time of availability : From Dt. 29.08.2019 at 11.00 Hours to 11.09.2019 upto 17:00 Hours in the Website.
6. Date & Venue of opening of Bid of DTCN : Dt. 12.09.2019 at O/o the Excutive Engineer, Head Works Division, Samal, Dist - Angul
7. Date & Venue of seeking Clarification of documents : During the office hours upto Dt. 11.09.2019 at Office of the Executive Engineer, Head Works Division, Samal
8. Name of the Officer Inviting Bid : Executive Engineer, Head Works Division, Samal.

*Further details can be seen from the e- procurement portal **https:// www.tendersorissa.gov.in**.

*Any corrigendum/Addendum will be displayed in the above 'e' Tender website only.

32020/11/0003/1920 **Sd./- Executive Engineer, Head Works Division, Samal**

---

## Advertisement For providing Outsourcing Service for Bio- Medical Waste in Bhima Bhoi Medical College & Hospital, Balangir

No.252-E :- Sealed tender is invited from Organization/ Firms/Agencies for providing Outsourcing Service for Bio-Medical Waste in Bhima Bhoi Medical College & Hospital, Balangir. The tender paper completed in all respect should be submitted separately for these items to the undersigned on or before 18.09.2019 up to 05.30 PM in the office of the Superintendent, BBMC&H, Balangir. The details and terms and conditions can be downloaded from https://gmchbalangir.infocreatives.com/ and www.dmetodisha.gov.in.

**Sd./- Superintendent**
**Bhima Bhoi Medical College & Hospital, Balangir**

10141/11/0004/1920

---


Your classified advertisement published in Dharitri will be listed free in Dharitri online edition :
**www.dharitri.com**


---

## SHORT TENDER CALL NOTICE
**Tender Call Notice No.: 4788 Date: 21.08.2019**

No.: 95-D: Applications in plain paper are invited from the intending suppliers / firms / co-operative societies / contractors / corporations who are registered dealers under GST Act, 2017 and have valid GST Clearance for issue of tender papers for supply of different machineries, tools and plants for Tailoring Unit, Badi, Papad, Chatua, Candle and Agarbati Unit of Special Jail, Bhubaneswar during the year 2018-19 to be received by the undersigned upto 5.00 P.M. of 16.09.2019. The applicants should state in their applications, their past experience, if any, Xerox copies of GST Registration Certificate, GST Clearance Certificate, PAN Card etc. The rates so quoted should be inclusive of all taxes, if any and subject to free delivery at Jail Gate of Special Jail, Bhubaneswar. Applications received after due date will not be taken in to consideration.

Prior to submission of tender, the suppliers are required to obtain all other information concerning to the terms and conditions of contract and details of probable requirement of machineries, tools and plants from the Superintendent, Special Jail, Bhubaneswar.

The Competent Authority i.e. the Addl. D.G. of Prisons and Director, Correctional Services, Odisha, Bhubaneswar reserves the right, in the public interest, to reject any tender and may order the Superintendent, Special Jail, Bhubaneswar to purchase articles from the Open Market if rates, terms and conditions of the tender are not agreeable. Sealed tenders quoting rates etc. to be submitted directly to the Superintendent, Special Jail, Bhubaneswar on or before 5.00 P.M. of 21.09.2019. Sealed tenders will be opened at 5.00 P.M. of 23.09.2019 or in consultation with the Chairman of the Purchase Committee.

**Sd./- Superintendent**
**Special Jail, Bhubaneswar**

12012/11/0001/1920

---

## PARADIP PORT TRUST
### e-TENDER NOTICE

Name of the work : **Development of parking area in front of Gate No. 5 to facilitate cargo vehicle.** Estimated cost put to tender : **₹ 86,50,672.29**. Date of available of tender for online bidding : **16.08.2019 to 05.09.2019 upto 17.00 hrs.** For details of the tender for online bidding is available in the website : **https://eprocure.gov.in/eprocure/app**

**Executive Engineer**
**Building Construction Division**
**PPT/PR/291/19-20 Dt : 23.08.2019**

---

## PARADIP PORT TRUST
### e-TENDER NOTICE

Name of the work "Supply, Installation, Testing & Commissioning of Supervisory Control and Data Acquisition (SCADA) of Main Receiving Substation (MRSS) with other 09 substations installed different location of Paradip Port Trust with 03 years warranty". **Estimated Cost:7,62,61,645/-**, Last date & time of submission of bid: **Dt. 19/09/2019 up to 17:15 Hrs.** Refer to our website for details https://eprocure.gov.in/eprocure/app

**Executive Engineer (PED-II)**
**PPT/PR/289/19-20 Dated: 23.08.2019**

---

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LTD.
(A Government of Odisha Undertaking)
Regd. Office : Janpath, Bhubaneswar - 751 022, Odisha
Website : www.optcl.co.in, Telephone : 0674-2540051 (EPABX)
CIN : U40102OR2004SGC007553

OPTCL Lifeline of Odisha

**e-Tender Notice No. : CPC -08/2019-20 Date : 23.08.2019**

### NOTICE INVITING TENDER (NIT)
**(DOMESTIC COMPETITIVE e-BIDDING)**

ODISHA POWER TRANSMISSION CORPORATION LTD. (OPTCL), Bhubaneswar, invites bids (in e-tendering mode only) under single stage two-envelope system from reputed EPC/Turnkey Contractors for **Engineering, Supply, Erection and Commissioning of 220 kV LILO Line from one circuit of existing 220 kV TTPS - JODA DC Line (Circuit-II) to 220/33 kV GIS substation, Keonjhar at an Estimated Cost of the Package for ₹13.26 Crore on "Turnkey CONTRACT BASIS"** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from **Dt.23.08.2019 / 11.00 A.M up to Dt. 23.09.2019 / 12.45 PM**. Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL"** for further detail.

**Note :** Bidders are requested to regularly visit Official Website of OPTCL/Tender Portal only for amendment / errata / corrigendum (if any) and any other information regarding these tenders, as the same shall be published only on the OPTCL website/Tender Portal.

*CR. Advt. No.08/19-20*

**Sr. General Manager (C.P.C.)**
e-mail id : sgm.cpc@optcl.co.in

Please connect us : optcl.odisha optcl_odisha energyodisha

---

## OFFICE OF THE HINJILICUT MUNICIPAL COUNCIL
HINJILICUT, (GM), Ph: 06811-280025
E-mail Id: hinjilicutmunicipality@gmail.com

**Letter No.: 2058/2019 Date; 22.08.19**

### Bid Identification No. HIN-MUN-02/2019-20

Bid document consisting of work, estimated cost, cost of tender paper, E.M.D., time of completion, class of contractors and the set of terms and conditions and condition of contract and other necessary documents can be seen in Govt. website i.e. **www. tendersorissa.gov.in**.

| | |
|---|---|
| Total Number of Civil Works | 2 Nos. |
| Estimated Cost for Civil Works | Rs.59,10,125/- (per each) |
| Date & time of availability of Bid Documents in the portal | Date 23.08.2019 of 11.00 A.M. to Dt.02.09.2019 of 5.00 P.M. for online bidding. |
| Last Date of receipt of Bid through Online | Dt.02.09.2019 upto 5.00 P.M. |
| Offline receipt of tender documents | Dt.06.09.2019 upto 5.00 P.M. **through Registered Post/ Speed Post Only** |
| Date of Opening of Bid | Dt.07.09.2019 at 11.00 A.M. |

**Executive Officer**
**Hinjilicut Municipality**

---

## THE ODISHA STATE COOPERATIVE BANK LTD.
**Pandit Jawaharlal Nehru Marg, Bhubaneswar-751001**

### SHORT TENDER CALL NOTICE

No.16-LL :- Sealed item rate tenders are invited from registered and eligible contractors / experienced firms those have executed similar type of works for proposed interior, electrification with LAN and Telephone Connection works in 2nd floor of Head Office main building at Bhubaneswar, on behalf of the Managing Director, Odisha State Cooperative Bank Ltd., Pandit Jawaharlal Nehru Marg, Bhubaneswar-751001 as follows :

| Name of the work | Estimated tender amount (in Rs.) | EMD amount (in Rs.) | Cost of tender paper GST 18% (in Rs.) | Eligibility class of contractor | Period of completion |
|---|---|---|---|---|---|
| Ref. No.OSCB / HRDD / 3472 / 2019-20, Date : 21.08.2019 | | | | | |
| Proposed interior works in 2nd floor of Head Office main building at Bhubaneswar | 12,60,000/- | 12,600/- | 7,080/- | Experienced and registered contractor with similar kind of works. | 45 days |
| Ref. No.OSCB / HRDD / 3472 / 2019-20, Date : 21.08.2019 | | | | | |
| Proposed electrification with LAN and Telephone Connection works in 2nd floor of Head Office main building at Bhubaneswar | 6,50,000/- | 6,500/- | 4,720/- | Experienced and registered contractor with similar kind of works. | 45 days |

The tender documents and detailed terms and conditions with eligibility can be obtained only from the official website **www.odishascb.com** from 22.08.2019 to 23.09.2019

**39012/11/0012/1920** **Sd./- Managing Director**

---


See Career Appointment on every **Wednesday & Saturday**


---

## DISTRICT RURAL DEVELOPMENT AGENCY, JAJPUR
**No. 5000/Dt. 21.08.2019**

**REQUEST FOR SELECTION FOR PROPOSAL FOR HUMAN RESOURCE SERVICE PROVIDER AGENCY FOR ENGAGING FACULTY AND SUPPORT STAFFS AT DISTRICT PANCHAYAT RESOURCE CENTRE, UNDER RGSA FOR JAJPUR DISTRICT.**

DRDA, Jajpur on behalf of Panchayati Raj & Drinking Water Department, Government of Odisha invites Proposals with certain terms and conditions from reputed & registered man power service providing agencies /companies/firms for hiring of one faculty, one support staff & one assistant at District Panchayat Resource Centre, under RGSA for Jajpur District. The details of request for proposal can be viewed in the district website i.e. www.jajpur.nic.in. Further the bid documents can be downloaded from the same website from 30.08.2019 to 13.09.2019.

**Sd./- Project Director, DRDA, Jajpur**

---

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨ଲ ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ର ସଂଖ୍ୟା. [illegible] **ବିଜ୍ଞାପନ** ତା [illegible]

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ-ସିଏଲ୍-୪ (CL-4) ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଶିବପ୍ରସାଦ ପଟ୍ଟନାୟକ, ପିତା-ସ୍ୱ ରଜନୀକାନ୍ତ ପଟ୍ଟନାୟକ, ସା/ପୋ-ବୌଦ୍ଧଖଣ୍ଡି, ଥାନା-ବାଲିପାଟଣା ଜିଲ୍ଲା-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଶିବପ୍ରସାଦ ପଟ୍ଟନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ (୧) ଶ୍ରୀମତୀ ସ୍ୱାଗତିକା ମହାନ୍ତି, ସ୍ୱାମୀ-ମନୋଜ କୁମାର ମହାନ୍ତି (୨) ଶ୍ରୀମତୀ ଇତିଶ୍ରୀ ମହାନ୍ତି, ସ୍ୱାମୀ-ସରୋଜ ମହାନ୍ତି, ସା/ପୋ-ମାଛଗାଁ, ଥାନା-ବାଲିକୁଦା, ଜିଲ୍ଲା-ଜଗତସିଂହପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ /ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା-ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

---

## OFFICE OF THE SUPERINTENDING ENGINEER, RAYAGADA (R&B) CIRCLE, RAYAGADA

### E-Procurement Notice
**Bid Identification No.SE (RANDB) RGDA-01/2019-20 (Online)**

No.123-B **INVITATION FOR BIDS**

| | | | |
|---|---|---|---|
| 1. | The Superintending Engineer, Rayagada (R&B) Circle, Rayagada on behalf of Governor of Odisha invites percentage rate bids in double cover mode to be received in online mode only for the construction of works as detailed in the table below. | | |
| 2. | Nature of work | : | Building work |
| 3. | No. of work | : | 01 (One) No. of work |
| 4. | Estimated Cost (Approximately) | : | Rs.126.37 lakh |
| 5. | Bid Cost | : | Rs.10,000/- (each) |
| 6. | Class of Contractor | : | "B" Class "A" Class as per Financial Eligibility |
| 7. | Availability of Bid Documents in the website | : | 11.00 hrs of Dt.31.08.2019 to 16.00 hrs of Dt.16.09.2019 |
| 8. | Date of opening of Bid | : | 11.00 hrs Dt.17.09.2019 |
| 9. | The Bidders have to participate in ONLINE bidding only. Further details can be seen from the website https:// tendersorissa.gov.in. Any Addendum / Corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

34128/11/0001/1920 **Sd./- Superintending Engineer, Rayagada (R&B) Circle, Rayagada**

---

## OFFICE OF THE EXECUTIVE ENGINEER RWSS DIVISION, NAYAGARH
**Khandapada Road, Near Fire Station, Pin-752069**
**E-Mail: eerwss_nay@nic.in, dwsc_ngr@yahoo.co.in**

No.285-O

### "e" Procurement Notice
**Identification No. 12 / RWSS/2019-20**

**Executive Engineer RWS&S Division, Nayagarh invites tender for the following works online for "e" procurement as per details given below:**

| | | | |
|---|---|---|---|
| 1 | Name of the work | : | Construction of pump house, Compound wall, 0.50 Lakh ESR,0.50 UGR dosing chlorinator, Laying of pipe line & its ancillary work and site development with 5 years Operation & Maintenance under NAYAGARH Division. |
| 2 | No. of works | : | 2 (Two) Nos. |
| 3 | Estimated cost | : | 55.00 lakhs to 63.00 Lakhs. |
| 4 | Period of completion | : | 6 months. |
| 5 | PERIOD OF SALE OF BIDDING DOCUMENT ONLINE | : | FROM 28.08.2019 at 5.00 PM to 07.09.2019 up to 5.00 PM |
| 6 | DATE AND TIME OF SEEKING TENDER CLARIFICATION | : | FROM 28.08.2019 at 5.00 PM to 06.09.2019 up to 5.00 PM |
| 7 | DATE AND TIME FOR RECEIPT OF BIDS ONLINE | : | FROM 28.08.2019 at 5.00 PM to 07.09.2019 up to 5.00 PM |
| 8 | *TIME AND DATE OF OPENING TECHNICAL BIDS | : | 10.09.2019 at 11.00 AM. |
| 9 | *TIME AND DATE OF OPENING FINANCIAL BIDS | : | TO BE ANNOUNCED |
| | PLACE OF OPENING Of BID | : | O/O of the Executive Engineer RWS&S Division, Nayagarh |
| | OFFICER INVITING BIDS | : | Executive Engineer RWS&S Division, Nayagarh |

Any addendum / corrigendum / cancellation of tender can also be seen in the website: **"http://tendersodisha.govt.in"**.

25042/11/0007/1920 **EXECUTIVE ENGINEER, RWS&S DIVISION, NAYAGARH**

---

## OFFICE OF THE EXECUTIVE ENGINEER RWS&S DIVISION, JAJPUR (at: Chandikhol)
Phone: 06725-221454, Email: eerwss_jpr@ori.nic.in

**Bid Identification No. rwssjajpur 16/2016 / 2019-20, dt. 21.08.2019**

| | | |
|---|---|---|
| 1. | Name of the work | Supplying all material, labour, T&P for 1200 nos. of wall painting on IHHLs (Painting of different messages of SBM) two coats with approved Paint on Plastered surface of size 10'×7' (Approx.) as per site condition on different locations across the district, all complete as per the direction of E.I.C. in different block of Jajpur District. |
| 2. | Estimated Cost | Rs. 1,200 each wall |
| 3. | Period of Completion | 15 (Fifteen) days |
| 4. | Cost of bidding document | Rs. 2,000/- |
| 5. | Dropping of bid documents in the office as mentioned below | 11.00 hour of 26.08.2019 to 17.00 hours of 04.09.2019 |
| 6. | Date & time of opening of Bid documents | 05.09.2019 at 11.00 hours in the Office of the Executive Engineer, RWS&S Division, Jajpur at Chandikhol. |

Further details bidders may contact to Office of undersigned or Asst. Executive Engineer, RWS&S Sub-Division, Chandikhol/ Jajpur/ Sukinda.

*Sd./-*
*EE, RWS&S-cum-Member Convener*
*DWSM, Jajpur*

---

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd.Office: Janpath, Bhubaneswar-751022, Telephone: (0674) 2540051 (EPABX), Website: www.optcl.co.in, CIN:U4102OR2004SGC007553

OPTCL Lifeline of Odisha

### NOTICE INVITING TENDER (NIT)
**(DOMESTIC COMPETITIVE e-BIDDING)**

**e-TENDER NOTICE NO.:CPC-09/2019-20 Date: 23.08.2019**

ODISHA POWER TRANSMISSION CORPORATION LTD. (OPTCL), Bhubaneswar invites bids (in e-tendering mode only) under single stage two-envelope system from reputed EPC/Turnkey Contractors for **Engineering, Supply, Erection and Commissioning of 2x40MVA, 220/33KV Grid Sub-station (AIS) with SAS at Chitalo, Jhadanga along with associated 220 KV LILO line from 220 KV New Duburi-Bhadrak line to Chitalo S/S at an Estimated Cost of the Package for ₹65.54 Crore in Jajpur district on "Turnkey CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from Dt. **(23/08/2019)/ (11.00) AM** up to Dt. **(25/09/2019) (12:45) PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http:// www.tenderwizard.com/OPTCL** for further detail.

**Note:** Bidders are requested to regularly visit Official website of OPTCL/Tender Portal only for amendment/errata/corrigendum (if any) and any other information regarding these tenders, as the same shall be published only on the OPTCL website/Tender Portal.

CR-Advt.No.- 09/2019-20

**Sr. General Manager (C.P.C.)**
Email id: sgm.cpc@optcl.co.in

Please connect us: optcl.odisha optcl_odisha energyodisha

---

## DIRECTORATE OF MISSION SHAKTI
## DEPARTMENT OF WOMEN & CHILD DEVELOPMENT AND MISSION SHAKTI
## GOVERNMENT OF ODISHA
No : WCD-MS-0118-2019-1170 DMS (WCDMS) Date : 22.08.2019

**(RECRUITMENT UNDER DIRECTORATE OF MISSION SHAKTI)**

No. 21-g: Directorate of Mission Shakti will recruit various personnel on contractual basis, to work in the State, District and Block level to strengthen the momentum of providing hand holding support and to monitor the activities of Self-Help Groups (WSHGs) at different levels.

The detailed guideline is available at www.wcdodisha.gov.in/www.jpn.org.in website.

Interested candidates may submit their on-line applications addressing Directorate of Mission Shakti, Pokhariput, in www.jpn.org.in. No other mode of application is acceptable.

Applications complete in all respects shall be submitted within 21 days i.e. latest by 12.09.2019, 5.00 P.M.

Mere eligibility of candidature will not confer any right to the applicant. Any query on recruitment can be mailed to jagannathnursery@gmail.com or can be contacted over Mobile +91 7438047522 for clarity.

The authority reserves the right to cancel / reject all or any of the applications submitted without assigning any reason thereof.

**Sd./- Commissioner cum Director, Mission Shakti**

33001/11/0006/1920

---

## DIRECTORATE OF ECONOMICS AND STATISTICS, PARISANKHYAN BHAWAN,
### UNIT - 5, HEADS OF DEPTT. BUILDING CAMPUS, ODISHA, BHUBANESWAR.
**No. DES-PUR-149/2019**
**Dated, Bhubaneswar, the August/2019**

### TENDER FOR SALE OF OLD FURNITURES

No.: 08-X: Some damaged & old steel furniture, steel almirah, wooden furniture, Air condition & Xerox machine etc. of Directorate of Economics & Statistics, Odisha, Bhubaneswar-751001 will be put to public auction through sealed cover tender process. The intending bidder/tenderers are requested to submit their offer price of individual article wise by Registered Post or Speed Post/Spl. Messenger, which will be received by the undersigned on or before 3 P.M. of dated 11.09.2019. The tender will be opened at 3.30 P.M. at the same day in presence of the bidder/tenderers of the authorized representative. The bidder/tenderers are requested to visit website of the **Directorate of Economics and Statistic**, Arthaniti 'O' Parisankhyan Bhawan, UNIT-5, HEADS OF DEPTT. BUILDING CAMPUS, ODISHA, BHUBANESWAR, **www.desorissa.nic.in** for the details of offset price of individual articles and other terms and condition of Auction sale.

**21002/11/0002/1920** **Sd./- Joint Director (Admn.)**

---

## NOTIFIED AREA COUNCIL : KANTABANJI
**Quotation Call Notice No. 1073, Dt. 22.08.2019**

Sealed Quotations are invited from the authorized dealers / suppliers for supply of Auto (Four Wheeler) Hydraulic Tipper for door to door garbage's collection of the NAC, Kantabanji. The quotationer must submit GSTIN Registration, PAN and their relevant documents (if any) to the office of the undersigned within the time period specified. The rate should comprise of all taxes, Insurance & Freight / Transportation charges etc, individually in their own format. And delivered at NAC, Kantabanji.

The quotation should reach to the office of the undersigned on or before Dt. 09.09.2019 Upto 1.00 P.M. through Regd. / Speed post only. The authority shall not be responsible for dealy or late delivery of quotation beyond the schedule date & time. The quotation will open on the same day at 4.00 P.M. in presence of quotationer / their authorized representatives. The Quotation should accompanied with Tender Paper Cost (Non-refundable) in shape of D.D. amounting to Rs. 5,000/- & E.M.D. in shape of D.D. amounting to Rs. 50,000/- drawn in favour of Executive Officer NAC, Kantabanji payable at Kantabanji from any Nationalized Bank, the deposited EMD of lowest quotationer (whose quotation will be accepted) shall be refunded after one year from the date of supply vehicles. The terms & condition of the procurement will be fixed during the time of agreement.

The authority reserves the right to accept or reject any or all Quotations without assigning any reason thereof.

**Sd./- Executive Officer, NAC, Kantabanji**

---

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଧନକଉଡା

ପତ୍ର ସଂଖ୍ୟା: ୨୭୨୫ ତା. ୨୨.୦୮.୨୦୧୯

ଏତଦ୍ୱାରା ଧନକଉଡା ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୨୦୧୮-୧୯ ଆର୍ଥିକ ବର୍ଷର ସାମାଜିକ ସମୀକ୍ଷାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ କରାଯାଇଥିବା ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ବିଜୁ ପକ୍କା ଘରଗୁଡିକର କ୍ଷେତ୍ର ପରିଦର୍ଶନ, ସମୀକ୍ଷା ଓ ନଥିପତ୍ର ସହିତ ଶତପ୍ରତିଶତ ମଷ୍ଟରରୋଲ ଯାଞ୍ଚ କରାଯିବ ଏବଂ ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ/ ବିଧବା/ ବିକଳାଙ୍ଗ ଭତ୍ତାର ଆଲୋଚନା ପର୍ଯ୍ୟାଲୋଚନା ଓ ସମୀକ୍ଷା କରାଯିବ । ସାମାଜିକ ସମୀକ୍ଷାରେ ଧାର୍ଯ୍ୟ ସ୍ଥାନ, ତାରିଖ ଓ ସମୟରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଗ୍ରାମ ସଂଯୋଜକ ଓ VRP ମାନେ ଉପସ୍ଥିତ ରହିବେ । ଏହି ସମୀକ୍ଷା ବୈଠକରେ ସମସ୍ତ ଜନସାଧାରଣ, ନିର୍ବାଚିତ ଲୋକ ପ୍ରତିନିଧି, ଅଣକୁଶଳୀ, କୁଶଳୀ ଶ୍ରମିକମାନଙ୍କର ଯୋଗଦାନ ପାଇଁ ଅନୁରୋଧ କରାଗଲା ।

**ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ:-**
**ସ୍ଥାନ: ସଂପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ**

| କ୍ର. ନଂ. | ଗ୍ରା.ପ.ର ନାମ | ତାରିଖ | ସମୟ | ସମୀକ୍ଷା ସଭା କାର୍ଯ୍ୟ ତୁଲାଇବାକୁ ଥିବା ଅଧିକାରୀ |
|---|---|---|---|---|
| ୧ | ବସନ୍ତପୁର | ୨୧.୦୯.୨୦୧୯ | ଦିବା ୧୦.୦୦ ଘଟିକା | ସୁଶାନ୍ତ କୁମାର ପଣ୍ଡା (ଏ.ବି.ଡି.ଓ) |
| ୨ | କଳାମାଟି | ୨୧.୦୯.୨୦୧୯ | | ଇପ୍ସିତା ପ୍ରିୟଦର୍ଶିନୀ (ଏ.ପି.ଓ.) |
| ୩ | କର୍ଡୋଲା | ୨୧.୦୯.୨୦୧୯ | | ମୁକ୍ତେଶ୍ୱର ନାୟକ (ଏ.ଇ.) |
| ୪ | ଶାସନ | ୧୦.୧୦.୨୦୧୯ | | ଜୟଦେବ ବରାଡ଼ି (ପି.ଏ.) |
| ୫ | କନଖୁଣ୍ଡା | ୧୦.୧୦.୨୦୧୯ | | ଇପ୍ସିତା ପ୍ରିୟଦର୍ଶିନୀ (ଏ.ପି.ଓ) |
| ୬ | ତାଲବ | ୦୯.୧୦.୨୦୧୯ | | ବନ୍ଦନା କୁଅଁର (ବି.ପି.ସି) |
| ୭ | ବିଶାଳଖଣ୍ଡା | ୨୫.୧୦.୨୦୧୯ | | ଜୟଦେବ ବରାଡ଼ି (ପି.ଏ.) |
| ୮ | କିଳାସମା | ୨୫.୧୦.୨୦୧୯ | | ଇପ୍ସିତା ପ୍ରିୟଦର୍ଶିନୀ (ଏ.ପି.ଓ) |
| ୯ | କୁଦଗୁଣ୍ଡେରପୁର | ୨୫.୧୦.୨୦୧୯ | | ମୁକ୍ତେଶ୍ୱର ନାୟକ(ଏ.ଇ.) |

ସ୍ୱା/- କାର୍ଯ୍ୟକ୍ରମ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଧନକଉଡା

# ପାରା ବ୍ୟାଡମିଣ୍ଟନର ଅର୍ଜୁନ



ରୁଦ୍ର ପ୍ରସନ୍ନ ରଥ

**ରାଜ୍ୟର ଅଷ୍ଟମ ଖେଳାଳି ଭାବେ ପ୍ରମୋଦ ଅର୍ଜୁନ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ତେବେ ପ୍ରଥମ ପାରା ଆଥଲେଟ୍ ହିସାବରେ ସେ ରାଜ୍ୟ ପାଇଁ ଏହି ସମ୍ମାନ ହାସଲ କରିବାକୁ ଯାଉଛନ୍ତି। ପୋଲିଓ କାରଣରୁ ଶାରୀରିକ ଭାବେ ଅକ୍ଷମ ହୋଇଥିଲେ ମଧ୍ୟ ଦୀର୍ଘଦିନର ସଂଘର୍ଷ ଓ ଅଧ୍ୟବସାୟ ବଳରେ ପାରା ବ୍ୟାଡମିଣ୍ଟନରେ ସେ ବିଶ୍ୱସ୍ତରୀୟ ସଫଳତା ହାସଲ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି...**



ଜଣେ ଶାରୀରିକ ଅକ୍ଷମ ହେଲେ ଅନେକ ଭାବନ୍ତି ଯେ ବୋଧହୁଏ ସେ ଲୋକଟିର ଜୀବନର ମାନେ କିଛି ନାହିଁ। ପରର ଦୟାରେ ଚଳିବ ଆଉ ବୋଧହୁଏ ସାରାଜୀବନ ଅନ୍ୟର ଗୋଡାଣିଆ ହୋଇ ରହିବାକୁ ବାଧ୍ୟ ହେବ। ଚାକିରି, ବିବାହ କିମ୍ବା ସଂସାର କରିବା ଆଦି କଥା ହୁଏତ ତା ଭାଗ୍ୟରେ ଥିଲେ ମିଳିପାରେ। ଆଉ ରହିଲା ଦେଶ କଥା। ଏପରି ଶାରୀରିକ ଅକ୍ଷମମାନେ ଦେଶ ବା ଜାତି ପାଇଁ କ'ଣ ବା କରିପାରିବେ। ଅତିବେଶିରେ ଗୀତ ଗାଇ କିମ୍ବା ଚିତ୍ରକରିବା ପରି ପାରମ୍ପରିକ ବିଦ୍ୟାରେ ହୁଏତ କିଛି ନାମ କମାଇ ପାରନ୍ତି। ମାତ୍ର ଏମିତି ବି ଭିନ୍ନକ୍ଷମ ଅଛନ୍ତି ଯେଉଁମାନେ ଏହି ପାରମ୍ପରିକ ଚିନ୍ତାଧାରାର ଆଡିବନ୍ଧ ଡେଇଁ ନିଜ ପାଇଁ ନାମ କମାନ୍ତି। ଦେଶକୁ ଥରେ ନୁହେଁ ବହୁବାର ଗୌରବାନ୍ୱିତ କରନ୍ତି। ଆଉ ସବୁଥର ଦେଶବାସୀ ତାଙ୍କ ପ୍ରସିଦ୍ଧି ଏବଂ ପ୍ରଦର୍ଶନରେ ହତଚକିତ ହୁଅନ୍ତି ଆଉ ଏହି ଭଳି ଭିନ୍ନ ଦକ୍ଷତା ପାଇଁ ସଲାମ କରନ୍ତି। ସେହିପରି ଜଣେ ଭିନ୍ନକ୍ଷମ ବ୍ୟାଡମିଣ୍ଟନ ଖେଳାଳି ହେଉଛନ୍ତି ପ୍ରମୋଦ ଭଗତ। ଦୀର୍ଘ ୪ ବର୍ଷଧରି ନିଜର ଅକ୍ଳାନ୍ତ ପରିଶ୍ରମ ଆଉ ଦୁନିଆ ବୁଲି ବୁଲି ଭାରତ ତଥା ନିଜ ପାଇଁ ପଦକ ଜିତୁଥିବା ପ୍ରମୋଦ ଏବେ ଅର୍ଜୁନ ପୁରସ୍କାର ପାଇ ଓଡିଶାବାସୀଙ୍କ ନୟନମଣି ହୋଇପାରିଛନ୍ତି।


ଜଣେ ଅର୍ଜୁନ ପୁରସ୍କାର ପାଇବା ବେଶ୍ ଗର୍ବର କଥା। ଆଉ ଏ ଯାଏ ଆସିବାକୁ ମୋତେ ବହୁତ ସଂଘର୍ଷ କରିବାକୁ ପଡିଛି। ଏହା ହେଉଛି ନିକଟରେ ଅର୍ଜୁନ ପୁରସ୍କାର ଜିତିଥିବା ଭିନ୍ନକ୍ଷମ ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କ ନିଜ କଥା। ଲୋକ ମୋର ଦକ୍ଷତା ଅପେକ୍ଷା ଶାରୀରିକ ଅକ୍ଷମତାକୁ ବେଶି ଦେଖୁଥିଲେ। ଏହା ହିଁ ମୋତେ ମୋ ଅକ୍ଷମତା ବିରୋଧରେ ସଂଗ୍ରାମ କରିବାକୁ ପ୍ରେରଣା ଯୋଗାଉଥିଲା। ଅର୍ଜୁନ ପୁରସ୍କାର ପାଇବାରେ ପ୍ରମୋଦ ହେଉଛନ୍ତି ୮ମ ଓଡିଆ। ଯେଉଁ ଲୋକମାନେ ଦିନେ ପ୍ରମୋଦଙ୍କ ଅକ୍ଷମତା ଦେଖୁଥିଲେ ଆଜି ସେମାନେ ତାଙ୍କ ପାଖରେ ରାଶି ରାଶି ପଦକ ଆଉ ପୁରସ୍କାର ଦେଖି ନିଜକୁ ଭୁଲ୍ ବୋଲି ପ୍ରମାଣିତ କରୁଛନ୍ତି। ପ୍ରମୋଦ ଦିନେ ବିଶ୍ୱରେ ଏକ ନଂ ପାରା ଶଟଲର ଥିଲେ ଏବଂ ତିନିଥର ବିଶ୍ୱ ଚାମ୍ପିୟନ ଏକଥା ଅନେକ ସମୟରେ ସହଜରେ ବିଶ୍ୱାସ କରିବା କଷ୍ଟକର ହୋଇଯାଏ। ପୁଣି ଆଶ୍ଚର୍ଯ୍ୟଜନକଭାବେ ସେ ଉଭୟ ସିଙ୍ଗଲ୍ସ ଏବଂ ଡବଲ୍ସ ଖେଳରେ ନିଜର ଦକ୍ଷତା ଦେଖାଇଛନ୍ତି।

ମାତ୍ର ୪ ବର୍ଷ ବୟସରୁ ପ୍ରମୋଦଙ୍କ ବାମଗୋଡ ପୋଲିଓର ଶିକାର ହୋଇଥିଲେ ବି ଏହା ତାଙ୍କୁ ଅଟକାଇ ପାରି ନ ଥିଲା। ଠିକ୍‌ରେ ଚାଲିପାରୁ ନ ଥିଲେ ବି ଜଣେ ଯେ ବ୍ୟାଡମିଣ୍ଟନ ପରି ଖେଳରେ ନିଜ ବିଭାଗରେ ବିଶ୍ୱ ଚାମ୍ପିୟନ ହୋଇପାରିବ ତାହା ଅନେକଙ୍କର ଧାରଣା ବାହାରେ ଥିବା ସ୍ୱାଭାବିକ। ଅଥଚ ପ୍ରମୋଦ ଭିନ୍ନକ୍ଷମ ହୋଇ ଯେ ଖେଳିଛନ୍ତି ତା' ନୁହେଁ ବରଂ ଏ ଯାଏ ଯେତିକି ପଦକ ଜିତିଛନ୍ତି ତାହା ଶୁଣିଲେ ଜଣେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ୍। ପ୍ରମୋଦଙ୍କ ପାଖରେ ଅଛି ଜାତୀୟ ସ୍ତରରେ ୩୦ଟି ସ୍ୱର୍ଣ୍ଣ ଏବଂ ୧୨ ରୌପ୍ୟ। ସେହିପରି ଅନ୍ତର୍ଜାତୀୟ ସ୍ତରରେ ସେ ଗୋଟାଇଛନ୍ତି ୧୯ ସ୍ୱର୍ଣ୍ଣ ଆଉ ୭ ରୌପ୍ୟ। ଏଥି ମଧ୍ୟରେ କେବଳ ୨୦୧୯ରେ ହିଁ ସେ ପାଇଛନ୍ତି ୮ଟି ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ୨ ବ୍ରୋଞ୍ଜ ପଦକ।

ବୋଧହୁଏ ବ୍ୟାଡମିଣ୍ଟନ ଖେଳିବାକୁ ହିଁ ପ୍ରମୋଦ ଜନ୍ମ ହୋଇଥିଲେ। ୧୦ ବର୍ଷ ବୟସରୁ ଏହି ଖେଳ ପ୍ରତି ସେ ନିଜର ଭଲପାଇବା ଜାହିର କରିଆସିଛନ୍ତି। ନିଜର ତିନି ସାଙ୍ଗଙ୍କ ସହ ମଉଜମସ୍ତି କରିବା ପାଇଁ ଘର ପଛପଟେ ବ୍ୟାଡମିଣ୍ଟନ ଖେଳୁଥିବା ପ୍ରମୋଦ କେତେବେଳେ ଯେ ଏହି ଖେଳପ୍ରତି ସିରିୟସ ହୋଇଗଲେ ତାହା ବୋଧେ ସେ ନିଜେ ଜାଣିନଥିବେ। ଜଣେ ଭିନ୍ନକ୍ଷମ ହୋଇ ମଧ୍ୟ ସେ ସାଧାରଣ ଲୋକଙ୍କ ପରି ଖେଳିପାରୁଥିବା ଦେଖିଲେ ଅନେକ ଆଶ୍ଚର୍ଯ୍ୟ ହେଉଥିଲେ। ଏହା ଭିତରେ ତାଙ୍କର ବୟସ ବଢିବା ସଙ୍ଗେସଙ୍ଗେ ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଲାଗିଲେ। ୨୦୦୫ରେ ବୁର୍ଲାରେ ଆଉଟଡୋର ଟୁର୍ନାମେଣ୍ଟରେ ଭାଗନେଉଥିବା ବେଳେ ସେ ଭେଟିଥିଲେ ରାଜ୍ୟ ବ୍ୟାଡମଣ୍ଟନର ପ୍ରତିଷ୍ଠିତ ଖେଳାଳି କମଳ ଦାସଙ୍କ ସହ। ସେ ହିଁ ତାଙ୍କୁ ବ୍ୟାଡମିଣ୍ଟନରେ କ୍ୟାରିୟର କରିବା ପାଇଁ ପ୍ରୋତ୍ସାହନ ଦେଇଥିଲେ। ତାଙ୍କରି ଚେଷ୍ଟାରେ ପ୍ରମୋଦ ଭେଟିଥିଲେ ପାରା ବ୍ୟାଡମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସଙ୍କୁ। କୋଚ୍ ଶିବ ପ୍ରସାଦଙ୍କ ପାଖରେ ରହି ସେ ଖେଳିବାର ମୂଳ ସୋପାନ ଚଢିବା ଶିଖିଥିଲେ। ଅନୁଗୋଳରେ ରହୁଥିବା କୋଚଙ୍କ ଘର ହିଁ ପାଲଟିଥିଲା ଆଜିର ଅର୍ଜୁନ ପୁରସ୍କାର ବିଜେତା ପ୍ରମୋଦଙ୍କ ପାଇଁ ପ୍ରଫେଶନାଲ ବ୍ୟାଡମଣ୍ଟନକୁ ପରଖିବାର ରଙ୍ଗଭୂମି। ଏଇଠୁ ହିଁ ପ୍ରମୋଦ ପାଇଥିଲେ ଉଡିବାର ଅଭିଳାଷା, ଆଉ ପାରା ବ୍ୟାଡମିଣ୍ଟନକୁ ନେଇ ଏଇଠି ହିଁ ବଢୁଥିଲା ଓଡିଶାର ସୁଯୋଗ୍ୟ ସନ୍ତାନ।

ଓଡିଶା ପାରା ବ୍ୟାଡମିଣ୍ଟନର ନୂଆ ପୋଷ୍ଟରବୟ ପ୍ରମୋଦଙ୍କର ଏଇଠାରେ ହିଁ ଆରମ୍ଭ ହୋଇଥିଲା ଜୟଯାତ୍ରା। ଆଗରୁ ତିନିଥର ଆବେଦନ କରିଥିଲେ ବି ପ୍ରମୋଦ ଏଯାଏ ରାଷ୍ଟ୍ରର ଏହି ବହୁମୂଲ୍ୟ ସମ୍ମାନ ପାଇବାରେ ବିଫଳ ହୋଇଥିଲେ। କିନ୍ତୁ ଏଥର ସୁଇଜରଲାଣ୍ଡର ବାସିଲଠାରେ ବିଶ୍ୱ ଚାମ୍ପିୟନଶିପରେ ଭାଗନେବାକୁ ବିଦେଶ ଗସ୍ତରେ ଥିବାରୁ ଏ ବିଷୟରେ ସେ ଖବର ବିଳମ୍ବରେ ଜାଣିଲେ। ଖେଳରେ ନାମ କରିବା ନିଜର ଇଚ୍ଛା ଥିଲା ଆଉ ସରକାରୀ ଚାକିରି କରିବା ନିଜ ବାପାଙ୍କର ଇଚ୍ଛାଥିଲା। ଏବେ ଇଏସଆଇସି ଭୁବନେଶ୍ୱରେ ଚାକିରି କରୁଥିବା ପ୍ରମୋଦ ବିଶ୍ୱର ଚାରିଆଡେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପଦକ ଜିତିବା ପରେ ଉଭୟ ନିଜ ପିତା ଏବଂ ନିଜର ସ୍ୱପ୍ନକୁ ସାକାର କରିପାରିଛନ୍ତି। ଭିନ୍ନକ୍ଷମ ଥାଇ ଅନେକ ନିଜର ସ୍ୱପ୍ନ ପୂରଣ କରିପାରୁ ନ ଥିବାବେଳେ ପ୍ରମୋଦ ଆମ ସମସ୍ତଙ୍କ ପାଇଁ ଏକ ଜାଜ୍ୱଲ୍ୟ ମାନ ଆଦର୍ଶ ନୁହେଁ କି? ବିଏ ପାସ କରିଥିବା ପ୍ରମୋଦଙ୍କ ଏବେ ଆଗାମୀ ଲକ୍ଷ୍ୟ ଟୋକିଓରେ ୨୦୨୦ରେ ହେବାକୁ ଥିବା ପାରା ଅଲିମ୍ପିକ୍ସ ଉପରେ। ଏଥିରେ ପଦକ ଜିତିପାରିଲେ ସେ ଯେ କେବଳ ଇତିହାସ ରଚିବେ ତାହା ନୁହେଁ ବରଂ ଜଣେ ଭିନ୍ନକ୍ଷମ ନିଜର ଇଚ୍ଛାଶକ୍ତିକୁ ପାଥେୟ କରି ଯେ ଇତିହାସରେ ସ୍ଥାନ ପାଇପାରେ ତାହା ପୁଣିଥରେ ପ୍ରମାଣିତ କରିବେ। କେବଳ ପ୍ରମୋଦ ନୁହନ୍ତି ପୂରା ଭାରତବର୍ଷ ଏବଂ ଆହୁରି ଅନେକ ଚାତକର ସହ ଏହି ଦିନକୁ ଅପେକ୍ଷା କରି ରହିବା ବେଶ୍ ସ୍ୱାଭାବିକ୍ କଥା।

> "ଜଣେ ଅର୍ଜୁନ ପୁରସ୍କାର ପାଇବା ବେଶ୍ ଗର୍ବର କଥା। ଆଉ ଏ ଯାଏ ଆସିବାକୁ ମୋତେ ବହୁତ ସଂଘର୍ଷ କରିବାକୁ ପଡିଛି। ଲୋକ ମୋର ଦକ୍ଷତା ଅପେକ୍ଷା ଶାରୀରିକ ଅକ୍ଷମତାକୁ ବେଶି ଦେଖୁଥିଲେ। ଏହା ହିଁ ମୋତେ ମୋ ଅକ୍ଷମତା ବିରୋଧରେ ସଂଗ୍ରାମ କରିବାକୁ ପ୍ରେରଣା ଯୋଗାଉଥିଲା" –ପ୍ରମୋଦ ଭଗତ




### ସଂକ୍ଷେପରେ......

- ନାମ: ପ୍ରମୋଦ ଭଗତ
- ଜନ୍ମ: ୪ ଜୁନ୍ ୧୯୮୮
- ଜନ୍ମସ୍ଥାନ: ଅତାବିରା, ବରଗଡ଼
- ସ୍ପୋର୍ଟ୍ସ: ପାରା ବ୍ୟାଡ୍‌ମିଣ୍ଟନ (ଏସ୍‌ଏଲ୍-୩)
- ଟ୍ରେନିଂବେସ୍: ଜିଆଇଏଚ୍ ୟୁନିଟ୍-୧, ଭୁବନେଶ୍ୱର
- ଶାରୀରିକ ଅକ୍ଷମତାର ପ୍ରକୃତି- ଅର୍ଥୋପେଡିକ୍ ପୋଲିଓ (ବାମଗୋଡ)
- ମାତାପିତା: କୁସୁମ ଦେବୀ, ସ୍ୱର୍ଗତ କୈଳାସ ଭଗତ
- ପ୍ରମୁଖ ଅନ୍ତର୍ଜାତୀୟ ସଫଳତା: ବ୍ରୋଞ୍ଜ - ୨୦୧୭ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ପାରା ଚାମ୍ପିୟନଶିପ୍
- ବ୍ରୋଞ୍ଜ (ସିଙ୍ଗଲ୍ସ ଓ ଡବଲ୍ସ)- ୨୦୧୬ ବିଡବ୍ଲ୍ୟୁଏଫ୍ ଏସିଆନ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍।
- ସ୍ୱର୍ଣ୍ଣ (ଡବଲ୍ସ), ରୌପ୍ୟ (ସିଙ୍ଗଲ୍ସ)- ୨୦୧୫ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍

# ୟୁଏସ୍ ଓପନ ଟେନିସ

**ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ନୋଭାକ ଜୋକୋଭିଚ୍ ଓ ନାଓମି ଓସାକା ଏଥର ମଧ୍ୟ ୟୁଏସ୍ ଓପନ ଟାଇଟଲ ବଜାୟ ରଖିବେ ବୋଲି ଆଶା କରାଯାଉଛି। ହାର୍ଡ କୋର୍ଟ ଉପରେ ଖେଳାଯାଉଥିବା ବର୍ଷର ଏହି ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୨୬ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୮ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ରାଫାଲ ନାଡାଲ, ରୋଜର ଫେଡେରର, ସିମୋନ ହାଲେପ, କାରୋଲିନା ପ୍ଲିସ୍କୋଭାଙ୍କ ପ୍ରଦର୍ଶନ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି..**

ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ ଟେନିସ ଏଥର ଆସନ୍ତା ୨୬ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୮ ତାରିଖରେ ଶେଷ ହେବ। ଟୁର୍ନାମେଣ୍ଟର ଏହି ୧୩୯ତମ ସଂସ୍କରଣ ସବୁଥର ଭଳି ଏଥର ମଧ୍ୟ ସଫଳ ହେବା ସହ ଲୋକପ୍ରିୟ ହେବ ବୋଲି ଆଶା କରାଯାଉଛି। ହାର୍ଡ କୋର୍ଟ ଉପରେ ଖେଳାଯାଉଥିବା ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟର ମୋଟ ପୁରସ୍କାର ରାଶି ୫୭,୨୩୮,୭୦୦ ଆମେରିକୀୟ ଡଲାର ରଖାଯାଇଛି। ଆମେରିକାର ନ୍ୟୁୟର୍କ ସିଟିର ୟୁଏସ୍‌ଟିଏ ବିଲି ଜିନ୍ କିଙ୍ଗ ନ୍ୟାଶନାଲ ଟେନିସ ସେଣ୍ଟରର ୧୪ଟି ଡେକୋ ଟର୍ଫ ହାର୍ଡ କୋର୍ଟରେ ଟୁର୍ନାମେଣ୍ଟ ବିଭିନ୍ନ ବର୍ଗର ମ୍ୟାଚ୍‌ଗୁଡିକ ଖେଳାଯିବ। ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଟିଏଫ୍) ଦ୍ୱାରା ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାରେ ଗତଥର ସର୍ବିଆର ନୋଭାକ ଜୋକୋଭିଚ୍ ଓ ଜାପାନର ନାଓମି ଓସାକା ଯଥାକ୍ରମେ ପୁରୁଷ ଓ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ସେହିପରି ପୁରୁଷ ଡବଲ୍ସରେ ଆମେରିକୀୟ ଯୋଡି ମାଇକ ବ୍ରାଏନ ଓ ଜ୍ୟାକ ସକ ଟାଇଟଲ ଜିତିଥିଲେ। ମହିଳା ଡବଲ୍ସରେ ଅଷ୍ଟ୍ରିଆ-ଆମେରିକା ଯୋଡି ଆଶଲେ ବାର୍ଟି ଓ କୋକୋ ଭାଣ୍ଡେୱେଘ୍ ବାଜି ମାରିଥିଲେ। ମିକ୍ସଡ ଡବଲ୍ସରେ ଆମେରିକାର ବେଥାନି ମାଟେକ ସାଣ୍ଡ୍ସ ଓ ବ୍ରିଟେନର ଜେମି ମୁରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ।

ଉଭୟ ପୁରୁଷ ଓ ମହିଳା ବିଭାଗରେ ସିଙ୍ଗଲ୍ସ, ଡବଲ୍ସ ସହ ମିକ୍ସଡ ଡବଲ୍ସ ଇଭେଣ୍ଟରେ ପ୍ରତିଯୋଗିତା ଆୟୋଜନ ହୋଇଥାଏ। ଏଥି ସହିତ ବାଳକ, ବାଳିକା, ହ୍ୱିଲ ଚେୟାର ପୁରୁଷ ଓ ମହିଳା ବର୍ଗରେ ମଧ୍ୟ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ଟୁର୍ନାମେଣ୍ଟ ମଧ୍ୟ ଆୟୋଜିତ ହୋଇଥାଏ। ୟୁଏସ୍ ଓପନ୍ ବର୍ଷର ଅନ୍ତିମ ସର୍ବବୃହତ୍ ଟୁର୍ନାମେଣ୍ଟ ହୋଇଥିବାରୁ ସବୁଥର ଭଳି ଏଥର ମଧ୍ୟ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ।

ପୁରୁଷ ସିଙ୍ଗଲ୍ସରେ ଜୋକୋଭିଚ୍ ଶ୍ରେଷ୍ଠ ସିଡ ମାନ୍ୟତା ପାଇଥିବା ବେଳେ ସ୍ପେନର ରାଫାଲ ନାଡାଲ ଦ୍ୱିତୀୟ, ସୁଇଜରଲାଣ୍ଡର ରୋଜର ଫେଡେରର ତୃତୀୟ, ଅଷ୍ଟ୍ରିଆର ଡୋମିନିକ୍ ଥିମ ଚତୁର୍ଥ, ରୁଷିଆର ଡାନିଲି ମେଡଭେଡେଭ ପଞ୍ଚମ ସିଡ ମାନ୍ୟତା ପାଇଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରେ ଓସାକା ଶ୍ରେଷ୍ଠ ସିଡ ମାନ୍ୟତା ପାଇଛନ୍ତି। ସେହିପରି ଅଷ୍ଟ୍ରିଆର ଆଶଲେ ବାର୍ଟି ଦ୍ୱିତୀୟ, ଚେକ୍ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭା ତୃତୀୟ, ରୋମାନିଆ ସିମୋନା ହାଲେପ ଚତୁର୍ଥ, ୟୁକ୍ରେନର ଏଲିନା ଭିଟୋଲିନା ପଞ୍ଚମ ସିଡ ମାନ୍ୟତା ପାଇଛନ୍ତି। ପୁରୁଷ ଡବଲ୍ସରେ କଲମ୍ବିଆ ଯୋଡି ଜୁଆନ ସେବାଷ୍ଟିଆନ କାବାଲ ଓ ରୋବର୍ଟ ଫରହା, ମହିଳା ଡବଲ୍ସରେ ହଙ୍ଗେରୀ ଓ ଫ୍ରେଞ୍ଚ୍ ଯୋଡି ତିମିଆ ବାବୋସ ଓ କ୍ରିଷ୍ଟିନା ମ୍ଲାଡେନୋଭିକ ଶ୍ରେଷ୍ଠ ସିଡ ଯୋଡିର ମାନ୍ୟତା ପାଇଛନ୍ତି।

ୟୁଏସ୍ ଓପନରେ ଏଥର ଭାରତୀୟଙ୍କ ମରୁଡି ଦେଖିବାକୁ ମିଳିବ। ଅବଶ୍ୟ କେତେକ ଖେଳାଳି ବିଭିନ୍ନ କାରଣରୁ ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି। ତେବେ ଏହା ସତ୍ତ୍ୱେ ଟୁର୍ନାମେଣ୍ଟ ଲୋକପ୍ରିୟତା ଉପରେ କୌଣସି ପ୍ରଭାବ ପଡିବନି। ଆର୍ଜେଣ୍ଟିନାର ଜୁଆନ ମାର୍ଟିନ ଡେଲପୋଟ୍ରୋ ଓ ଆମେରିକାର ମ୍ୟାକେଞ୍ଜି ମ୍ୟାକ୍‌ଡୋନାଲ୍ଡ ଓହରିଯାଇଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରୁ ଆମେରିକାର ଅମଣ୍ଡା ଆନିସିମୋଭା, କାଥେରାଇନ୍ ବେଲିସ୍, ସ୍ଲୋଭାକିଆର ଡୋମିନିକା ସିବୁଲକୋଭା, ବ୍ରାଜିଲର ବିଆଟ୍ରିଜ୍ ମାଲା, ସ୍ଲୋଭାକିଆର ଆନ୍ନା କାରୋଲିନା ସିମିଏଡୋଲଭା ଓହରିଯାଇଛନ୍ତି। ୱାଇଲ୍ଡ କାର୍ଡ ମାଧ୍ୟମରେ ମଧ୍ୟ କେତେକ ଯୁବ ଖେଳାଳି ୟୁଏସ୍ ଓପନ୍ ଖେଳିବାର ସୁଯୋଗ ହାସଲ କରିଛନ୍ତି।

ପୁରୁଷ ସିଙ୍ଗଲ୍ସରେ ଏଥର ଜୋକୋଭିଚ୍, ନାଡ଼ାଲ ଓ ଫେଡେରେର ଟାଇଟଲ ଦୌଡ଼ରେ ରହିଛନ୍ତି ଓ ଫେଭରାଇଟ୍ ମନେହେଉଛନ୍ତି। ଏହି ୩ ଖେଳାଳି ଅଭିଜ୍ଞତା ବଳରେ କମାଲ କରିବେ ବୋଲି ଆଶା କରାଯାଉଛି। ତେବେ ଫିଟ୍‌ନେସ ସମସ୍ୟା ଏମାନଙ୍କ ପାଇଁ ବାଧକ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ମହିଳା ସିଙ୍ଗଲ୍ସରେ ଓସାକାଙ୍କ ସମେତେ ହାଲେପ, ବାର୍ଟି, ପ୍ଲିସ୍କୋଭା ଫେଭରାଇଟ୍ ମନେହେଉଛନ୍ତି। ମହିଳା ସିଙ୍ଗଲ୍ସ ପ୍ରତିଯୋଗିତାରେ ଅଭିଜ୍ଞ ଖେଳାଳିଙ୍କୁ ଯୁବ ଖେଳାଳିମାନେ ପଛରେ ପକାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଜୋକୋଭିଚ୍ ଓ ଓସାକା ଏଥର ମଧ୍ୟ ବାଜିମାରି ଟାଇଟଲ ବଜାୟ ଲକ୍ଷ୍ୟରେ ରହିଛନ୍ତି।



### ୨୦୧୯ ଟୁର୍ନାମେଣ୍ଟ

- ସଂସ୍କରଣ: ୧୩୯
- ତାରିଖ: ଅଗଷ୍ଟ ୨୬- ୮ ସେପ୍ଟେମ୍ବର
- କାଟେଗୋରି: ଗ୍ରାଣ୍ଡସ୍ଲାମ
- ପୁରସ୍କାର ରାଶି: ୫୭,୨୩୮, ୭୦୦ ଆମେରିକୀୟ ଡଲର
- ସର୍ଫେସ: ହାର୍ଡ
- ସହର: ନ୍ୟୁୟର୍କ


**ଗତଥରର ଚାମ୍ପିୟନ**

- ପୁରୁଷ ସିଙ୍ଗଲ୍ସ: ନୋଭାକ ଜୋକୋଭିଚ୍
- ମହିଳା ସିଙ୍ଗଲ୍ସ: ନାଓମି ଓସାକା
- ପୁରୁଷ ଡବଲ୍ସ: ମାଇକ ବ୍ରାଏନ/ ଜ୍ୟାକ୍ ସକ
- ମହିଳା ଡବଲ୍ସ: ଆଶଲେ ବାର୍ଟି/ କୋକୋ ଭାଣ୍ଡେୱେଘ୍
- ମିକ୍ସଡ ଡବଲ୍ସ: ବେଥାନି ମାଟେକ ସାଣ୍ଡ୍ସ/ ଜେମି ମୁରେ

### କନ୍‌ଫ୍ୟୁଜ୍

ଆଣ୍ଟିଗୁଆ ସି ବିଚ୍‌ରେ ଟିମ୍
ଇଣ୍ଡିଆ ଖେଳୁଛି ଖେଳ
ବିରାଟ ସାଥିରେ ସ୍ତ୍ରୀ ଅନୁଷ୍କା ଶର୍ମା
ଆମ ଭାରତୀୟ ଦଳ
ଯେମିତ ପକାନ୍ତି ତାଳ
ଚଢି ପିନ୍ଧା ଟୋକା ଦେଶୀ ନା ବିଦେଶୀ
କନଫ୍ୟୁଜ ଲାଗେ ଭୋଳ।।।୧

ସୋଏବ ମଲିକ ପରେ ଆଉ ଜଣେ
ପାକିସ୍ତାନୀ କ୍ରିକେଟର
ଭାରତୀୟ କନ୍ୟା ହାତଧରି ହେଲେ
ସାମିଆ ଅରଜୁ ବର
କନଫ୍ୟୁଜ୍ ତାଙ୍କ ପ୍ୟାର
ଗୋଟିଏ ଦେଖାରେ ଦୁବାଇରେ ଅଲି
ମାରିଥିଲା ଲଭ ତୀର।।।୨



ୱାର୍ଲ୍ଡକପ୍ ଫେଲ୍ ପରେ ବି କୋଚ୍
ରବି ଶାସ୍ତ୍ରୀ ହେଲା ପୁଣି
ଯୁବ କ୍ରୀଡ଼ା ପୁରସ୍କାର ତାଲିକାରେ
କନଫ୍ୟୁଜ ନାଁଆ ମଣି
ବଟମରୁ ଯାଆ ଗଣି
ସବୁ ବିଭାଗରେ ପିସି କାରବାର
ଏଠି କରପ୍‌ସନ ଖଣି।।।୩

–ସୁବାସ ଚନ୍ଦ୍ର ପ୍ରଧାନ

| Dollar | Sensex | Nifty | Gold | Silver |
|---|---|---|---|---|
| 71.81 (↑26) | 36,472.93 (↓587.44) | 10,741.35 (↓177.35) | 38,970.00 (↑₹150) | 45,100.00 (↑₹60) |

## ସଂକ୍ଷେପରେ

### ବର୍ଷକରେ ବନ୍ଦ ହୋଇଛି ୫୫୦୦ ଏଟିଏମ୍, ୬୦୦ ଶାଖା

ନୂଆଦିଲ୍ଲୀ,୨୨-୮: ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଖର୍ଚ୍ଚ କମାଇବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସେମାନେ ବଡ଼ ସହରରେ ନିଜର ଏଟିଏମ୍ ଓ ଶାଖା ବନ୍ଦ କରୁଛନ୍ତି। ସହରବାସୀ ଏବେ ଅଧିକ ସଂଖ୍ୟାରେ ଡିଜିଟାଲ ବ୍ୟାଙ୍କିଙ୍ଗ ଆଡ଼କୁ ଆକୃଷ୍ଟ ହେବା ବଡ଼ କାରଣ ବୋଲି ଦର୍ଶାଯାଉଛି। ଗତ ବର୍ଷକ ମଧ୍ୟରେ ସବୁଠାରୁ ଅଧିକ ଶାଖା ଥିବା ଦେଶର ଶୀର୍ଷ ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୋଟ୍‌ରେ ୫୫୦୦ ନିଜର ଏଟିଏମ୍ ଓ ୬୦୦ ଶାଖାକୁ ବନ୍ଦ କରିଦେଇଛନ୍ତି। ବ୍ୟାଙ୍କଗୁଡ଼ିକର ତ୍ରୈମାସିକ ଫଳାଫଳ ବିଶ୍ଳେଷଣରୁ ଏହା ଜଣାପଡିଛି। ଏଥିରୁ ଜଣାପଡିଛି ଯେ, ଗତବର୍ଷ ଜୁନ୍‌ରୁ ଚଳିତବର୍ଷ ଜୁନ୍ ମଧ୍ୟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସର୍ବାଧିକ ୪୨୦ ଶାଖା ଏବଂ ୭୬୮ ଏଟିଏମ୍ ବନ୍ଦ କରିଛି। ସେହିପରି ଦେନା ବ୍ୟାଙ୍କ ଏବଂ ବିଜୟା ବ୍ୟାଙ୍କକୁ ମିଶାଇବା ପରେ ବ୍ୟାଙ୍କ ଅଫ୍ ବରୋଦା ମୋଟ ୪୦ ଶାଖା ଏବଂ ୨୭୪ ଏଟିଏମ୍ ବନ୍ଦ କରିଦେଇଛି। ଏହି ତାଲିକାରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାଡା ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଏବଂ ଆଲ୍ଲାହାବାଦ୍ ବ୍ୟାଙ୍କ ସାମିଲ ହୋଇଛି।

### ଟଙ୍କା, ସେନ୍‌ସେକ୍ସ ହ୍ରାସ, ସୁନା ଦର ବୃଦ୍ଧି

ମୁମ୍ବାଇ,୨୨-୮: ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ ସରକାରଙ୍କ ପକ୍ଷରୁ କୌଣସି ଆର୍ଥିକ ପ୍ରୋତ୍ସାହନ ଦିଆଯିବ ନାହିଁ ବୋଲି ଗୁରୁବାର ସ୍ପଷ୍ଟ କଲା ପରେ ମୁଦ୍ରା ଓ ଷ୍ଟକ୍ ବଜାରରେ ହଇଚଇ ସୃଷ୍ଟି ହୋଇଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୮ ମାସର ସର୍ବନିମ୍ନ ସ୍ତର ଛୁଇଁଥିବା ବେଳେ ସେନ୍‌ସେକ୍ସ ୫୮୭ ପଏଣ୍ଟ ହ୍ରାସ ହୋଇଛି। ଅନ୍ୟପକ୍ଷରେ ସୁନା ଦରରେ ନିଆଁ ଲାଗିଛି। ଗୁରୁବାର ଏହି ଦର ବୃଦ୍ଧି ପାଇ ୩୯ ହଜାର ଟଙ୍କା ନିକଟତର ହୋଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଚାଇନା ମୁଦ୍ରା ୟୁଆନ ମୂଲ୍ୟ ହ୍ରାସ ପାଇବା ସହ ବିଶ୍ୱ ବଜାରରେ ମାନ୍ଦାବସ୍ଥାର ସଙ୍କେତ କାରଣରୁ ଦେଶର ମୁଦ୍ରା ବଜାରରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ପାଇଥିଲା। ଗୁରୁବାର ଟଙ୍କାର ମୂଲ୍ୟ ୨୬ ପଇସା ହ୍ରାସ ପାଇ ୮ ମାସର ସର୍ବନିମ୍ନ ସ୍ତର ୭୧.୮୧ରେ ପହଞ୍ଚିଛି। ୨୦୧୮ ଡିସେମ୍ବର ୧୪ ପରେ ଏହା ସର୍ବନିମ୍ନ ସ୍ତର ରହିଛି। ସେହିପରି ସମାନ କାରଣରୁ ସେନ୍‌ସେକ୍ସ ୫୮୭.୪୪ ପଏଣ୍ଟ ହ୍ରାସ ପାଇ ୩୬,୪୭୨.୯୩ ରହିଥିବା ବେଳେ ନିଫ୍ଟି ୧୭୭.୩୫ ପଏଣ୍ଟ କମି ୧୦,୭୪୧.୩୫ରେ ବନ୍ଦ ହୋଇଛି। ଦିଲ୍ଲୀ ସର୍ରାଫା ବଜାରରେ ଗୁରୁବାର ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ୍ ୧୫୦ ଟଙ୍କା ବଢ଼ି ୩୮,୯୭୦ ଟଙ୍କାରେ ପହଞ୍ଚିଛି। ଚାହିଦା ବୃଦ୍ଧି କାରଣରୁ ରୁପା କେଜି ୬୦ ଟଙ୍କା ବଢ଼ି ୪୫,୧୦୦ ଟଙ୍କା ହୋଇଛି।



“ଦେଶର ଅର୍ଥନୀତିକୁ ଗତିଶୀଳ କରିବା ଲାଗି ସରକାର ଅନେକଗୁଡ଼ିଏ ପଦକ୍ଷେପ ନେବାକୁ ଯାଉଛନ୍ତି। ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା।
-ରାଜୀବ କୁମାର, ନୀତି ଆୟୋଗ ଉପାଧ୍ୟକ୍ଷ



“ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଯୁବବର୍ଗଙ୍କୁ ଆସନ୍ତା ୨ ବର୍ଷରେ ୨୦ ଲକ୍ଷ ଡେବିଟ ଓ କ୍ରେଡିଟ ପ୍ରଦାନ କରିବ।
-ପରାଗ ରାଓ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ କଣ୍ଟ୍ରି ମୁଖ୍ୟ(କାର୍ଡ ପେମେଣ୍ଟ ପ୍ରଡକ୍ଟ)

# ଋଣ ଅଭିବୃଦ୍ଧି ଉପରେ ଫୋକସ କରିବେ ବ୍ୟାଙ୍କ

- ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ
- ୫ଟ୍ରିଲିୟନ ଅର୍ଥନୀତି ଲକ୍ଷ୍ୟ ହାସଲ ନେଇ ଆଲୋଚନା
- ଜନଧନ, ଆଧାର, ମୋବାଇଲକୁ ଗୁରୁତ୍ୱ




ଭୁବନେଶ୍ୱର, ୨୨-୮(ବ୍ୟୁରୋ)

ଆଗାମୀ ୫ ବର୍ଷରେ ଦେଶର ଅର୍ଥନୀତିକୁ ୫ ଟ୍ରିଲିୟନ ଡଲାରରେ ପହଞ୍ଚାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏ ଦିଗରେ ବ୍ୟାଙ୍କଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଥିବା ବେଳେ ଅର୍ଥନୀତିକୁ ଆଗେଇ ନେବା ଲାଗି ବିଭିନ୍ନ ପଦକ୍ଷେପ ଉପରେ ଶାଖା ସ୍ତରରୁ ମାନସମନ୍ଥନ ଆରମ୍ଭ ହୋଇଛି। ଚଳିତ ମାସ ୧୭ ଏବଂ ୧୮ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଶାଖାସ୍ତରୀୟ ପରାମର୍ଶ ଗ୍ରହଣ କରିବା ପରେ ଏବେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି(ଏସ୍‌ଏଲ୍‌ବିସି)ରେ ଏହି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ବୈଠକରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ,ଶିଳ୍ପ ପ୍ରତିନିଧି, ସରକାରଙ୍କ ଉଚ୍ଚାଧିକାରୀ ଯୋଗ ଦେଇ ସରକାରଙ୍କ ପ୍ରମୁଖ ଏଜେଣ୍ଡା ଉପରେ ଆଲୋଚନା କରିଛନ୍ତି। ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ଲାଗି ଋଣ ପ୍ରଦାନ ଧାରାକୁ ପ୍ରୋତ୍ସାହିତ କରାଯିବ। ୧୨% ଋଣ ଅଭିବୃଦ୍ଧି ଲକ୍ଷ୍ୟ ନେଇ ବ୍ୟାଙ୍କଗୁଡ଼ିକୁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ପୂରଣ ଦିଗରେ ବିଭିନ୍ନ ବ୍ୟାଙ୍କଗୁଡିକ କାର୍ଯ୍ୟ କରିବେ ବୋଲି ଏହି ଅବସରରେ ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଓଡ଼ିଶା ଏସ୍‌ଏଲ୍‌ବିସି ଅଧ୍ୟକ୍ଷ ଅଜୟ ବ୍ୟାସ୍ କହିଛନ୍ତି।

ଏଠାରେ ଆୟୋଜିତ ବୈଠକରେ ଯୋଗ ଦେଇ ସେ କହିଛନ୍ତି ଯେ, ବ୍ୟାଙ୍କଗୁଡିକର କାର୍ଯ୍ୟଶୈଳୀରେ ଦକ୍ଷତା ବୃଦ୍ଧି, ବ୍ୟାଙ୍କିଙ୍ଗ ଧାରା, ଟେକ୍ନୋଲୋଜି ଗ୍ରହଣ, ଗ୍ରାହକଙ୍କ ଚାହିଦା ଉପରେ ପ୍ରାଥମିକତା ଦିଆଯାଉଛି। ଭଲ ପ୍ରଦର୍ଶନ କରୁଥିବା ଶାଖାକୁ ଉତ୍ସାହିତ ଏବଂ ଖରାପ ସ୍ଥିତିରେ ଥିବା ଶାଖାଗୁଡିକର କାର୍ଯ୍ୟଧାରାରେ ଉନ୍ନତି ଆଣିବାକୁ ପରାମର୍ଶ ଗ୍ରହଣ କରାଯାଇଛି। ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯିବା ପରେ ଏହାକୁ ବ୍ୟାଙ୍କଗୁଡିକ ନିଜର ମୁଖ୍ୟ କାର୍ଯ୍ୟାଳୟକୁ ଜଣାଇ ଦେବେ। ଏହାପରେ ମୁଖ୍ୟ କାର୍ଯ୍ୟାଳୟରୁ ପରାମର୍ଶ ସରକାରଙ୍କୁ ପ୍ରଦାନ କରାଯିବ।

ସେ କହିଛନ୍ତି ଯେ, ଜନଧନ, ଆଧାର ସଂଯୋଗ ଏବଂ ମୋବାଇଲ ବ୍ୟବହାର ଦ୍ୱାରା ଅର୍ଥନୀତି ବିକାଶ ଦିଗରେ ଏକ ପ୍ରମୁଖ ଅଂଶୀଦାର ହେବ। ବ୍ୟାଙ୍କଗୁଡିକ ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର ଦ୍ୱାରା ଏହି କ୍ଷେତ୍ରରେ ନିଜର ଯୋଗଦାନ ରଖିପାରିବେ। ବର୍ତ୍ତମାନ ଜନଧନ ଯୋଜନାରେ ୩୫ କୋଟି ଆକାଉଣ୍ଟ ଖୋଲାଯାଇଥିବା ବେଳେ ୯୫% ଲୋକଙ୍କ ନିକଟରେ ଆଧାର ନମ୍ବର ରହିଛି। ଏହାକୁ ବ୍ୟବହାର କରିବା ନେଇ ସେ ବ୍ୟାଙ୍କଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଏହାବାଦ ଏମ୍‌ଏସ୍‌ଏମ୍‌ଇକୁ ଋଣ ଯୋଗାଣ, କୃଷି କ୍ଷେତ୍ରକୁ ସହାୟତା, ରପ୍ତାନି କ୍ଷେତ୍ରକୁ ପ୍ରୋତ୍ସାହନ, କର୍ପୋରେଟ ଗଭର୍ନାନ୍ସରେ ଉନ୍ନତି, ମାନ୍ଦାବସ୍ଥା ଦେଇ ଗତି କରୁଥିବା ଅର୍ଥନୀତିରେ ବିକାଶଧାରା ବୃଦ୍ଧି ପାଇଁ ନିବେଶ ପ୍ରୋତ୍ସାହନ ଉପରେ ବ୍ୟାଙ୍କଗୁଡିକ ଗୁରୁତ୍ୱ ଦେବାକୁ ମତାମତ ଗ୍ରହଣ କରାଯାଉଛି। ମୁଦ୍ରା ଯୋଜନାରେ ବ୍ୟାଙ୍କଗୁଡିକ ଭଲ ପରଫରମାନ୍ସ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ସେହିଭଳି ଇଜ ଅଫ୍ ଡୁଇଙ୍ଗ ବିଜନେସ, ନୂତନ ବ୍ୟାଙ୍କିଙ୍ଗ ପରିଭାଷା ଉପରେ ପ୍ରାଥମିକତା ଦିଆଯାଉଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

ଶୀଘ୍ର ଅଧିକାଂଶ ବ୍ୟାଙ୍କ ରେପୋ ରେଟ୍ ହ୍ରାସକୁ ସେମାନଙ୍କ ବ୍ୟବସ୍ଥା ସହ ଯୋଡିବେ ବୋଲି ଏଠାରେ ସୂଚନା ଦିଆଯାଇଛି। ଫଳରେ ରିଜର୍ଭ ବ୍ୟାଙ୍କ ସୁଧହାର ହ୍ରାସ ହେଲେ ତ୍ୱରିତ ଭିତ୍ତିରେ ଗ୍ରାହକ ଏହାର ଲାଭ ପାଇବେ। କାର୍ଯ୍ୟକ୍ରମରେ ଅର୍ଥ ବିଭାଗ ପ୍ରମୁଖ ସଚିବ ଏ.କେ.ମୀନା, ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ, ଇନଷ୍ଟିଚ୍ୟୁଶନାଲ ଫାଇନାନ୍ସର ସ୍ୱତନ୍ତ୍ର ସଚିବ ଏବଂ ନିର୍ଦ୍ଦେଶକ ପି.କେ. ବିଶ୍ୱାଳ, ଏସ୍‌ବିଆଇ ସିଜିଏମ୍ ପ୍ରବୀଣା କାଲା, ଏସ୍‌ଏଲ୍‌ବିସି ଆବାହକ ଟି.ଆର୍. ଚୋକଲିଙ୍ଗମ୍, ଆର୍‌ବିଆଇ ଉପମହାପ୍ରବନ୍ଧକ ବିଶ୍ୱ ରଞ୍ଜନ ପାତ୍ର, ଏସ୍‌ଏଲ୍‌ବିସି ଓଡ଼ିଶା ଇନଚାର୍ଜ ପି.କେ.ସି ଦାଶ ଏବଂ ଓସ୍‌ମେ ମହାସଚିବ ସାତ୍ତ୍ୱିକ ସ୍ୱାଇଁ ପ୍ରମୁଖ ଏଠାରେ ଉପସ୍ଥିତ ଥିଲେ।

## ମାନସିକତା ବଦଳାନ୍ତୁ ଘରୋଇ କମ୍ପାନୀ:ସିଇଏ

- ଆର୍ଥିକ ପ୍ୟାକେଜ ଦେବେନି ସରକାର

ନୂଆଦିଲ୍ଲୀ,୨୨-୮

ଦେଶର ଅର୍ଥନୀତି ଧିମା ହେବା କାରଣରୁ ଉଦ୍ୟୋଗ ଜଗତ ଏବେ ମାନ୍ଦାବସ୍ଥାର ଶିକାର ହୋଇଛି। ସରକାରଙ୍କ ପକ୍ଷରୁ ତୁରନ୍ତ ଆର୍ଥିକ ପ୍ୟାକେଜ ଘୋଷଣା କରିବାକୁ ଉଦ୍ୟୋଗ ଜଗତ ପକ୍ଷରୁ ଦାବି କରାଯାଇଛି। ତେବେ ସରକାର କୌଣସି ପ୍ରକାର ଆର୍ଥିକ ସହାୟତା ଘୋଷଣା କରିବେ ନାହିଁ ବୋଲି ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ କହିଛନ୍ତି। ଘରୋଇ କମ୍ପାନୀଗୁଡ଼ିକ ଲାଭକୁ ନିଜର ବୋଲି ଦର୍ଶାଉଥିବା ବେଳେ କ୍ଷତିକୁ ସାର୍ବଜନୀନ ବୋଲି ଦେଖାଇବା ଠିକ୍ ଅର୍ଥଶାସ୍ତ୍ର ନୁହେଁ ବୋଲି ସେ କହିଛନ୍ତି। ଏଣୁ ସେମାନେ ନିଜର ମାନସିକତା ବଦଳାନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ହିରୋ ମାଇଣ୍ଡମାଇନ ସମିଟ,୨୦୧୯ରେ ଉଦ୍‌ବୋଧନ ଦେଇ ସୁବ୍ରମଣ୍ୟନ କହିଛନ୍ତି ଯେ, ଉଦ୍ୟୋଗ ଜଗତ ଲାଗି ଭଲ ଓ ଖରାପ ସ୍ଥିତି ଦେଖାଯିବା ଏକ ସାଧାରଣ ବ୍ୟାପାର। ଖରାପ ସମୟରେ ଉଦ୍ୟୋଗ ଜଗତ ସରକାରଙ୍କଠାରୁ ସମର୍ଥନ ଆଶାକରିବା ନୈତିକ ରୂପରେ କ୍ଷତିକାରକ ପ୍ରମାଣିତ ହୋଇପାରେ। ଘରୋଇ କମ୍ପାନୀଗୁଡ଼ିକୁ ନିଜର ମାନସିକତାରେ ପରିବର୍ତ୍ତନ ଆଣିବାକୁ ହେବ ବୋଲି ସେ କହିଛନ୍ତି।

## ବଟରଫ୍ଲାଏ ପକ୍ଷରୁ ଡିଲରମିଟ



- ସିଜନ କଞ୍ଜ୍ୟୁମର ଅଫର ଘୋଷଣା
- ବଜାରକୁ ଆଣିଲା ନୂଆ ପ୍ରଡକ୍ଟ

ଭୁବନେଶ୍ୱର, ୨୨-୮(ବ୍ୟୁରୋ)

ଆପ୍ଲାଏନ୍ସ ଏବଂ କିଚେନୱେର କ୍ଷେତ୍ରରେ ପ୍ରମୁଖ ବ୍ରାଣ୍ଡ ବଟରଫ୍ଲାଏ ପକ୍ଷରୁ ଡିଲର ମିଟ୍ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ଓଡ଼ିଶାରେ ଭଲ କାରବାର କରୁଥିବା ବେଳେ ନୂଆ ନୂଆ ପ୍ରଡକ୍ଟ ଉପଲବ୍ଧ କରୁଛି। ଏଠାରେ କମ୍ପାନୀକୁ ଗ୍ରାହକଙ୍କଠାରୁ ଭଲ ରେସପନ୍ସ ମିଳିଥିବା ବେଳେ ୧୩ ବିତରକ ଏବଂ ୫୦୦ରୁ ୬୦୦ ରିଟେଲ ନେଟୱର୍କ ସହ କାର୍ଯ୍ୟ କରୁଛି। ଏହି ଅବସରରେ ସିଜନ କଞ୍ଜ୍ୟୁମର ଅଫର ଘୋଷଣା କରାଯାଇଛି। ଏହା ଅଗଷ୍ଟଠାରୁ ଅକ୍ଟୋବର ଯାଏ ଉପଲବ୍ଧ ହେବ ବୋଲି କମ୍ପାନୀର ଇଲେକ୍‌ଟ୍ରିକାଲ ଆପ୍ଲାଏନ୍ସ କ୍ୟାଟେଗୋରୀ ହେଡ୍ ଭେଙ୍କଟେଶ କୁମାର ସୂଚନା ଦେଇଛନ୍ତି। ପାର୍ବଣ ସମୟରେ କମ୍ପାନୀ ଭଲ କାରବାର କରୁଥିବା ବେଳେ ମୋଟ କାରବାରର ଏହା ୪୦ରୁ ୫୦% ରହିଛି। ରାଜ୍ୟରେ ପାର୍ବଣରେ କମ୍ପାନୀ ୮ରୁ ୧୦ କୋଟି ବାଣିଜ୍ୟ ଲକ୍ଷ୍ୟ ରଖିଛି। ରାଜ୍ୟରେ ଉନ୍ନତ ଅଭିବୃଦ୍ଧି ଆଶା ରହିଥିବା କୁମାର କହିଛନ୍ତି। କମ୍ପାନୀ ଏମ୍‌ଜି ମିକ୍ସର ଗ୍ରାଇଣ୍ଡର କ୍ରୟ ଉପରେ ଆକର୍ଷଣୀୟ ରିହାତି, ପ୍ରେସର କୁକର ଉପରେ ୩୦% ପର୍ଯ୍ୟନ୍ତ ରିହାତି, ଚିମନୀ ତଥା ଅନ୍ୟ ପ୍ରଡକ୍ଟରେ ରିହାତି ପ୍ରଦାନ କରୁଛି। ଗ୍ରାହକଙ୍କ ଲାଗି ଭଲ ପ୍ରଡକ୍ଟ ଆଣିବା ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। ଓଡ଼ିଶା ଏକ ଅଭିବୃଦ୍ଧିଶୀଳ ବଜାର ହୋଇଥିବାବେଳେ ଏଠାରେ ଅଭିବୃଦ୍ଧିଧାରା ଜାରି ରହିବ ବୋଲି କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ଅରୁଣ ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ କମ୍ପାନୀର ନୂଆ ପ୍ରଡକ୍ଟଗୁଡିକ ବଜାର ପ୍ରବେଶ କରାଯାଇଥିଲା। ମିକ୍ସର ଗ୍ରାଇଣ୍ଡର,ଏଲପିଜି କୁକ୍ ଟପ୍ ଭଳି ଆଉ କିଛି ପ୍ରଡକ୍ଟ ବର୍ଗରେ ଏଠାରେ ଉନ୍ନତ ବଜାର ଅଂଶ ହାସଲ କରିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ନୀରବ ମୋଦିଙ୍କ ହାଜତ ମିଆଦ ସେପ୍ଟେମ୍ବର ୧୯ ଯାଏ ବୃଦ୍ଧି

ଲଣ୍ଡନ,୨୨-୮

ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ଜେଲ୍ ହାଜତ ମିଆଦ ସେପ୍ଟେମ୍ବର ୧୯ ଯାଏ ବୃଦ୍ଧି ପାଇଛି। ଭାରତକୁ ପ୍ରତ୍ୟର୍ପଣ ନେଇ ଆଗତ ମାମଲାର ସାମ୍ନା କରୁଥିବା ନୀରବଙ୍କୁ ଏବେ ବ୍ରିଟେନର ୱାଣ୍ଡସୱର୍ଥ ଜେଲ୍‌ରେ ରଖାଯାଇଛି। ତାଙ୍କୁ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଗୁରୁବାର ୱେଷ୍ଟମିନିଷ୍ଟର ଅଦାଲତର ବିଚାରପତି ଟାନ ଇକରମ୍‌ଙ୍କ ସମ୍ମୁଖରେ ହାଜର କରାଯାଇଥିଲା। ସେପ୍ଟେମ୍ବର ୧୯ରେ ଶୁଣାଣି ବେଳେ ପ୍ରତ୍ୟର୍ପଣ ମାମଲାର ଶୁଣାଣି ତାରିଖ ଘୋଷଣା କରାଯିବ। ପ୍ରାୟ ୨ ବିଲିୟନ ଡଲାର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଜାଲିଆତି ମାମଲାରେ ନୀରବଙ୍କୁ ଲଣ୍ଡନରେ ଗିରଫ କରାଯାଇଛି। ତାଙ୍କୁ ଏହି ମାମଲାରେ ପ୍ରତ୍ୟର୍ପଣ ପାଇଁ ଭାରତ ପକ୍ଷରୁ ବ୍ରିଟେନ ସରକାରଙ୍କ ନିକଟରେ ଅନୁରୋଧ କରାଯାଇଛି।




## ହ୍ୟୁଣ୍ଡାଇର ନୂଆ ଗ୍ରାଣ୍ଡ ଆଇ-୧୦ ନିଓସ

ନୂଆଦିଲ୍ଲୀ, ୨୨-୮

ହ୍ୟୁଣ୍ଡାଇ ପକ୍ଷରୁ ନୂଆ ଗ୍ରାଣ୍ଡ ଆଇ-୧୦ ନିଓସ ମଡେଲ ବଜାରକୁ ଆସିଛି। ସ୍ମାର୍ଟମୋବିଲିଟି ପ୍ରଦାନ କରୁଥିବା ଏହି ଯାନଟି ତୃତୀୟ ପିଢ଼ିର କାର। ଏଥିରେ ଗ୍ରାହକମାନେ ଷ୍ଟାଇଲିସ ଲୁକ, ଆକର୍ଷଣୀୟ ଡିଜାଇନ ଏବଂ ଆଇଟେକ ଫିଚର୍ସ ଲାଭ କରିପାରିବେ। ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଯାନଟିକୁ ଡିଜାଇନ କରାଯାଇଛି। ଏଥିରେ ପ୍ରିମିୟମ କ୍ୟାବିନ, ବିକଶିତ ପାୱାରଟ୍ରେନ ସୁବିଧା ଏବଂ ନୂଆ ଟେକ୍ନୋଲୋଜି ରହିଛି। ଏହା ବିଏସ୍ -୬ ଇଞ୍ଜିନ ୧.୨ ଲିଟର ପେଟ୍ରୋଲ ଏବଂ ଡିଜେଲ ଇଞ୍ଜିନ, ଶକ୍ତିଶାଳୀ ଷ୍ଟିଲ ବଡି ଏବଂ ଭ୍ୟାରେବୁଲ ବେସିକ ୱାରେଣ୍ଟିଂ ସହ ଆସୁଛି। ନୂଆ ମଡେଲଟିକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି। ଏହା ଗ୍ରାହକଙ୍କୁ ପସନ୍ଦ ଆସିବ ବୋଲି କମ୍ପାନୀର ସିଇଓ ଏସ୍‌ଏସ୍ କିମ୍ କହିଛନ୍ତି।

### ଓଏସ୍‌ଏଲ୍ ହ୍ୟୁଣ୍ଡାଇଠାରେ ମଡେଲର ଉନ୍ମୋଚନ

ଭୁବନେଶ୍ୱର,୨୨-୮

କଟକ ବକ୍ସି ବଜାରସ୍ଥିତ ଓଏସ୍‌ଏଲ୍ ହ୍ୟୁଣ୍ଡାଇଠାରେ ନୂଆ ଗ୍ରାଣ୍ଡ ଆଇ-୧୦ ନିଓସ ମଡେଲଟିର ବଜାର ପ୍ରବେଶ ହୋଇଛି। ଷ୍ଟେଟ ବ୍ୟାଙ୍କ ଆର୍‌ଏମ୍ ଦ୍ୱିବେନ୍ଦୁ ଦାସ, ଏଜିଏମ୍ ବୈକୁଣ୍ଠ ଚରଣ ଷଡଙ୍ଗୀ ନୂଆ ଯାନଟିକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ବିଆଇ ଚିଫ୍ ମ୍ୟାନେଜର ଶୁଭ୍ରଜ୍ୟୋତି କାନୁନଗୋ, ବିଏମ୍ ଜୟଶ୍ରୀ ପଟ୍ଟନାୟକ, ଶୋ'ରୁମର ବିକ୍ରିବିଭାଗ ଜିଏମ୍ ଶୁଭାଶିଷ ଚକ୍ରବର୍ତ୍ତୀ, ସର୍ଭିସ ଜିଏମ୍ ତନ୍ମୟ ମୁଖୋପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।




# ୭ମାସରେ ଚାକିରି ଛାଡ଼ିଛନ୍ତି ୫୮ ସିଇଓ-ଏମ୍‌ଡି

ନୂଆଦିଲ୍ଲୀ,୨୨-୮

ଇଣ୍ଡିଆ ଇଙ୍କ୍‌ର କର୍ନର ଅଫିସ୍‌ରୁ ଚଳିତ ବର୍ଷର ୭ ମାସ ମଧ୍ୟରେ ୫୮ ଜଣ ସିଇଓ-ଏମ୍‌ଡି ଚାକିରି ଛାଡ଼ିଛନ୍ତି। ପ୍ରାଇମ ଡାଟାବେସ୍ ପକ୍ଷରୁ ଏନ୍‌ଏସ୍‌ଇଇନ୍‌ଫୋବେସ୍ ଡଟ୍ କମ୍‌ର ତର୍ଜମା କରାଯିବା ପରେ ଏହି ତଥ୍ୟ ଜଣାପଡିଛି। ୨୦୦୯ରେ ଏହିସଂଖ୍ୟା ୨୨ ଏବଂ ୨୦୦୬ରେ ଏହା ମାତ୍ର ୨୭ ଥିଲା। ତଥ୍ୟରୁ ଜଣାପଡିଛି ଯେ, ଅଧିକାଂଶ ସିଇଓ ତଥା ଏମ୍‌ଡି ବିଭିନ୍ନ କାରଣ ଓ ପରିସ୍ଥିତି ଯୋଗୁ ଚାକିରି ଛାଡ଼ିଥିବା ଜଣାପଡିଛି। ପ୍ରତିବର୍ଷ ସେମାନଙ୍କ ଇସ୍ତଫା ଦେବା ସଂଖ୍ୟା ଭିନ୍ନ ରହିଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ଅନେକ କ୍ଷେତ୍ରରେ ଚାପ ବୃଦ୍ଧି, ସର୍ବୋଚ୍ଚ ସ୍ତରରେ କାର୍ଯ୍ୟଦକ୍ଷତା କମିବା ବରଦାସ୍ତ ନ କରିବା, ପ୍ରଦର୍ଶନ ସୁଧାରିବାର ଚାପ ଓ କୌଣସି ପ୍ରକାର ଜାଲିଆତି କାରଣରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଯୋଗୁ ଚଳିତବର୍ଷ ଅଧିକ ସଂଖ୍ୟାରେ ସିଇଓ ଓ ଏମ୍‌ଡି ବାହାରି ଯାଇଛନ୍ତି।

### ୨୦୧୮ରେ ସର୍ବାଧିକ ସିଇଓଙ୍କ ଇସ୍ତଫା

ଗତ ୧୪ ବର୍ଷରେ ସର୍ବାଧିକ ସିଇଓ ଗତବର୍ଷ ଇସ୍ତଫା ଦେଇଥିଲେ। ସେତେବେଳେ ବର୍ଷର ପ୍ରଥମ ୭ ମାସରେ ୫୯ ସିଇଓ ଓ ଏମ୍‌ଡି ପଦ ଛାଡ଼ିଥିଲେ। ସମ୍ପୂର୍ଣ୍ଣ ବର୍ଷରେ ଏହି ସଂଖ୍ୟା ୧୦୮ରେ ପହଞ୍ଚିଥିଲା। ପ୍ରାଇମ ଡାଟାବେସ୍ ଅନୁଯାୟୀ, ଏହା ଗ୍ଲୋବାଲ ଟ୍ରେଣ୍ଡ ସହିତ ତାଳ ଦେଇ ହେଉଥିଲା। ୨୦୧୮ରେ ବିଶ୍ୱରେ ସିଇଓ ଓ ଏମ୍‌ଡିଙ୍କ ଇସ୍ତଫା ସଂଖ୍ୟା ୧୯ ବର୍ଷର ଶୀର୍ଷରେ ପହଞ୍ଚିଯାଇଥିଲା। ପ୍ରାଇସ୍‌ୱାଟର ହାଉସ୍‌କୁପର୍ସର ଷ୍ଟ୍ରାଟେଜି ଆଣ୍ଡ ସିଇଓ ସକ୍ସେସ୍ ଷ୍ଟଡିରୁ ଏହି ସଂଖ୍ୟା ମିଳିଥିଲା। ସାରା ବିଶ୍ୱରେ ୨୫୦୦ ତାଲିକାଭୁକ୍ତ କମ୍ପାନୀ ମଧ୍ୟରୁ ୧୭.୫%କୁ ଷ୍ଟଡିରେ ସାମିଲ କରାଯାଇଥିଲା। ସେମାନଙ୍କ ସିଇଓ ବଦଳ ହାର ୩.୬% ରହିଥିଲା। ଏହି ଷ୍ଟଡି ଅନୁଯାୟୀ ନୈତିକତା ସମ୍ପର୍କିତ ମାମଲାରେ ଗତବର୍ଷ ସର୍ବାଧିକ ସିଇଓଙ୍କୁ ବିଦା କରାଯାଇଛି। ବ୍ରାଜିଲ, ଭାରତ ଓ ରୁଷ୍‌ରେ ୨୦୧୮ରେ ସିଇଓ ଟର୍ନଓଭର ୨୧.୬ ପ୍ରତିଶତରେ ପହଞ୍ଚି ଯାଇଥିଲା, ଯାହା ହାରାହାରି ଠାରୁ ଅଧିକ।




### ସିଇଓଙ୍କ ଉପରେ ଚାପ

ମ୍ୟାରିକୋ ଅଧ୍ୟକ୍ଷ ହର୍ଷ ମାରିୱାଲା କହିଛନ୍ତି ଯେ, ବ୍ୟବସାୟିକ ପରିବେଶ ଆହ୍ୱାନପୂର୍ଣ୍ଣ ହୋଇଗଲାଣି। ଅଭିବୃଦ୍ଧି ଧିମା ହେବା, ଲକ୍ଷ୍ୟ ହାସଲ କରିବା ଅଥବା ବାଧା କାରଣରୁ ଆଜି ସିଇଓଙ୍କ କାମ ଅନେକ ଚ୍ୟାଲେଞ୍ଜଯୁକ୍ତ ହୋଇଯାଇଛି। ପ୍ରାଇମ ଡାଟାବେସ୍ ଗ୍ରୁପ୍ ଏମ୍‌ଡି ପ୍ରଣବ ହଲ୍‌ଦିଆ କହିଛନ୍ତି ଯେ, ସିଇଓ ଓ ଏମ୍‌ଡି ଭୂମିକାରେ ଅଧିକ ଦାୟିତ୍ୱ କାରଣରୁ ଆଜି ଦରମା ବେଶ ବଢ଼ିଛି। କିନ୍ତୁ ଏଥିସହିତ ଅଧିକ ବିପଦ ମଧ୍ୟ ଯୋଡି ହୋଇଯାଇଛି। ଏହି କାରଣରୁ କମ୍ପାନୀର ଶୀର୍ଷ ପଦରେ ତିଷ୍ଠି ରହିବା ଅସମ୍ଭବ ହେଲାଣି। ସେ କହିଛନ୍ତି ଯେ, ସିଇଓଙ୍କ ଉପରେ ଆଜି ଅନେକ ଚାପ ରହିଛି। ତାଙ୍କୁ ବୋର୍ଡ, ନିବେଶକ ଓ ଶେୟାରଧାରୀଙ୍କ ଚାପର ସାମ୍ନା କରିବାକୁ ପଡିଥାଏ। ପ୍ରଦର୍ଶନ କରି ନ ପାରିଲେ ତାଙ୍କୁ ନିଜ ପଦ ଛାଡ଼ିବାକୁ ହେବ।

### ଷ୍ଟାର୍ଟଅପ୍ ଇକୋସିଷ୍ଟମ ସହ ଯୋଡ଼ି ହେଉଛନ୍ତି ସିଇଓ

ପ୍ରକ୍ସି ଆଡ୍‌ଭାଇଜରୀ ଫାର୍ମ ଇନ୍‌ଷ୍ଟିଚ୍ୟୁଶନାଲ ଇନ୍‌ଭେଷ୍ଟର ଆଡଭାଇଜରୀ ସର୍ଭିସେସ୍‌ର ଏମ୍‌ଡି ଅମିତ ଟଣ୍ଡନଙ୍କ କହିବାନୁଯାୟୀ, ସିଇଓଙ୍କ କାର୍ଯ୍ୟକାଳ ଛୋଟ ହୋଇ ଯାଉଛି। ସେ ଏହାର ଦୁଇଟି କାରଣ ଦର୍ଶାଇଛନ୍ତି। ପ୍ରଥମତଃ, ସିଇଓଙ୍କଠାରୁ ଅଂଶଧନକାରୀମାନେ ଅଧିକ ଲାଭ ଆଶା କରୁଛନ୍ତି। ଦ୍ୱିତୀୟତଃ ସିଇଓ ଚାଲେଞ୍ଜିଙ୍ଗ ରୋଲ୍ ଖୋଜୁଛନ୍ତି। ସେମାନେ ନିଜର ବ୍ୟବସାୟ ଆରମ୍ଭ କରୁଛନ୍ତି ଅଥବା ଷ୍ଟାର୍ଟଅପ୍ ଇକୋସିଷ୍ଟମ ସହ ନିଜକୁ ଯୋଡୁଛନ୍ତି। ଟଣ୍ଡନ କହିଛନ୍ତି ଯେ, ଯେଉଁ ଫ୍ୟାମିଲି ବ୍ୟବସାୟରେ ପ୍ରଫେଶନାଲ ମ୍ୟାନେଜମେଣ୍ଟ ରହିଛି, ସେମାନେ ପରିବାରର କୌଣସି ସଦସ୍ୟଙ୍କ ତୁଳନାରେ ପେସାଦାର ମ୍ୟାନେଜମେଣ୍ଟଠାରୁ ଅଧିକ କାମ ଆଶା କରୁଛନ୍ତି। ପରିବାରର କୌଣସି ସଦସ୍ୟ ଶୀର୍ଷ ପଦରେ ରହି ଖରାପ ପ୍ରଦର୍ଶନ କଲେ ତାଙ୍କୁ ହଟାଯିବାର ପରମ୍ପରା ଦେଖିବାକୁ ମିଳେ ନାହିଁ।


**OFFICE OF THE DISTRICT JUDGE, JAGATSINGHPUR**

**ADVERTISEMENT**

**Dated, Jagatsinghpur, the 22nd day of August, 2019**

Applications are invited from the desirous candidates in the prescribed format for the recruitment of the following category of posts in the judgeship of Jagatsinghpur

**CATEGORY WISE VACANCY POSITION**

| Sl. No. | Name of the Post | Level & Cell of Pay Matrix and Scale of Pay | UR | | SEBC | | SC | | ST | | Total |
|---|---|---|---|---|---|---|---|---|---|---|---|
| | | | M | W | M | W | M | W | M | W | |
| 1 | Jr. Clerk-Cum-Copyist | Level-4, Cell-1, (Rs. 19,900/- - 63,200/-) | 2 | 2 | 0 | 0 | 1 | 1 | 1 | 0 | 7 |
| 2 | Jr. Typist | Level-4, Cell-1, (Rs.19,900/- - 63,200/-) | 0 | 0 | 1 | 0 | 0 | 0 | 0 | 0 | 1 |
| 3 | Stenographer, Grade-III | Level-7, Cell-1 (Rs. 25,500/- - 81,100/-) | 1 | 1 | 1 | 0 | 1 | 0 | 1 | 0 | 5 |
| 4 | Driver | Level-4, Cell-1, (Rs. 19,900/- - 63,200/-) | 1 | 0 | 0 | 0 | 0 | 0 | 0 | 0 | 1 |

Note -1. Reservation in respect of Women / Physically Handicapped Persons/ Ex-Service men / Sports Persons shall be as per Rule.

2. The number of posts advertised in each cadre may increase or decrease as per the discreation of the District Recruitment Committee.

3. The application with the required documents and self attested copies of certificates must reach the OFFICE OF THE DISTRICT JUDGE, JAGATSINGHPUR, PIN - 754103 ON OR BEFORE 21.09.2019 either in post or in person during office hours on each working day. Applications received in the Office after the last date by any means shall be summarily rejected.

4. For further details please visit the website : https://districts.ecourts.gov.in/jagatsinghpur.

**Sd./- District Judge-cum-Chairman,**
**District Recruitment Committee, Jagatsinghpur**

ଧରିତ୍ରୀ
DHARITRI
ଶୁକ୍ରବାର, ଅଗଷ୍ଟ ୨୩, ୨୦୧୯





ଜଣେ ଅଣ ଚାଇନିଜ ଫୁଟ୍‌ବଲ ଭାବେ ମୁଁ ଚାଇନା ଜାତୀୟ ଦଳରେ ସ୍ଥାନ ପାଇଛି। ଦଳର ବିଶ୍ୱକପ୍ ଯୋଗ୍ୟତା ବର୍ତ୍ତମାନ ମୋର ପ୍ରଧାନ ଲକ୍ଷ୍ୟ ।

–ଏଲ୍‌କସନ, ବ୍ରାଜିଲିଆନ ଜନ୍ମିତ ଷ୍ଟ୍ରାଇକର

ମେସି ମୋତେ ଜଣେ ଉନ୍ନତ ଖେଳାଳିରେ ପରିଣତ କରିଛନ୍ତି। ହେଲେ ଆର୍ଜେଣ୍ଟିନାର ଏହି ମହାନ ଫୁଟ୍‌ବଲରଙ୍କ ସହ ମୋର ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ରହିଛି ।

–କ୍ରିଷ୍ଟିଆନୋ ରେନାଲ୍‌ଡୋ, ବିଶିଷ୍ଟ ଫୁଟ୍‌ବଲ ଖେଳାଳି



## ସଂକ୍ଷେପରେ

### ଡେଭିସ୍ କପ୍ ମ୍ୟାଚ ନଭେମ୍ବରକୁ ଘୁଞ୍ଚିଲା

ନୂଆଦିଲ୍ଲୀ, ୨୨।୮ (ପି.ଟି.): ପାକିସ୍ତାନ ବିପକ୍ଷ ଭାରତର ଡେଭିସ୍ କପ୍ ଟେନିସ ମ୍ୟାଚ ନଭେମ୍ବରକୁ ଘୁଞ୍ଚାଇ ଦିଆଯାଇଛି। ପାକିସ୍ତାନର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ ପରେ ଇଣ୍ଟରନ୍ୟାଶନାଲ ଟେନିସ ଫେଡେରେଶନ (ଆଇଟିଏଫ୍) ଗୁରୁବାର ଏହା ଘୋଷଣା କରିଛି। ଏହି ମୁକାବିଲା ସେପ୍ଟେମ୍ବର ୧୪-୧୫ରେ ଇସ୍‌ଲାମାବାଦରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। 'ବିଶେଷ ପରିସ୍ଥିତି' ଭିତ୍ତିରେ ଏହି ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଖେଳର ଭେନ୍ୟୁରେ ପରିବର୍ତ୍ତନ କରାଯାଇ ନାହିଁ ବୋଲି ଆଇଟିଏଫ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେପ୍ଟେମ୍ବର ୯ରେ ଆଇଟିଏଫ୍ ସୁରକ୍ଷା କମିଟି ବୈଠକ ବସିବ। ସେଦିନ ମ୍ୟାଚ ତାରିଖ ନିରୂପଣ କରାଯିବ। କିନ୍ତୁ ଏହି ସମୟ ମଧ୍ୟରେ ଆଇଟିଏଫ୍ ଏବଂ ଡେଭିସ୍ କପ୍ କମିଟି ପାକିସ୍ତାନ ସୁରକ୍ଷା ବ୍ୟବସ୍ଥା ଉପରେ ନିଘା ରଖିଥିବ। ସୂଚନାଯୋଗ୍ୟ, ଜମ୍ମୁ-କଶ୍ମୀର ଉପରୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରତ୍ୟାହାର ପରେ ଭାରତ ସହିତ ପାକିସ୍ତାନର କୂଟନୈତିକ ସମ୍ପର୍କରେ ଅବନତି ଘଟିଛି। ସୁରକ୍ଷାଗତ କାରଣରୁ ଏହି ମ୍ୟାଚ ପାକିସ୍ତାନ ପରିବର୍ତ୍ତେ ଏକ ନିରପେକ୍ଷ ଭେନ୍ୟୁରେ ଖେଳାଯାଉ ବୋଲି ଏଆଇଟିଏ ପକ୍ଷରୁ ହେଉଥିବା ଦାବିକୁ ଆଇଟିଏଫ୍ ଦୁଇଥର ପ୍ରତ୍ୟାଖ୍ୟାନ କରିସାରିଛି। ହେଲେ ଶେଷରେ ଏହି ପ୍ରସଙ୍ଗ ନେଇ ଏଆଇଟିଏର ପ୍ରତିନିଧିଙ୍କ ସହିତ ଟେଲିକନଫରେନ୍ସ ଜରିଆରେ ଆଲୋଚନା କରିବା ଲାଗି ଆଇଟିଏଫ୍ ରାଜି ହୋଇଥିଲା। ମାତ୍ର ଏହା ପୂର୍ବରୁ ଆଇଟିଏଫ୍‌ର ଡେଭିସ୍ କପ୍ କମିଟି ମ୍ୟାଚକୁ ଘୁଞ୍ଚାଇ ଦେବାଲାଗି ନିଷ୍ପତ୍ତି ନେଇଛି।

### ବାପାଙ୍କ ବିୟୋଗ ଲାଗି ୟୁଏସ୍ ଓପନ୍‌ରୁ ଓହରିଲେ ଆମାଣ୍ଡା

ନ୍ୟୁୟର୍କ, ୨୨।୮- ଆମେରିକା ଟେନିସ ଲଳନା ଆମାଣ୍ଡା ଆନିସିମୋଭା ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଯାଉଥିବା ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ୟୁଏସ୍ ଓପନ୍‌ରୁ ଓହରି ଯାଇଛନ୍ତି। ତାଙ୍କ ବାପା ତଥା କୋଚ୍ କନ୍‌ଷ୍ଟାଣ୍ଟିନାଙ୍କ ବିୟୋଗ ଯୋଗୁ ୧୭ ବର୍ଷୀୟା ଆମାଣ୍ଡା ଏହି ନିଷ୍ପତ୍ତି ନେଇଛନ୍ତି। ଆମେରିକା ଟେନିସ ଆସୋସିଏଶନ ମଧ୍ୟ ଏହି ଅବସରରେ ଆମାଣ୍ଡା ବାପାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛି। ଆମେରିକାର ଏହି ଟିନ୍‌ଏଜ୍ ଖେଳାଳି ଗତ ଜୁନ୍‌ରେ ଫ୍ରେଞ୍ଚ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ସେମିଫାଇନାଲ ପଥରେ ଆମାଣ୍ଡା ୱିମ୍ବେଲଡନ୍ ଚାମ୍ପିୟନ ସିମୋନା ହାଲେପ୍‌ଙ୍କୁ ପରାସ୍ତ କରିଥିଲେ। ତେବେ ୟୁଏସ୍ ଓପନ୍ ଚାମ୍ପିୟନ ଆଶଲେଘ ବାର୍ଟିଙ୍କ ନିକଟରୁ ହାରି ସେ ପ୍ରତିଯୋଗିତାରୁ ବିଦାୟ ନେଇଥିଲେ। ବିଶ୍ୱ ମାନ୍ୟତାର ୨୪ତମ ସ୍ଥାନରେ ରହିଥିବା ଆମାଣ୍ଡା ସର୍ବକନିଷ୍ଠା ମହିଳା ଟେନିସ ଖେଳାଳି ଭାବେ ବିଶ୍ୱ ମାନ୍ୟତାର ଟପ୍-୧୦୦ରେ ପ୍ରବେଶ କରିବାରେ ସଫଳ ହୋଇଛନ୍ତି।

# ରାଠୋର ଭାରତର ନୂଆ ବ୍ୟାଟିଂ କୋଚ୍

### ବାଙ୍ଗର ବାଦ୍, ଅରୁଣ, ଶ୍ରୀଧର ପଦ ବଜାୟ ରଖିଲେ

ମୁମ୍ବାଇ,୨୨।୮(ପି.ଟି.)

ପୂର୍ବତନ ଓପନର ବିକ୍ରମ ରାଠୋର ଭାରତ ନୂଆ ବ୍ୟାଟିଂ କୋଚ୍ ରୂପେ ନିଯୁକ୍ତି ପାଇଛନ୍ତି। ସଞ୍ଜୟ ବାଙ୍ଗରଙ୍କ ସ୍ଥାନରେ ତାଙ୍କୁ ଏହି ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଭରତ ଅରୁଣ ଓ ଆର. ଶ୍ରୀଧର ଯଥାକ୍ରମେ ବୋଲିଂ ଓ ଫିଲ୍ଡିଂ କୋଚ୍ ପଦ ବଜାୟ ରଖିଛନ୍ତି।

ଏମ୍‌ଏସ୍‌କେ ପ୍ରସାଦଙ୍କ ଅଧ୍ୟକ୍ଷତାରେ ସିନିୟର ଜାତୀୟ ଚୟନ କମିଟି ଭାରତୀୟ ସପୋର୍ଟ ଷ୍ଟାଫ୍‌ରେ ଅଦଳବଦଳ କରିଛନ୍ତି ଓ ଏହି ୩ଜଣଙ୍କ ନାମ ସୁପାରିଶ କରିଛି। ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନେଇ ଔପଚାରିକତା ସମ୍ପନ୍ନ ହେବା ପରେ ଏହି ୩ଜଣଙ୍କ ନିଯୁକ୍ତି ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ।

୫୦ ବର୍ଷୀୟ ରାଠୋର ୧୯୯୬ରେ ୬ଟି ଟେଷ୍ଟ ଓ ୭ଟି ଦିନିକିଆ ଖେଳିଛନ୍ତି। ଅନ୍ତର୍ଜାତୀୟସ୍ତରରେ ସେତେଟା ସଫଳ ହୋଇ ନ ଥିଲେ ମଧ୍ୟ ସେ ପଞ୍ଜାବ ପାଇଁ ଘରୋଇ କ୍ରିକେଟ ଖେଳି ବେଶ୍ ସଫଳତା ହାସଲ କରିଥିଲେ ଓ ସେ ଜଣେ ଡେମୋଷ୍ଟିକ ହେଭିୱେଟ୍ ରୂପେ ପରିଗଣିତ ହୋଇଥିଲେ। ସେ ମଧ୍ୟ ୨୦୧୬ରେ ଜାତୀୟ ଚୟନ କମିଟିରେ ସନ୍ଦୀପ ପାଟିଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟ କରିଛନ୍ତି। ପୂର୍ବରୁ ସେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ବ୍ୟାଟିଂ ପରାମର୍ଶଦାତା ଓ ୧୯ ବର୍ଷରୁ କମ୍ ବ୍ୟାଟିଂ କୋଚ୍ ପଦ ପାଇଁ ଆବେଦନ କରିଥିଲେ। ତେବେ ତାଙ୍କ ଶାଳକ ଆଶିଷ କପୁର ୧୯ ବର୍ଷରୁ କମ୍ ଚୟନ କମିଟିର ଅଧ୍ୟକ୍ଷ ଥିବାରୁ ତାଙ୍କ ଆବେଦନକୁ ଝୁଲାଇ ରଖାଯାଇଥିଲା। ରାଠୋର ଜଣେ ଅଭିଜ୍ଞ ବ୍ୟକ୍ତି ଓ ତାଙ୍କ ଦକ୍ଷତା ଉପରେ ଆମେ ଭରସା କରିଛୁ। ତେବେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନେଇ ତାଙ୍କର କିଛି ଭୂମିକା ନ ଥିବା ସମ୍ପର୍କରେ ସେ ଆମକୁ ଅବଗତ କରାଇବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମୁଖ୍ୟ କାର୍ଯ୍ୟନିର୍ବାହୀ ରାହୁଲ ଜୋହରି କହିଛନ୍ତି।

ଚୟନ କମିଟିର ପ୍ରସ୍ତାବ ଅନୁସାରେ ଏବେକାର କୋଚ୍ ସଞ୍ଜୟ ବାଙ୍ଗର ଦ୍ୱିତୀୟ ଓ ପୂର୍ବତନ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ମାର୍କ ରାମପ୍ରକାଶ ତୃତୀୟ ସ୍ଥାନରେ ରହିଥିଲେ। ସପୋର୍ଟ ଷ୍ଟାଫ୍‌ମାନଙ୍କ ମଧ୍ୟରେ କିଛି ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଥିଲୁ ବୋଲି ଜୋହରି କହିଛନ୍ତି। ପୂର୍ବତନ ମୁମ୍ବାଇ ଫିଜିଓ ନିତିନ ପଟେଲ ୨୦୧୧ରେ ଜାତୀୟ ଦଳ ପାଇଁ କାର୍ଯ୍ୟ କରିଥିଲେ ଓ ସେ ଏଥର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିପରି ଇଂଲଣ୍ଡର ଲୁକ୍ ଉଡ୍‌ହାଉସ୍ ଷ୍ଟ୍ରେନ୍ଥ ଓ କଣ୍ଡିସନିଙ୍ଗ୍ (ଟ୍ରେନର) କୋଚ୍ ହିସାବରେ ନିଯୁକ୍ତ ହୋଇଛନ୍ତି। ଅନ୍ୟପଟେ ଆଡମିନିଷ୍ଟ୍ରେଟିଭ୍ ମ୍ୟାନେଜର ପଦରୁ ସୁନୀଲ ସୁବ୍ରମନିୟମଙ୍କୁ ହଟାଯାଇଛି। ଚଳିତ ୱେଷ୍ଟଇଣ୍ଡିଜ୍ ଗସ୍ତରେ ସେ ଭାରତୀୟ ଦୂତାବାସର ଅଧିକାରୀଙ୍କୁ ଦୁର୍ବ୍ୟବହାର କରି ବିବାଦ ସୃଷ୍ଟି କରିଥିଲେ। ତାଙ୍କ ସ୍ଥାନରେ ଗିରିଶ ଡୋଙ୍ଗ୍ରେଙ୍କୁ ନିଯୁକ୍ତି ଦିଆଯାଇଛି।



ବିକ୍ରମ ରାଠୋର, ଆର. ଶ୍ରୀଧର ଓ ଭରତ ଅରୁଣ

# ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ଲାଗି ଉପଦେଷ୍ଟା କମିଟି ଗଠିତ

ନୂଆଦିଲ୍ଲୀ,୨୨।୮(ପି.ଟି.)

ଜାତୀୟ କ୍ରୀଡ଼ା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୯ ତାରିଖରେ 'ଫିଟ୍ ଇଣ୍ଡିଆ ମୁଭମେଣ୍ଟ' ଆରମ୍ଭ କରିବାକୁ ଯାଉଛନ୍ତି। ଫିଟ୍‌ନେସକୁ ନେଇ ଆରମ୍ଭ ହେବାକୁ ଯାଉଥିବା ଏହି ପ୍ରୟାସରେ ସରକାରଙ୍କୁ ସହାୟତା ତଥା ପରାମର୍ଶ ଦେବା ପାଇଁ ଏକ ୨୮ ସଦସ୍ୟ ବିଶିଷ୍ଟ ଉପେଦଷ୍ଟା କମିଟି ଗଠିତ ହୋଇଛି। ଏହି କମିଟିରେ ସରକାରୀ ଅଧିକାରୀଙ୍କ ସମେତ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ), ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ (ଏନ୍‌ଏସ୍‌ଏଫ୍) ସଦସ୍ୟ, ବିଭିନ୍ନ ବେସରକାରୀ ସଂସ୍ଥା ଓ ଫିଟ୍‌ନେସ ପ୍ରମୋଟରମାନେ ସ୍ଥାନ ପାଇଛନ୍ତି।

ଦେଶର ନାଗରିକମାନଙ୍କୁ ଦୈନନ୍ଦିନ ଜୀବନରେ ଶାରୀରିକ ଗତିବିଧି ଓ କ୍ରୀଡ଼ାରେ ପ୍ରୋତ୍ସାହିତ କରିବାକୁ ସଚେତନ କରିବା ପାଇଁ ସରକାରଙ୍କ ତରଫରୁ ଏଭଳି ପଦକ୍ଷେପ ନିଆଯାଉଛି। ଏହି ଉପଦେଷ୍ଟା କମିଟିରେ କ୍ରୀଡ଼ାମନ୍ତ୍ରୀ କିରଣ ରିଜିଜୁ ଅଧ୍ୟକ୍ଷତା କରିବେ। ଏହି କମିଟିରେ ୧୨ ଜଣ ସରକାରୀ ଅଧିକାରୀ ସଦସ୍ୟ ରହିବେ। କ୍ରୀଡ଼ା, ସେକେଣ୍ଡାରୀ ଏଜୁକେଶନ, ଆୟୁସ, ଯୁବ ବ୍ୟାପାର ଓ ଅନ୍ୟାନ୍ୟ ବିଭାଗର ସଚିବମାନେ ଏଥିରେ ସାମିଲ ରହିବେ। ସେହିପରି ଆଇଓଏ ଅଧ୍ୟକ୍ଷ ଓ ୭ ଏନ୍‌ଏସ୍‌ଏଫ୍ ମୁଖ୍ୟ ମଧ୍ୟ ଏହି କମିଟିରେ ସାମିଲ ରହିଛନ୍ତି। ବକ୍ସିଂ, ଆଥଲେଟିକ୍ସ, ଫୁଟବଲ ଓ ସାଇକ୍ଲିଂ ଫେଡେରେଶନର ମୁଖ୍ୟମାନେ ଏମାନଙ୍କ ମଧ୍ୟରେ ସାମିଲ ରହିଛନ୍ତି। ବେସରକାରୀ ସଂସ୍ଥାଗୁଡିକ ମଧ୍ୟରେ କନଫେଡେରେଶନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ (ସିଆଇଆଇ), ରିଲାଏନ୍ସ ଫାଉଣ୍ଡେଶନ, ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ଓ ଜେଏସ୍‌ଡବ୍ଲ୍ୟୁ ପେଣ୍ଟ୍ସ, ଏସ୍‌ଇ ଟ୍ରାନ୍ସଷ୍ଟାଡିଆ ପ୍ରାଇଭେଟ୍ ଲିମିଟେଡ, ଟାଟା ଟ୍ରଷ୍ଟ, ଆସୋଚାମ ଇଣ୍ଡିଆ, ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏଫ୍‌ଆଇସିସିଆଇ) ଏହି କମିଟିରେ ସାମିଲ ରହିଛନ୍ତି। ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ ଓ ମିଲିନ୍ଦ ସୋମନ ମଧ୍ୟ ଏହାର ସଦସ୍ୟ ରହିଛନ୍ତି। ଗତବର୍ଷ ସେତେବେଳର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର 'ହମ୍ ଫିଟ୍ ତୋ ଇଣ୍ଡିଆ ଫିଟ୍' ନାମକ ଏକ ଫିଟିନେସ ଅଭିଯାନ ଆରମ୍ଭ କରିଥିଲେ। କ୍ରୀଡ଼ାବିତ ଓ ଅନ୍ୟମାନଙ୍କୁ ଉତ୍ସାହିତ କରିବା ପାଇଁ ସେ ଟୁଇଟରରେ ଭିଡିଓ ମଧ୍ୟ ପୋଷ୍ଟ କରିଥିଲେ। କିଭଳି ଫିଟ୍ ରହିବାକୁ ହେବ ସେ ନେଇ ଏହି ଭିଡିଓରେ ବିଭିନ୍ନ ଟିପ୍ସ ଦିଆଯାଇଥିଲା।

# ରୁଷିଆ ଆଥଲେଟିକ୍ସ ଫେଡେରେଶନକୁ ମାରିୟାଙ୍କ ସମାଲୋଚନା

ମସ୍କୋ, ୨୨।୮

ରୁଷିଆ ଆଥଲେଟିକ୍ସ ଫେଡେରେଶନକୁ ଦେଶର ମହିଳା ହାଇଜମ୍ପ ବିଶ୍ୱ ଚାମ୍ପିୟନ ମାରିୟା ଲାସିଟ୍ସକେନ୍ ସମାଲୋଚନା କରିଛନ୍ତି। ରାଷ୍ଟ୍ର ପ୍ରାୟୋଜିତ ଡୋପିଂ ପାଇଁ ରୁଷିଆ ୨୦୧୫ରୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହେବାପରେ ୨୬ବର୍ଷୀୟା ଲାସିଟ୍ସକେନ୍ ଜଣେ ନିରପେକ୍ଷ ଆଥଲେଟ୍ ଭାବେ ୨୦୧୭ରେ ଟାଇଟଲ ଜିତିଛନ୍ତି। ସେ କହିଛନ୍ତି, ବାସନ୍ଦ ମୁକ୍ତ ହେବା ଦିଗରେ ରୁଷିଆ ଆଥଲେଟିକ୍ସ ମହାସଂଘ ସେଭଳି କୌଣସି ପ୍ରୟାସ ହେଉଥିବା ମନେ ହେଉନାହିଁ। ଯାହା ଫଳରେ ଦେଶର ଉଦୀୟମାନ ଆଥଲେଟମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। କାତାରରେ ବିଶ୍ୱ ଚାମ୍ପିୟନଶିପ୍ ଆରମ୍ଭର କିଛିଦିନ ପୂର୍ବରୁ ଅର୍ଥାତ ସେପ୍ଟେମ୍ବର ୨୩ରେ ରୁଷିଆର ଷ୍ଟାଟସ ସମ୍ପର୍କରେ ଆଲୋଚନା ହେବ। ବର୍ଷାଧିକ କାଳ ଅନ୍ତର୍ଜାତୀୟସ୍ତରରେ ଅପରାଜେୟ ରହିଥିବା ଲାସିଟ୍ସକେନ୍ ଟାଇଟଲ ବଜାୟ ରଖିବାଲାଗି ନିଜକୁ ପ୍ରସ୍ତୁତ କରୁଛନ୍ତି। ସେ ରୁଷିଆର ଏକମାତ୍ର ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଭାବେ ବିଶ୍ୱ ଟାଇଟଲ ଅଧିକାରିଣୀ ରହିଛନ୍ତି, ଯାହାକି ସେ ଲଣ୍ଡନରେ ଜିତିଥିଲେ। ଡୋପିଂ ପୃଷ୍ଠଭୂମି ନ ଥିବା ଲାସିଟ୍ସକେନ୍‌ଙ୍କ ଭଳି ରୁଷିଆର କିଛି ଆଥ୍‌ଲେଟ ନିରପେକ୍ଷ ପତାକା ଅଧୀନରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେଉଛନ୍ତି। ସେମାନଙ୍କୁ ଅନ୍ୟ ଦେଶ ଆଥଲେଟମାନଙ୍କ ତୁଳନାରେ ଅଧିକ ଥର ଏବଂ କଡ଼ାକଡ଼ି ଡୋପ୍ ଟେଷ୍ଟର ସମ୍ମୁଖୀନ ହେବାକୁ ପଡୁଛି। ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ଗଣ ଡୋପିଂର ପ୍ରାମାଣିତ ତଥ୍ୟ ଉପସ୍ଥାପନ କରିବା ପରେ ରୁଷିଆ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ୍ସ (ଆଇଏଏଏଫ୍) ଦ୍ୱାରା ବାସନ୍ଦ ହୋଇଛି। ନିର୍ଦ୍ଦେଶ ଅନୁସାରେ ଦେଶରେ ଡୋପିଂ ନିରୋଧୀ ଅଭିଯାନ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ରୁଷିଆ ଆଥଲେଟିକ୍ସ ମୁଖ୍ୟମାନେ ବିଫଳ ହୋଇଥିବାରୁ ଜୁନ୍‌ରେ ସସ୍‌ପେଣ୍ଡ ମିଆଦକୁ ବୃଦ୍ଧି କରାଯାଇଛି।



ମାରିୟା ଲାସିଟ୍ସକେନ୍

# ଶ୍ରୀଲଙ୍କା ୮୫/୨

କଲମ୍ବୋ,୨୨।୮(ପି.ଟି.)

ଶ୍ରୀଲଙ୍କା ଓ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଟେଷ୍ଟ ମ୍ୟାଚରେ ୬ ଉଇକେଟରେ ବିଜୟୀ ହୋଇଥିବା ଶ୍ରୀଲଙ୍କା ଦ୍ୱିତୀୟ ମୁକାବିଲାରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ବର୍ଷା କାରଣରୁ ପ୍ରଥମ ଦିନର ଖେଳ ଏକାଧିକ ବାର ବାଧାପ୍ରାପ୍ତ ହୋଇଥିଲା। ପୁଣି ଖରାପ୍ ଆଲୋକ ମଧ୍ୟ ସମସ୍ୟା ସୃଷ୍ଟି କରିଥିଲା। ଫଳରେ ପ୍ରଥମ ଦିବସରେ ମାତ୍ର ୩୬. ୩ ଓଭର ଖେଳ ସମ୍ଭବ ହୋଇପାରିଥିଲା। ପ୍ରଥମ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ପ୍ରଥମ ଦିନ ଖେଳି ଶେଷ ସୁଦ୍ଧା ୩୬.୩ ଓଭରରେ ୨ ଉଇକେଟ ହରାଇ ୮୫ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ତଥା ଓପନର ଦିମୁଥ କରୁଣାରତ୍ନେ ୪୯ ଓ ଆଞ୍ଜେଲୋ ମାଥ୍ୟୁସ କୌଣସି ରନ ନ କରି ଅପରାଜିତ ରହିଛନ୍ତି। ଅନ୍ୟତମ ଓପନର ଲାହିରୁ ଥିରିମାନେ ୨ ଓ କୁଶଳ ମେଣ୍ଡିସ୍ ୩୨ ରନ କରି ଆଉଟ୍ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡର ଗ୍ରାଣ୍ଡହୋମ ଓ ସମରଭିଲ୍ଲେ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ପୂର୍ବରୁ ପ୍ରଥମ ଟେଷ୍ଟରେ ବିଜୟୀ ହୋଇ ଶ୍ରୀଲଙ୍କା ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି।

**ସଂକ୍ଷିପ୍ତ ସ୍କୋର**


ଶ୍ରୀଲଙ୍କା ପ୍ରଥମ ଇନିଂସ- ୩୬.୩ ଓଭରରେ ୮୫/୨ (କରୁଣାରତ୍ନେ -୪୯*, ମେଣ୍ଡିସ୍- ୩୨, ଗ୍ରାଣ୍ଡହୋମ- ୧/୧୪, ସମରଭିଲ୍ଲେ- ୧/୨୦ )।

# ତୃତୀୟ ଆଶେସ ଟେଷ୍ଟ: ଅଷ୍ଟ୍ରେଲିଆ ୧୩୬/୩

ଲିଡ୍ସ (ୟୁନାଇଟେଡ କିଙ୍ଗଡମ୍), ୨୨।୮ (ଏଏଫ୍‌ପି)

ସ୍ଥାନୀୟ ହେଡିଂଲେଠାରେ ଗୁରୁବାର ତୃତୀୟ ଆଶେସ ଟେଷ୍ଟ ଆରମ୍ଭ ହୋଇଛି। ମେଘୁଆ ପାଗ ବୋଲରଙ୍କୁ ସୁହାଇବ ବୋଲି ଆଶା ରଖି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଅଷ୍ଟ୍ରେଲିଆ ଖବରନେବା ବେଳକୁ ୩ ଉଇକେଟ ବିନିମୟରେ ୧୩୬ ରନ କରିଥିଲା। ଡେଭିଡ ୱାର୍ନର ୬୧ ଏବଂ ମାର୍ନସ ଲବୁସ୍କେନ ୪୮* ରନ କରିଛନ୍ତି। ମାର୍କସ ହାରିସ ଏବଂ ଉସ୍‌ମାନ ଖ୍ୱାଜା ୮ ରନ ଲେଖାଏଁ କରି ପ୍ୟାଭିଲିୟନ ଫେରି ସାରିଥିଲେ।

ବର୍ଷାଜନିତ କାରଣରୁ ଖେଳ ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ପୂର୍ବରୁ ଡକରା ପାଇ ଆସିଥିବା ଅଷ୍ଟ୍ରେଲୀୟ ଓପନର ମାର୍କସ ହାରିସ ମାତ୍ର ୮ ରନ କରି ଜୋଫ୍ରା ଆର୍ଚରଙ୍କ ବଲ୍‌ରେ ବେୟାରଷ୍ଟୋଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ଦଳର ସ୍କୋର ସେତେବେଳକୁ ମାତ୍ର ୧୨ ରନ ଥିଲା। ମଧ୍ୟାହ୍ନ ଭୋଜନ ପୂର୍ବରୁ ମାତ୍ର ୪ ଓଭର ବୋଲିଂ ସମ୍ଭବ ହୋଇଥିଲା। ଭ୍ରମଣକାରୀ ଦଳ ଏହି ମ୍ୟାଚରୁ ଓପନର କାମେରନ ବ୍ୟାନ୍‌କ୍ରଫ୍ଟଙ୍କୁ ବାଦ୍ ଦେଇଥିଲା। ଏହି ବ୍ୟାଟ୍ସମ୍ୟାନ ଗତ ୪ଟି ଇନିଂସରେ ମାତ୍ର ୪୪ ରନ କରିବାରେ ସକ୍ଷମ ହୋଇଛନ୍ତି। ଡେଭିଡ ୱାର୍ନରଙ୍କ ପାର୍ଟନର ହେବାଲାଗି ହାରିସଙ୍କୁ ଦଳରେ ନେଇଥିଲା। ଲର୍ଡ୍ସଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚ ବର୍ଷାରେ ପ୍ରଭାବିତ ହେବା ସହ ଡ୍ର ଭାବେ ଶେଷ ହୋଇଥିଲା। ଉଭୟଙ୍କୁ ଇଂଲଣ୍ଡର ନୂଆ ବଲ୍ ବୋଲର ଷ୍ଟୁଆର୍ଟ ବ୍ରଡ୍ ଏବଂ ଆର୍ଚରଙ୍କ ବୋଲିଂ ବିରୋଧରେ ସଂଘର୍ଷ କରିବାକୁ ପଡ଼ିଥିଲା।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଶଟ୍ ଖେଳୁଛନ୍ତି ଅଷ୍ଟ୍ରେଲିଆର ଡେଭିଡ ୱାର୍ନର।

# ର୍‌ୟାମ୍ପରେ ଚାଲିଲେ ହାର୍ଦ୍ଦିକ ପାଣ୍ଡ୍ୟା



ର୍‌ୟାମ୍ପ ଶୋ ଅବସରରେ ଅଭିନେତ୍ରୀ ଲିସା ହେଡେନଙ୍କ ସହ କ୍ରୁନାଲ ଓ ହାର୍ଦ୍ଦିକ ପାଣ୍ଡ୍ୟା।

ମୁମ୍ବାଇ, ୨୨।୮

ଭାରତୀୟ କ୍ରିକେଟ୍ ଦଳ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ଟେଷ୍ଟ ସିରିଜ ଖେଳିବାରେ ବ୍ୟସ୍ତ ରହିଛି। କିନ୍ତୁ ଏହି ସିରିଜରୁ ବିଶ୍ରାମ ପାଇଥିବା ଷ୍ଟାର୍ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏକ ର୍‌ୟାମ୍ପ୍ ଶୋ'ରେ ଚାଲୁଥିବାର ଦେଖିବାକୁ ମିଳିଛି। ପ୍ରସାଧାନ ସାମଗ୍ରୀ ନିର୍ମାତା କମ୍ପାନୀ ଲାକ୍‌ମି ଫ୍ୟାଶନ ୱିକ୍ ଅବସରରେ ଅଭିନେତ୍ରୀ ଲିସା ହେଡେନଙ୍କ ସହ ପାଣ୍ଡ୍ୟା ଏକାଠି ର୍‌ୟାମ୍ପ୍‌ରେ ଚାଲୁଥିବାର ନଜରକୁ ଆସିଛନ୍ତି। ଡିଜାଇନର୍ ଅମିତ୍ ଅଗ୍ରୱାଲ ମଧ୍ୟ ଏହି ଅବସରରେ ଷ୍ଟେଜରେ ଉପସ୍ଥିତ ରହିଥିଲେ। ପାଣ୍ଡ୍ୟା ଏକ ମେରୁନ ରଙ୍ଗର ଡ୍ରେସ୍ ଓ ଲିସା ମଧ୍ୟ ସେହି ସମାନ ରଙ୍ଗର ଶାଢ଼ି ପରିଧାନ କରିଥିଲେ। 'କଫି ୱିଥ୍ କରନ୍'ର ବିବାଦୀୟ ଶୋ ପରେ ପାଣ୍ଡ୍ୟାଙ୍କୁ କୌଣସି ଇଭେଣ୍ଟରେ ଦେଖିବାକୁ ମିଳି ନ ଥିଲା। ଏହି ର୍‌ୟାମ୍ପ୍ ଶୋ'ର ଏକ ଭିଡିଓ ପାଣ୍ଡ୍ୟା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ଏବେ ବି କ୍ଲବଙ୍କୁ ନେଇ ସରିନି ଅଙ୍କକଷା

### ଓସିଏ ନିର୍ବାଚନ

- ନିର୍ବାଚନ ପରେ ଚୂଡ଼ାନ୍ତ ହେବ କ୍ଲବ ତାଲିକା
- ଆବେଦନ କଲେଣି ରାଜ୍ୟରୁ ୪୦ କ୍ଲବ
- ସଂଖ୍ୟା ୨୦୦ ଟପିବା ଆଶା

କଟକ ଅଫିସ,୨୨।୮

କ୍ଲବଙ୍କୁ ସଦସ୍ୟତା ଦିଆଯିବା ନେଇ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ରେ ବିବାଦର ମୂଳମଞ୍ଜି ପଡ଼ିଥିଲା। ଏହି ମଞ୍ଜି ମହାଦ୍ରୁମରେ ପରିଣତ ହେବା ପୂର୍ବରୁ ସୁପ୍ରିମକୋର୍ଟ ପକ୍ଷରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପରିଚାଳନା ପାଇଁ ନିଯୁକ୍ତ କମିଟି ଅଫ୍ ଆଡମିନିଷ୍ଟ୍ରେଟର(ସିଓଏ) ଗତ ୧୩ରେ ଯେଉଁ ଘୋଷଣା କଲେ ତାହା ଓସିଏ ଓ କ୍ଲବମାନଙ୍କ ପାଇଁ ସମାଧାନର ବାଟ ଦେଖାଇଦେଲା। ହେଲେ ଏହି ଘୋଷଣା ପରେ ଏବେ ବି ଶେଷ ହୋଇନି କ୍ଲବମାନଙ୍କ ସଦସ୍ୟତା ପାଇବାର ଅଙ୍କକଷା। ସେପ୍ଟେମ୍ବର ୧୪ ସୁଦ୍ଧା ରାଜ୍ୟ ଆସୋସିଏଶନ ଗୁଡ଼ିକର ନିର୍ବାଚନ ହେବ ବୋଲି ସିଓଏ ସ୍ଥିର କରିଛି। ଉକ୍ତ ନିର୍ଦ୍ଧାରିତ ତାରିଖ ନ ଘୁଞ୍ଚିଲେ ଓସିଏର କର୍ମକର୍ତ୍ତା ନିର୍ବାଚନ ମଧ୍ୟ ଏହା ଭିତରେ କରାଯିବ। ସିଓଏର ନିର୍ଦ୍ଦେଶ, ସମସ୍ତ ନିଷ୍ପତ୍ତି ସମ୍ବିଧାନକୁ ଅବଲମ୍ବନ କରି ହେଉ। ଚୂଡ଼ାନ୍ତ କ୍ଲବ ତାଲିକା ମଧ୍ୟ ସମ୍ବିଧାନର ନିୟମ ବାହାରେ କରାଯାଇ ପାରିବ ନାହିଁ। ସାଧାରଣ ପରିଷଦ ବୈଠକ ବିନା ଚୂଡ଼ାନ୍ତ କ୍ଲବ ତାଲିକା ବାଛିବା ମଧ୍ୟ ସମ୍ବିଧାନର ନିୟମ ବାହାରେ। ଏଣୁ କ୍ରୀଡ଼ା ସମୀକ୍ଷକଙ୍କ ମତରେ କ୍ଲବମାନେ ଏବେ ନିର୍ବାଚନରେ ଅଂଶ ଗ୍ରହଣ କରିବାର ଆଶା କ୍ଷୀଣ। ନିର୍ବାଚନ ଅନୁଷ୍ଠିତ ହୋଇ ସାଧାରଣ ପରିଷଦ ବୈଠକ ହେବା ପରେ କେଉଁ କ୍ଲବ ସଦସ୍ୟତା ହାସଲ କରିବ ତାହା ନିଷ୍ପତ୍ତି ହେବ। ଏବେ ଯେଉଁ ୫ଜଣିଆ କମିଟି ଗଠନ ହୋଇ କ୍ଲବ ତାଲିକା ବଛାଯାଉଛି ତାହା ଅସାମ୍ବିଧାନିକ ଓ କେବଳ ଓସିଏର ଏକ ବ୍ୟକ୍ତିଗତ ପ୍ରକ୍ରିୟା ବୋଲି ଜନୈକ କ୍ରୀଡ଼ା ସମୀକ୍ଷକ କହିଛନ୍ତି।

ସିଓଏର ପୂର୍ଣ୍ଣ ଅନୁମୋଦନ ପ୍ରାପ୍ତ ଓସିଏ ପାଇଁ ନିର୍ବାଚନ କରିବାର ବାଟ ଫିଟି ସାରିଛି। ବିହାରର ପୂର୍ବତନ ନିର୍ବାଚନ କମିଶନର ଏମ୍.ଏଲ୍. ମଜୁମଦାର ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହେବା ନେଇ ବିସିସିଆଇର ଅଫିସିଆଲ ୱେବସାଇଟରେ ଘୋଷଣା ମଧ୍ୟ ହୋଇଛି। ଏବେ କେବଳ ଅପେକ୍ଷା ସଦସ୍ୟ ତାଲିକା ଘୋଷଣା କରି ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା। ହେଲେ ସଦସ୍ୟ ହେବାର ଦାବି କରି ଆଇନର ଦ୍ୱାରସ୍ଥ ହୋଇଥିବା କ୍ଲବ ସଂଘଗୁଡ଼ିକ ଯୋଗୁ ଏହି ପ୍ରକ୍ରିୟା ବିଳମ୍ବ ହୋଇଛି। ଚୂଡ଼ାନ୍ତ କ୍ଲବ ବାଛିବା ପାଇଁ ସିଓଏର ଘୋଷଣା ଥିଲା ଯେ, କ୍ରିକେଟ ଖେଳ ସହ ଜଡ଼ିତ ଥିବା କିମ୍ବା କ୍ରିକେଟକୁ ପ୍ରୋତ୍ସାହିତ କରୁଥିବା କ୍ଲବମାନେ ହିଁ ସଦସ୍ୟତା ପାଇବେ। ଏହି ଘୋଷଣା ପରେ ଓସିଏ ନିକଟରେ ୫ଜଣିଆ କମିଟି ଗଠନ କରିଛି। ଶିବ ପ୍ରସାଦ ତ୍ରିପାଠୀ କମିଟିର ଅଧ୍ୟକ୍ଷ ଥିବା ବେଳେ ଅଶୋକ ସାହୁ, ଚିନ୍ମୟାନନ୍ଦ ଜେନା, ସିଦ୍ଧାର୍ଥ କୁମାର ସାହୁ, ଏଫ.ସି. ନର୍ଥ ଏହାର ସଦସ୍ୟ ରହିଛନ୍ତି। ସଦସ୍ୟତା ପାଇବାକୁ ଇଚ୍ଛୁକ କ୍ଲବମାନେ ଆବେଦନ କରି ପାରିବେ ବୋଲି ଓସିଏ ଘୋଷଣା କରିବା ପରେ ଏବେ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲାରୁ ୪୦ଟି କ୍ଲବ ଆବେଦନ କରି ସାରିଲେଣି। ଏହି ସଂଖ୍ୟା ୨୦୦ ଟପିବ ବୋଲି ଆଶା ରହିଥିବା ଓସିଏର ଜଣେ ଅଧିକାରୀ କହିଛନ୍ତି। ଆସନ୍ତା ୨୫ ହେଉଛି ଆବେଦନର ଶେଷ ତାରିଖ। ଜଣେ କ୍ରୀଡ଼ା ସମୀକ୍ଷକ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଏବେ ନିର୍ବାଚନ କରାଯିବାରେ କୌଣସି ଦ୍ୱିଧା ନାହିଁ। ଓସିଏର ଯାହା ସମ୍ବିଧାନ ରହିଛି ତାହା ସଠିକ ଭାବେ ପାଳନ କରାଗଲେ ନିର୍ବାଚନ ଓ କ୍ଲବ ବାଛିବାରେ ସମସ୍ୟା ସୃଷ୍ଟି ହେବନି। ସାଧାରଣ ପରିଷଦ ବୈଠକ ବିନା କ୍ଲବଗୁଡ଼ିକୁ ସଦସ୍ୟତା ଦେବା ଅସମ୍ଭବ। ଏଣୁ ନିର୍ବାଚନ ଆସନ୍ତା ୧୪ ତାରିଖ ଭିତରେ କରାଯାଇ ସାଧାରଣ ପରିଷଦ ଡାକି କ୍ଲବମାନଙ୍କ ସଦସ୍ୟତା ପ୍ରତି ଦୃଷ୍ଟି ଦିଆଯାଉ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଶୁକ୍ରବାର, ଅଗଷ୍ଟ ୨୩, ୨୦୧୯



“ ରାହୁଲ ଦ୍ରାବିଡଙ୍କ ଟିପ୍ସ ମୋତେ ପ୍ରଭାବିତ କରିଛି, ଯିଏକି ନିଜର ସ୍ୱାଭାବିକ ଷ୍ଟାଇଲରେ ଖେଳିବା ଲାଗି ସବୁବେଳେ ପ୍ରେରଣା ଦେଇଥାନ୍ତି ।

–ଶୁବମନ ଗିଲ୍, ଭାରତୀୟ କ୍ରିକେଟର



“ ମୋନାକୋ ଦଳ ମୋ କାର୍ଯ୍ୟରେ ଅସନ୍ତୁଷ୍ଟ ଥିଲେ ମଧ୍ୟ ସଫଳ ମ୍ୟାନେଜର ଭାବେ ମୁଁ ନିଜକୁ ପ୍ରମାଣ କରି ଦେଖାଇବାକୁ ଚାହୁଁଛି ।

–ଥିଏରୀ ହେନ୍‌ରୀ, ଫ୍ରାନ୍ସ ଫୁଟ୍‌ବଲ କିମ୍ବଦନ୍ତୀ



# ଫିଜିକାଲ ଏଜୁକେଶନ କଲେଜରୁ ସ୍ୱୀକୃତି ପ୍ରତ୍ୟାହାର

**ଭୁବନେଶ୍ୱର, ୨୨।୮(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାରେ ଖେଳ ଭିତ୍ତିଭୂମି ବଢ଼ିଛି। ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଓଡ଼ିଶାର ଖେଳ ଭିତ୍ତିଭୂମିକୁ ନେଇ ଚର୍ଚ୍ଚା। ଭୁବନେଶ୍ୱର ଏବେ ଦେଶର ଅଘୋଷିତ କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଛି। ଏଠାରେ ଏବେ ବିଭିନ୍ନ କ୍ରୀଡ଼ାର ହାଇ ପରଫର୍‌ମାନ୍ସ ସେଣ୍ଟର ପ୍ରତିଷ୍ଠା ହୋଇଛି। ମାତ୍ର ତୃଣମୂଳସ୍ତରରେ କ୍ରୀଡ଼ାର ବିକାଶ ପାଇଁ ଆନ୍ତରିକତାର ଅଭାବ ପରିଲକ୍ଷିତ ହୋଇଛି। ସ୍କୁଲସ୍ତରରେ ପିଲାମାନଙ୍କୁ ଖେଳ ସମ୍ପର୍କରେ ଜ୍ଞାନ ଦେବା ଏବଂ ପ୍ରତିଭା ଚିହ୍ନଟ କରିବା କ୍ଷେତ୍ରରେ ଖେଳ ଶିକ୍ଷକଙ୍କ ଭୂମିକା ଅନସ୍ୱିକାର୍ଯ୍ୟ। ମାତ୍ର ଖେଳର ମୂଳଦୁଆ ପକାଉଥିବା ଏହି ଖେଳ ଶିକ୍ଷକଙ୍କ ପାଇଁ କାହାରି ଆଗ୍ରହ ନାହିଁ। ଏପରିକି ଆଗକୁ ଆଉ ଖେଳ ଶିକ୍ଷକ ନ ବାହାରିବା ପରି ପରିସ୍ଥିତି ସୃଷ୍ଟି ହୋଇଛି। ଓଡ଼ିଶାରେ ଥିବା ୨ଟି ସରକାରୀ କଲେଜରୁ ନ୍ୟାଶନାଲ କାଉନ୍‌ସିଲ ଅଫ ଟିଚର ଏଜୁକେଶନ (ଏନ୍‌ସିଟିଇ) ସ୍ୱୀକୃତି ପ୍ରତ୍ୟାହାର କରି ନେଇଛି। ଫଳରେ ଖେଳ ଶିକ୍ଷକଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଚାଲିଯାଇଛି।

ଓଡ଼ିଶାରେ ୨ଟି ସରକାରୀ ଫିଜିକାଲ ଏଜୁକେଶନ କଲେଜ ଅଛି। ଗୋଟିଏ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଏବଂ ଅନ୍ୟଟି ସମ୍ବଲପୁରସ୍ଥିତ କୁଲୁଣ୍ଡିରେ। ୨ଟି ଯାକ କଲେଜ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଅଧୀନରେ ଅଛି। କେତେ ଫାକଲ୍ଟି ଅଛନ୍ତି, ଗ୍ରାଉଣ୍ଡ ଏବଂ କଲେଜ ପାଇଁ ଘର ଆଦି ସମ୍ପର୍କରେ ସବିଶେଷ ବିବରଣୀ ଦେବା ପାଇଁ ନ୍ୟାଶନାଲ କାଉନ୍‌ସିଲ ଅଫ ଟିଚର ଏଜୁକେଶନ (ଏନ୍‌ସିଟିଇ) ପକ୍ଷରୁ ନୋଟିସ ଜାରି କରାଥିଲା। କଳିଙ୍ଗ ଷ୍ଟାଡିୟମରେ ଥିବା କଲେଜ କର୍ତ୍ତୃପକ୍ଷଙ୍କୁ ପ୍ରଥମେ ୨୦୧୮ ଏପ୍ରିଲ ୨୦ ଏବଂ ୨୦୧୮ ନଭେମ୍ବର ୨୮ରେ ୨ଥର କାରଣଦର୍ଶାଅ ନୋଟିସ ହୋଇଥିଲା। ସେହିପରି କୁଲୁଣ୍ଡି କଲେଜ କର୍ତ୍ତୃପକ୍ଷଙ୍କୁ ୨୦୧୯ ଫେବୃୟାରୀ ୨୧ ଏବଂ ମେ’ ୨୧ରେ ୨ ଥର କାରଣଦର୍ଶାଅ ନୋଟିସ ହୋଇଥିଲା। ମାତ୍ର ସନ୍ତୋଷଜନକ ଉତ୍ତର ଦିଆଯାଇପାରି ନ ଥିବାରୁ ଏନ୍‌ସିଟିଇ ପକ୍ଷରୁ ଏହି ୨ଟି କଲେଜରେ ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ଆଡ୍‌ମିଶନ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ଭାବେ ଜଣାଇ ଦିଆଯାଇଛି। କଳିଙ୍ଗ ଷ୍ଟାଡିୟମରେ ଥିବା କଲେଜ ଭାରତର

## ଅନ୍ଧାରରେ ଖେଳ ଶିକ୍ଷକଙ୍କ ଭବିଷ୍ୟତ

ଦ୍ୱିତୀୟ ସର୍ବପୁରାତନ କଲେଜ। ମାତ୍ର ଏପର୍ଯ୍ୟନ୍ତ ଏହି କଲେଜର ନିଜସ୍ୱ ଗ୍ରାଉଣ୍ଡ ନାହିଁ କି ଆବଶ୍ୟକ ଫାକଲ୍‌ଟି ନାହାନ୍ତି। ଏବେ ଏହି କଲେଜ ପାହାଳସ୍ଥିତ ଆପେକ୍ସ ଇଞ୍ଜିନିୟରିଂ କଲେଜକୁ ଉଠି ଯାଉଥିବା ଶୁଣିବାକୁ ମିଳୁଛି। ମାତ୍ର ସେଠାରେ ମଧ୍ୟ ଉପଯୁକ୍ତ ପଡ଼ିଆ ନାହିଁ କିମ୍ବା ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ଏନସିଟିଇକୁ ଅବଗତ କରାଯାଇ ନାହିଁ ବୋଲି ଜାଣିବାକୁ ମିଳିଛି। କଲେଜ ପାହାଳକୁ ଉଠାଇ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ବ୍ୟବହାର କରିବାକୁ ସମ୍ଭବତଃ ସରକାର ଚାହୁଁଛନ୍ତି। ମାତ୍ର ସେଠାରେ ମଧ୍ୟ ଏନସିଇଟିର ଆବଶ୍ୟକ ପୂରଣ ହେବାଭଳି ଭିତ୍ତିଭୂମି ନାହିଁ। ତେଣୁ ଫିଜିକାଲ ଏଜୁକେଶନ ଟିଚର୍ସ ଟ୍ରେନିଂ କଲେଜ ପାଇଁ କେହି ଆଗ୍ରହ ଦେଖାଉ ନ ଥିବା ପରିଲକ୍ଷିତ ହେଉଛି। ଘରୋଇ ଫିଜିକାଲ ଏଜୁକେଶନ କଲେଜ ଗୁଡ଼ିକ ଯେତେବେଳେ ଏନସିଟିଇର ସମସ୍ତ ନିୟମକୁ ପାଳନ କରୁଛନ୍ତି ସେ କ୍ଷେତ୍ରରେ ସରକାରୀ କ୍ଷେତ୍ରରେ ପାଳନ ହୋଇ ନ ପାରିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁରି ମୂଳରେ ହେଲା କଳିଙ୍ଗ ଷ୍ଟାଡିୟମରେ ଥିବା କଲେଜର ଆବଶ୍ୟକ ଫାକ୍‌ଲଟି ନାହାନ୍ତି। ନିଜସ୍ୱ ଗ୍ରାଉଣ୍ଡ କିମ୍ବା ଘର ନାହିଁ। ଆବଶ୍ୟକ ଷ୍ଟାଫ୍ ନ ଥିଲେ କେମିତି କଲେଜ ଚାଲିବ ବୋଲି ଜଣେ ପୂର୍ବତନ ଛାତ୍ର ପ୍ରଶ୍ନ କରିଛନ୍ତି।

କଲେଜର ପୂର୍ବତନ ପ୍ରିନ୍ସିପାଲମାନେ ମଧ୍ୟ ଅନୁରୂପ ମତ ଦେଇଛନ୍ତି। କଳିଙ୍ଗ ଷ୍ଟାଡିୟମ ପରିସର କଲେଜ ୧୯୫୭ ମସିହାର। ତେବେ ଏପର୍ଯ୍ୟନ୍ତ ଏହାର ନିଜସ୍ୱ ଜାଗାବାଡ଼ି କିଛି ନ ଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ହିଁ ହେଉଛି ବାସ୍ତବତା। ୧୯୫୭ରୁ ୧୯୯୪ ପର୍ଯ୍ୟନ୍ତ ଏହା ବାରବାଟୀ ଷ୍ଟାଡିୟମରେ ପରିଚାଳିତ ହେଉଥିଲା। ୧୯୯୪ରୁ ଏହା କଳିଙ୍ଗ ଷ୍ଟାଡିୟମରେ ଚାଲୁଛି। ଏନ୍‌ସିଟିଇ ପକ୍ଷରୁ ୧୯୯୬ରେ ସର୍ବଭାରତୀୟ ସ୍ତରରେ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଥିଲା। ଏପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମର ଜାଗା ଜମି ଦେଖାଇ ଏହି କଲେଜର ସମସ୍ତ ଔପଚାରିକତା ପୂରଣ କରାଯାଉଥିଲା। ମାତ୍ର ଏବେ ଏନ୍‌ସିଟିଇ ଅନୁଭବ କଲା ଯେ, ଏହି କଲେଜର ନିଜସ୍ୱ ବିଲ୍ଡିଂ କିମ୍ବା ପଡ଼ିଆ ନାହିଁ କି ନିୟମ ଅନୁସାରେ ଆବଶ୍ୟକ ଷ୍ଟାଫ୍ ନାହାନ୍ତି। ତେଣୁ ୨୦୨୦-୨୧ ପାଇଁ ସ୍ୱୀକୃତି ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି ବୋଲି ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ପୂର୍ବତନ ପ୍ରିନ୍ସିପାଲ ପ୍ରକାଶ କରିଛନ୍ତି। ୧୯୫୭ରେ ଗ୍ୱାଲିୟରରେ ଏଲଏନ୍‌ଇପି ଫିଜିକାଲ ଏଜୁକେଶନ କଲେଜ ପ୍ରତିଷ୍ଠା ହୋଇଥିଲା। ତାହା ଏବେ ୟୁନିଭର୍ସିଟି ହୋଇ ଅନ୍ତର୍ଜାତୀୟସ୍ତରର ହୋଇସାରିଲାଣି। ଏକା ବର୍ଷ ୨ଟି ଯାକ କଲେଜ ଆରମ୍ଭ ହୋଇଥିଲେ ହେଁ ଆମେ ପଛରେ ପଡ଼ିଯାଇଛୁ। ଏଥିପାଇଁ ସରକାରୀସ୍ତରରେ କେହି ଆନ୍ତରିକତା ଦେଖାଉନାହାନ୍ତି। ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି ବୋଲି ସେ କହିଛନ୍ତି। ମୋ ସମୟରେ ଯେତେବେଳେ ଏନ୍‌ସିଟିଇ ଟିମ୍ ଆସିଥିଲା, ସେତେବେଳେ କଳିଙ୍ଗ ଷ୍ଟାଡିୟମର ଭିତ୍ତିଭୂମିକୁ ଦେଖାଇ ଆମେ ସ୍ଥିତିକୁ ସମ୍ଭାଳି ନେଇଥିଲୁ। ପରେ ବୋଧହୁଏ ଏହାକୁ ଠିକ୍‌ଭାବେ କାର୍ଯ୍ୟକାରୀ କରାଯାଇ ପାରିନାହିଁ। ଫଳରେ ସ୍ୱୀକୃତି ପ୍ରତ୍ୟାହାର ପର୍ଯ୍ୟନ୍ତ କଥା ଯାଇଛି ବୋଲି ସେ କହିଛନ୍ତି। କଲେଜ ଏବେ ପାହାଳସ୍ଥିତ ଆପେକ୍ସ ଇଞ୍ଜିନିୟରିଂ କଲେଜକୁ ଉଠିଯାଉଛି ବୋଲି ଶୁଣିବାକୁ ପାଉଛି। ତାହା ହେଲେ ସ୍ଥିତି ଆହୁରି ସାଂଘାତିକ ହେବ। କଲେଜ ପୂରା ବନ୍ଦ ହୋଇଯିବ। ଏନ୍‌ସିଟିଇ ନିୟମ ଅନୁସାରେ କଲେଜ ନାମରେ ଅତିକମ୍‌ରେ ୮ ଏକର ଜମି ଏବଂ ଖେଳପଡ଼ିଆ ଥିବା ଆବଶ୍ୟକ। ଟ୍ରାକ୍, ଫୁଟ୍‌ବଲ ପଡ଼ିଆ, ହଷ୍ଟେଲ, ଷ୍ଟାଫ୍ ଥିବା ଆବଶ୍ୟକ। ଏତେସବୁ ସୁବିଧା ସୁଯୋଗ ଆପେକ୍ସରେ ନାହିଁ। ତେଣୁ ଏହି କଲେଜକୁ ଦେଖିଲେ ଏନ୍‌ସିଟିଇ ପୂରା କଲେଜକୁ ରିଜେକ୍ଟ କରିଦେବା ସମ୍ଭାବନା ରହିଛି। ଏବେ ୨ଟି ଯାକ କଲେଜରୁ ସ୍ୱୀକୃତି ପ୍ରତ୍ୟାହାର ଦ୍ୱାରା ଏହାକୁ ପେସା କରିବାକୁ ଚାହୁଁଥିବା ପିଲାଙ୍କ ଭବିଷ୍ୟତ ଅନ୍ଧାର ହୋଇଗଲା ବୋଲି କହିବାକୁ ହେବ। ସମ୍ବଲପୁର କଲେଜରେ ଜମି କିମ୍ବା ବିଲ୍ଡିଂ ସମସ୍ୟା ନାହିଁ। ସେଠାରେ କେବଳ ଫାକଲ୍‌ଟି ସମସ୍ୟା ରହିଛି। ସରକାର ନିଯୁକ୍ତି ଦେବାକୁ କୁଣ୍ଠିତ ହେଉଛନ୍ତି। ଗେଷ୍ଟ ଫାକଲ୍‌ଟି ନେଇ ମଧ୍ୟ କାମ ଚଳାଇ ହୁଅନ୍ତା, ମାତ୍ର ତାହା ବି ହେଉନି। ତେଣୁ କଲେଜରୁ ସ୍ୱୀକୃତି ପ୍ରତ୍ୟାହାର ପର୍ଯ୍ୟନ୍ତ କଥା ଯାଇଛି। ଏବେ ରି-ଆପ୍ଲାଏ କରିବାକୁ ପଡ଼ିବ। ଏନ୍‌ସିଟିଇର ସମସ୍ତ ଆବଶ୍ୟକତାକୁ ପୂରଣ କରି ଆବେଦନ କଲେ ଯାଇ କିଛି ହୋଇପାରିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବଲବୀରଙ୍କୁ ଭାରତ ରତ୍ନ ପାଇଁ ଦାବି



ଚଣ୍ଡିଗଡ଼, ୨୨।୮ (ପି.ଟି.)- କିମ୍ବଦନ୍ତୀ ହକି ଖେଳାଳି ବଲବୀର ସିଂ ସିନିୟରଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ ‘ଭାରତ ରତ୍ନ’ ପ୍ରଦାନ କରିବାକୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଚିଠି ଲେଖିଛନ୍ତି। ଅମରିନ୍ଦର ତାଙ୍କ ଚିଠିରେ ୯୫ ବର୍ଷୀୟ ବଲ୍‌ବୀରଙ୍କୁ ତାଙ୍କ ସମୟର ଜଣେ ଚମତ୍କାର କ୍ରୀଡ଼ାବିତ୍ ଭାବେ ଅଭିହିତ କରିଛନ୍ତି। ‘ମୁଁ ଆପଣଙ୍କ ଧ୍ୟାନ ଆକର୍ଷଣ କରି ଅନୁରୋଧ କରୁଛି କି ବଲ୍‌ବୀର ସିଂ ସିନିୟରଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଉ, ଯିଏ ସ୍ୱାଧୀନ ଭାରତର ସବୁଠାରୁ ସମ୍ମାନାସ୍ପଦ ଏବଂ ଚମତ୍କାର ଖେଳାଳି ରହିଥିଲେ’ ବୋଲି ଅମରିନ୍ଦର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ‘ଫିଲ୍ଡ ହକିରେ ଜଣେ ଚମତ୍କାର ଖେଳାଳି ରହିଥିବା ବଲ୍‌ବୀର ୧୯୪୮, ୧୯୫୨ ଓ ୧୯୫୬ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଥିଲେ। ହକିକୁ ଅବଦାନ ଲାଗି ପୂର୍ବରୁ ୧୯୫୭ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏବେ ଭାରତ ରତ୍ନ ପୁରସ୍କାର ପାଇଁ ବଲ୍‌ବୀର ସିଂ ସିନିୟରଙ୍କ ନାମ ବିଚାରକୁ ନିଆଯାଉ’ ବୋଲି ଅମରିନ୍ଦର ଏହି ଚିଠିରେ ଲେଖିଛନ୍ତି। ଗୋଟିଏ ଅଲିମ୍ପିକ ଫାଇନାଲରେ ବ୍ୟକ୍ତିଗତ ଭାବେ ସର୍ବାଧିକ ଗୋଲସ୍କୋର କରିବାର ରେକର୍ଡ ବଲ୍‌ବୀରଙ୍କ ନାମରେ ଆଜି ବି ଲିପିବଦ୍ଧ ହୋଇରହିଛି। ୧୯୫୨ ଅଲିମ୍ପିକ ଫାଇନାଲରେ ସେ ନେଦରଲାଣ୍ଡସ ବିପକ୍ଷରେ ଏକାକୀ ୫ଟି ଗୋଲସ୍କୋର କରିଥିଲେ। ଏହି ମ୍ୟାଚ୍‌କୁ ଭାରତ ୬-୧ ଗୋଲରେ ଜିତି ଚାମ୍ପିୟନ ହୋଇଥିଲା। ସେହିଭଳି ୧୯୭୫ ବିଶ୍ୱ ବିଜୟୀ ଭାରତୀୟ ଦଳର ସେ ମ୍ୟାନେଜର ରହିଥିଲେ।

### ପଲ୍‌ଙ୍କ ସ୍ଥାନରେ କୁମିନ୍ସ

ନର୍ଥ ସାଉଣ୍ଡ୍ (ଆଣ୍ଟିଗୁଆ), ୨୨।୮: ସ୍ଥାନୀୟ ସାର୍ ଭିଭିଆନ୍ ରିଚାର୍ଡ୍ସ ଷ୍ଟାଡିୟମରେ ଗୁରୁବାରଠାରୁ ଭ୍ରମଣକାରୀ ଭାରତ ବିପକ୍ଷରେ ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟ ପୂର୍ବରୁ ଘରୋଇ ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳକୁ ଧକ୍କା ଲାଗିଛି। ଦଳର ଯୁବ ଅଲ୍‌ରାଉଣ୍ଡର କେମୋ ପଲ୍ ଆଘାତଜନିତ ସମସ୍ୟା ଲାଗି ସିରିଜର ଏହି ପ୍ରଥମ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଗୋଇଠିରେ ଆଘାତ କାରଣରୁ ପଲ୍‌ଙ୍କ ସ୍ଥାନରେ ଦ୍ରୁତ ବୋଲର ମିଗୁଏଲ୍ କୁମିନ୍ସଙ୍କୁ ଶେଷ ମୁହୂର୍ତ୍ତରେ ଦଳରେ ସାମିଲ କରାଯାଇଛି ବୋଲି କ୍ରିକେଟ୍ ୱେଷ୍ଟଇଣ୍ଡିଜ ପକ୍ଷରୁ କୁହାଯାଇଛି। ୨୧ ବର୍ଷୀୟ କେମୋ ପଲ୍ ଚଳିତ ବର୍ଷ ପ୍ରାରମ୍ଭରେ ଇଂଲଣ୍ଡ ବିପକ୍ଷରେ ଖେଳି ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେ ୩ ଟେଷ୍ଟ ମ୍ୟାଚ୍‌ରୁ ୯୬ ରନ ଓ ୬ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ନିକଟରେ ଭାରତ ବିପକ୍ଷ ଟି୨୦ ସିରିଜରେ ସେ ସମସ୍ତ ୩ଟି ଯାକ ମ୍ୟାଚ୍ ଖେଳିଥିଲେ। ଡାହାଣହାତୀ ଦ୍ରୁତ ବୋଲର କୁମିନ୍ସ ୧୩ ଟେଷ୍ଟ ଖେଳି ୨୭ ଉଇକେଟ୍ ଅକ୍ତିଆର କରିଛନ୍ତି। କୁମିନ୍ସ ୨୦୧୬ରେ ଭାରତ ବିପକ୍ଷରେ ଖେଳି ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ।



ବିରାଟ କୋହଲିଙ୍କ ଉଇକେଟ ନେବା ପରେ ସାନନ ଗାବ୍ରିଏଲଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

# ଭାରତର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ

**ନର୍ଥ ସାଉଣ୍ଡ(ଆଣ୍ଟିଗୁଆ), ୨୨।୮**

ସ୍ଥାନୀୟ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଗୁରୁବାର ଆରମ୍ଭ ହୋଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଖବର ମିଳିବା ବେଳକୁ ଭାରତ ୩ ଉଇକେଟ ହରାଇ ୬୮ ରନ ସଂଗ୍ରହ କରିଛି।

ଟସ୍ ଜିତି ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର ପ୍ରଥମେ ଭାରତକୁ ବ୍ୟାଟିଂପାଇଁ ଆମନ୍ତ୍ରଣ କରିଥିଲେ। ଘରୋଇ ବୋଲରମାନେ ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ। ମେଘୁଆ ପାଗ ଓ ପିଚ୍ ପରିବେଶରୁ ଫାଇଦା ଉଠାଇ କେମର ରୋଚ୍ ଓ ଶାନନ ଗାବ୍ରିଏଲ ଭାରତର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଦଳୀୟ ସ୍କୋର ମାତ୍ର ୫ ଥିବାବେଳେ ରୋଚ୍‌ଙ୍କ ବଲ୍‌ରେ ଶାଇ ହୋପ୍‌ଙ୍କୁ କ୍ୟାଚ ଦେଇ ମୟଙ୍କ ଅଗ୍ରୱାଲ ଆଉଟ ହୋଇଥିଲେ। ୧୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମୟଙ୍କ ମାତ୍ର ୫ ରନ କରିବାକୁ ସକ୍ଷମ ହୋଇଥିଲେ। ସେହିପରି ଦଳୀୟ ସ୍କୋରରେ ଆଉ ୨ ରନ ଯୋଗ ହେବାପରେ ନିର୍ଭରଯୋଗ୍ୟ ଚେତେଶ୍ୱର ପୂଜାରା ସମାନ ବୋଲର ଓ ଫିଲ୍ଡରଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ପୂଜାରା ୪ ବଲ୍‌ରୁ ମାତ୍ର ୨ ରନ କରି ଆଉଟ ହେବାରୁ ୫ ଓଭର ବେଳକୁ ଭାରତୀୟ ସ୍କୋର ୭/୨ ହୋଇ ଯାଇଥିଲା। ଲୋକେଶ ରାହୁଲ ଓ ଅଧିନାୟକ ବିରାଟ କୋହଲି ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ମାତ୍ର କୋହଲି ୧୨ ବଲ୍‌ରୁ ୨ଟି ଦର୍ଶନୀୟ ଚୌକା ସହାୟତାରେ ୯ ରନ କରିଥିବାବେଳେ ଶାନନ ଗାବ୍ରିଏଲଙ୍କ ବଲ୍‌ରେ ଶାମରା ବ୍ରୁକ୍ସଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। କୋହଲିଙ୍କ ଆଉଟ ପରେ ସ୍ୱାଭାବିକଭାବେ ୱେଷ୍ଟଇଣ୍ଡିଜ ଶିବିରରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ୨୫ ରନରେ ଭାରତ ୩ୟ ଉଇକେଟ ହରାଇଥିଲା। ତେବେ ଲୋକେଶ ଓ ଅଜିଙ୍କ୍ୟ ରାହାନେ ସତର୍କତାର ସହ ବ୍ୟାଟିଂ କରି ପ୍ରଥମ ଦିବସ ମଧ୍ୟାହ୍ନ ଭୋଜନ ବିରତି ବେଳକୁ ଦଳୀୟ ସ୍କୋରକୁ ୬୮/୩ରେ ପହଞ୍ଚାଇଥିଲେ। ସେତେ ବେଳକୁ ରାହୁଲ ୭୦ ବଲ୍‌ରୁ ୪ ଚୌକା ସହାୟତାରେ ୩୭ ଓ ରାହାନେ ୪୩ ବଲ୍‌ରୁ ୨ ଚୌକା ସହ ୧୦ ରନ କରି ଅପରାଜିତ ରହିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ରୋଚ୍ ୨ଟି ଓ ଗାବ୍ରିଏଲ ଗୋଟିଏ ଉଇକେଟ ନେଇଥିଲେ। ଭାରତ ଏହି ମ୍ୟାଚରେ ରୋହିତ ଶର୍ମା, ଋଦ୍ଧିମାନ ଶାହ, ରବିଚନ୍ଦ୍ରନ ଅଶ୍ୱିନ, କୁଲଦୀପ ଯାଦବ ଓ ଉମେଶ ଯାଦବଙ୍କୁ ବାଦ୍ ଦେଇ ପଡ଼ିଆକୁ ଓହ୍ଲାଇଥିଲା।

# ଦୀପ୍ତିଙ୍କ ପ୍ରଭାବୀ ପ୍ରଦର୍ଶନ, ମନ୍ଧାନା ବିଫଳ

**ଲଣ୍ଡନ, ୨୨।୮**

ଏଠାରେ ଚାଲିଥିବା ୱମେନ୍ସ କ୍ରିକେଟ୍ ସୁପର୍ ଲିଗ୍‌ର ଏକ ମ୍ୟାଚ୍‌ରେ ଭାରତୀୟ ମହିଳା କ୍ରିକେଟର୍ ଦୀପ୍ତି ଶର୍ମାଙ୍କ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ଦେଖିବାକୁ ମିଳିଛି। ୱେଷ୍ଟର୍ନ ଷ୍ଟ୍ରମ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଦୀପ୍ତି ବ୍ୟାଟିଂରେ ୨୬ ବଲରୁ ୩୨ ରନର ଦ୍ରୁତ ଇନିଂସ ଖେଳିଥିଲେ। ସେହିଭଳି ଡାହାଣହାତୀ ଅଫ୍-ସ୍ପିନ ବୋଲିଂ କରୁଥିବା ଦୀପ୍ତି ନିଜର ୪ ଓଭର କୋଟାରେ ୧୮ ରନ୍ ବ୍ୟୟ କରି ୩ଟି ଉଇକେଟ୍ ନେଇଥିଲେ। ଦୀପ୍ତିଙ୍କ ଏହି ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ତାଙ୍କ ଦଳ ୱେଷ୍ଟର୍ନ ଷ୍ଟ୍ରମ୍ ୪ ରନରେ ପ୍ରତିପକ୍ଷ ସରେ ଷ୍ଟାର୍‌କୁ ପରାସ୍ତ କରିବାରେ ସଫଳ ହୋଇଥିଲା। ଅପରପକ୍ଷରେ ଅନ୍ୟତମ ତାରକା ଭାରତୀୟ ମହିଳା କ୍ରିକେଟର୍ ସ୍ମୃତି ମନ୍ଧାନାଙ୍କୁ ଏହି ମ୍ୟାଚ୍‌ରେ ନିରାଶ ହେବାକୁ ପଡ଼ିଛି। ଦୀପ୍ତିଙ୍କ ସହ ମିଶି ୱେଷ୍ଟର୍ନ ଷ୍ଟ୍ରମ ପକ୍ଷରୁ ଖେଳୁଥିବା ମନ୍ଧାନା ଓପନିଂ କରିବାକୁ ଆସି ୫ ବଲ୍‌ର ସମ୍ମୁଖୀନ ହୋଇଥିଲେ ମଧ୍ୟ ଖାତା ଖୋଲି ପାରି ନ ଥିଲେ।

# କୋହଲିଙ୍କଠାରେ ମୋ ଭଳି ଉତ୍ସାହ ରହିଛି: ରିଚାର୍ଡ୍ସ

**ଆଣ୍ଟିଗୁଆ, ୨୨।୮(ପି.ଟି.)**

ୱେଷ୍ଟଇଣ୍ଡିଜ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଭିଭିଆନ ରିଚାର୍ଡ୍ସ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଗୁରୁବାର ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ପୂର୍ବରୁ କୋହଲି ରିଚାର୍ଡଙ୍କ ସାକ୍ଷାତକାର ନେଇଥିଲେ। ଏହି ଅବସରରେ ରିଚାର୍ଡ୍ସ କୋହଲିଙ୍କର ପ୍ରଶଂସା କରିଥିଲେ। ପଡିଆରେ କୋହଲି ମୋ ଭଳି ଉତ୍ସାହର ସହ ଖେଳୁଛନ୍ତି ବୋଲି ସେ କହିଛନ୍ତି। ରିଚାର୍ଡ୍ସଙ୍କୁ କୋହଲି ନିଜର ଆଦର୍ଶ କ୍ରିକେଟର ଭାବେ ସମ୍ମାନ କରିଥାନ୍ତି। ତାଙ୍କ ସମୟରେ ବିନା ଗାର୍ଡ ଓ ହେଲମେଟରେ ଦ୍ରୁତ ବୋଲରମାନଙ୍କୁ କିପରି ସେ ସାମ୍‌ନା କରୁଥିଲେ ବୋଲି କୋହଲି ପ୍ରଶ୍ନ କରିଥିଲେ। ସେତେବେଳେ ବିଶ୍ୱ କ୍ରିକେଟରେ ଦୁର୍ଦ୍ଧର୍ଷ ଦ୍ରୁତ ବୋଲରଙ୍କୁ ସମ୍ମୁଖୀନ ହେବା ନିଶ୍ଚିତ ଭାବେ କଷ୍ଟକର ଥିଲା। ପୁଣି ବଲ୍ ବାଉନ୍ସ ହେବାରେ ମଧ୍ୟ କୌଣସି କଟକଣା ନ ଥିଲା। ଏହା ସେତ୍ତେ ରିଚାର୍ଡ୍ସ ବୋଲରଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରି ଖେଳୁଥିଲେ। ସେତେବେଳେ ଆପଣ ମନୋଭାବ କ’ଣ ଥିଲା ବୋଲି କୋହଲି ରିଚାର୍ଡ୍ସଙ୍କୁ ପ୍ରଶ୍ନ କରିଥିଲେ। ରିଚାର୍ଡ୍ସ ମଧ୍ୟ ଏହାର ଉତ୍ତର ରଖିଥିଲେ। ବ୍ୟାଟିଂ କରିବାକୁ ଯିବା ବେଳେ ମୋର ସବୁବେଳ ଆତ୍ମବିଶ୍ୱାସ ବେଶ୍ ଉଚ୍ଚକୋଟୀର ଥାଏ। ବୋଲରଙ୍କୁ ଡରିବା ବଦଳରେ ପ୍ରଭାବ ବିସ୍ତାର କରି ଖେଳିଥାଏ। ପ୍ରତ୍ୟେକ ସମୟରେ ନିଜେ ନିଜକୁ ସମର୍ଥନ କରିଥାଏ। ତେବେ ହେଲମେଟ୍ ପିନ୍ଧିବାରେ ଆଦୌ ସହଜ ଅନୁଭବ କରି ନ ଥାଏ। ତେଣୁ ବ୍ୟାଟିଂ କଲାବେଳେ ଟୋପି ପରିଧାନ କରିଥାଏ। ଟୋପି ପିନ୍ଧିଲେ ବେଶ୍ ସହଜ ଅନୁଭବ କରିଥାଏ। ଯେ କୌଣସି ବୋଲରଙ୍କୁ ସମ୍ମୁଖୀନ ହେବାରେ ମୁଁ ଉପଯୁକ୍ତ ବ୍ୟାଟ୍ସମ୍ୟାନ ବୋଲି ନିଜକୁ ଭାବିଥାଏ। ପୁଣି ଯଦି ବି ଦେହରେ ବଲ୍ ବାଜେ ତାହା ଭଗବାନଙ୍କ ଇଚ୍ଛାରେ ହେଉଛି ବୋଲି ଭାବି ନେଇଥାଏ। ଦେହରେ ବଲ୍ ବାଜିବା କ୍ରିକେଟର ଏକ ଅଂଶ ବୋଲି ଧରିନେବାକୁ ହୋଇଥାଏ। ଆହତ ହେଲେ ମଧ୍ୟ ମୁଁ ତିଷ୍ଠି ରହିବି ବୋଲି ରିଚାର୍ଡ୍ସ କୋହଲିଙ୍କୁ ଉତ୍ତର ଦେବା ଅବସରରେ କହିଥିଲେ। ସବୁବେଳେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରୟାସ କରିଥାଏ। ପୁଣି ଖେଳିବା ବେଳେ କୋହଲିଙ୍କଠାରେ ମୋ ଭଳି ଉତ୍ସାହ ଦେଖିଛି ବୋଲି ରିଚାର୍ଡ୍ସ କହିଥିଲେ। ଉଲ୍ଲେଖଥାଉ କି, ତାଙ୍କ ସମୟରେ ବେଶ୍ ଦୁର୍ଦ୍ଧର୍ଷ ବ୍ୟାଟ୍ସମ୍ୟାନ ରୂପେ ପରିଗଣିତ ହେଉଥିବା ରିଚାର୍ଡ୍ସ ୧୯୯୧ରେ ଅବସର ଗ୍ରହଣ କରିଥିଲେ। ୧୨୧ଟି ଟେଷ୍ଟ ଖେଳି ସେ ୮, ୫୪୦ ଓ ୧୮୭ଟି ଦିନିକିଆ ଖେଳି ୬, ୭୨୧ ରନ ସଂଗ୍ରହ କରିଥିଲେ। ପୂର୍ବରୁ ମଧ୍ୟ ରିଚାର୍ଡ୍ସ କୋହଲିଙ୍କ ବ୍ୟାଟିଂ ଶୈଳୀଙ୍କୁ ବେଶ୍ ପ୍ରଶଂସା କରିଥିଲେ। କୋହଲି ମୋ ଭଳି ବ୍ୟାଟିଂ କରୁଛନ୍ତି ବୋଲି ସେ କହିଥିଲେ।



ବିରାଟ କୋହଲି ଓ ଭିଭିଆନ ରିଚାର୍ଡ୍ସ।

# ୟୁନିଟ-୬, ବିକାଶ ସ୍କୁଲ ବିଜୟୀ

## ୟୁନିଲାଇଟ କପ୍ ଫୁଟବଲ

**ଭୁବନେଶ୍ୱର, ୨୨।୮(କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ୨ଟି ମ୍ୟାଚରେ ୟୁନିଟ-୬ ଓ ବିକାଶ ସ୍କୁଲ ଦଳ ବିଜୟ ହାସଲ କରିଛନ୍ତି।

ପ୍ରଥମ ମ୍ୟାଚରେ ୟୁନିଟ-୬ ବାଳକ ବିଦ୍ୟାଳୟ ୬-୦ ଗୋଲରେ ସେଣ୍ଟ ଜୋସେଫ ହାଇସ୍କୁଲକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ୟୁନିଟ-୬ର ଆକାଶ ନାୟକ ମ୍ୟାଚର ୧୦, ୧୫ ଓ ୨୦ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଦଳର ଅନ୍ୟତମ ଫରୱାର୍ଡ ବିକାଶ ଅମାତ ୨୪ ଓ ୨୮ ଓ ୪୦ତମ ମିନିଟରେ ଆଉ ୩ଟି ଗୋଲ ଦେଇ ମ୍ୟାଚରେ ଦ୍ୱିତୀୟ ହ୍ୟାଟ୍ରିକ ପାଇଥିଲେ। ମ୍ୟାଚ ଶେଷ ହେବାକୁ ଅଳ୍ପକିଛି ସମୟ ଥିବାବେଳେ ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ଘଟିଥିଲା। ପରିସ୍ଥିତି ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ରେଫରି ଓ କର୍ମକର୍ତ୍ତାମାନେ ହସ୍ତକ୍ଷେପ କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ଫେରି ୟୁନିଟ-୬ ଦଳର ୩ ଖେଳାଳି ଏବଂ ସେଣ୍ଟ ଜୋସେଫ ହାଇସ୍କୁଲ ଦଳର ଜଣେ ଖେଳାଳିଙ୍କୁ ରେଡ୍‌କାର୍ଡ ଦେଖାଇଥିଲେ। ଏଥିସହିତ ମ୍ୟାଚ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲେ। ପୂର୍ବତନ କର୍ପୋରେଟର ପ୍ରଣବ କିଶୋର ସ୍ୱାଇଁ ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଆକାଶ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ବିକାଶ ରେସିଡେନ୍ସିଆଲ ସ୍କୁଲ ୫-୦ ଗୋଲରେ ବିଜେଇଏମ-୨କୁ ପରାସ୍ତ କରିଥିଲା। ବିକାଶ ସ୍କୁଲର ସୁନୀଲ ସାହୁ, ବିନୟ ସାହୁ, ବିଷ୍ଣୁ ପ୍ରସାଦ ସିଂ, ଯୁବରାଜ ପ୍ରଧାନ ଓ ଅମିତ ମିଶ୍ର ମ୍ୟାଚର ୧୦, ୧୪, ୨୪, ୪୦ ଓ ୪୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ ପ୍ରିୟନାଥ ମିଶ୍ର ଅତିଥିଭାବେ ଯୋଗଦେଇ ବିକାଶ ସ୍କୁଲର ସୁନୀଲ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦେଇଥିଲେ। ଲକ୍ଷ୍ମୀ ପ୍ରସାଦ, କୀର୍ତ୍ତି ରଞ୍ଜନ ସ୍ୱାଇଁ, ଦିଗ୍‌ବିଜୟ ଦାସ, ସରୋଜ ମହାରଣା, ରାଜେନ୍ଦ୍ର ବାରିକ, ଦେବଜ୍ୟୋତି ସିଂ, ଶ୍ରୀକାନ୍ତ ପଣ୍ଡା ଖେଳ ପରିଚାଳନା କରିଥିଲେ।



ସୁନୀଲ ସାହୁ ଅତିଥିଙ୍କଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୩/୨୦୧୯ Bhubaneswar, Friday, August 23/2019




# ଆମ୍ବୁଲାନ୍ସ ଆସିବାରେ ବିଳମ୍ବ: ରାସ୍ତାରୋକୋ

**ଓଡ଼ଗାଁ, ୨୨।୮(ସ୍ୱ.ପ୍ର.):** ଓଡ଼ଗାଁ ଥାନା ନରସିଂହ ପ୍ରସାଦ (ଲାଉଖାଲ) ଗ୍ରାମରେ ଗୁରୁବାର ଟ୍ରାକ୍ଟର ଚଳାଇ ଚାଷ କାମ କରୁଥିବା ବେଳେ ଦେବରାଜ ବେହେରା(୪୧) ଆହତ ହୋଇଥିଲେ। ତାଙ୍କୁ ଡାକ୍ତରଖାନା ନେବା ପାଇଁ ସମ୍ପର୍କୀୟ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ହେଲେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଗ୍ରାମବାସୀ ସେହି ଗ୍ରାମ ଦେଇ ଯାଇଥିବା ୨୧ ନମ୍ବର ରାଜ୍ୟ ରାଜପଥ (ଭଞ୍ଜନଗର-ନୟାଗଡ) ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଗମନାଗମନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।







# ଦଣ୍ଡୁଆ ଡକାୟତି ଗ୍ୟାଙ୍ଗର ପର୍ଦ୍ଦାଫାଶ


ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।


ଗିରଫ ବାପପୁଅ।

- କାର୍ପଟଦାର ବାପପୁଅ ଗିରଫ
- ୨ କାର୍, ଗୋଟିଏ ପିସ୍ତଲ, ୧୦ ମୋବାଇଲ ଜବତ
- ଜିଲାର ୫ ଥାନାରେ ରହିଛି ୨୨ ମାମଲା

**ନୟାଗଡ଼ ଅଫିସ,୨୨।୮**

ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ନୟାଗଡ଼ ଜିଲା ପୋଲିସ ଗୋଟିଏ ଡକାୟତି ଘଟଣାର ତଦନ୍ତ କରୁଥିବା ବେଳେ ଅନ୍ୟ ଡକାୟତି ଓ ରାହାଜାନି ଘଟଣାର ରହସ୍ୟ ଉନ୍ମୋଚନ କରିଛି। ଦୀର୍ଘବର୍ଷ ହେଲା ଜିଲାରେ କୋକୁଆ ଭୟ ସୃଷ୍ଟି କରିଥିବା ଦଣ୍ଡୁଆ ଡକାୟତି ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ଏହି ଗ୍ୟାଙ୍ଗର ମୁଖ୍ୟ କାର୍ପଟଦାର ବାପପୁଅଙ୍କୁ ପୋଲିସ ଗିରଫ କରିଥିବାବେଳେ ୬ ସହଯୋଗୀ ଫେରାର ହୋଇଯାଇଛନ୍ତି। ଗିରଫ ଦ୍ୱୟ ହେଲେ ଇଟାମାଟି ଥାନା ଲାଠିପଡ଼ା ଗ୍ରାମ କାଦୁଆସାହିର ବଂଶୀଧର ଓରଫ କଣ୍ଟୁରୀ ମହାରଣା (୫୮) ଓ ତାଙ୍କ ପୁଅ ଦୀନବନ୍ଧୁ ମହାରଣା ଓରଫ ଦଣ୍ଡୁଆ (୩୪)। ୬ ସହଯୋଗୀଙ୍କୁ ଧରି ବାପପୁଅ ଜିଲାର ବିଭିନ୍ନ ସ୍ଥାନରେ ଲୁଟ୍, ରାହାଜାନି ଭଳି ଘଟଣା ଘଟାଉଥିଲେ। ଏମାନେ ନିଜ ଗ୍ୟାଙ୍ଗକୁ ଦଣ୍ଡୁଆ ଗ୍ରୁପ ନାମରେ ନାମିତ କରିଥିଲେ। ଗୁରୁବାର ଜିଲା ପୋଲିସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀ ଏହି ସୂଚନା ଦେଇଛନ୍ତି।

ଗତ ୧୯ ତାରିଖରେ ରଣପୁର ଥାନା କାଲିମେଳା ଛକଠାରେ ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଦଣ୍ଡୁଆ ଗ୍ରୁପ ସଦସ୍ୟମାନେ ୮୯ ହଜାର ୪୬୦ ଟଙ୍କା ଓ ବାଇକ୍ ଛଡ଼ାଇ ନେଇଥିଲେ। ଏ ନେଇ ରଣପୁର ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ପୋଲିସ ଏହି ଗ୍ୟାଙ୍ଗ ଜିଲାର ବିଭିନ୍ନ ଅଞ୍ଚଳରେ ଲୁଟ୍ କରୁଥିବା ଜାଣିବାକୁ ପାଇଥିଲା। ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବାପପୁଅଙ୍କୁ ଗିରଫ କରିବା ସହ ବହୁ ମୂଲ୍ୟବାନ ସାମଗ୍ରୀ ଜବତ କରିଥିଲା। ପୋଲିସ ଏମାନଙ୍କଠାରୁ ଗୋଟିଏ ପିସ୍ତଲ, ୪ ଜୀବନ୍ତ ବୋମା, ୨ କାର୍, ଗୋଟିଏ ଅଟୋ, ୪ ବାଇକ୍, ୧୦ ମୋବାଇଲ, ଏଲ୍‌ଇଡ଼ି ଟିଭି, କିଛି ସୁନା ଜିନିଷ, ୨ ଛୁରି, କଟର ଓ ଡ୍ରିଲିଂ ମେଶିନ ଜବତ


ଜବତ ପିସ୍ତଲ, ବୋମା ଓ ଛୁରି।

କରିଥିଲା। ଜବତ କାର୍ ଦୁଇଟିର ନଂ. ଓଆର୦୫ଏଏନ୍ ୬୯୬୯ ଓ ଓଡ଼ି୧୩ଏଚ୍୭୫୦୫ ଏବଂ ବଜାଜ୍ ଅଟୋ ନଂ. ହେଉଛି ଓଡ଼ି୦୫ଏଏଲ୍୧୯୮୦। ସେହିଭଳି ୩ ବାଇକ୍‌ର ନମ୍ବର ଥିବାବେଳେ ଗୋଟିଏ ନମ୍ବରବିହୀନ। ଜିଲାର ୫ ଥାନାରେ ଦଣ୍ଡୁଆ ଓ ତାଙ୍କ ଗ୍ରୁପ ନାମରେ ୨୨ ମାମଲା ରହିଛି। ଶରଣକୁଳ ଥାନାରେ ୮, ରଣପୁର ଥାନାରେ ୫, ଓଡ଼ଗାଁ ଥାନାରେ ୧, ଇଟାମାଟି ଥାନାରେ ୩ ଓ ଚାନ୍ଦପୁର ଥାନାରେ ୫ ମାମଲା ରହିଛି' ବାପପୁଅଙ୍କୁ ଅଧିକ ପଚରାଉଚରା ପାଇଁ ଜିଲା ପୋଲିସ ରିମାଣ୍ଡରେ ଆଣିବ। ଏ ନେଇ ରଣପୁର ଥାନାରେ ୧୭୦/୧୯ରେ ମାମଲା ରୁଜୁ କରାଯାଇଥିବା ବେଳେ ୨ଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବାରୁ ଅନ୍ୟ ସହଯୋଗୀମାନେ ଶୀଘ୍ର ଧରାପଡ଼ିବେ ବୋଲି ଏସ୍‌ପି ଶତପଥୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ରଣପୁର ଥାନା ଅଧିକାରୀ, ଡିଆଇବି ଡିଏସ୍‌ପି ସୁବାସ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ

### 'ଖୁସି' ଯୋଜନାରେ ବିଦ୍ୟାଳୟରେ ପହଞ୍ଚିଲା ନାପ୍‌କିନ୍



**ଖଣ୍ଡପଡା,୨୨।୮(ସ୍ୱ.ପ୍ର.):** ପରିଷ୍କାର ପରିଚ୍ଛନ୍ନତାର ସହ ଏକ ସୁସ୍ଥ ପରିବେଶ ଓ ବାତାବରଣ ମଧ୍ୟରେ ଛାତ୍ରୀମାନେ କିଭଳି ପାଠ ପଢିବେ ସେ ନେଇ ରାଜ୍ୟ ସରକାର ଖୁସି ଯୋଜନା ପ୍ରଣୟନ କରିଛନ୍ତି । ଏହି ଯୋଜନାରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରତ୍ୟେକ ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀମାନଙ୍କୁ ନାପକିନ୍ ବଣ୍ଟନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଖଣ୍ଡପଡା ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ବଣ୍ଟନ ନିମନ୍ତେ ନାପକିନ୍ ପେଟି ପହଞ୍ଚିଥିବା ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଏହି ଯୋଜନାରେ ବୁଧବାର ଓ ଗୁରୁବାର ଖଣ୍ଡପଡା ଆରସି ନୋଡାଲ ହାଇସ୍କୁଲ ୨ଶହରୁ ଉର୍ଦ୍ଧ୍ୱ ଏବଂ କଣ୍ଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ନାପକିନ ବିତରଣ କରାଯାଇଛି । ଖଣ୍ଡପଡା ବ୍ଲକର ୧୧ କ୍ଲଷ୍ଟର ଅଧୀନରେ ଥିବା ବିଦ୍ୟାଳୟଗୁଡିକରେ ୬ରୁ ୧୦ମ ଶ୍ରେଣୀ ମଧ୍ୟରେ ଅଧ୍ୟୟନରତ ଛାତ୍ରୀମାନେ ମାଗଣାରେ ଏହି ନାପକିନ୍ ପାଇବେ ବୋଲି ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ ଚନ୍ଦନ କୁମାର ରଥଙ୍କଠାରୁ ପ୍ରକାଶ ।

### ବେଳାଭୂମିରେ ସଚେତନତା ପଦଯାତ୍ରା

**ପୁରୀ ଅଫିସ, ୨୨।୮:** ପୁରୀ ବେଳାଭୂମିରେ ଗୁରୁବାର ମଧୁମେହଜନିତ ଦୃଷ୍ଟିବାଧିତ ବା ଡାଇବେଟିକ୍ ବ୍ଲାଇଣ୍ଡନେସ ସମ୍ବନ୍ଧୀୟ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜଗନ୍ନାଥ ଧାମ ରୋଟାରୀ କ୍ଲବ, ଇନର ହୁଇଲ କ୍ଲବ ଓ ଭାରତୀୟ ଭେଷଜ ସଂଘ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀର ୱାକର୍ସ କ୍ଲବ ସହଯୋଗ କରିଥିଲା। ଚକ୍ଷୁର ଯତ୍ନ ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ରୋଟାରୀ କ୍ଲବ ସଭାପତି ପ୍ରଦୀପ କୁମାର ନାୟକ, ସଭ୍ୟ ଦେବଦତ୍ତ ଷଡ଼ଙ୍ଗୀ, ଦେବରାଜ ପ୍ରଧାନ, ଡା. ବରେନ ପଟ୍ଟନାୟକ, ଇନର ହୁଇଲ କ୍ଲବ ସଭାପତି ଝରଣା ନାୟକ, ସମ୍ପାଦକ ନିରୁ ଷଡ଼ଙ୍ଗୀ ପ୍ରମୁଖ ଏଥିରେ ସାମିଲ ଥିଲେ। ଡା. ବାମଦେବ ମହାନ୍ତି, ଡା. ବାନାମ୍ବର ସେନାପତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପୁଣି କୂଳ ଲଂଘିଲା ସମୁଦ୍ର

- ୫ ଫୁଟ ଗଭୀରରେ ତାଡ଼ି ନେଲା ବାଲି
- ୨୦୦ ମିଟର କୂଳ ଖାଇଲା
- ବିପଦରେ 'ବ୍ଲୁ ଫ୍ଲାଗ ବିଚ୍'

**ପୁରୀ ଅଫିସ,୨୨।୮**



ସମୁଦ୍ର କୂଳ ଲଂଘିଛି।

ପୁଣି କୂଳ ଲଂଘିଛି ପୁରୀ ସମୁଦ୍ର। ଦେଖାଇଛି ଭୟଙ୍କର ରୂପ। ଗୁରୁବାର ସମୁଦ୍ର ଉଗ୍ର ରୂପ ଧାରଣ କରି ପ୍ରାୟ ୫ଫୁଟ ଗଭୀରରେ ତାଡ଼ି ନେଇଛି ବାଲି। ରାଜଭବନ ପଛ ପାର୍ଶ୍ୱରୁ ମେ ଫେୟାର ହୋଟେଲ ପର୍ଯ୍ୟନ୍ତ ବେଳାଭୂମିରେ ପ୍ରାୟ ୨୦୦ ମିଟର ଲମ୍ବରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। 'ବ୍ଲୁ ଫ୍ଲାଗ ବିଚ୍' ଅଞ୍ଚଳରେ ସମୁଦ୍ର କୂଳ ଖାଇଯିବା ଫଳରେ ବ୍ଲୁ ଫ୍ଲାଗ ବିଚ୍ ପ୍ରତି ବିପଦ ସୃଷ୍ଟି ହୋଇଛି। ତେବେ ଏହା ସମୁଦ୍ରର ସ୍ୱାଭାବିକ ପ୍ରକ୍ରିୟା। ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ। ଅବକ୍ଷୟ ସ୍ଥାନ ପୁଣି ବାନ୍ଧି ହୋଇଯିବ ବୋଲି କହିଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଦେବାନନ୍ଦ ବେଉରା। ରାଜଭବନ ପଛପାର୍ଶ୍ୱରୁ ମେ ଫେୟାର ପର୍ଯ୍ୟନ୍ତ ଅଞ୍ଚଳ 'ବ୍ଲୁ ଫ୍ଲାଗ ବିଚ୍' ମାନ୍ୟତା ପାଇଛି। ବର୍ତ୍ତମାନ ଏଠାରେ ବିଭିନ୍ନ ପ୍ରକାର କାମ ଚାଲିଛି। ଏହି ଚିହ୍ନଟ ଅଞ୍ଚଳରେ ହିଁ ପ୍ରାୟ ୫ ଫୁଟ ଗଭୀରରେ ସମୁଦ୍ର କୂଳ ଖାଇଛି। ଫଳରେ ବ୍ଲୁ ଫ୍ଲାଗ ବେଳାଭୂମିର ଭବିଷ୍ୟତକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଏଥିଯୋଗୁ ପର୍ଯ୍ୟଟକମାନେ ମଧ୍ୟ ଭୟଭୀତ ହୋଇପଡ଼ିଛନ୍ତି। ଗୁରୁବାର ବେଳାଭୂମିରେ ବୁଲୁଥିବା ପ୍ରଭାକର ସାହୁ କହିଛନ୍ତି, ପୂର୍ବରୁ ସମୁଦ୍ର କୂଳ ଖାଏ। କିନ୍ତୁ ଏତେ ମାତ୍ରାରେ କୂଳ ଖାଇବା ଦେଖି ନ ଥିଲି। ଏହାର କାରଣ ଖୋଜି ବେଳାଭୂମିକୁ ସୁରକ୍ଷା ଦେବା ଲାଗି ପଦକ୍ଷେପ ନିଆଯିବା ଦରକାର।

ସମୁଦ୍ରର ଏଭଳି ସ୍ଥିତି ସମ୍ପର୍କରେ ଡ. ବେଉରା କହିଛନ୍ତି, କେବଳ ପୁରୀ ନୁହେଁ, ଓଡ଼ିଶାର ତଟ କ୍ଷୟ ହେଉଛି। ବିଶେଷକରି ପୁରୀ, ଗୋପାଳପୁର, ପାରାଦୀପ, ଏରସମାର ଶିଆଳି, କେନ୍ଦ୍ରାପଡ଼ାର ସାତଭାୟା ଏହିସବୁ ସ୍ଥାନରେ ସମୁଦ୍ର କୂଳ ଖାଉଛି। ପୁରୀ ପାଇଁ ଏହା ନୂଆ କଥା ନୁହେଁ । ପୂର୍ବରୁ ୨୦୦୭ରେ ବଳିଆପଣ୍ଡା ଏବଂ ୨୦୧୬ରେ ସ୍ୱର୍ଗଦ୍ୱାର ନିକଟରେ ସମୁଦ୍ର କୂଳ ଖାଇ ରାସ୍ତା ପାଖକୁ ମାଡ଼ି ଆସିଥିଲା। କିଛିଦିନ ତଳେ ସ୍ୱର୍ଗଦ୍ୱାର ନିକଟରେ ଉଚ୍ଚ ଢେଉ ଆସି ବେଳାଭୂମିକୁ ଅବକ୍ଷୟ କରିଥିଲା। ଏହାର ବିଭିନ୍ନ କାରଣ ଅଛି। ସାଧାରଣତଃ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ମୌସୁମୀ ଅଧିକ ସକ୍ରିୟ ରହିଥିବାବେଳେ ସମୁଦ୍ରରେ ଉଚ୍ଚ ଜୁଆର ଆସିଥାଏ। ବଡ଼ ବଡ଼ ଢେଉ ଆସି କୂଳରେ ମାଡ଼ ହୁଏ। ତେବେ ପୁରୀ କ୍ଷେତ୍ରରେ ମଙ୍ଗଳା ନଦୀ ମୁହାଣ ସଂକୁଚିତ ହୋଇଯିବା ପ୍ରମୁଖ କାରଣ କୁହାଯାଇପାରେ। କିନ୍ତୁ ଏଥିପାଇଁ ଏତେଟା ଭୟଭୀତ ହେବାର କାରଣ ନାହିଁ। ସମୁଦ୍ରର ଏହା ସ୍ୱାଭାବିକ ପ୍ରକ୍ରିୟା ଓ ସମ୍ପୂର୍ଣ୍ଣ ଅସ୍ଥାୟୀ ମଧ୍ୟ। କିନ୍ତୁ ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ତ ସାମୁଦ୍ରିକ ଭୂତାତ୍ତ୍ୱିକ ପ୍ରକ୍ରିୟା ଯୋଗୁ ଯେଉଁ ତଟ କ୍ଷୟ ଧୀରେ ଧୀରେ ଘଟୁଛି ତାହା ଭବିଷ୍ୟତ ପାଇଁ ବିପଦ ଆଣିପାରେ, ଯାହା ବିଶ୍ୱର ତଟୀୟ କ୍ଷେତ୍ରରେ ପ୍ରତୀୟମାନ ହେବାରେ ଲାଗିଛି। ବର୍ତ୍ତମାନ ସମୁଦ୍ର ବାନ୍ଧିବା ଅପେକ୍ଷା ଅବକ୍ଷୟ ବେଶି କରୁଛି। ପରବର୍ତ୍ତୀ ସମୟରେ ଏହା ବାନ୍ଧି ଦେବ। ତେବେ ବାସସ୍ଥାନ ଓ ସମୁଦ୍ର ମଧ୍ୟରେ ବଫର ଜୋନ (ସମୁଦ୍ର ଚଳାଚଳ କ୍ଷେତ୍ର) ରହିବା ଦରକାର। ଦ୍ରୁତ ସହରୀକରଣ ଯୋଗୁ ବେଳାଭୂମି କଡ଼କୁ ବାସସ୍ଥାନ ଲାଗି ଗଲାଣି। ସମୁଦ୍ରର ସାମାନ୍ୟ ଅନୁପ୍ରବେଶ ଯୋଗୁ ଆମେ ଭୟଭୀତ ହୋଇପଡୁଛନ୍ତି ବୋଲି ଡ. ବେଉରା ମତବ୍ୟକ୍ତ କରିଛନ୍ତି।

ସୂଚନାଥାଉ କି, ୨୦୧୬ ଅଗଷ୍ଟ ମାସରେ ସ୍ୱର୍ଗଦ୍ୱାର ସମ୍ମୁଖରେ ବେଳାଭୂମି କ୍ଷୟ ହୋଇଥିଲା। ପ୍ରାୟ ୨୦୦ ଫୁଟରୁ ଉର୍ଦ୍ଧ୍ୱ କୂଳ ଖାଇଥିଲା। ବେଳାଭୂମି ମାର୍ଗ ପର୍ଯ୍ୟନ୍ତ ସମୁଦ୍ର ଛୁଇଁଥିଲା। ଏହାକୁ ନେଇ ସେତେବେଳେ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିଲା। ବିଶେଷଜ୍ଞମାନେ ଆସି ସମୁଦ୍ରର ଏଭଳି ସ୍ଥିତିକୁ ଅନୁଧ୍ୟାନ କରିଥିଲେ। ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗର ଉଚ୍ଚ ପଦାଧିକାରୀ ମଧ୍ୟ ଆସି ଦେଖିଥିଲେ। ପରବର୍ତ୍ତୀ ସମୟରେ ସମୁଦ୍ର ପୁଣି ତା' ପୂର୍ବ ସ୍ଥିତିକୁ ଫେରିଥିଲା। ଗତ ୨ ଓ ୩ତାରିଖରେ ମଧ୍ୟ ସ୍ୱର୍ଗଦ୍ୱାର ନିକଟରେ ଉଚ୍ଚ ଜୁଆର ଆସି ବ୍ୟବସାୟୀଙ୍କ ପସରା ଭସାଇ ନେଇଥିଲା।

## ଭତ୍ତା ନ ପାଇ ଦୁର୍ଦ୍ଦିନରେ ୨୧୧ କଳାକାର

**କୃଷ୍ଣପ୍ରସାଦ,୨୨।୮(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ କିଛିବର୍ଷ ଧରି ୨୧୧ କଳାକାର ଭତ୍ତା ପାଇ ଆସୁଥିଲେ। ତେବେ ଏମାନଙ୍କ ଭତ୍ତା ବନ୍ଦ କରିଦିଆ ଯାଇଥିବାରୁ ଗୁରୁବାର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଏମାନେ ୧୨ଶହ ଟଙ୍କା କଳାକାର ଭତ୍ତା ପାଇବା ପରେ ୫୦୦ ଟଙ୍କାର ବାର୍ଦ୍ଧକ୍ୟ ଭତ୍ତା ବନ୍ଦ ହୋଇଯାଇଥିଲା । ତେବେ ଗତ ୬ ମାସ ଧରି ପ୍ରତିମାସରେ କଳାକାର ଭତ୍ତା ନ ପାଇବାରୁ ଗରିବ, ରୋଗାକ୍ରାନ୍ତ ଓ ଭିନ୍ନକ୍ଷମ ହିତାଧିକାରୀମାନେ ଦୁର୍ଦ୍ଦିନ ମଧ୍ୟରେ ଜୀବନ ବିତାଉଛନ୍ତି । ନିଜର ସାଧାରଣ ଆବଶ୍ୟକତା ପୂରଣ କରିବାରେ ଅସମର୍ଥ ହେବା ସହ ଔଷଧ କିଣିବାକୁ ମଧ୍ୟ ଅର୍ଥାଭାବର ଶିକାର ହୋଇ ଦୁଃଖ ଓ ଦୁର୍ଦ୍ଦଶା ଭୋଗ କରୁଛନ୍ତି। କୃଷ୍ଣପ୍ରସାଦ ବ୍ଲକସ୍ଥିତ ଆଖଣ୍ଡଳେଶ୍ୱର ପାଇକ ଆଖଡ଼ାସଂଘର ସମ୍ପାଦକ ସୁବାସ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ବିଡିଓ ଅଭିମନ୍ୟୁ ମାଝିଙ୍କୁ ଏ ନେଇ ହିତାଧିକାରୀମାନେ ବକେୟା ଭତ୍ତା ପ୍ରଦାନ ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି। ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ କଳାକାରମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଭଗବାନ ବରାଳ, ଜଗନ୍ନାଥ ପଲେଇ, ପଞ୍ଚାନନ ତରେଇ, ଗଙ୍ଗାଧର ପଲେଇ, କୃଷ୍ଣଚନ୍ଦ୍ର ପଲେଇ, ଧନେଶ୍ୱର ଦଳେଇ, ପର୍ଶୁରାମ ପ୍ରଧାନ, ଭାବଗ୍ରାହୀ ଜେନା, ଏକାଦଶୀ ବିଶ୍ୱାଳ, କେଳୁ ଚରଣ ଜେନା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ସାଗରଗାଁ ପଞ୍ଚାୟତରେ କ୍ଷମତା ଏକ୍ସପ୍ରେସ କାର୍ଯ୍ୟକ୍ରମ



ଭିନ୍ନକ୍ଷମ ନାମ ପଞ୍ଜୀକୃତ ପାଇଁ ଲୋକଙ୍କ ଧାଡ଼ି ଲାଗିଛି ।

**ବୋଲଗଡ଼,୨୨।୮(ଡି.ଏନ.ଏ.)**

ଭିନ୍ନକ୍ଷମ ସଶକ୍ତିକରଣ ଓ ସାମାଜିକ ସୁରକ୍ଷା ପାଇଁ ବୋଲଗଡ଼ ବ୍ଲକ ସାଗରଗାଁ ପଞ୍ଚାୟତଠାରେ ଗୁରୁବାର କ୍ଷମତା ଏକ୍ସପ୍ରେସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମ, ବୟସ୍କ, ଶିଶୁମାନଙ୍କର ଶାରୀରିକ ଅକ୍ଷମତା ନିରୂପଣ ଓ ନିଦାନ ପାଇଁ ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ହୋଇଛି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିବାବେଳେ ଏବିଡିଓ ରତିକାନ୍ତ ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ସୁବାସ ରାୟଗୁରୁ ଓ ବିଭିନ୍ନ ବିଭାଗ ଡାକ୍ତରମାନେ ଉପସ୍ଥିତ ଥିଲେ। ଏଥିରେ ୨୦୩ ଜଣ ନାମ ପଞ୍ଜୀକୃତ କରିଥିଲେ । ଭିନ୍ନକ୍ଷମ ଭାବେ ଚିହ୍ନଟ କରାଯାଇଥିବା ୧୪୭ ଜଣଙ୍କ ନାମ ୟୁଡିଆଇଡି ପୋର୍ଟାଲରେ ପଞ୍ଜୀକୃତ କରାଯାଇଛି । ଡାକ୍ତରମାନେ ୨୯ଜଣଙ୍କ ଚକ୍ଷୁ, ୮୦ ଜଣଙ୍କ ଶ୍ରବଣଜନିତ ସମସ୍ୟା ସମ୍ପର୍କରେ ପରୀକ୍ଷା କରିଥିଲେ। ବାକ୍‌ଶକ୍ତି ସମସ୍ୟା ଭୋଗୁଥିବା ୨୬ ଜଣ ଭିନ୍ନକ୍ଷମଙ୍କୁ ସହାୟକ ଯନ୍ତ୍ର ତଥା ଉପକରଣ ଯୋଗାଇ ଦିଆଯାଇଛି। ୨୯ ଜଣଙ୍କୁ ଚିକିତ୍ସା ଯୋଗାଇ ଦେବା ସହ ଶତାଧିକ ଲୋକଙ୍କୁ ସ୍ୱାସ୍ଥ୍ୟଭିତ୍ତିକ ପରାମର୍ଶ ପ୍ରଦାନ କରାଯାଇଛି । ଏହି ଅବସରରେ ୬ ଭିନ୍ନକ୍ଷମଙ୍କୁ ଭତ୍ତା ପ୍ରଦାନ ନିମନ୍ତେ ସୁପାରିସ କରାଯାଇଛି ।

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

**ପୁରୀ ଅଫିସ, ୨୨।୮**

ଶାଶୁଘର ଲୋକଙ୍କ ଦ୍ୱାରା ନିର୍ଯାତିତା ଜଣେ ମହିଳା ଗୁରୁବାର ପୁରୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଚନ୍ଦନପୁର ଥାନା ଅଞ୍ଚଳର ଜଣେ ଯୁବତୀ ବର୍ଷେକ ତଳେ ସଦର ଥାନା ଅଧୀନ କପିଳେଶ୍ୱରପୁର ଗ୍ରାମର ଜଣେ ଯୁବକଙ୍କୁ ବିବାହ କରିଥିଲେ। ତାଙ୍କ ସ୍ୱାମୀଙ୍କ ସମ୍ପର୍କୀୟ ଭାଇ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିବାରୁ ସେ ଗର୍ଭଧାରଣ କରିଥିଲେ। ଏ ନେଇ ସେ ଶାଶୁଘର ଲୋକଙ୍କୁ ଜଣାଇବା ପରେ ଘଟଣାର ଆପୋଷ ସମାଧାନ ହୋଇଥିଲା। ସେ ଏକ ଘରୋଇ ହସ୍‌ପିଟାଲରେ ଗର୍ଭ ନଷ୍ଟ କରିଥିଲେ। ଏହାପରଠୁ ଶାଶୁଘର ଲୋକେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଛନ୍ତି।ବୁଧବାର ରାତିରେ ସେମାନେ ତାଙ୍କୁ ଘରୁ ବାହାର କରିଦେଇଥିଲେ। ବିଳମ୍ବିତ ରାତି ହୋଇଥିବାରୁ ସେମାନଙ୍କୁ ବହୁ ନେହୁରା ହେବା ସତ୍ତ୍ୱେ କିଛି ଶୁଣି ନ ଥିଲେ। ଏ ସଂକ୍ରାନ୍ତରେ ପୀଡ଼ିତା ଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ତାଙ୍କୁ ଥାନାରୁ ତଡ଼ି ଦେଇଥିଲା। ଅଭିଯୁକ୍ତ ଯୁବକ ଓ ତାଙ୍କ ଶାଶୁଘର ଲୋକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସେ ଏସ୍‌ପିଙ୍କୁ ଗୁହାରି ଜଣାଇଛନ୍ତି।

## ସଂସ୍କୃତ ଦିବସ ପାଳିତ

**ନୟାଗଡ଼ ଅଫିସ,୨୨।୮**

ନୟାଗଡ଼ ବ୍ଲକ ଗୋବିନ୍ଦପୁରସ୍ଥିତ ଭାଗୀରଥି ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଟ୍ୟକାର ପ୍ରଫେସର ରାମଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଓ ମୋ ସ୍କୁଲ ଅଭିଯାନର ସଭାପତି ଚନ୍ଦ୍ରମଣି ମହାପାତ୍ର, ଉପସଭାପତି ପ୍ରସନ୍ନ କୁମାର ଶତପଥୀ ଅତିଥି ଭାବେ ଯୋଗଦେଇ ଦେବ ଭାଷା ସଂସ୍କୃତର ମହତ୍ତ୍ୱ ଉପରେ ବର୍ଣ୍ଣନା କରିଥିଲେ। ସଂସ୍କୃତ ଶିକ୍ଷକ ରାଜେଶ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ତର୍କ ଓ ସଂସ୍କୃତ ଶ୍ଳୋକ ଗାୟନରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶରତ କୁମାର ପରିଡ଼ା, ବେଣୁଧର ବିଶ୍ୱାଳଙ୍କ ସମେତ ବିଦ୍ୟାଳୟର ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ।




ମୁଖ୍ୟ ଅତିଥି ନିଜର ବକ୍ତବ୍ୟ ରଖୁଛନ୍ତି।

## ଅଗ୍ନିବିପନ୍ନ ପରିବାରକୁ ସହାୟତା

**ରଣପୁର, ୨୨।୮ (ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ଦର୍ପନାରାୟଣପୁର ଗ୍ରାମରେ ଗତ ମଙ୍ଗଳବାର ନିଆଁ ଲାଗି ଛଅ ପରିବାରର ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି । ଅଗ୍ନିକାଣ୍ଡରେ ସେମାନଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ସହିତ ବର୍ଷ ଯାକର ଖାଦ୍ୟ ଶସ୍ୟ ଯଥା ଧାନ, ଚାଉଳ, ମୁଗ ସହିତ ସମସ୍ତ ଆସବାବପତ୍ର ପୋଡି ଯାଇଛି। ଏହି ଖବର ପାଇ ସ୍ଥାନୀୟ ବିଧାୟକ ସତ୍ୟନାରାୟଣ ପ୍ରଧାନ ଗୁରୁବାର ଉକ୍ତ ଗ୍ରାମରେ ପହଞ୍ଚି ଅଗ୍ନିବିପନ୍ନ ୬ଟି ପରିବାରକୁ ଖାଦ୍ୟ,ବସ୍ତ୍ର ଓ ଗୃହଉପକରଣ ଜିନିଷ ପ୍ରଦାନ କରିଛନ୍ତି। ତୁରନ୍ତ ସେମାନଙ୍କୁ ସରକାରୀ ସାହାଯ୍ୟ ଦିଆଯିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି ।

ପ୍ରକାଶ ଯେ, ଗତ ମଙ୍ଗଳବାର ଦର୍ପନାରାୟଣପୁର ଗାଁର ମଧୁ ବେହେରାଙ୍କ ଘରେ ଅପରାହ୍ନ ୨ ଟାରେ ରୋଷେଇ ହେଉଥିବାବେଳେ ନିଆଁ ଉଠି ମଧୁଙ୍କ ଚାଳ ଘରେ ଲାଗିଯାଇଥିଲା । ଚାହୁଁ ଚାହୁଁ ଅନ୍ୟ ବଖରାକୁ ବ୍ୟାପିବା ସହିତ ପଡୋଶୀମାନଙ୍କ ଘରକୁ ନିଆଁ ବ୍ୟାପୀ ଯାଇଥିଲା । ଏଥିରେ ଛଅଟି ପରିବାର ସର୍ବସ୍ୱ ହରାଇ ସର୍ବସ୍ୱାନ୍ତ ହୋଇଯାଇଛନ୍ତି । ଅଗ୍ନିବିପନ୍ନ ପରିବାରକୁ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି । ବିଧାୟକ ସହାୟତା ବଣ୍ଟନ କରିବା ସମୟରେ ପୂର୍ବତନ ବ୍ଲକ ଚେୟାରମ୍ୟାନ ପ୍ରଭାତ ଦଳବେହେରା, ବିଜେଡି ବ୍ଲକ ସଭାପତି ପାଣ୍ଡବ ସେଠୀ, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ ।



ଅଗ୍ନି ବିପନ୍ନଙ୍କୁ ବିଧାୟକ ସହାୟତା ପ୍ରଦାନ କରୁଛନ୍ତି।

### ■ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ପ୍ରସଙ୍ଗ

# ବିବାଦୀୟ ହେବାକୁ ଚାହୁଁନି ପ୍ରଶାସନ

- ମେଘନାଦ ପାଚେରି ପାର୍ଶ୍ୱ ଉଚ୍ଛେଦ କାର୍ଯ୍ୟ ସରିଲା
- ରାମଦୟା ପରିଷଦ ରୋଷେଇ ଘରକୁ ନେଇ ଚର୍ଚ୍ଚା
- ବାଦ୍ ପଡ଼ିଥିବା ମଠ, ମନ୍ଦିରର ସୌନ୍ଦର୍ଯ୍ୟକରଣ ହେବ

**ପୁରୀ ଅଫିସ, ୨୨।୮**



ସିଂହଦ୍ୱାର ନିକଟରେ ଗୁରୁବାର ଚତୁର୍ଥ ଦିନରେ ଉଚ୍ଛେଦ କାର୍ଯ୍ୟ ଚାଲିଛି।

ମେଘନାଦ ପାଚେରିକୁ ଲାଗି ରହିଥିବା ସରକାରୀ ଓ ବେସରକାରୀ ନିର୍ମାଣ ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଛି। କେବଳ କେତେକ ମନ୍ଦିର ଓ ମଠକୁ ଛାଡ଼ି ବାକି ସମସ୍ତ ନିର୍ମାଣକୁ ଭାଙ୍ଗିଦେଇଛି ପ୍ରଶାସନ। ଉତ୍ତର ପାର୍ଶ୍ୱରେ ଗୋଟିଏ, ଦକ୍ଷିଣ ଓ ପଶ୍ଚିମ ପାର୍ଶ୍ୱରେ ୨ଟି ଲେଖାଏ ମନ୍ଦିର ରହିଥିବାବେଳେ ପୂର୍ବ ପାର୍ଶ୍ୱରେ ରାମଦୟା ପରିଷଦ, ବଡ଼ଛତା ମଠ ଏବଂ ଛାଉଣୀ ମଠକୁ ଛାଡ଼ି ଦିଆଯାଇଛି। ଧର୍ମୀୟ ଭାବନା ଓ ମହାପ୍ରଭୁଙ୍କ ନୀତିକାନ୍ତି ସହ ଜଡ଼ିତ ମଠ, ମନ୍ଦିରକୁ ନ ଭାଙ୍ଗି ଏଗୁଡ଼ିକର ସଂରକ୍ଷଣ ଏବଂ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। କିନ୍ତୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର ଓ ସ୍ଥାପନ କରାଯିବା ନେଇ ଏ ପର୍ଯ୍ୟନ୍ତ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିନି ପ୍ରଶାସନ। ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଯେଉଁଠି ଅଛି (ସୂଚନାକେନ୍ଦ୍ର ଛାତ ଉପରେ) ସେଠାରୁ ସ୍ଥାନାନ୍ତର ନ କରିବା ଲାଗି ଗୋପବନ୍ଧୁପ୍ରେମୀ ଅଡ଼ି ବସିଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଅନ୍ୟତ୍ର ସ୍ଥାନାନ୍ତର ଲାଗି ପ୍ରଶାସନ ଯେଉଁ ଯୋଜନା କରୁଥିଲା ସେଥିରୁ ଓହରି ଯିବାକୁ ସ୍ଥିର କରିଛି। କାରଣ ବର୍ତ୍ତମାନ ପରିସ୍ଥିତିରେ କୌଣସି ବିବାଦରେ ପଶିବାକୁ ପ୍ରଶାସନ ଚାହୁଁ ନ ଥିବା ଜଣାପଡ଼ିଛି।

ଶ୍ରୀମନ୍ଦିରର ସୁରକ୍ଷା, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୌନ୍ଦର୍ଯ୍ୟକରଣ ପାଇଁ ମୁକ୍ତ ହୋଇଛି ମେଘନାଦ ପାଚେରି। ପାଚେରିକୁ ଲାଗି ରହିଥିବା ସରକାରୀ ଓ ବେସରକାରୀ ନିର୍ମାଣକୁ ଉଚ୍ଛେଦ କରିଛି ପ୍ରଶାସନ। ସୋମବାର ଆରମ୍ଭ ହୋଇଥିବା ଏହି ଉଚ୍ଛେଦ ଅଭିଯାନ ଚତୁର୍ଥ ଦିନରେ ବି ଚାଲିଥିଲା। ବଳକା ରହିଥିବା କିଛି ନିର୍ମାଣକୁ ଗୁରୁବାର ଭଙ୍ଗା ଯାଇଥିଲା। ବିଶେଷକରି ରାମଦୟା ପରିଷଦ ପଛ ପାର୍ଶ୍ୱରେ ତିଆରି ହୋଇଥିବା ଘରକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇ ମେଘନାଦ ପାଚେରିଠାରୁ ଛଡ଼ାଇ ଦିଆଯାଇଥିଲା। ତେବେ ରାମଦୟା ପରିଷଦ ପଛ ପାର୍ଶ୍ୱରେ ଥିବା ବରଗଛ ମୂଳ ଏବଂ ରୋଷେଇ ଘରକୁ ନେଇ ଦିନତମାମ୍ ଚର୍ଚ୍ଚା ଚାଲିଥିଲା। ରୋଷେଇ ଘରକୁ କେହି ଗୁପ୍ତ କୋଠରି ବୋଲି କହୁଥିବା ବେଳେ ବରଗଛକୁ ତଡ଼ାଯିବା ପରେ ତା' ମୂଳରୁ ଶ୍ରୀମନ୍ଦିରକୁ ଗୁପ୍ତ ସୁଡ଼ଙ୍ଗ ରହିଥିବା କହୁଥିଲେ। ତେବେ ପ୍ରଶାସନିକ ଅଧିକାରୀ, ଏଏସ୍‌ଆଇ ଏବଂ ରାମଦୟା ପରିଷଦର ସମ୍ପାଦକ ଏହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ ।

ରାମଦୟା ପରିଷଦର ସମ୍ପାଦକ ତଥା ବଡ଼ଛତା ମଠ ମହନ୍ତ ଜଗନ୍ନାଥ ଦାସ ମହାରାଜ କହିଛନ୍ତି, ଏହା ଗୁପ୍ତ କୋଠରୀ ନୁହେଁ। ବିଭିନ୍ନ ସମୟରେ ସାଧୁସନ୍ଥ ଆସିଲେ ସେମାନଙ୍କ ପାଇଁ ଏହି ଘରେ ରୋଷେଇ କରାଯାଉଥିଲା। ଏହାର ଛାତ ଉପରେ ଥିବା ଘରେ ସେମାନେ ବିଶ୍ରାମ ନେଉଥିଲେ। ସେହିପରି ସୁଡ଼ଙ୍ଗ ପ୍ରସଙ୍ଗରେ କହିଥିଲେ, ଶତାୟୁ ବରଗଛ ଉପାଡ଼ି ଦେବା ପରେ ତା' ମୂଳରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏହାକୁ ସୁଡ଼ଙ୍ଗ କହି ଭ୍ରାନ୍ତ ଧାରଣା ସୃଷ୍ଟି କରାଯାଉଛି। ସେହିପରି ଏଏସ୍‌ଆଇ ପକ୍ଷରୁ ମଧ୍ୟ ଗୁପ୍ତ କୋଠରି ଚର୍ଚ୍ଚାକୁ ଖଣ୍ଡନ କରାଯାଇଛି। ଏହା ପୁରୁଣା ନୁହେଁ, ନୂଆ ନିର୍ମାଣ ବୋଲି କୁହାଯାଇଥିବା ବେଳେ ଉପଜିଲାପାଳ ଭବତାରଣ ସାହୁ ମଧ୍ୟ ଗୁପ୍ତ କୋଠରି ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି। ଗୁପ୍ତ କୋଠରି କିମ୍ବା ସୁଡ଼ଙ୍ଗ ନାହିଁ ବୋଲି ସେ କହିଛନ୍ତି। ତେବେ ଏଏସ୍‌ଆଇ ଓ ଶ୍ରୀମନ୍ଦିର ପ୍ରଶାସନ ଅଜ୍ଞାତରେ କିପରି ମେଘନାଦ ପାଚେରିକୁ ଲାଗି କୋଠରି ତିଆରି ହୋଇଥିଲା ବୋଲି ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଶାସନ ଯେଉଁ କେତେକ ମଠ, ମନ୍ଦିରକୁ ବାଦ୍ ଦେଇଛି ସେଗୁଡ଼ିକ ମଧ୍ୟରୁ କିଛି ଭାଙ୍ଗିବାକୁ ଯୋଜନା କରାଯାଇଛି। ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ପାଇଁ ଏଥିମଧ୍ୟରୁ କେତେକକୁ ଭାଙ୍ଗି ସାଇଜ୍ କରାଯିବ। କେବଳ ଠାକୁରଙ୍କ ବିଜେସ୍ଥଳୀକୁ ସମ୍ମାନର ସହ ସୁରକ୍ଷିତ ରଖାଯାଇ ବଳକା ଅଂଶକୁ ଉଚ୍ଛେଦ କରାଯିବ ବୋଲି ଶୁଣିବାକୁ ମିଳୁଛି। ମାତ୍ର ଏ ନେଇ ପ୍ରଶାସନ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇନାହିଁ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



# ଜଳ ନିଷ୍କାସନ ପଥ ଅବରୋଧ

**ଖଣ୍ଡପଡା,୨୨।୮(ସ୍ୱ.ପ୍ର.)**

ଗ୍ରାମର ଉଦ୍‌ବୃତ୍ତ ପାଣି ତଥା ବର୍ଷାଜଳ ନିଷ୍କାସନ ହେଉଥିବା ପଥକୁ ଜଣେ ବ୍ୟକ୍ତି ଅବରୋଧ କରିଥିବା ଯୋଗୁ ସାମାନ୍ୟ ବର୍ଷା ହେଲେ ବିରିଡିହି-ରାଣୀପଡା ରାସ୍ତାରେ ପାଣି ସୁଅ ଛୁଟୁଛି। ଫଳରେ ଯାତାୟାତରେ ଘୋର ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି ।

ପ୍ରକାଶ ଯେ, ଖଣ୍ଡପଡା ବ୍ଲକ ଅନ୍ତର୍ଗତ ରାଣୀପଡା ପଞ୍ଚାୟତର ବିରିଡିହି ଗ୍ରାମରୁ ରାଣୀପଡା ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ସାମାନ୍ୟ ବର୍ଷା ହେଲେ ୩ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି । ଲୋକେ ବାଧ୍ୟ ହୋଇ ପାଣି ମଧ୍ୟରେ ପଶି ଯିବା ଆସିବା କରୁଥିବାରୁ ଏ ନେଇ ଅସନ୍ତୋଷ ପ୍ରକାଶ ପାଉଛି । ଉକ୍ତ ରାସ୍ତାରେ ଜଳ ନିଷ୍କାସନ ବ୍ୟବସ୍ଥା ରହିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଉକ୍ତ ପଥ ଅବରୋଧ କରିଥିବା ଯୋଗୁ ଜଳ ନିଷ୍କାସନ ହୋଇ ନ ପାରି ମୁଖ୍ୟ ରାସ୍ତା ଉପରେ ପ୍ରବାହିତ ହେଉଥିବା ଅଭିଯୋଗ ହେଉଛି । ସ୍ଥାନୀୟ ବାସିନ୍ଦା ଏ ସମ୍ପର୍କରେ ରାଣୀପଡା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି ।

ସୂଚନାଯୋଗ୍ୟ, ୩ ବର୍ଷ ତଳେ ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଉକ୍ତ ରାସ୍ତାର ଉନ୍ନତୀକରଣ କରାଯାଇଥିଲା । ମାତ୍ର ସ୍ଥାନୀୟ ଅଞ୍ଚଳର ଜଣେ ଜବର ଦଖଲକାରୀଙ୍କ ଯୋଗୁ ଉକ୍ତ ରାସ୍ତା ଉପରେ ବର୍ଷାଜଳ ଜମିରହୁଛି । ଫଳରେ ଜରୁରିକାଳୀନ ପରିସ୍ଥିତିରେ ୧୦୮, ୧୦୨ଆମ୍ବୁଲାନ୍ସ, ମହାପ୍ରୟାଣ ଗାଡି ଚାଳକ ଉକ୍ତ ଗାଁକୁ ଯିବାକୁ ଅମଙ୍ଗ ହେଉଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ । ତେଣୁ ଜଳନିଷ୍କାସନ ସମସ୍ୟାର ସମାଧାନ ଦିଗରେ ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

**ରାଣୀପଡା- ବିରିଡିହି ରାସ୍ତାରେ ପାଣିର ସୁଅ**



## ■ନୂତନ ଗୃହକୁ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାନାନ୍ତର ଦାବି
# ଜିଲାପାଳଙ୍କୁ ଭେଟିଲା ଅଭିଭାବକ ସଂଘ

**ନୟାଗଡ଼ ଅଫିସ,୨୨।୮**

କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଥିଲେ ମଧ୍ୟ ବିଦ୍ୟାଳୟ ସ୍ଥାନାନ୍ତର ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଅଭିଭାବକ ମହାସଂଘ ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ ବୁଧବାର ନୂତନ ଜିଲାପାଳ ଡ. ପୋମା ଟୁଡୁଙ୍କୁ ଭେଟି ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ନୟାଗଡ ହାଉସିଂବୋର୍ଡ ନିକଟରେ ସମ୍ପୂର୍ଣ୍ଣ ହୋଇସାରିଥିବା ନୂତନ ଗୃହକୁ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାନାନ୍ତର ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅଭିଭାବକ ସଂଘ ଜିଲାପାଳଙ୍କ ନିକଟରେ ଦାବି ଜଣାଇଥିଲା। ଜିଲାପାଳ ଟୁଡୁ ଏହା ଉପରେ ତୁରନ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସଂଘ ସଭାପତି ପ୍ରଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଅଭିଭାବକଙ୍କ ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ, ଧାରଣା ପରେ ଚଳିତବର୍ଷ ବିଜ୍ଞାନ ବିଷୟରେ ଏକାଦଶ ଶ୍ରେଣୀ ଖୋଲିବା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ନୂଆଦିଲ୍ଲୀ ଅନୁମତି ପ୍ରଦାନ କରିଥିଲା। ବର୍ତ୍ତମାନ ଏକାଦଶ ଶ୍ରେଣୀରେ ନାମଲେଖା ପ୍ରକ୍ରିୟା ଚାଲୁ ରହିଛି । ତେବେ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଚାଲିଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଚାଲିବା ନେଇ ଅନେକ ସମସ୍ୟା ଦେଖାଦେଇଛି । ବିଜ୍ଞାନ ବିଷୟ ପାଇଁ ଶ୍ରେଣୀ ଗୃହ, ଲାବରେଟୋରି, କମ୍ପ୍ୟୁଟର ଆଦି ଲାଗି ଅନ୍ୟୂନ ୫ ଶ୍ରେଣୀଗୃହ ଆବଶ୍ୟକ ରହିଥିବା ବେଳେ ଏଠାରେ ତାହା ଉପଲବ୍ଧ ନାହିଁ । ଫଳରେ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରଶାସନ ଏ ଦିଗରେ ତତ୍ପରତା ଦେଖାଇବା ଦରକାର ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ଜିଲାପାଳଙ୍କୁ ଭେଟିବା ସମୟରେ ସମ୍ପାଦକ ନିରଞ୍ଜନ ବିଶ୍ୱାଳ, ଆବାହକ ଲକ୍ଷ୍ମୀଧର ସାହୁ, ରାଜେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ବଳାତ୍କାର
# ଜେଲ ଗଲେ ପ୍ରେମିକ



**ଗଣିଆ,୨୨।୮(ଡି.ଏନ.ଏ.):** ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ ନୟାଗଡ ଜିଲା ଗଣିଆ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଖଣ୍ଡପଡା ବ୍ଲକ ଗଡିଆସାହି ଫାଣ୍ଡି ସେରଜଙ୍ଗ ଗ୍ରାମର ଗୋପୀନାଥ ବିଶ୍ୱାଳ(୩୦)। ତାଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଗଣିଆ ପୋଲିସ ସୂତ୍ରରୁ ପ୍ରକାଶ, ଗଣିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ(୨୨) ସହ ଗୋପୀନାଥଙ୍କ ଗତ ୧ ବର୍ଷ ହେବ ପ୍ରେମ ସମ୍ପର୍କ ରହିଥିଲା । କିଛିଦିନ ତଳେ ଯୁବତୀ ଜଣଙ୍କ ନିଜ ସାଙ୍ଗମାନଙ୍କ ସହ କଳାପାଟ ପୀଠ ପରିସରକୁ ବଣଭୋଜି କରିବାକୁ ଆସିଥିଲେ । ବଣଭୋଜିସ୍ଥଳକୁ ଯୁବତୀ ପ୍ରେମିକ ଗୋପୀନାଥଙ୍କୁ ଫୋନ ଯୋଗେ ଡାକିଥିଲେ । ଭୋଜି ସରିବା ପରେ ସମସ୍ତେ ଘରକୁ ଫେରିଯାଇଥିବା ବେଳେ ଗୋପୀନାଥ ସଂପୃକ୍ତ ଯୁବତୀଙ୍କୁ ଘରେ ଛାଡିଦେବା ପାଇଁ କହିଥିଲେ। ପରେ ଗୋପୀନାଥ ଯୁବତୀଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ । ଯୁବତୀ ଜଣଙ୍କ ବହୁବାର ବିବାହ କରିବାକୁ ଜିଦ୍ ଧରିଥିଲେ ମଧ୍ୟ ଚତୁରତାର ସହ ଗୋପୀନାଥ ଏଡାଇ ଚାଲିଥଲେ। ଶେଷରେ ନିରୁପାୟ ହୋଇ ସମ୍ପୃକ୍ତା ଯୁବତୀ ଜଣଙ୍କ ଗତ ୨୦ତାରିଖରେ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ଏନେଇ ନଂ ୩୧/୧୯ରେ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଗୁରୁବାର ସକାଳୁ ଗୋପୀନାଥଙ୍କୁ ତାଙ୍କ ନିଜ ଗ୍ରାମ ସେରଜଙ୍ଗରୁ ଗିରଫ କରିଥିଲେ। ପରେ ଉଭୟଙ୍କୁ ଡାକ୍ତରୀମାଇନା କରିବା ପରେ ଗୋପୀନାଥଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

## ଭାପୁର ବଜାର ଆଲୋକୀକରଣ ନିମନ୍ତେ ୨ ଲକ୍ଷ ଟଙ୍କା ମଞ୍ଜୁର

**ଭାପୁର,୨୨।୮ (ଡି.ଏନ୍.ଏ.):** ନୟାଗଡ଼ ଜିଲା ଭାପୁର ବଜାରରେ ସୋଲାର ଲାଇଟ ଲଗାଯିବା ପାଇଁ କଟକ ଲୋକ ସଭା ସଦସ୍ୟ ଭର୍ତ୍ତୃହରି ମହତାବ ତାଙ୍କ ସାଂସଦ ପାଣ୍ଠିରୁ ୨ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଗତ ନିର୍ବାଚନ ପୂର୍ବରୁ ବଜାର କମିଟି ସଭାପତି ଗଙ୍ଗାଧର ବାରିକ, କଣ୍ଟିଲୋ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀଙ୍କ ମାଧମରେ ଏମ୍‌ପିଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଏବେ ଏହି ଅର୍ଥ ମଞ୍ଜୁର ହୋଇଥିବାରୁ ବଜାରବାସୀ ଏମ୍‌ପିଙ୍କୁ ଧନ୍ୟବାଦ ଦେଇଛନ୍ତି। ଅନୁରୂପ ଭାବେ ଭାପୁର ଡାକ୍ତରଖାନା ପାଇଁ ଏମ୍‌ପି ୧ ଲକ୍ଷ ୩୫ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥରେ କିଡ୍‌ନୀ ରୋଗୀଙ୍କ ପାଇଁ ଏକ ଅଟୋ ଆନାଲାଇଜର ମେଶିନ ଲଗାଇବା ପାଇଁ ସ୍ଥିର କରାଯାଇଛି। ଏହାଦ୍ୱାରା ବ୍ଲକର ସମସ୍ତ କିଡ୍‌ନୀ ରୋଗୀ ଉପକୃତ ହେବେ ବୋଲି ଜଣାପଡିଛି। ଦମକଳକେନ୍ଦ୍ରଠାରୁ ଷ୍ଟେଟବ୍ୟାଙ୍କ ଅଫିସ ପର୍ଯ୍ୟନ୍ତ, ବ୍ଲକ ଅଫିସଠାରୁ ବାଳିକା ହାଇସ୍କୁଲ ପର୍ଯ୍ୟନ୍ତ ଏଲଇଡି ଲାଇଟ୍ ଲଗାଇବାକୁ ସ୍ଥାନୀୟ ବାସିନ୍ଦା ଏମ୍‌ପିଙ୍କଠାରେ ଦାବି କରିଛନ୍ତି।

## ରାସ୍ତାରେ ଚାନ୍ଦା ଆଦାୟ, ଯାତ୍ରୀ ହନ୍ତସନ୍ତ

**କୃଷ୍ଣପ୍ରସାଦ,୨୨।୮(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଛକ ଓ ରାସ୍ତାଘାଟରେ ଜୋର୍ ଜବରଦସ୍ତ ଯାନବାହନ ଅଟକାଇ ଗଣେଶ ପୂଜା ଚାନ୍ଦା ଆଦାୟ କରାଯାଉଥିବ ଅଭିଯୋଗ ହେଉଛି । ପୋଲିସ ନିଷ୍କ୍ରିୟତା ଯୋଗୁ କୃଷ୍ଣପ୍ରସାଦ ଥାନା ଅଞ୍ଚଳ ମାଲୁଦ ଫାଣ୍ଡି ନିକଟ ପଞ୍ଚୁଦୋଳ ପଡ଼ିଆ ଛକରେ ୧୦ରୁ ୧୫ ଯୁବକ ରାସ୍ତାରେ ଯାନବାହନ ଅଟକାଇ ଚାନ୍ଦା ମାଗୁଛନ୍ତି । ଗୋପାଳପୁର ଛକ, ବଉଳଭୂଇଁ ଛକ, ମୋରଡ଼ା, ବଡଅଁଳ, ଶିଆଳ, ସିପିଆ ଛକରେ ଚାନ୍ଦା ଆଦାୟକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି। ଚାନ୍ଦା ଆଦାୟବେଳେ ରାସ୍ତା ଅବରୋଧ ହେବା ଯୋଗୁ ଦୁର୍ଘଟଣା ଘଟିବାର ଆଶଙ୍କା ପ୍ରକାଶ ପାଇଛି। ତେଣୁ ପୋଲିସ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରି ବେଆଇନ ଚାନ୍ଦା ଆଦାୟ ବନ୍ଦ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସବୁଜ ପତ୍ରିକାଧାରୀଙ୍କ ବିରାଟ ସମାବେଶ



ସମାବେଶରେ ଯୋଗଦେଇଥିବା ମହିଳାମାନେ।

**■ସାମିଲ ହେଲେ ୨ ବ୍ଲକର ୧ ହଜାରରୁ ଊର୍ଦ୍ଧ୍ୱ ମହିଳା**

**■ସରକାରୀ ସୁବିଧା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ**

**ଭାପୁର,୨୨।୮ (ଡି.ଏନ୍.ଏ.)**

ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଂଘର ଆହ୍ୱାନକ୍ରମେ ଭାପୁରଠାରେ ଗୁରୁବାର ସବୁଜ ପତ୍ରିକାଧାରୀଙ୍କ ଏକ ବିରାଟ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ଭାପୁର ଓ ଖଣ୍ଡପଡ଼ା ବ୍ଲକର ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ରାଜ୍ୟରେ ସବୁଜ ପତ୍ରିକାଧାରୀମାନେ ସେମାନଙ୍କର ବିଭିନ୍ନ ଦାବି ନେଇ ପୂର୍ବରୁ ବହୁବାର ଆନ୍ଦୋଳନ କରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ସରକାର ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଏପରିସ୍ଥଳେ ଗତ ୯ ତାରିଖରେ ରାଜ୍ୟରେ କେତେ ସଂଖ୍ୟକ ସବୁଜ ପତ୍ରିକାଧାରୀ ଅଛନ୍ତି ଗଣନା କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଏ ନେଇ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। ଏଥିରେ ନିଖିଳ ଉତ୍କଳ ସବୁଜ ପତ୍ରିକାଧାରୀ ସଂଘ ସଭାପତି ସୁର ଜେନା, କାର୍ଯ୍ୟକାରୀ ସଭାପତି ସର୍ବେଶ୍ୱର ମାର୍ଥା ଓ ଶ୍ରମିକ ନେତା ରାମକୃଷ୍ଣ ପଣ୍ଡା ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ପ୍ରତ୍ୟେକ ଜିଲାର ଜିଲାପାଳ ଓ ସ୍ୱାସ୍ଥ୍ୟ ମିଶନକୁ ଏହି ବର୍ଗର ପରିବାରଙ୍କୁ ଚିହ୍ନଟ ଦାୟିତ୍ୱ ଅର୍ପଣ ହୋଇଛି। ଏହି ଘୋଷଣା ପରେ ରାଜ୍ୟ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛି। ଏ ଉପଲକ୍ଷେ ଭାପୁର ଓ ଖଣ୍ଡପଡ଼ା ବ୍ଲକର ୧ ହଜାର ମହିଳା ଭାପୁର ବାଇପାସ୍ ହନୁମାନମନ୍ଦିରଠାରେ ମିଳିତ ହୋଇଥିଲେ। ରାଜ୍ୟ ଉପସଭାପତି ସର୍ବେଶ୍ୱର ମାର୍ଥା, ଜିଲା ସଭାପତି ଚୁମୁକି ପ୍ରଧାନ, ଉପସଭାପତି ଦୈତାରୀ ସାହୁ, ସମ୍ପାଦିକା କମଳା ପ୍ରଧାନ, କାର୍ଯ୍ୟକାରୀ ସଭାପତି ଶରତ ସ୍ୱାଇଁ, ସହ ସମ୍ପାଦକ ଅନ୍ତର୍ଯାମୀ ସାହୁ, କୋଷାଧକ୍ଷ ରମେଶ ଚନ୍ଦ୍ର ପଙ୍ଗାରିଙ୍କ ସମେତ ସଭ୍ୟ ରୀନା ସ୍ୱାଇଁ, ରେଣୁବାଳା ପୃଷ୍ଟି, ବୁଦ୍ଧିଆ ବାରିକ, ସବିତା ପଣ୍ଡା, ଛବିଲତା ପଣ୍ଡା, ଅର୍ଜୁନ ପଣ୍ଡା ଓ ରାଣିଆ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ପରୀ ୩ ଅଭିଯାନରେ ୮ ଶିଶୁଶ୍ରମିକ ଉଦ୍ଧାର

**ଓଡ଼ଗାଁ, ୨୨।୮(ସ୍ୱ.ପ୍ର.)**

ଜିଲା ଶିଶୁ ମଙ୍ଗଳ ସମିତି ଆନୁକୂଲ୍ୟରେ ଗୁରୁବାର ଓଡଗାଁ ଅଞ୍ଚଳରୁ ୮ ଶିଶୁ ଶ୍ରମିକ ଉଦ୍ଧାର କରାଯାଇଛି । ପରୀ ୩ କାର୍ଯ୍ୟକ୍ରମ ସଞ୍ଚାଳନ କରୁଥିବା ଆରକ୍ଷୀ ନିରୀକ୍ଷକ ମମତା ପତିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଏଏସ୍‌ଆଇ ଅଞ୍ଜଳୀ ସାହା ଓ ଚାଇଲ୍ଡ ଲାଇନ କାର୍ଯ୍ୟକର୍ତ୍ତା ଚନ୍ଦ୍ର ଶେଖର ବେହେରା ଓଡ଼ଗାଁ ସହର ଓ ଏହାର ଆଖପାଖ ଅଞ୍ଚଳରେ ଚଢାଉ କରିଥିଲେ । ଏହି ସମୟରେ ଗୋଡିପଲ୍ଲୀ ନିକଟ ଏକ ଢାବାରୁ ୧, ବସ୍‌ଷ୍ଟାଣ୍ଡ ହୋଟେଲରୁ ୧, ବିଭିନ୍ନ ଗ୍ରୋସରି ଦୋକାନରୁ ୩, ମନୋହରି ଦୋକାନରୁ ୧, ଶରଣକୁଳ ହୋଟେଲରୁ ୧ ଓ ନନ୍ଦିଘୋର ଗ୍ୟାରେଜରୁ ୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ସମସ୍ତ ଶିଶୁଶ୍ରମିକଙ୍କୁ ଜିଲା ଶିଶୁମଙ୍ଗଳ ସମିତିରେ ହାଜର କରାଯାଇଥିଲା। ପରେ ସେଥିମଧ୍ୟରୁ ଜିଲାର ୬ ଶିଶୁଙ୍କୁ ସେମାନଙ୍କ ମାତା ପିତାଙ୍କଠାରୁ ଚୁକ୍ତିପତ୍ର ଲେଖି ରଖିବା ପରେ ହସ୍ତାନ୍ତର କରାଯାଇଛି। ଅନ୍ୟ ୨ ଶିଶୁ ପଡୋଶୀ ଗଞ୍ଜାମ ଜିଲାର ହୋଇଥିବାରୁ ସେମାନଙ୍କ ଅଭିଭାବକ ଆସିବା ପର୍ଯ୍ୟନ୍ତ ସେମାନଙ୍କୁ ଶିଶୁ ମଙ୍ଗଳ ସମିତି ଅଧୀନ ଆଶ୍ରୟସ୍ଥଳରେ ରଖାଯାଇଛି । କାମରେ ଲଗାଉଥିବା ସମ୍ପୃକ୍ତ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଶିଶୁ ଶ୍ରମିକ ସମସ୍ୟା ବୃଦ୍ଧି ପାଉଥିବା ଜଣାଯାଇଛି। ନିୟମିତ ଚଢାଉ ହେଲେ ଏଥିରେ ପୂର୍ଣ୍ଣଚ୍ଛେଦ ପଡିପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ■ କାର ସହ ୩୬୦ ଲିଟର ଦେଶୀମଦ ଜବତ
# ୨ ଅଭିଯୁକ୍ତ ଜେଲ ଗଲେ

**ରଣପୁର,୨୨।୮(ସ୍ୱ.ପ୍ର.)**

ବୁଧବାର ରାତିରେ ରଣପୁର ଥାନା ସୁନାଖଳା ଫାଣ୍ଡି ପୋଲିସ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥର ବିନୋଦପଡା ଛକ ଠାରେ ଏକ କାରରୁ ୩୬୦ ଲିଟର ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ପୋଲିସ କଟକ ଜିଲା ବାଙ୍କୀ ଥାନା ରାମଚନ୍ଦ୍ରପୁର ଗାଁର ଘନଶ୍ୟାମ ବେହେରା(୪୨) ଓ ନୟାଗଡ ଜିଲା ସୁନାଖଳାର ଜଲ୍ଲା ଖାନ୍(୩୮) ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ସେଠାରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଗୁରୁବାର ରଣପୁର ସବଜେଲକୁ ପଠାଇ ଦିଆଯାଇଛି। ଓଆର୧୫ସି ୧୦୦୦ ନଂ କାର ଯୋଗେ ଆଠଗଡରୁ ସୁନାଖଳାକୁ ୮ଟି ବ୍ଲାଡରରେ ୩୬୦ ଲିଟର ଦେଶୀ ମଦ ଆସୁଥିଲା । ପୋଲିସ କାର ସହ ମଦ ଜବତ କରି ନଂ.୧୭୩/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା ।





ଗିରଫ ଅଭିଯୁକ୍ତ ଓ ଜବତ ମଦ।

## ମଦ କାରବାର: ଢାବା ମାଲିକଙ୍କ ସମେତ ୨ ଗିରଫ

**ନୂଆଗାଁ,୨୨।୮(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ଥାନା ଅଞ୍ଚଳରେ ଅବାଧରେ ନିଶା କାରବାର ବଢିଚାଲିଥିବା ବେଳେ ତାହାକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ତରଫରୁ ବୁଧବାର ରାତି ଅଧିଆ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ପୋଲିସ ଦୁଇ ମଦ ବେପାରୀଙ୍କୁ ଗିରଫ କରିଛି । ସେମାନେ ହେଲେ ନୂଆଗାଁ ବ୍ଲକ ଅଫିସ ନିକଟରେ ଥିବା ଜନପଥ ଢାବାର ମାଲିକ ଭାଗୀରଥି ସାହୁ ଓ କାଣୀଗିରି ଗ୍ରାମର ଦାମୋଦର ସାହୁ। କୌଣସି ହୋଟେଲ କିମ୍ବା ଢାବା ରାତି ୧୧ଟା ପରେ ଖୋଲି ପାରିବେ ନାହିଁ ଏବଂ ଖୋଲିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୂଆଗାଁ ଥାନା ଆଇଆଇସି ମନୋରମା ମଲିକ ଢାବା ମାଲିକମାନଙ୍କୁ ପୂର୍ବରୁ ତାଗିଦ କରିଥିଲେ । କିନ୍ତୁ ତାହାର କୌଣସି ପ୍ରଭାବ ପଡି ନ ଥିଲା । ଢାବାଗୁଡିକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହିବା ସହ ଖୋଲାଖୋଲି ମଦ ବେପାର ଜାରି ରହିଥିଲା। ଏ ସମ୍ପର୍କରେ ନୟାଗଡ ଏସଡିପିଓ ନିରଞ୍ଜନ ପାଢୀ ଜାଣିବା ପରେ ବୁଧବାର ବିଳମ୍ବିତ ରାତି ୧ଟାରେ ନୟାଗଡ ଥାନା ଓ ନୂଆଗାଁ ଥାନା ପୋଲିସ ମିଳିତ ଭାବେ ଢାବାରେ ଚଢଉ କରିଥିଲେ। ସେମାନେ ଜନପଥ ଢାବାରୁ ୬.୮୪ଲିଟର ବିଦେଶୀ ମଦ ଜବତ କରିବା ସହ ଢାବା ମାଲିକ ଭାଗୀରଥିଙ୍କୁ ଗିରଫ କରିଥିଲେ । ସେହିପରି କାଣିଗିରି ଗ୍ରାମରେ ଚଢାଉ କରି ରନ୍ଧା ହୋଇ ବିକ୍ରୀ ଉଦ୍ଦେଶ୍ୟରେ ରହିଥିବା ୧୦ ଲିଟର ଦେଶୀ ମଦ ଜବତ କରିବା ସହ ଦାମୋଦରଙ୍କୁ ଗିରଫ କରିଛି। ଉଭୟଙ୍କ ନାମରେ ନଂ୬୨/୧୯ ଓ ୬୩/୧୯ରେ ମାମଲା ରୁଜୁ କରି ଉଭୟଙ୍କୁ ଗୁରୁବାର କୋର୍ଟଚାଲଣ କରାଯାଇଥିବା ନୟାଗଡ ଏସଡିପିଓ ପାଢୀ ସୂଚନା ଦେଇଛନ୍ତି।

## ଏନ୍‌ଏସିରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ

**ଦଶପଲ୍ଲା,୨୨।୮ (ଡି.ଏନ୍.ଏ.)**

ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ ସୁରେନ୍ଦ୍ର ନାଥ ଖୁଣ୍ଟିଆ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ଖୋର୍ଦ୍ଧା ଜିଲା ବାଲୁଗାଁ ଏନ୍‌ଏସିରେ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଦଶପଲ୍ଲା ଏନ୍‌ଏସିରେ ଅଧିକାରୀଙ୍କ ବଦଳି ପରେ ଦଶପଲ୍ଲା ତହସିଲଦାର ପ୍ରମୋଦ କୁମାର ଦଳବେହେରା ଦାୟିତ୍ୱରେ ଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ନୂତନ ଅଧିକାରୀ ଖୁଣ୍ଟିଆଙ୍କୁ ଏନ୍‌ଏସି ଅଧକ୍ଷ ବବିତା ସାହୁ, କାଉନସିଲର ବୃନ୍ଦ ଓ ଅଫିସ କର୍ମଚାରୀମାନେ ସ୍ୱାଗତ ଜଣାଇଥିଲେ।

## ସ୍ୱାୟତ୍ତ ଶାସନ ଦିବସ ପାଇଁ ପ୍ରତିଯୋଗିତା

**ନୟାଗଡ଼ ଅଫିସ,୨୨।୮**

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ନୟାଗଡ଼ ପୌର ପରିଷଦ ପକ୍ଷରୁ ଗୁରୁବାର ସ୍ଥାନୀୟ ଏନ୍‌ଏସି ଉଚ୍ଚ ବିଦ୍ୟାଳୟଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଖବରଦାତା ରାମକୃଷ୍ଣ ରଥ, ନବ କିଶୋର ମିଶ୍ର, ଗୁରୁ ରଜନୀକାନ୍ତ ମହାପାତ୍ର, କବି ଗୋଦାବରୀଶ ମିଶ୍ର, ଗଜେନ୍ଦ୍ର କୁମାର ମହାରଣା, ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଲକ୍ଷ୍ମୀଧର ମହାପାତ୍ର, ଅଜିତ୍ କୁମାର ମଲ୍ଲିକ, ନଳିନୀକାନ୍ତ ମିଶ୍ର ପରିଚାଳନା କରିଥିଲେ। ସ୍ୱଚ୍ଛତାରେ ଆମେ ଓ ଆମ ପରିବାର ଶୀର୍ଷକ ବିତର୍କରେ ୨୨ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଥିଲେ। ଏମାନଙ୍କୁ ଆସନ୍ତା ୩୧ ତାରିଖରେ ପୌର ପରିଷଦ କାର୍ଯ୍ୟାଳୟରେ ହେବାକୁ ଥିବା ସ୍ୱାୟତ୍ତ ଶାସନ ଦିବସ ସମାରୋହରେ ପୁରସ୍କୃତ କରାଯିବ।



ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

## ■ ପୋଲିସ ପାଇଁ ନିୟମ ନାହିଁ
# ୩ ଦିନ ଅଟକ ପରେ କୋର୍ଟଚାଲାଣ

**ରଣପୁର,୨୨।୮(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡଗାଁ ଥାନା ଗୋଠବଣ ଗାଁ ଚୋରି ଘଟଣାରେ ରଣପୁର ଥାନା ପୋଲିସ ୪ଦିନ ଧରି ଅଟକ ରଖିଥିବା ୨ ଆନ୍ତଃରାଜ୍ୟ ଡକାୟତଙ୍କୁ ଓଡଗାଁ ପୋଲିସକୁ ହସ୍ତାନ୍ତର ନ କରି ଗୁରୁବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ବଂଶୀଧର ମହାରଣା(୬୨) ଓ ତାଙ୍କ ପୁଅ ଦୀନବନ୍ଧୁ ମହାରଣା ଓରଫ ବନ୍ଧୁ(୩୨)ଙ୍କୁ ରଣପୁର ସବ୍‌ଜେଲ ଯିବାକୁ ପଡିଛି । ଅନ୍ୟପକ୍ଷେ ରଣପୁର ପୋଲିସ ରଣପୁର କୋର୍ଟ ବଦଳରେ ନୟାଗଡ କୋର୍ଟଚାଲାଣ କରିଥିଲା । ତେବେ ଅଟକର ୨୪ ଘଣ୍ଟା ଭିତରେ କୋର୍ଟଚାଲାଣ କରାଯିବାର ନିୟମ ରହିଥିବାବେଳେ ୧୯ ତାରିଖରୁ ଅଟକ ଥିବା ବାପ ପୁଅଙ୍କୁ ଗୁରୁବାର ଗିରଫ ଦେଖାଇ କୋର୍ଟଚାଲାଣ କରିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ପ୍ରକାଶ ଯେ, ଗତ ଅଗଷ୍ଟ ୧୨ ତାରିଖ ମଧ୍ୟରାତ୍ରରେ ଓଡଗାଁ ଥାନା ଗୋଠବଣ ଗାଁର ଭଗବାନ ଷଡଙ୍ଗୀଙ୍କ ଘରୁ ଚୋରି ହୋଇଥିଲା । ୫ଜଣ ଚୋର ଘରେ ପଶି ୨୦୦ଗ୍ରାମ ସୁନା, ୪ଟି ବାଇକ, ୪ଟି ମୋବାଇଲ, କାଠ ଉପକରଣ, ତେଜରାତି ଦୋକାନରୁ ସାମଗ୍ରୀ ଏହିପରି ପ୍ରାୟ ୭ଲକ୍ଷ ଟଙ୍କାର ଜିନିଷ ଲୁଟି ନେଇଥିଲେ । ଏନେଇ ଓଡଗାଁ ଥାନାରେ ଅଭିଯୋଗ ପରେ ପୋଲିସ ନଂ୧୨୪/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା । ଏସପି ଶଶି ଭୂଷଣ ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ଓଡଗାଁ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ଏସଆଇ ସଞ୍ଜୟ କୁମାର ପରିଡା ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ । ଚୋରି ଘଟଣାରେ ପୋଲିସ ଗୋଠବଣ ଗାଁର ସଞ୍ଜିତ କୁମାର ନାୟକଙ୍କୁ ସନ୍ଦେହରେ ଆଣି ପଚରାଉଚୁରା କରିଥିଲା । ଏଥିରେ ନୟାଗଡ ଟାଉନ ଥାନା ଲାଠିପଡାର ଦୀନବନ୍ଧୁ ମହରଣା ମାଷ୍ଟର ମାଇଣ୍ଡ ବୋଲି ଜାଣିବା ପରେ ଘଟଣାର ପର୍ଦ୍ଦାଫାଶ ହେବାରେ ସୁବିଧା ହୋଇଥିଲା। ଦୀନବନ୍ଧୁ ଲାଠିପଡା ଛାଡି ରଣପୁର ଥାନା ଅନ୍ତର୍ଗତ ସୁକଳରେ ରହୁଥିବା ଜଣାପଡିଥିଲା । ସଞ୍ଜିତଙ୍କ ସୂଚନାକୁ ଆଧାର କରି ଓଡଗାଁ ପୋଲିସ ରଣପୁର ସବଇନ୍ସପେକ୍ଟର ପ୍ରୀତିପ୍ରକାଶ ମହାନ୍ତିଙ୍କ ସହାୟତାରେ ସୁକଳ ଗାଁ ଉପରେ ଗତ ୧୯ ତାରିଖରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ପୋଲିସକୁ ଚକ୍‌ମା ଦେଖାଇ ୨ଜଣ ଡକାୟତ ଖସି ଯିବାରେ ସକ୍ଷମ ହୋଇଥିଲେ । ତେବେ ବାପ ବଂଶୀଧର ଓ ପୁଅ ଦୀନବନ୍ଧୁଙ୍କୁ ଅଟକ ରଖି ପଚରାଉଚୁରା କରୁଥିଲା।

### ଖବରଦାତା ସମ୍ମିଳନୀ ଡକାଇ ଫେରାଇ ଦେଲେ

ଓଡଗାଁ ଥାନା ଗୋଠବଣ ଚୋରି ଘଟଣାରେ ରଣପୁର ଥାନା ପୋଲିସ ବାହା ବା ନେବା ପାଇଁ ଥାନାରେ ଖବରଦାତା ସମ୍ମିଳନୀ ଆୟୋଜନ ଲାଗି ରଣପୁର ଅଞ୍ଚଳର ଖବରଦାତାମାନଙ୍କୁ ଗୁରୁବାର ପୂର୍ବାହ୍ନ ୧୧ଟାରେ ଆସିବାକୁ କୁହାଯାଇଥିଲା। ଖବରଦାତାମାନେ ପୂର୍ବାହ୍ନ ୧୧ଟାରେ ପହଞ୍ଚିବା ପରେ ସେମାନଙ୍କୁ ଅପରାହ୍ନ ୪ରେ ଆସିବାକୁ କହିଥିଲେ । ଅପରାହ୍ନ ୪ଟାରେ ଖବରଦାତାମାନେ ଆସିବା ପରେ ନୟାଗଡରେ ଖବରଦାତା ସମ୍ମିଳନୀ ହେବ ବୋଲି କହି ରଣପୁର ଥାନା ଆଇଆଇସି ବୈଦ୍ୟନାଥ ଭୋଇ କ୍ଷମା ମାଗିଥିଲେ । ରଣପୁର ପୋଲିସର ଏପରି ଖାମଖିଆଲ ନୀତି ନେଇ ଖବରଦାତାମାନେ ଅସନ୍ତୋଷ ବ୍ୟକ୍ତ କରି ଫେରି ଯାଇଥିଲେ । ତେବେ ଗତ ୧୯ ତାରିଖରୁ ଅଭିଯୁକ୍ତ ବାପ ପୁଅଙ୍କୁ ଗିରଫ କରି ଗୁରୁବାର କିପରି କୋର୍ଟଚାଲାଣ କରୁଛ ବୋଲି ଆଇଆଇସି ବୈଦ୍ୟନାଥ ଭୋଇଙ୍କୁ ପଚାରିବାରେ ସେ କିଛି ନ କହି ପ୍ରଶ୍ନକୁ ଏଡାଇ ଯାଇଥିଲେ ।

**ଜେଲ ଗଲେ ଡକାୟତ ବାପ ପୁଅ**